ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆ ମାସିକ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

ଡିସେମ୍ବର, ୨୦୧୭




ଆନନ୍ଦମଠ

ମୁକ୍ତାର ସନ୍ଧାନ

ବଦଳ ମନ୍ତ୍ର

ଅସମାପ୍ତ

ମଛରାର ଅଭିମାନ

ଶୀତ ଓ ସରୀତା

ଭିନ୍ନ ଏକ ପରିଚୟ

ସୌନ୍ଦର୍ଯ୍ୟମୟୀ ବେହେରା

ରଙ୍ଗମଞ୍ଚ ଓ ନାଟକର ଜନ୍ମଜାତକ

ଅଦ୍ଭୁତ ଘଟଣା

ଅଟୋବାଲା ଓ ମୁଁ

ମୁଁ କଣ ଆଉ ଶିଶୁ ନୁହେଁ ?

ବୃକ୍ଷର ବିଳାପ

ସପ୍ତଫେଣୀ

ମୁଁ ଶିଖିଗଲି

ଶୀତୁଆ ସକାଳ

କାମୁକ ବିଗ୍ରହ

ରାତ୍ରୀ ଆଉ ଦୁଃଖ

ପୁଅମାନେ ବି ଘରଛାଡ଼ି ଯାଆନ୍ତି

ବୋତଲ ଗୋଟାଉଥିବା ପିଲା

ଶୀତ ପହଞ୍ଚିଗଲା ପରେ

Download Magazine from www.aahwaan.com

# ଆହ୍ୱାନ

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆ ମାସିକ ସାହିତ୍ୟ ଇ-ପତ୍ରିକା



ଆସ ଓଡ଼ିଆରେ ଲେଖିବା, ପଢ଼ିବା ଓ ପଢ଼ାଇବା

ପ୍ରତିଷ୍ଠାତା - ସମ୍ପାଦକ

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଏମ୍.ବି.ବି.ଏସ୍., ପି.ଜି.ଡି.ଏମ୍.ସି.ଏଚ୍., ପି.ଜି.ଡି.ଏଚ୍.ଏମ୍

ବୀମା ନଗର, ଦ୍ୱିତୀୟ ଗଳି, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଭ୍ରାମ୍ୟଭାଷ / ହ୍ୱାଟ୍ସଆପ୍ : ୭୦୦୮୫୬୭୦୮୫ | ଇମେଲ୍ : aahwaan@gmail.com

Download Magazine from www.aahwaan.com

'ଆହ୍ୱାନ' ଇ-ପତ୍ରିକାରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖା ଗୁଡ଼ିକ ହିଁ ଲେଖାର ମାନ ଏବଂ ଭାଷା ତଥା ଉପାଦେୟତା ଆଧାରରେ ଚୟନ କରାଯାଇଥାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ । ଲେଖାରେ ଦିଆଯାଇଥିବା ସମସ୍ତ ତଥ୍ୟ ଏବଂ ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ପ୍ରତ୍ୟେକ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବାପରେ ହିଁ ପ୍ରକାଶନ ହେତୁ ନିର୍ବାଚନ କରାଯାଇଥାଏ । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଅପରାଧ ବୋଲି ଧରିନିଆଯିବ । ପ୍ରତ୍ୟେକ ଲେଖା ଉପରେ ସମ୍ପୂର୍ଣ୍ଣ ଅଧିକାର ଲେଖକଙ୍କର ରହିବ, ସେ ଚାହିଁଲେ ତାହାକୁ ଫେସବୁକ ଏବଂ ଟ୍ୱିଟର ଆଦି ଗଣମାଧ୍ୟମରେ କିମ୍ବା ଅନ୍ୟ ମାଧ୍ୟମରେ ପ୍ରକାଶିତ କରିପାରିବେ ।

Download Magazine from www.aahwaan.com

# ସୂଚୀପତ୍ର


| | | | |
|---|---|---|---|
| ସମ୍ପାଦକଙ୍କ କଲମରୁ | ୮ | କର୍ମଜୀବି ଇଂ ଗୋପାଳକୃଷ୍ଣ ବେହେରା | ୭୬ |
| ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | | ଡ: ଲକ୍ଷ୍ମଣ ସାହୁ | |
| ଆନନ୍ଦମଠ | ୨୦ | ଅକସ୍ମାତ | ୭୨ |
| ଦୀପକ ଷଡ଼ଙ୍ଗୀ | | ବିନୟ ମହାପାତ୍ର | |
| ମୁକ୍ତାର ସନ୍ଧାନ | ୨୪ | ସମ୍ପର୍କ ହୃଦୟର | ୭୬ |
| ମନୋରଞ୍ଜନ ମୁଦୁଲି | | ବିକେଶ ସାହୁ | |
| ବଦଳ ମନ୍ତ୍ର | ୩୦ | ରେଡ଼ ରିବନ୍ ଡେ | ୭୯ |
| ଅଧ୍ୟାପିକା ସୁଲଗ୍ନା ମହାନ୍ତି | | ଅରବିନ୍ଦ ଆଚାର୍ଯ୍ୟ | |
| ଅସମାପ୍ତ | ୩୫ | ରାନୀମା'ର ରାକ୍ଷୀ | ୮୧ |
| ରାଧାକାନ୍ତ ଦାଶ | | ଜିତେନ୍ଦ୍ର କୁମାର କହଁର | |
| ମଚ୍ଛରାର ଅଭିମାନ | ୪୧ | ଅଦ୍ଭୁତ ଘଟଣା | ୮୩ |
| ପ୍ରସନ୍ନ କୁମାର ମାଦଳା | | ଡା ସୁବାସ ଚନ୍ଦ୍ର ରାଉତ | |
| ଶୀତ ଓ ସରୀତା | ୪୪ | ଅଟୋବାଲା ଓ ମୁଁ | ୯୭ |
| ସୁଧାଂଶୁ ଦ୍ୱିବେଦୀ | | ରଶ୍ମିତା ମହନ୍ତ | |
| ଭିନ୍ନ ଏକ ପରିଚୟ | ୪୮ | ମୁଁ କଣ ଆଉ ଶିଶୁ ନୁହେଁ ? | ୧୦୦ |
| ନୃସିଂହ ଚରଣ ବେହେରା | | ପରମିତା ମିଶ୍ର | |
| ସୌନ୍ଦର୍ଯ୍ୟମୟୀ ବେହେରା | ୫୫ | ସପ୍ତଫେଣୀ | ୧୦୬ |
| ସତ୍ୟବ୍ରତ ବାରିକ | | ସୁବଳ ମହାପାତ୍ର | |
| ରଙ୍ଗମଞ୍ଚ ଓ ନାଟକର ଜନ୍ମଜାତକ | ୫୮ | ବୃକ୍ଷର ବିଳାପ | ୧୧୪ |
| ଅଧ୍ୟାପିକା ରଞ୍ଜିତା ପାତ୍ର | | ଶ୍ରୀମତି ବିଜୟିନୀ ପଣ୍ଡା | |

Download Magazine from www.aahwaan.com


ଡିସେମ୍ବର ମାସର ଗଳ୍ପସ୍ପର୍ଦ୍ଧ

ସୁବଳ ମହାପାତ୍ର ୧୨୦

ଉଦୟନାଥ ଗୌଡ଼ ୧୩୨

ବଳବନ୍ତ ସାହୁ (ବବଲୁ) ୧୩୫

ସିପ୍ରା ନମତା ୧୪୩

ଅରବିନ୍ଦ ଆଚାର୍ଯ୍ୟ ୧୫୩

ଜାନୁଆରୀ ଗଳ୍ପସ୍ପର୍ଦ୍ଧା ପାଇଁ ସୂଚନା ୧୫୭

ପ୍ରତିଯୋଗୀତା ୧୫୮

ଶୁଭଶ୍ରୀ ସିଂହ

ଅମ୍ଲାନ ରାଜବାହାଦୁରଙ୍କ ସ୍ମୃତିରେ ୧୫୯

ପ୍ରବୋଧ ଚନ୍ଦ୍ର ମୁଦ୍ରା

ରାସ୍ତା ୧୬୨

ବରୁଣ ଦାସ

ବଡ଼ପାପୀ ୧୬୩

ରୁଦ୍ରରଞ୍ଜନ ଶେଜପଡ଼ା

ମୁଁ ଶିଖିଗଲି ୧୬୪

ପ୍ରତିଭା ପ୍ରିୟଦର୍ଶିନୀ

ରେ ହୃଦୟ ୧୬୬

ବିକେଶ ସାହୁ

ପାପପୂଣ୍ୟର ହିସାବ ୧୬୮

ଡା ସନ୍ଧ୍ୟାରାଣୀ ପାଣିଗ୍ରାହୀ

ବିଜୟୀ ବୀର ୧୭୦

ଅନାମ ଚରଣ ସାହୁ

ବଧୂ ବାରାଙ୍ଗନା ୧୭୨

ଉଦୟନାଥ ଗୌଡ଼

ଶୀତୁଆ ସକାଳ ୧୭୫

ରୁଦ୍ରମାଧବ ସାହୁ

ଚିଠି ୧୭୮

ବିଜୟ କୁମାର ପଣ୍ଡା

ନୂଆବର୍ଷା ଆସେ ଥରେ ୧୭୯

ଭୋଜରାଜ ମଲ୍ଲିକ

କାମୁକ ବିଗ୍ରହ ୧୮୧

ସିପ୍ରା ନମତା

ରାତ୍ରୀ ଆଉ ଦୁଃଖ ୧୮୫

ବିନୟ ମହାପାତ୍ର

ପୁଅମାନେ ବି ଘରଛାଡ଼ି ଯାଆନ୍ତି ୧୮୮

ଶୁଭାଶିଷ ମହାରଣା

ଧରଣୀର ବିଳାପ ୧୯୧

ଜଗଜ୍ଜୀବନ ସେଠୀ

ଭାରତମାତା କହୁଛି ୧୯୩

ଏମ୍. ବିଜୟ କୁମାର

ବର୍ଷା ୧୯୭

ଓଁକାର ଦାଶ

ଲକ୍ଷ୍ମୀପୂଜା (ଜାତିପ୍ରଥା) ୧୯୮

ସନ୍ତୋଷ ପଟ୍ଟନାୟକ

Download Magazine from www.aahwaan.com


| | | | |
|---|---|---|---|
| ମହାକାଳୀ ବନ୍ଦନା | ୧୯୯ | ଲଙ୍ଗଳମୂନ | ୨୨୧ |
| ପ୍ରସନ୍ନ କୁମାର ମାଦଳା | | ବଳବନ୍ତ ସାହୁ (ବବଲୁ) | |
| ଅବଳା କି ସବଳା | ୨୦୨ | କଇଁ | ୨୨୪ |
| ସୁସ୍ମିତା ମହାପାତ୍ର | | ଶୁଭକାନ୍ତ ସାହୁ | |
| ଗୁରୁ | ୨୦୪ | ନବବର୍ଷ ଆସୁଛି ବୋଲି | ୨୨୫ |
| ହିମାଂଶୁ ଶେଖର ବାରିକ | | ସୁଦାମ ଗୌଡ଼ | |
| ଥରେ ଭାବି ଦେଖ ତ | ୨୦୫ | ସେଇ କଥା | ୨୨୬ |
| ଅନୁସୂୟା ମିଶ୍ର | | ଅରବିନ୍ଦ ଆଚାର୍ଯ୍ୟ | |
| ଭଲପାଏ ଆଉ ପଚାରନି | ୨୦୭ | ଅତୀତ | ୨୨୭ |
| ଡ: ସତ୍ୟନାରାୟଣ ମିଶ୍ର | | ମଧୁସ୍ମିତା ପଟ୍ଟନାୟକ | |
| ଓଡ଼ିଆ ଭାଷା ମୋ କେଡ଼େ ସୁନ୍ଦର | ୨୦୮ | ଫାୟାର ଷ୍ଟେସନ ଜଙ୍କସନ୍ | ୨୩୦ |
| ଜିତେନ୍ଦ୍ର କୁମାର କହଁର | | ରିଭୁ ଆଭୁଷଣ ପଣ୍ଡା | |
| କହିବାପାଇଁ ତ ହୃଦୟର କଥା | ୨୧୦ | ହେ ବିଦାୟୀ ବର୍ଷ | ୨୩୨ |
| ଜ୍ୟୋତିରାଦିତ୍ୟ ପୁଝାରୀ | | କାର୍ତ୍ତିକ ପାଣିଗ୍ରାହୀ | |
| ମହ ମହ ତୋର୍ ଗୁନ୍ | ୨୧୨ | ଜୀବନ | ୨୩୪ |
| ଆଶୁତୋଷ ମେହେର | | ପ୍ରଶାନ୍ତ କୁମାର ନାଥ | |
| କହିଦେତୁ ରାମ୍ ରାମ୍ | ୨୧୩ | ଯଦି ମୁଁ କହେ | ୨୩୬ |
| ତପନ ଦୀକ୍ଷିତ | | ରାଜଲକ୍ଷ୍ମୀ ମିଶ୍ର | |
| ମରୁଡ଼ି | ୨୧୪ | ବଧୁଲିର ସ୍ୱୟଂବର | ୨୩୮ |
| ଏମ୍. ବିଜୟ କୁମାର | | ସମ୍ବିତ ସତ୍ୟପ୍ରକାଶ ମିଶ୍ର | |
| ଶୀତ | ୨୧୯ | ବୋତଲ ଗୋଟାଉଥିବା ପିଲା | ୨୪୦ |
| କାହ୍ନୁ ଚରଣ ସାହୁ | | ଶଙ୍ଖସିନ୍ଧୁ ପୁରୋହିତ | |

Download Magazine from www.aahwaan.com


| | |
|---|---|
| ବୃଥା ଚେଷ୍ଟା | ୨୪୩ |
| ତିଳ ରାଉତ | |
| କାଲି ତୁମେ ଆସିଥିଲ | ୨୪୫ |
| ସତ୍ୟଜିତ | |
| ନାତା | ୨୪୭ |
| ଫିରୋଜ କୁମାର ପଟେ | |
| ଅତ୍ୟନ୍ତ ବିଶ୍ୱସ୍ତ | ୨୪୯ |
| ରୋଜା ପଣ୍ଡା | |
| ଫେରିବାଲାର ଜୀବନ | ୨୫୦ |
| ଦେବସ୍ମିତା ବେହେରା | |
| ଖୋଜେ ମୁଁ ତୁମକୁ | ୨୫୨ |
| ସୁମିତ୍ରା ରାଉଳ | |
| ବିଚାର | ୨୫୩ |
| ମନୋରଞ୍ଜନ ମୁଦୁଲି | |
| କାର୍ତ୍ତିକ ମାସ | ୨୫୫ |
| ମୀନାକ୍ଷୀ ଦାସ | |
| ଶୀତ ପହଞ୍ଚିଗଲା ପରେ | ୨୫୬ |
| ବିଜୟ କୁମାର ଜେନା | |
| ସୁସ୍ୱାଗତ ଆଙ୍ଗ୍ଲ ନବବର୍ଷ - ୨୦୧୮ | ୨୫୮ |
| ପ୍ରବୋଧ ଚନ୍ଦ୍ର ମୁଦ୍ରା | |


ଆଙ୍ଗ୍ଲ ନବବର୍ଷ ୨୦୧୮ ଉପଲକ୍ଷେ ଆହ୍ୱାନ ଓଡ଼ିଆ ପରିବାର ତରଫରୁ ସମସ୍ତ ପାଠକପାଠିକା, ଲେଖକ ଲେଖିକା ଏବଂ ପୃଷ୍ଠପୋଷକଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ।

Download Magazine from www.aahwaan.com

# ସମ୍ପାଦକଙ୍କ କଲମରୁ...



ଜ୍ୟୋତି ପ୍ରସାଦ ପଟ୍ଟନାୟକ

ନମସ୍କାର

ଆହ୍ୱାନ ଇ-ପତ୍ରିକାର ଡିସେମ୍ବର ମାସର ଇ-ସଂସ୍କରଣ ଆପଣମାନଙ୍କୁ ଉପହାର ଦେଉଛି, ଏବଂ ଆଶା କରୁଛି ଆହ୍ୱାନର ପୂର୍ବ ସମସ୍ତ ସଂସ୍କରଣ ପରି ଚଳିତ ସଂସ୍କରଣ ମଧ୍ୟ ଆପଣ ମାନଙ୍କୁ ଭଲ ଲାଗିବ । ବିଗତ କିଛି ମାସ ହେବ ଆହ୍ୱାନର କଳେବରରେ ଅହେତୁକ ବୃଦ୍ଧି ପରିଲକ୍ଷିତ ହୋଇଛି । ଏହା ସ୍ୱାଗତଯୋଗ୍ୟ ହେଉଥିବା ବେଳେ ଜଣେ ଭେଷଜ ବିଜ୍ଞାନର ଛାତ୍ର ହେତୁ ଏହିପରି ତ୍ୱରାନ୍ୱିତ ବୃଦ୍ଧି ସ୍ୱାସ୍ଥ୍ୟପାଇଁ ହାନୀକାରକ ବୋଲି ମନେ କରି ଚଳିତ ମାସର ସଂସ୍କରଣ ପାଇଁ ଆସିଥିବା ଅନେକ ଲେଖାକୁ ସେଗୁଡ଼ିକର ମାନ ବା କ୍ୱାଲିଟି ଦୃଷ୍ଟିରୁ ପ୍ରକାଶନ ନ କରିବା ପାଇଁ ନିଷ୍ପତ୍ତି ନେଇଛି, ଆଶା କରୁଛି ଆପଣମାନେ ମୋର ଏହି ନିଷ୍ପତ୍ତିକୁ ସ୍ୱାଗତ କରିବେ । ଯଥା ସମ୍ଭବ ଭଲ ମାନର ଲେଖା ହିଁ ଆମେ ପ୍ରକାଶ କରିବାକୁ ପ୍ରଚେଷ୍ଟା କରିବା ।

ବର୍ତ୍ତମାନ ଆପଣଙ୍କର ଦାୟିତ୍ୱ ହେଉଛି ଏହି ପତ୍ରିକାକୁ ସୁଦୂରପ୍ରସାରୀ କରିବାରେ ସହାୟତା କରିବେ । ନିଜ ବନ୍ଧୁ ଓ ପରିଜନମାନଙ୍କୁ ଆହ୍ୱାନ ବିଷୟରେ ଜଣାନ୍ତୁ । ସେମାନଙ୍କୁ ଆହ୍ୱାନ ଇ-ପତ୍ରିକା ପଢ଼ିବା ପାଇଁ ପ୍ରୋତ୍ସାହନ କରନ୍ତୁ । ସେଇଥିପାଇଁ ବିଗତ ମାସରୁ ଆମେ ପତ୍ରିକାକୁ ୱେବ୍‌ସାଇଟରେ ପ୍ରକାଶନ ସହିତ ହ୍ୱାଟ୍‌ସଆପ୍ ଏବଂ ଫେସବୁକରେ ମଧ୍ୟ ପ୍ରକାଶିତ କରିଛୁ । ଯାହାଦ୍ୱାରା ସହଜରେ ସମସ୍ତେ ଏହି ପତ୍ରିକାକୁ ଅନ୍ୟମାନଙ୍କ ପାଖକୁ ପଠାଇ ପାରିବେ । ଆପଣ ମଧ୍ୟ ପଠାନ୍ତୁ । ହ୍ୱାଟ୍‌ସଆପ୍ ଏବଂ ଫେସବୁକରେ ଏହାକୁ ପଠାଇ ପାରିବେ । ନିଜର ଗ୍ରୁପ୍ ମାନଙ୍କରେ ଏହାକୁ ପଠାଇ ପାରିବେ । ଆପଣଙ୍କ ଅଳ୍ପ ପରିଶ୍ରମ

Download Magazine from www.aahwaan.com

ଆମର ଭାଷା ସାହିତ୍ୟର ପ୍ରସାରରେ ଅନେକ ସହାୟତା କରିବ ।

ବର୍ଷ ଶେଷ ହେବାକୁ ଆସିଲାଣି, ଆଉ କିଛି ଦିନପରେ ଏକ ନୂତନ ବର୍ଷ ଆସିବ । ପୁଣି ଉନ୍ମାଦନା ଆଶା ଓ ଆକାଂକ୍ଷାର ସୁଅ ଛୁଟିବ । ପରସ୍ପରକୁ ଶୁଭେଚ୍ଛାବାର୍ତ୍ତା ପଠାଇବାର ପ୍ରତିଯୋଗୀତା ଆରମ୍ଭ ହେବ । ମନରେ ଅନେକ ଭାବନା ସୃଷ୍ଟି ହେବ, କେମିତି ଭଲରେ ଭଲରେ ବର୍ଷଟିଏ ବିତିଯାଉ ବୋଲି ହୃଦୟରୁ ପ୍ରାର୍ଥନା ହେବ । ଚାଲନ୍ତୁ ଏହି ବର୍ଷକୁ ବିଦାୟ ଦେବା ପୂର୍ବରୁ ଚଳିତ ମାସର ଏବଂ ସର୍ବୋପରି ବର୍ଷର କିଛି ପ୍ରମୁଖ ଘଟଣାବଳୀ ଉପରେ ଦୃଷ୍ଟିପାତ କରିବା ।

## ଗୁଜୁରାତ ନିର୍ବାଚନ ଏବଂ ରାହୁଲଗାନ୍ଧୀ

ଅନେକ କଳ୍ପନାଜଳ୍ପନା ପରେ ଗୁଜୁରାତ ରାଜ୍ୟ ଆଜି ଏହାର ବିଧାନସଭା ପାଇଁ ନିର୍ବାଚନର ପ୍ରଥମ ପାଦରେ ରାଜ୍ୟରେ କିଛି ଅଞ୍ଚଳରେ ମତଦାନ ଦିଆଯାଇଛି । ଏହି ନିର୍ବାଚନ ଉଭୟ କଂଗ୍ରେସ୍ ଏବଂ ବିଜେପି ପାଇଁ ସମ୍ମାନର ପ୍ରଶ୍ନ ହୋଇଛି । ବିଭିନ୍ନ ପ୍ରକାରର ପ୍ରଲୋଭନ ଦେଖାଇ ଭୋଟରମାନଙ୍କୁ ନିଜ ଦଳ ପାଇଁ ମତଦାନ ଦେବାପାଇଁ କୌଣସି ସୁଯୋଗ ହାତଛଡ଼ା କରିବାକୁ ଚାହୁଁନାହାନ୍ତି । ସୁଚନାଯୋଗ୍ୟ ଯେ ଏହି ନିର୍ବାଚନ ପାଇଁ କଂଗ୍ରେସ ପାର୍ଟିର ଉପାଧ୍ୟକ୍ଷ ଶ୍ରୀ ରାହୁଲ ଗାନ୍ଧୀ ଅନେକ ଦିନ ହେବ ଗୁଜୁରାତରେ ବସା ବାନ୍ଧିଛନ୍ତି ଏହା ସହ ସେ ଜନମତ ସଂଗ୍ରହପାଇଁ ସବୁପ୍ରକାର କାର୍ଯ୍ୟ କରିବାପାଇଁ ଆଗଭର ହୋଇଛନ୍ତି । ଦିନେ ମନ୍ଦିର ଯାଉଥିବା ଲୋକମାନେ ସେଠାରେ ଝିଅମାନଙ୍କୁ ହଇରାଣ କରିବାକୁ ଯାଆନ୍ତି ବୋଲି କହି ଜନରବ ସୃଷ୍ଟି କରିଥିବା ଗାନ୍ଧୀ ଏବେ ମନ୍ଦିରରୁ ମନ୍ଦିର ବୁଲି ବୁଲି ପୂଜା କରୁଛନ୍ତି । ସବୁଠାରୁ ବଡ଼ ଖବର ହେଉଛି ଯେତେବେଳେ ଶ୍ରୀଗାନ୍ଧୀ ସୋମନାଥ ମନ୍ଦିର ଦର୍ଶନ ଯାଇଥିଲେ, ସେହି ସମୟରେ ମନ୍ଦିରର ଦସ୍ତାବେଜରେ ତାଙ୍କ ଦଳର ପ୍ରବକ୍ତା

 Download Magazine from www.aahwaan.com

ଶ୍ରୀ ଗାନ୍ଧୀଙ୍କୁ ଅଣହିନ୍ଦୁ ବୋଲି ଲେଖିଥିଲେ ଯାହାକୁ ନେଇ ଅନେକ ରାଜନୈତିକ ଚର୍ଚ୍ଚା ହୋଇଥିଲା ଏବଂ ଏହାପରେ କିଛି କଂଗ୍ରେସ ସଦସ୍ୟ ରାହୁଲ ଗାନ୍ଧୀଙ୍କୁ ନୈଷ୍ଠିକ ବା ପଇତା ଧାରଣ କରିଥିବା ବ୍ରାହ୍ମଣ ବୋଲି କହିଛନ୍ତି । ଏହାକୁ ନେଇ ଫେସବୁକ ଏବଂ ଟ୍ୱିଟରରେ ବାକଯୁଦ୍ଧ ଆରମ୍ଭ ହୋଇଯାଇଥିଲା । ରାହୁଲ ଗାନ୍ଧୀଙ୍କୁ ଏଥିପାଇଁ ଅନେକ ସମାଲୋଚନାର ଶରବ୍ୟ ହେବାକୁ ପଡ଼ିଥିଲା । ଏଥିରେ କ୍ଷୁବ୍ଧ ହୋଇ କିଛି ଲୋକ ମନ୍ତବ୍ୟ ଦେଲେ ଯେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଜଣେ ହିନ୍ଦୁ ନୁହନ୍ତି । ଏହି ସବୁ ଆରୋପ ପ୍ରତ୍ୟାରୋପ ପରେ ବରିଷ୍ଠ କଂଗ୍ରେସ ସଦସ୍ୟ ମଣିଶଙ୍କର ଆୟର ଅତ୍ୟନ୍ତ ଅଶାଳୀନ ଭାବରେ ଭାରତର ବର୍ତ୍ତମାନ ପ୍ରଧାନମନ୍ତ୍ରୀଙ୍କ ପାଇଁ ଅଶ୍ରାବ୍ୟ ଶବ୍ଦର ବ୍ୟବହାର କରି କହିଲେ, "ତାଙ୍କ ଠାରୁ ନୀଚ ବ୍ୟକ୍ତି ସେ କେବେ ଦେଖିନାହାନ୍ତି ।" ଏହା ପରେ ଏହାକୁ ନେଇ କଂଗ୍ରେସର ଖୁବ୍ ନିନ୍ଦା କରାଗଲା ଏବଂ ସେଥିପାଇଁ କଂଗ୍ରେସ ଦଳ ବାଧ୍ୟହୋଇ ଆୟାରଙ୍କୁ କଂଗ୍ରେସ ଦଳରୁ ବରଖାସ୍ତ କରିଛନ୍ତି ।

ଗତକାଲି ଗୋଟିଏ ରାଜନୈତିକ ରାଲିରେ ଭାଷଣ ଦେଉଥିଲା ବେଳେ ଏହି ବିଷୟକୁ ନେଇ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କଂଗ୍ରେସ ଦଳ ଦ୍ୱାରା ତାଙ୍କ ପାଇଁ ବ୍ୟବହୃତ ଅନେକ ଆକ୍ଷେପମୂଳକ ପଦର ହିସାବ ସମବେତ ଜନତାକୁ ଦେଇଥିଲେ ।

ସୂଚନାଯୋଗ୍ୟ ଯେ ଆୟାର୍ ବାବୁ ମୋଦୀଙ୍କ ବିଷୟରେ କହିବା ପରେ ଏକ କ୍ଷମାପ୍ରାର୍ଥନା କରିଥିଲେ ସୁଦ୍ଧା ତାହା ସ୍ୱୀକାର୍ଯ୍ୟ ନୁହେଁ ବୋଲି ମୋଦୀଙ୍କ ପସନ୍ଦ କରୁଥିବା ଲୋକମାନେ କହିଛନ୍ତି । ଏହି ସବୁ ଭିତରେ ଆଜି ଗୁଜୁରାତରେ ପ୍ରାଥମିକ ପର୍ଯ୍ୟାୟର ମତଦାନ ହୋଇଯାଇଛି । ଦେଖାଯାଉ ଏହି ନିର୍ବାଚନରେ କେଉଁ ଦଳ ସଂଖ୍ୟା ଗରିଷ୍ଠତା ପାଉଛନ୍ତି ।

ଆୟାର କଂଗ୍ରେସର ବରିଷ୍ଠ ନେତା ଭାବରେ ଅନେକ ସମୟରେ ଖବରରେ ରହିଛନ୍ତି ।

 Download Magazine from www.aahwaan.com

ମୋଦୀ ଭାରତର ପ୍ରଧାନମନ୍ତ୍ରୀ ହେବାପରେ ସେ ପାକିସ୍ତାନ ଗସ୍ତ କରୁଥିବା କାଳରେ ସେହି ଦେଶର ଗଣମାଧ୍ୟମ ଦ୍ୱାରା ଆୟୋଜିତ ଏକ କାର୍ଯ୍ୟକ୍ରମକୁ ସମ୍ବୋଧିତ କରୁଥିବା ବେଳେ ପାକିସ୍ତାନ ଗଣମାଧ୍ୟମଙ୍କ ପ୍ରଶ୍ନ, "ଭାରତ ଓ ପାକିସ୍ତାନ ଭିତରେ ସମ୍ବନ୍ଧ କେମିତି ସୁଧୁରିବ ?"ର ଉତ୍ତରରେ ସେ ନିର୍ଭୀକ ଭାବରେ କହିଥିଲେ ମୋଦୀଙ୍କୁ ହଟେଇ ଆମ (କଂଗ୍ରେସ)କୁ ଆଣନ୍ତୁ ସମ୍ବନ୍ଧ ସୁଧୁରିବ ।

ସାମାଜିକ ଗଣମାଧ୍ୟମରେ ପ୍ରସାରିତ ଏକ ସମ୍ବାଦରେ କୁହାଯାଇଛି ଯେ ଆୟାର କାଲେ ନିଜର ଚାକିରୀ କାଳରେ ପାକିସ୍ତାନରେ ଅବସ୍ଥାନ କରୁଥିବା ସମୟରେ ଆବୋଟାବାଦରେ ନିଜ ଧର୍ମ ପରିବର୍ତ୍ତନ କରି ଦ୍ୱିତୀୟ ବିବାହ କରିଥିଲେ ଏବଂ ତାଙ୍କର ସନ୍ତାନ ଏବେ ସେଠାରେ ରହୁଛନ୍ତି । ଏହାର ସତ୍ୟାସତ୍ୟ ଆମେ ତ କହି ପାରିବୁ ନାହିଁ, କିନ୍ତୁ ଏହି ସବୁ ଘଟଣାରୁ ତାଙ୍କର ପାକିସ୍ତାନପାଇଁ ଥିବା ଅଭିପ୍ରାୟରୁ ସନ୍ଦେହ ଜାତ ହେବା ସ୍ୱାଭାବିକ ।

## ରାହୁଲ ଗାନ୍ଧୀଙ୍କ ପାର୍ଟି ଅଧ୍ୟକ୍ଷ ପଦବୀପାଇଁ ନିର୍ବାଚନ

ଅନେକ ବର୍ଷର ଦାବୀପରେ ଚଳିତ ବର୍ଷ କଂଗ୍ରେସ ଦଳରେ ଏକ ବୃହତ ପରିବର୍ତ୍ତନ ହେବାକୁ ଯାଉଛି । ଏହି ପରିବର୍ତ୍ତନ ଆରମ୍ଭ ହୋଇଗଲାଣି । ଅନେକ ବର୍ଷ ଅଧ୍ୟକ୍ଷା ପଦବୀରେ ରହିବାପରେ ଶ୍ରୀମତି ସୋନିଆ ଗାନ୍ଧୀ ଚଳିତ ମାସର ଉଣେଇଶି ତାରିଖରେ ଆନୁଷ୍ଠାନିକ ଭାବରେ ଅଧ୍ୟକ୍ଷପଦ ରାହୁଲ ଗାନ୍ଧୀଙ୍କୁ ପ୍ରଦାନ କରିବେ ବୋଲି କୁହାଯାଇଛି । ଏହାକୁ ନେଇ ଅନେକ ବରିଷ୍ଠ କଂଗ୍ରେସ ନେତା ମତ ଦେଇଛନ୍ତି ଯେ ଯେମିତି ରାଜତନ୍ତ୍ରରେ ବାପା ଅନ୍ତେ ପୁଅ ରାଜା ହୁଏ ସେହିପରି ସୋନିଆଙ୍କ ପରେ ରାହୁଲ ହିଁ ଅଧ୍ୟକ୍ଷ ହେବେ । ଏହାକୁ ନେଇ ଅନେକ ବ୍ୟଙ୍ଗ ସାମାଜିକ ଗଣମାଧ୍ୟମରେ ପ୍ରସାର ହୋଇଥିଲା । କଂଗ୍ରେସ

Download Magazine from www.aahwaan.com

ନେତା ମଣିଶଙ୍କର ଆୟାର କହିଥିଲେ ଯେ ମୋଗଲ ଶାସନ ସମୟରେ ଯେମିତି ବାପାଙ୍କ ଅନ୍ତେ ପୁଅମାନେ ଶାସନ କରିଥିଲେ ସେମିତି ରାହୁଲ ଗାନ୍ଧୀ ମଧ୍ୟ କରିବେ ଏହାକୁ ନେଇ ବିଜେପି ତରଫରୁ ରାହୁଲ ଗାନ୍ଧୀଙ୍କ ନିର୍ବାଚନ ପ୍ରକ୍ରିୟାକୁ ମୋଗଲୀ ଶାସନ ବୋଲି ଆକ୍ଷେପ କରାଯାଇଥିଲା ।

ସେ ଯା ହେଉ, କଂଗ୍ରେସ ଦଳରେ ଗଣତନ୍ତ୍ରକୁ ସମ୍ମାନ ଦିଆଯାଏ ବୋଲି ଦର୍ଶାଇ ଆନୁଷ୍ଠାନିକ ଭାବରେ ରାହୁଲ ଗାନ୍ଧୀ ନିଜକୁ ଅଧ୍ୟକ୍ଷ ପଦବୀ ପାଇଁ ଦାବୀଦାର ବୋଲି କହି ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି, ଏହାପରେ ନିର୍ବାଚନ ହେବ ଏବଂ ସେ ନିର୍ଦ୍ୱନ୍ଦରେ ନିର୍ବାଚିତ ହେବେ । ଏବଂ ଉଣେଇଶି ତାରିଖରେ ସେ ଅଧ୍ୟକ୍ଷ ଭାବରେ ନିର୍ବାଚିତ ହେବେ । ଯଦି ସମସ୍ତେ ଜାଣିଛନ୍ତି ଯେ ସେ ହିଁ ହେବେ ତା ହେଲେ ଏହି ନିର୍ବାଚନ ନାଟକ କାହିଁକି କରୁଛନ୍ତି କେଜାଣି ?

## ବ୍ରାହ୍ମଣୀ ନଦୀରେ ଦ୍ୱିତୀୟ ସେତୁ ନିର୍ମାଣ ପାଇଁ ରାଜନୀତି

ବ୍ରାହ୍ମଣୀ ନଦୀରେ ଦ୍ୱିତୀୟ ସେତୁ ନିର୍ମାଣ ପ୍ରସଙ୍ଗ ନେଇ ସୁନ୍ଦରଗଡ଼ର ବରିଷ୍ଠ ବିଜେଡି ନେତା ମଙ୍ଗଳା କିସାନଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିବା ପରେ ରାଜ୍ୟରେ 'ସେତୁ' ରାଜନୀତି ଜୋର ଧରିଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ପ୍ରସଙ୍ଗରେ କେନ୍ଦ୍ରକୁ ଚିଠି ଲେଖିବା ପରେ ଏହାର ଜବାବ ଦେଇଛନ୍ତି ସଡ଼କ ପରିବହନ ମନ୍ତ୍ରୀ ନିତିନ୍ ଗଡକରୀ ।

ଶ୍ରୀ ଗଡ଼କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଖୋଲା ଚାଲେଞ୍ଜ ଦେଇ କହିଛନ୍ତି, ଜମି ଅଧିଗ୍ରହଣରେ ବିଳମ୍ବ ଯୋଗୁଁ ସେତୁ ନିର୍ମାଣ କାର୍ଯ୍ୟ ବିଳମ୍ବିତ ହେଉଛି । ବ୍ରାହ୍ମଣୀ ସେତୁ ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ଜଙ୍ଗଲ ବିଭାଗରୁ ଅନୁମତି ମିଳିନାହିଁ । ମୁଖ୍ୟମନ୍ତ୍ରୀ ଶ୍ରୀ

Download Magazine from www.aahwaan.com

ପଟ୍ଟନାୟକ ବ୍ୟକ୍ତିଗତଭାବେ ହସ୍ତକ୍ଷେପ କରି ଜଙ୍ଗଲ ଅନୁମତିର ବ୍ୟବସ୍ଥା କରନ୍ତୁ । ଜଙ୍ଗଲ ଅନୁମତି ମିଳିବାର ମାତ୍ର ୭ ଦିନ ଭିତରେ କାମ ଆରମ୍ଭ କରାଯିବ । ଏପରି କହି ଶ୍ରୀ ଗଡକରୀ ବ୍ରାହ୍ମଣ ନଦୀ ଦ୍ୱିତୀୟ ସେତୁ ପ୍ରସଙ୍ଗକୁ ଏକ ରୋଚକ ମୋଡ଼ରେ ପହଞ୍ଚାଇଛନ୍ତି ।

ଗଡକରୀ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ଯେ ବୈଧାନିକ ଅନୁମତି ମିଳି ନ ଥିବାରୁ କେବଳ ବ୍ରହ୍ମଣୀ ସେତୁ ନୁହେଁ ଆହୁରି ୩ଟି ସେତୁ କାମ ଆଗେଇ ପାରୁ ନାହିଁ । ବାସ୍ତବତାକୁ ଅନୁଧ୍ୟାନ ନ କରି ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଯୋଗୁଁ କାମରେ ବିଳମ୍ବ ନେଇ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଯେଉଁ ଚିଠି ଲେଖିଛନ୍ତି ତାହା ତାଙ୍କୁ ବିସ୍ମିତ କରିଛି ବୋଲି ଶ୍ରୀ ଗଡ଼କରୀ ଜବାବରେ କହିଛନ୍ତି ।

ସୂଚନାଯୋଗ୍ୟ ଯେ ଗତ ସପ୍ତାହରେ ଶ୍ରୀ କିସାନଙ୍କ ନେତୃତ୍ୱରେ ଆସିଥିବା ପ୍ରତିନିଧିମଣ୍ଡଳିଙ୍କୁ ପ୍ରତିଶ୍ରୁତି ଦେଇ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ କହିଥିଲେ ଯେ କେନ୍ଦ୍ର ସରକାରଙ୍କୁ ଏହି ପ୍ରସଙ୍ଗରେ ଆଉ ଥରେ ଚିଠି ଲେଖାଯିବ । ଯଦି କେନ୍ଦ୍ର ନ କରେ ରାଜ୍ୟ ସରକାର ନିଜ ଖର୍ଚ୍ଚରେ ବ୍ରାହ୍ମଣୀ ନଦୀ ଉପରେ ଦ୍ୱିତୀୟ ସେତୁ ନିର୍ମାଣ କରିବେ । ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକଙ୍କ ଏଭଳି ପ୍ରତିଶ୍ରୁତିର ଜବାବ ଦେଇ କେନ୍ଦ୍ର ପରିବହନ ମନ୍ତ୍ରୀ ଆଉ ପାଦେ ଆଗେଇ ଯାଇ କହିଛନ୍ତି, ବ୍ରାହ୍ମଣୀ ଉପରେ ଦୁଇ ଲେନ୍ ନୁହେଁ ୬ ଲେନ୍ ବିଶିଷ୍ଟ ସେତୁ ର୍ନିମାଣ କରାଯିବ ।

ଉଲ୍ଲେଖଯୋଗ୍ୟ, ବ୍ରାହ୍ମଣୀ ଉପରେ ଦ୍ୱିତୀୟ ସେତୁ ନିର୍ମାଣ ନେଇ ବିଜେଡି-ବିଜେପି ମୁହାଁମୁହିଁ ହୋଇଛନ୍ତି । ଏହି ସେତୁ ପ୍ରସଙ୍ଗରେ ରାଉରକେଲା ବିଧାୟକ ତଥା ବିଜେପି ନେତା ଦିଲ୍ଲୀ ରାୟ କେନ୍ଦ୍ର ମନ୍ତ୍ରୀ ଓ ବିଜେପି କେନ୍ଦ୍ରୀୟ ନେତୃତ୍ୱ ନିକଟରେ ଅଭିମାନ କରିବା ସହିତ ଏ ନେଇ ଗତ ମାସରେ କେନ୍ଦ୍ର ପରିବହନ ମନ୍ତ୍ରୀ ଶ୍ରୀ ଗଡ଼କରିଙ୍କୁ ଚିଠି ଲେଖିଥିଲେ ।

 Download Magazine from www.aahwaan.com

# ଦାନ ମାଝୀ କିଣିଲା ମୋଟର ବାଇକ

ଚଳିତ ବର୍ଷ ଆରମ୍ଭରେ ଓଡ଼ିଶାର ଯେଉଁ ଖବର ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା, ତାହା ଥିଲା ଜଣେ ଗରୀବ ଆଦିବାସୀ ବ୍ୟକ୍ତି ନିଜ ସ୍ତ୍ରୀର ଶବକୁ କାନ୍ଧରେ ବୋହି ବୋହି ବାର କିଲୋମିଟର ବାଟ ଯାଇଥିଲା । ଏହାର ଫଟୋ ଓ ଭିଡ଼ିଓ ସାମାଜିକ ଏବଂ ରାଷ୍ଟ୍ରୀୟସ୍ତରର ଗଣମାଧ୍ୟମରେ ଚହଳ ପକାଇ ଦେଇଥିଲା । ଏହା ଫଳରେ ରାଜ୍ୟରେ ରାଜନୈତିକ କାଦୁଅଫିଙ୍ଗା ବି ହେଲା । ସ୍ୱାସ୍ଥ୍ୟ ବିଭାଗକୁ ଦୋଷୀ ବୋଲି କୁହାଗଲା । ଦାନମାଝି ଘଟଣା ପରେ ଅନେକ ଖବର କାଗଜରେ କିଏ ଦୋଳାରେ ଶବ ନେଉଥିବା ଛବି ଆସିଥିଲା ତ କିଏ ସାଇକେଲରେ ଶବ ବୋହିବା ଛବି ଆସିଥିଲା, ହେଲେ ସେମାନେ କିନ୍ତୁ ଦାନ ମାଝୀ ଭଳି ଭାଗ୍ୟବାନ ନଥିଲେ । ସେ ଯା ହେଉ, ଏହା ଦ୍ୱାରା କାହାର କିଛି ଲାଭ ହେଉ ବା ନ ହେଉ, ଦାନ ମାଝୀ କିନ୍ତୁ ଲାଭବାନ ହୋଇଥିଲା । ସାମାଜିକ ଗଣମାଧ୍ୟମରୁ ମିଳିଥିବା ସୂଚନା ଅନୁଯାୟୀ ଦାନ ମାଝୀକୁ ଏହି ଘଟଣା ପରେ ଅନ୍ୟୁନ ପନ୍ଦର ଲକ୍ଷ ଟଙ୍କାର ଅନୁଦାନ ବିଭିନ୍ନ ସୂତ୍ରରୁ ମିଳିଥିଲା ।

ସୂଚନାଯୋଗ୍ୟ ଯେ ଦାନ ମାଝିର ସ୍ତ୍ରୀର ସ୍ୱାସ୍ଥ୍ୟ ଖରାପ ହେବାପରେ ସେ ତା'ର ଚିକିତ୍ସା ପାଇଁ ତାକୁ ହସପିଟାଲରେ ଭର୍ତ୍ତି କରାଇଥିଲା । କିନ୍ତୁ ସବୁ ପ୍ରଚେଷ୍ଟା ସତ୍ତ୍ୱେ ତା ପ୍ରାଣ ଉଡ଼ିଯାଇଥିଲା । ଏହାପରେ ଆନୁସଙ୍ଗିକ ଆମ୍ବୁଲାନ୍ସ ବ୍ୟବସ୍ଥା ପାଇଁ ଅର୍ଥାଭାବ ଅଛି କହି ସେ ନିଜ ସ୍ତ୍ରୀର ଶବକୁ ଚାଦରରେ ଗୁଡ଼ାଇ କାନ୍ଧରେ ଧରି ହସପିଟାଲରୁ ନିଜ ଗାଁ, ଦୀର୍ଘ ବାର କିମି ବାଟ ଚାଲି ଚାଲି ଆସିଥିଲା । ଏହି ସମୟରେ ଗଣମାଧ୍ୟମ ପ୍ରତିନିଧିମାନେ ତାହାର ଛବି ଓ ଭିଡ଼ିଓ ସୁଟିଂ କରି ପ୍ରଚାର କରିଥିଲେ । ଏହି ଘଟଣାପରେ ସ୍ୱାସ୍ଥ୍ୟ ବିଭାଗରେ ବ୍ୟାପକ ପରିବର୍ତ୍ତନ କରାଯାଇଥିଲା । ମୃତ୍ୟୁବରଣ କରୁଥିବା ବ୍ୟକ୍ତିଙ୍କୁ ତୁରନ୍ତ ଆମ୍ବୁଲାନ୍ସ ଦିଆଯିବା ଭଳି ବ୍ୟବସ୍ଥା କରିବା, ସହାୟତା ପ୍ରଦାନ କରିବା ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟ

 Download Magazine from www.aahwaan.com

ପ୍ରତି ବିଶେଷ ଧ୍ୟାନ ଦିଆଯାଇଥିଲା ।

ହେଲେ ଅନେକ ମାସ ପରେ ପୁଣିଥରେ ଦାନ ମାଝୀ ଏବେ ଖବରରେ ରହିଛି । ଆଉ ତାହାର କାରଣ ହେଉଛି, ଦାନ ମାଝୀ ଗାଡ଼ି କିଣିଛି । ନିକଟ ଅତୀତରେ ସେ ଗୋଟିଏ ଦ୍ୱିଚକ୍ର ଯାନ କ୍ରୟ କରିଛି । ଏଥିପାଇଁ ଅର୍ଥାଭାବ ହୋଇନାହିଁ । ଶୁଣିବାକୁ ମିଳୁଛି ଯେ ପ୍ରଥମ ପତ୍ନୀଙ୍କ ବିୟୋଗପରେ ସେ ପୂନର୍ବାର ବିବାହ କରିଛି । ଯା ହେଉ ପ୍ରଥମ ସ୍ତ୍ରୀ ମରିକି ମଧ୍ୟ ସ୍ୱାମୀ ପାଇଁ ଅନେକ ସୁଦିନ ଆଣିଦେଇଛି କହିଲେ ଅତ୍ୟୁକ୍ତି ହେବନାହିଁ ।

## ଜଗାକାଳିଆଙ୍କ ଅସ୍ତ୍ରୋପଚାର ସଫଳ

କନ୍ଧମାଳ ଜିଲ୍ଲାରେ ଜନ୍ମ ହୋଇଥିବା ଯମଜ ଶିଶୁ ଜଗାବଳିଆ ପାଇଁ ସମଗ୍ର ରାଜ୍ୟରେ ସମବେଦନାର ସୁଅ ଛୁଟିବାକୁ ଲାଗିଲା । ଜନ୍ମରୁ ଦୁଇ ଶିଶୁଙ୍କ ମୁଣ୍ଡ ଯୋଡ଼ି ହୋଇ ରହିଥିବା ହେତୁ ସେମାନଙ୍କ ଦୈନନ୍ଦିନ କାର୍ଯ୍ୟକ୍ରମରେ ଅନେକ ଅସୁବିଧା ଉପୁଜୁଥିଲା । କିନ୍ତୁ ଅର୍ଥାଭାବ ହେତୁ ସେମାନଙ୍କ ପାଇଁ ବିହିତ ଚିକିତ୍ସା ବ୍ୟବସ୍ଥା କରିବାକୁ ପିତାମାତା ଅକ୍ଷମତା ପ୍ରକାଶ କରିଥିଲେ । ସୌଭାଗ୍ୟବଶତଃ ସେମାନଙ୍କ ବିଷୟରେ ଗଣମାଧ୍ୟମରେ ପ୍ରକାଶିତ ଖବରକୁ ଦେଖିବାପରେ ଜନସଚେତନତା ସୃଷ୍ଟି ହେଲା ଆଉ ଅନେକ ରାଜନୈତିକ ଦଳ ଏଥିପାଇଁ ଶାସକ ଦଳଙ୍କୁ ଉପେକ୍ଷା କରୁଥିବା କଥା କହିବା ପରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଜଗାବଳିଆଙ୍କ ଅସ୍ତ୍ରୋପଚାରରେ ହେଉଥିବା ସମସ୍ତ ଖର୍ଚ୍ଚ ବହନ କରିବେ ବୋଲି ଘୋଷଣା କରିଥିଲେ । ଅବଶ୍ୟ ଅନେକ ବ୍ୟକ୍ତି ବଦାନ୍ୟତା ଦେଖାଇ ଏଥିପାଇଁ ଅର୍ଥ ପ୍ରଦାନ କରିଥିଲେ ।

ସେ ଯା ହେଉ ନୁଆ ଦିଲ୍ଲୀ ସ୍ଥିତ ସର୍ବଭାରତୀୟ ଆୟୁର୍ବିଜ୍ଞାନ ହସପିଟାଲରେ ଜଗାବଳିଆଙ୍କ ବିରଳ ଏବଂ କଷ୍ଟସାଧ୍ୟ ଅସ୍ତ୍ରୋପଚାର କରାଗଲା । ସେମାନଙ୍କ ଅସ୍ତ୍ରୋପଚାର ସଫଳ ହେଉବୋଲି ରାଜ୍ୟ ସାରା ଅନେକ ସଂଗଠନ ଓ ବ୍ୟକ୍ତି ବିଶେଷ ବିଭିନ୍ନ

 Download Magazine from www.aahwaan.com

ମନ୍ଦିର ଓ ଦେବାଳୟରେ ଦୀପ ଜାଳି ପ୍ରାର୍ଥନା ମାନ ଆୟୋଜନ କରିଥିଲେ । ଜଗାବଳିଆଙ୍କ ପାଇଁ ସମୁଦାୟ ଓଡ଼ିଆଜାତିର ଦରଦ ଦେଖିବାର ଥିଲା । ସେ ଯା ହେଉ ସମସ୍ତଙ୍କ ସ୍ନେହ, ସଦିଚ୍ଛା ଓ ପ୍ରାର୍ଥନା ହେତୁ ଉଭୟ ଜଗା ଓ ବଳିଆଙ୍କୁ ଅସ୍ତ୍ରୋପଚାର କରାଯାଇ ପରସ୍ପରଠାରୁ ଅଲଗା କରାଗଲା । ଏହାପରେ କିଛି ଦିନ ସେମାନଙ୍କ ଅବସ୍ଥା ଗୁରୁତର ରହିବାପରେ ଏବେ ସେମାନେ ସମ୍ପୂର୍ଣ୍ଣ ସୁସ୍ଥ ବୋଲି ଜଣାପଡ଼ିଛି ।

ଜଗାବଳିଆଙ୍କ ପାଇଁ ରାଜ୍ୟସରକାର ଏକ ବରଦାନ ସଦୃଶ ହୋଇଯାଇଛନ୍ତି । ଅବଶ୍ୟ ଏହି ଘଟଣାପରେ ପରେ ଏବେ ଆଉ ଗୋଟିଏ ଯମଜ ସନ୍ତାନ ଗଙ୍ଗାଯମୁନା ର ଅସ୍ତ୍ରୋପଚାର ପାଇଁ ଦାବୀ ଆରମ୍ଭ ହୋଇଗଲାଣି ।

## ମ୍ୟାକ୍ସ ହସପିଟାଲରେ ଭୁଲରେ ଶିଶୁମୃତ୍ୟୁ ଘଟଣା

ଦିଲ୍ଲୀସ୍ଥିତ ଏକ ଘରୋଇ ହସପିଟାଲରେ ପ୍ରସୂତୀ ବିଭାଗରେ ସନ୍ତାନ ପ୍ରସବ ପାଇଁ ଆସିଥିବା ଗୋଟିଏ ଦମ୍ପତ୍ତିଙ୍କୁ ସେତେବେଳେ ବହୁତ ଅଧିକ ଧକ୍କା ଲାଗିଥିଲା ଯେତେବେଳେ ଯମଜ ସନ୍ତାନ ଜନ୍ମ ହେବା ସତ୍ତ୍ୱେ ଡାକ୍ତର କାହାକୁ ବି ବଞ୍ଚାଇ ପାରିଲେ ନାହିଁ । ଶୁଣିବାକୁ ମିଳିଲା, ପ୍ରଥମେ ଜନ୍ମହୋଇଥିବା ଝିଅଟି ସୁସ୍ଥ ଥିବା ବେଳେ ପରେ ଜନ୍ମ ହୋଇଥିବା ପୁଅଟିର ସ୍ୱାସ୍ଥ୍ୟ ଅତ୍ୟନ୍ତ ଦୂର୍ବଳ ଥିଲା ଏବଂ ତାହାର ଚିକିତ୍ସାପାଇଁ ଲକ୍ଷାଧିକ ଟଙ୍କାର ଆବଶ୍ୟକତା ରହିଛି ବୋଲି କହି ହସପିଟାଲ କର୍ତ୍ତୃପକ୍ଷ ପିଲାର ବାପାଠାରୁ ଅର୍ଥ ଦାବୀ କରିଥିଲେ । ସେ ନିଜର ଅକ୍ଷମତା ପ୍ରକାଶ କରିବାପରେ କିଛି ସମୟପରେ ଉଭୟ ପୁଅ ଓ ଝିଅ ମୃତ ବୋଲି ଡାକ୍ତର ଘୋଷଣା କରି ପରିବାରକୁ ମୃତ ଶିଶୁଙ୍କ ଶବକୁ ପଲିଥିନରେ ଗୁଡ଼ାଇ ହସ୍ତାନ୍ତର କରିଥିଲେ ।

ଅତ୍ୟନ୍ତ ଦୁଃଖର ସହ ସେମାନଙ୍କ ଅନ୍ତ୍ୟେଷ୍ଟି କରିବାପାଇଁ ନେଉଥିବା ସମୟରେ ପୁତ୍ର

Download Magazine from www.aahwaan.com

ସନ୍ତାନ ହଲୁଥିବାର ଦେଖି ସେମାନେ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ ଯେଉଁଠି ପୁଅଟି ବଞ୍ଚିଥିବାର ଜଣାଯାଇଥିଲା । ଏହାପରେ ଲୋକମାନଙ୍କର ମ୍ୟାକ୍ସ ହସପିଟାଲ ଉପରେ କ୍ରୋଧ ଜାତ ହୋଇଥିଲା । ପିଡ଼ିତ ପରିବାର ମ୍ୟାକ୍ସ ହସ୍ପିଟାଲ ସମ୍ମୁଖରେ ଧାରଣାରେ ବସିଥିଲେ । ଏହି ମାମଲାର ଗମ୍ଭୀରତାକୁ ଆଖି ଆଗରେ ରଖି ଦିଲ୍ଲୀ ସରକାର ତଦନ୍ତ କରିଥିଲେ ଏବଂ ସଦ୍ୟପ୍ରାପ୍ତ ଖବର ଅନୁସାରେ ମ୍ୟାକ୍ସ ହସପିଟାଲର ଲାଇସେନ୍ସ ରଦ୍ଦ କରିଦିଆଯାଇଛି । ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଦିଲ୍ଲୀ ଡାକ୍ତର ସଂଘ କହିଛନ୍ତି । ବେସରକାରୀ ସ୍ୱାସ୍ଥ୍ୟସେବା ସଂଘ ଏହାର ନିନ୍ଦା କରିଛନ୍ତି । କହିଛନ୍ତି ଜଣେ ଡାକ୍ତରଙ୍କ ଅଜ୍ଞାନତାର ଦଣ୍ଡ ସମୁଦାୟ ହସପିଟାଲକୁ କାହିଁକି ଦିଆଯାଇଛି । ଅବଶ୍ୟ ଦିଲ୍ଲୀର ସ୍ୱାସ୍ଥ୍ୟମନ୍ତ୍ରୀ ଏହି ବାବଦରେ ବକ୍ତବ୍ୟ ରଖି କହିଛନ୍ତି ଯେ ବିଗତ କିଛି ମାସରେ ମ୍ୟାକ୍ସ ହସପିଟାଲ ଉପରେ ଅନେକ ଆରୋପ ଲାଗିଛି ସେଇଥିପାଇଁ ସେ ଏହି ହସପିଟାଲକୁ ରଦ୍ଦ କରିବାକୁ ବାଧ୍ୟ ହୋଇଛନ୍ତି ।

ଆପଣ ଜାଣନ୍ତିକି ? ଆମ ଦେଶରେ ବେସରକାରୀ ସ୍ୱାସ୍ଥ୍ୟସେବାରେ କେତେ ଖର୍ଚ୍ଚ ହୁଏ ? ଯେଉଁମାନେ ଏହା ଭୋଗ କରିଛନ୍ତି ସେମାନେ ନିଶ୍ଚୟ କହିପାରିବେ । ଅନ୍ୟୁନ ପାଞ୍ଚରୁ ଦଶଗୁଣ ଅଧିକ ଖର୍ଚ୍ଚ ହୁଏ । କିନ୍ତୁ ସରକାରୀ ସ୍ତରରେ ସେହିଭଳି ଉଚ୍ଚମାନର ସେବା ଅଭାବ ଥିବା ହେତୁ ଲୋକମାନେ ବାଧ୍ୟ ହୋଇ ବେସରକାରୀ ହସପିଟାଲ୍ ଉପରେ ନିର୍ଭର କରନ୍ତି ।

ବିଗତ ଅନେକ ବର୍ଷରେ ଭାରତରେ ଡାକ୍ତରମାନଙ୍କ ଉପରେ ମରଣାନ୍ତକ ଆକ୍ରମଣ ହୋଇଛି । ଏଥିରେ ଅନ୍ୟୁନ ଚାରିଜଣ ଡାକ୍ତର ମୃତ୍ୟୁବରଣ କରିବା ସହ ଅନେକ ଆହତ ହୋଇଛନ୍ତି । ଜନସେବାପାଇଁ ଆଗେଇ ଆସିଥିବା ଜଣେ ଡାକ୍ତରଙ୍କୁ ଯେତେବେଳେ ଅସଦାଚରଣର ଶୀକାର ହେବାକୁ ପଡ଼େ ସେତେବେଳେ ସେ ମାନସିକ ଭାବରେ ଦୁର୍ବଳ ଅନୁଭବ କରୁଥିବେ ନିଶ୍ଚୟ । ଏଥିପାଇଁ ଧିରେ ଧିରେ ପ୍ରାଇଭେଟ୍ କ୍ଲିନିକ୍ ଓ ଡାକ୍ତରୀ ଚିକିତ୍ସା

Download Magazine from www.aahwaan.com

କରିବାକୁ ଅନେକ ଅମଙ୍ଗ ହେଲେଣି । ସରକାରୀ ହସପିଟାଲରେ ପ୍ରବଳ ଭିଡ଼ । ଏହାର ଫାଇଦା ଉଠାଇବା ଲାଗି ବେସରକାରୀ ହସପିଟାଲ ମାନେ ମନଇଚ୍ଛା ଦରରେ ରୋଗୀ ସେବା କରୁଛନ୍ତି । ସାମାନ୍ୟ ସ୍ୱାସ୍ଥ୍ୟଜନିତ ସମସ୍ୟାପାଇଁ ହଜାର ହଜାର ଟଙ୍କାର ଦାବୀ କରୁଛନ୍ତି । ଇନ୍‌ସ୍ୟୁରାନ୍‌ସର ଯୁଗରେ ଲୋକମାନେ ଏହି ସବୁ ଖର୍ଚ୍ଚ କରିବାକୁ ପଛାଉନାହାନ୍ତି । କିନ୍ତୁ ଯେଉଁମାନଙ୍କ ପାଖରେ ଇନ୍‌ସ୍ୟୁରାନ୍‌ସ ନାହିଁ ସେମାନଙ୍କୁ ଅଯଥାରେ ଖର୍ଚ୍ଚାନ୍ତ ହେବାକୁ ପଡୁଛି ।

ବର୍ତ୍ତମାନ ବେସରକାରୀ ହସପିଟାଲ ମାନଙ୍କରେ ରୋଗୀସେବା ପାଇଁ ନିର୍ଦ୍ଧାରିତ ଦର ରଖିବା ସପକ୍ଷରେ ଦାବୀ ଉପସ୍ଥାପିତ ହେଲାଣି । ମନଇଚ୍ଛା ରୋଗୀଙ୍କୁ ଶୋଷଣ କରିବା ବିରୁଦ୍ଧରେ ଜନମତ ସୃଷ୍ଟି କରାଯାଉଛି । ଏହି ସବୁ ପ୍ରକରଣରେ କିନ୍ତୁ ଗୋଟିଏ କଥା ସ୍ପଷ୍ଟ ହୋଇଯାଇଛି ଯେ ଦାମୀକା ସ୍ୱାସ୍ଥ୍ୟସେବାପଛରେ ଡାକ୍ତରମାନଙ୍କର କୌଣସି ହାତ ନାହିଁ । ବଡ ବଡ଼ ହସପିଟାଲରେ କାମ କରୁଥିବା ଡାକ୍ତରମାନେ ହସପିଟାଲର ନୀତିନିୟମକୁ ମାନିଥାନ୍ତି । କିନ୍ତୁ ଅର୍ଥ ଦିଆନିଆ, ରୋଗୀ ସେବାପାଇଁ ଧାର୍ଯ୍ୟଦର ଆଦି ହସପିଟାଲ କର୍ତ୍ତୃପକ୍ଷ ଜାରୀ କରିଥାନ୍ତି ।

ବିଗତ ମାସରେ ଦିଲ୍ଲୀର ହିଁ ଗୋଟିଏ ହସପିଟାଲରେ ଡେଙ୍ଗୁପାଇଁ ଭର୍ତ୍ତି ହୋଇଥିବା ଜଣେ ବାଳିକାର ପନ୍ଦର ଦିନର ଚିକିତ୍ସାଖର୍ଚ୍ଚ ଷୋହଳ ଲକ୍ଷଟଙ୍କା ବୋଲି ଦାବୀ କରାଯାଇଥିଲା । ଯାହାକୁ ନେଇ ଜନତାଙ୍କ ମଧ୍ୟରେ ଆକ୍ରୋଶ ଦେଖାଯାଇଥିଲା । ସମସ୍ତେ ଏଥିରେ ଡାକ୍ତରଙ୍କୁ ଦାୟୀ କରିଥିଲେ । କିନ୍ତୁ ଅନେକେ ହୁଏତ ଜାଣିନଥିବେ ଯେ ଷୋହଳ ଲକ୍ଷଟଙ୍କାର ବିଲରୁ ଡାକ୍ତରଙ୍କ ପ୍ରାପ୍ୟ କେବଳ ପନ୍ଦର ହଜାର ଟଙ୍କା । ସେଥିରୁ ସେ ଆୟକର ଦେବାପରେ ସମୁଦାୟ ଦଶ ହଜାର ଆଉ କିଛି ଟଙ୍କା ହିଁ ପାଇବେ । ସେହିପରି ହସପିଟାଲ ନେଉଥିବା ବିଲର ଅନ୍ୟୁନ ଚାରି ଲକ୍ଷରୁ ଅଧିକ ଟଙ୍କା କେବଳ କର ଆକାରରେ ସରକାରଙ୍କୁ

Download Magazine from www.aahwaan.com

ପଇଠ କରିବା ପରେ ପାଇବେ ପାଖାପାଖି ସାତରୁ ଆଠ ଲକ୍ଷ ଟଙ୍କା ଭିତରେ । ସେଥିରେ ହସପିଟାଲର କର୍ମଚାରୀଙ୍କ ଦରମା, ଭଡ଼ା, ବିଜୁଳି ଖର୍ଚ୍ଚ ଇତ୍ୟାଦି ଅନେକ ଖର୍ଚ୍ଚ ସାମିଲ ଅଛି । ଦେଖିବାକୁ ଗଲେ ଷୋହଳ ଲକ୍ଷରୁ ସର୍ବାଧିକ ଭାଗ ତ ସରକାର କର / ଟାକ୍ସ ହିସାବରେ ହିଁ ନେଇଗଲେ ।

ଯାହା ବି ହେଉ, ସରକାର ଯଦି ଉଚ୍ଚମାନର ସେବା ସରକାରୀ ହସପିଟାଲରେ ଦେଇ ପାରନ୍ତେ ତା ହେଲେ ହୁଏତ କୌଣସି ରୋଗୀ ବେସରକାରୀ ହସପିଟାଲକୁ ଯାଇ ଅଯଥାରେ ଖର୍ଚ୍ଚାନ୍ତ ହୁଅନ୍ତା ନାହିଁ ।

ଆହୁରି ଅନେକ ଖବର ରହିଛି ଯାହାର ତର୍ଜମା କରିବା ସମ୍ଭବ ହେଉନାହିଁ । ତେଣୁ ଆପଣମାନେ ନିଜେ ହିଁ ଖବର କାଗଜ ପଢ଼ନ୍ତୁ କିମ୍ବା ଟିଭି ଦେଖନ୍ତୁ । ସେ ସବୁ ପାଇଁ ଅନେକ ସମୟ ଅଛି, ବର୍ତ୍ତମାନ କେବଳ ଆହ୍ୱାନ ପଢ଼ନ୍ତୁ ଓ ପଢ଼ାନ୍ତୁ ।

ନବବର୍ଷ ପାଇଁ ଅଭିନନ୍ଦନ ଜଣାଇ ଆପଣଙ୍କୁ ଭେଟି ଦେଉଛି, ଆହ୍ୱାନର ଚଳିତ ବର୍ଷର ଶେଷ ସଂସ୍କରଣ ।

ଧନ୍ୟବାଦ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା-ସମ୍ପାଦକ, ଆହ୍ୱାନ ଇ-ପତ୍ରିକା

**ହ୍ୱାଟ୍ସଆପ୍ ଦ୍ୱାରା ଲେଖା ପଠାନ୍ତୁ ନାହିଁ । ଲେଖା କେବଳ ଇମେଲ୍ ଦ୍ୱାରା ହିଁ ସ୍ୱୀକାର କରାଯିବ । କେବଳ ଗୋଟିଏ ଲେଖା ସମେତ ନିଜର ଗୋଟିଏ ଛବି ଏବଂ ଠିକଣା ଲେଖି ପଠାନ୍ତୁ ।**

Download Magazine from www.aahwaan.com

# ଆନନ୍ଦ ମଠ



ଦୀପକ କୁମାର ଷଡ଼ଙ୍ଗୀ

ମୂଳ ବଙ୍ଗଳା : ବଙ୍କିମ ଚନ୍ଦ୍ର ଚଟୋପାଧ୍ୟାୟ

ଓଡିଆ ଭାଷାନ୍ତରଣ : ଦୀପକ ଷଡଙ୍ଗୀ

ଭାଗ - ୬ (ଅନ୍ତିମ ଭାଗ)

ଆଉ ସେହି ଶବ୍ଦଥିଲା କ୍ୟାପଟେନ୍ ଟମାସ୍ ର ଇଂରେଜ ସୈନ୍ୟମାନଙ୍କର ଯେଉଁମାନେ କି ଆନନ୍ଦ ମଠରେ ଥିବା ସନ୍ତାନ ମାନଙ୍କୁ ଚାରିପଟରୁ ଘେରି ଆକ୍ରମଣ କରିବା ପାଇଁ ପ୍ରସ୍ତୁତ ହୋଇ ରହିଥିଲେ । ସତ୍ୟାନନ୍ଦ ସଙ୍ଗେସଙ୍ଗେ ଜୀବାନନ୍ଦଙ୍କୁ ଆଦେଶ ଦେଲେ, "ମୋତେ ଦେଖି କି କୁହ କେତେ ଇଂରେଜ ସୈନ୍ୟ ଅଛନ୍ତି ?" ଜୀବାନନ୍ଦ ତତକ୍ଷଣାତ୍ ମଠର ଉପରି ଭାଗକୁ ଯାଇ ଦେଖିକି କହିଲେ, "ସେମାନେ ପ୍ରାୟ ଏକ ହଜାରରୁ ଉର୍ଦ୍ଧ୍ୱ ଅଛନ୍ତି ଓ ସମସ୍ତେ ଅସ୍ତ୍ରଶସ୍ତ୍ରରେ ସଜିତ ହୋଇ କି ଅଛନ୍ତି ଆମେ ଏବେ କଣ କରିବା ସ୍ୱାମୀ ?" ସତ୍ୟାନନ୍ଦ ସ୍ୱାମୀ ସମସ୍ତଙ୍କୁ ଆହ୍ୱାନ ଦେଇ କହିଲେ, "ଆଜିର ଏଇ ଯୁଦ୍ଧ ପାଇଁ ଜୀବାନନ୍ଦ ତୁମର ସେନାପତି ଆମେ ଏଠି ଯେତେ ସନ୍ତାନ ଅଛୁ ଆମ ସମସ୍ତଙ୍କର ଗୋଟିଏ ଲକ୍ଷ୍ୟ ଶତ୍ରୁକୁ ସମୂଳେ ବିନାଶ କରିବା ଏବେ ସମସ୍ତେ ମୋ ସାଙ୍ଗରେ ଏକ ସଙ୍ଗେ କୁହ "ବନ୍ଦେ ମାତରମ୍" । ବନ୍ଦେ ମାତରମ୍ ଧ୍ୱନିରେ ସାରା ଜଙ୍ଗଲ ପ୍ରକମ୍ପିତ ହୋଇ ଉଠିଲା । ସନ୍ତାନମାନେ ସମସ୍ତେ ନିଜ ନିଜ ଖଣ୍ଡା, ବର୍ଚ୍ଛା ତରବାରୀ ଧରି ଇଂରେଜ ସୈନ୍ୟମାନଙ୍କୁ ପ୍ରତିହତ କରିବା ପାଇଁ ପ୍ରସ୍ତୁତ ହୋଇ ରହିଲେ ।

ଜୀବାନନ୍ଦ ଭବାନନ୍ଦଙ୍କୁ କହିଲେ ଆମେ ଯଦି ତାଙ୍କ ସହ ମୁହଁ ମୁହିଁ ଯୁଦ୍ଧ କରିବା ଆମେ

Download Magazine from www.aahwaan.com

ସମସ୍ତେ ଅକାରଣରେ ମୃତ୍ୟୁ ମୁଖରେ ପଡିବା ଯାହାର ମୂଲ୍ୟ କିଛି ରହିବ ନାହିଁ । ତେଣୁ ଆମେ ନିଜର ବୁଦ୍ଧି ଖଟାଇ ତାଙ୍କ ସହ ଯୁଦ୍ଧ କରିବା ଉଚିତ ହେବ । ଆମେ ସନ୍ତାନ ମାନଙ୍କୁ ଦୁଇ ଭାଗରେ ବିଭକ୍ତ କରିଦେବା । ଜୀବାନନ୍ଦ ପୁଣି କହିଲେ ଆପଣ କିଛି ସନ୍ତାନ ମାନଙ୍କୁ ଧରି ସେମାନଙ୍କ ଠାରୁ ତୋପ ଓ ବନ୍ଧୁକ ହାସଲ କରିବାକୁ ଚେଷ୍ଟା କରନ୍ତୁ; ମୁଁ ଆଉ କିଛି ସନ୍ତାନ ମାନଙ୍କୁ ନେଇ ନଦୀ ପୋଲ ଦେଇ ସେମାନଙ୍କୁ ପଛରୁ ଆକ୍ରମଣ କରିବାକୁ ଚେଷ୍ଟା କରୁଛି । ଏହି କଥା କହି ଜୀବାନନ୍ଦ କିଛି ସନ୍ତାନ ମାନଙ୍କୁ ଧରି ଚାଲିଗଲେ । କ୍ୟାପଟେନ୍ ଟମାସ୍ କିଛି ସନ୍ତାନ ମାନଙ୍କ ପଳାୟନକୁ ଦେଖି ତାର ସୈନ୍ୟମାନଙ୍କୁ ଆଦେଶ ଦେଲା ସେମାନଙ୍କୁ ନିପାତ କର ବୋଲି । ତା'ର ଆଦେଶ ଶୁଣି ଅଧା ସୈନ୍ୟ ସେମାନଙ୍କ ପଛରେ ଗୋଡେଇଲେ । ଏହାର ସୁଯୋଗ ନେଇ ଭବାନନ୍ଦ ଓ ତାଙ୍କର ଦଳ କ୍ୟାପଟେନ୍ ଟମାସ୍ ଉପରେ ପ୍ରଚଣ୍ଡ ଆକ୍ରମଣ କରି ଦେଲେ । ଫଳରେ କ୍ୟାପଟେନ୍ ଟମାସ୍ ଭବାନନ୍ଦଙ୍କ ହାତରେ ଧରା ପଡିଲା କ୍ୟାପଟେନ୍ ଟମାସ୍ ଭବାନନ୍ଦଙ୍କୁ ମୁହାଁମୁହିଁ ଯୁଦ୍ଧ କରିବାକୁ କରିବାକୁ ଆହ୍ୱାନ ଦେଲା ଓ କହିଲା "ତୁ ଯଦି ପ୍ରକୃତରେ ବୀର ତେବେ ମୋ ସହ ଖଣ୍ଡା ଯୁଦ୍ଧ କର" । ଏବେ ଦୁଇ ଜଣଙ୍କ ହାତରେ ଖଣ୍ଡା ଥିଲା । ଯୁଦ୍ଧ ବହୁତ ସମୟ ଧରି ଚାଲିଲା ଶେଷରେ କ୍ୟାପଟେନ୍ ଟମାସ୍ ର ଡାହାଣ ହାତକୁ ଭବାନନ୍ଦ ଖଣ୍ଡାରେ କାଟି ଉଡେଇ ଦେଲେ । କ୍ୟାପଟେନ୍ ଟମାସ୍ ଗଛ ପଡିଲା ପରି ତଳେ ଲୋଟି ପଡିଲା । ଭବାନନ୍ଦ ଭାବିଲେ ସେ ବୋଧେ ମରିଗଲା ଭାବି ଚାଲି ଯିବାକୁ ଉଦ୍ୟତ ହୁଅନ୍ତେ କ୍ୟାପଟେନ୍ ଟମାସ୍ ଭବାନନ୍ଦଙ୍କୁ ପଛରୁ ଖଣ୍ଡାରେ ତାଙ୍କ ପିଠିକୁ ଜୋରରେ ଭୁଶି ଦେଲା ଯାହା ଫଳରେ ଖଣ୍ଡା ପିଠି ବାଟେ ଫୁଟି ପେଟ ବାଟେ ବାହାରିଗଲା । କିନ୍ତୁ ଭବାନନ୍ଦ ଅପୂର୍ବ ବୀରତ୍ୱର ପ୍ରଦର୍ଶନ କରି ସେଇ ଖଣ୍ଡାକୁ ବାହାର କରି କ୍ୟାପଟେନ୍ ଟମାସ୍ ର ମୁଣ୍ଡକୁ ଗଣ୍ଡିରୁ ଅଲଗା କରି ଦେଲେ ତା'ପରେ

 Download Magazine from www.aahwaan.com

ଦୁହେଁ ସେଇଠି ହିଁ ଟଳି ପଡିଲେ ।

ସେପଟେ ଜୀବାନନ୍ଦ ନଦୀ ପୋଲକୁ ପାର ହେବାକୁ ଯାଉଥିବା ବେଳେ ଦେଖିଲେ ଅପର ପାର୍ଶ୍ୱରୁ ମହେନ୍ଦ୍ର ଓ ତାଙ୍କ ସନ୍ତାନ ସେନା ଗୁଳିଗୋଳା ଓ ତୋପ ଧରି ମାଡ଼ି ଆସୁଛନ୍ତି । ଏହା ଦେଖି ଜୀବାନନ୍ଦ ଆଉ ଆଗକୁ ନ ଯାଇ ମହେନ୍ଦ୍ର ସହ ମିଶି ଇଂରେଜ ସୈନ୍ୟମାନଙ୍କୁ ପ୍ରଚଣ୍ଡ ଆକ୍ରମଣ କଲେ । କ୍ୟାପଟେନ୍ ଟମାସ୍ ର ମୃତ୍ୟୁରେ ଦିଶାହୀନ ହୋଇ ପଡ଼ିଥିବା ଇଂରେଜ ସୈନ୍ୟମାନେ ମହେନ୍ଦ୍ର ଓ ଜୀବାନନ୍ଦଙ୍କ ଆକ୍ରମଣରେ ସବୁ ଭୂପତିତ ହୋଇ ଲୋଟି ପଡ଼ିଲେ । ଘମାଘୋଟ ଯୁଦ୍ଧ ପରେ ଜୀବାନନ୍ଦ ଘୋଷଣା କଲେ ଯେ ସନ୍ତାନ ମାନେ ଇଂରେଜମାନଙ୍କ ଉପରେ ବିଜୟ ଲାଭ କରିଛନ୍ତି ।

ସେପଟେ ସ୍ୱାମୀ ସତ୍ୟାନନ୍ଦ ଭବାନନ୍ଦଙ୍କ ମର ଶରୀରକୁ ନେଇ ଆନନ୍ଦ ମଠରେ ଏକ ଶୋକ ସଭାର ଆୟୋଜନ କଲେ ଓ ପରେ ତାଙ୍କ ମର ଶରୀରକୁ ସସମ୍ମାନେ ଚିତାଗ୍ନି ଦିଆଗଲା ।

କିଛି ଦିନପରେ ମହର୍ଷି ସତ୍ୟାନନ୍ଦ ସମସ୍ତଙ୍କୁ ଡାକି ଏକତ୍ର କରି କହିଲେ, "ଏବେ ଆମର ସନ୍ତାନ ଧର୍ମ ଆମେ ରକ୍ଷା କରିଛେ । ମହେନ୍ଦ୍ର ମଧ୍ୟ ତାର ପତ୍ନୀ ଓ କନ୍ୟାକୁ ତ୍ୟାଗ କରି ସନ୍ତାନ ଧର୍ମକୁ ସୁଚାରୁ ରୂପେ ପାଳନ କରିଛି । ତେଣୁ ମୁଁ ତା ଉପରେ ଖୁସି ହୋଇ ତାକୁ ତା'ର ଉପଯୁକ୍ତ ପ୍ରାପ୍ୟ ଦେବି ।" ସତ୍ୟାନନ୍ଦ ମହେନ୍ଦ୍ରକୁ ପାଖକୁ ଡାକି କହିଲେ, "ମହେନ୍ଦ୍ର ତୁମ ପାଇଁ ଏକ ଉପହାର ସେହି ଘର ଭିତରେ ଅଛି ଯାଅ ।" ସତ୍ୟାନନ୍ଦ ଅଙ୍ଗୁଳି ନିର୍ଦ୍ଦେଶ କରି ମହେନ୍ଦ୍ରକୁ ଘର ଭିତରକୁ ଯିବା ପାଇଁ କହିଲେ । ମହେନ୍ଦ୍ର ଘର ଖୋଲି ଦେଖନ୍ତି ତ ପତ୍ନୀ କଲ୍ୟାଣୀ ଓ ତାଙ୍କ ଛୋଟ ଝିଅ । ମହେନ୍ଦ୍ରଙ୍କର ଖୁସିର ଆଉ ସୀମା ରହିଲା ନାହିଁ । ପତି ପତ୍ନୀଙ୍କ ମିଳନରେ ଆନନ୍ଦ ମଠରେ ଖୁସିର ଲହରୀ ଖେଳିଗଲା ଓ ସମସ୍ତେ ଆନନ୍ଦରେ କହି

 Download Magazine from www.aahwaan.com

ଉଠିଲେ "ବନ୍ଦେ ମାତରମ୍" । ମହର୍ଷି ସତ୍ୟାନନ୍ଦ ଶାନ୍ତି ଓ ଜୀବାନନ୍ଦକୁ ଡାକି ସେମାନଙ୍କର ମଧ୍ୟ ମିଳନ କରାଇ ଦେଲେ । ତା'ପରେ ସତ୍ୟାନନ୍ଦ ସମସ୍ତଙ୍କୁ ସମ୍ବୋଧନ କରି କହିଲେ "କ୍ୟାପଟେନ୍ ଟମାସ୍ ଓ ତା'ର ସେନାର ସଂହାରର ଅର୍ଥ ନୁହେଁ ଯେ ପୁରା ଇଂରେଜ ଶାସନ ଦେଶରୁ ହଟିଗଲା ବୋଲି । ଏହା ତ ଆରମ୍ଭ ମାତ୍ର । ଏବେ ମଧ୍ୟ କଲିକତାରେ ଇଂରେଜ ମାନେ ସଭା କରି ଆମ ବିରୁଦ୍ଧରେ "ଯୁଦ୍ଧଂ ଦେହି" ଡକରା ଦେଇ ସାରିବେଣି । ତେଣୁ ଆସ ଆମେ ସମସ୍ତେ ଶପଥ ନେବା ଯେ ପର୍ଯ୍ୟନ୍ତ ଆମେ ଆମ ମାତୃଭୂମିକୁ ଇଂରେଜ ଓ ମୋଗଲମାନଙ୍କ କବଳରୁ ମୁକ୍ତ ନ କରିଛେ ଓ ସାରା ଭାରତ ବର୍ଷରେ ସନାତନ ଧର୍ମ ସ୍ଥାପିତ ନ ହୋଇଛି ସେ ପର୍ଯ୍ୟନ୍ତ ଏ ସନ୍ୟାସୀ ଆନ୍ଦୋଳନ ସେମିତି ଚାଲୁ ରହିବ । ଏବେ ସମସ୍ତେ ମୁକ୍ତକଣ୍ଠରେ ମୋ ସହ କୁହ "ଭରତ ମାତା କି ଜୟ" ।

ତା'ପରେ ଆନନ୍ଦ ମଠରେ ଗୁଞ୍ଜି ଉଠିଲା ମାତୃବନ୍ଦନା;

ବନ୍ଦେ ମାତରମ୍ ! ସୁଜଳାମ ସୁଫଳାମ ମଳୟଜ ଶୀତଳାମ୍

ଶସ୍ୟ ଶ୍ୟାମଳା ମାତରମ୍

ଶୁଭ୍ର ଜୋଛନା ପୁଲକିତ ଯାମିନି

ଫୁଲ୍ଲ କୁସୁମିତ ଦ୍ରୁମଦଳ ଶୋଭିନି

ସୁହାସିନୀ ସୁମଧୁର ଭାସିନି

ସୁଖଦାଂ ବରଦାଂ ମାତରମ ... ବନ୍ଦେ ମାତରମ୍

ଅଧ୍ୟାପକ,ରୋଲାଣ୍ଡ ଫାର୍ମାସୀ କଲେଜ

ଖୋଡାସିଂଗି, ବ୍ରହ୍ମପୁର – ୧୦

Download Magazine from www.aahwaan.com

# ମୁକ୍ତାର ସନ୍ଧାନ



ମନୋରଞ୍ଜନ ମୁଦୁଲି

ସୁନେଲି ସକାଳ କିରଣରେ ଅଶାନ୍ତ ବେଳାଭୂମିର ଶିକ୍ତ ବାଲୁକାରୁ ଖୋଜୁଥିଲା ଶାମୁକା, ଭଙ୍ଗା ଟୁକୁଡା ରଙ୍ଗୀନ ଗୋଡ଼ି ପଥର ସାଉଁଟି, ବାଲି ଉପରେ କେତେ ବାଲିଘର... ଅଶାନ୍ତ ବାଦୁଆ ଢେଉ ବେଳେ ବେଳେ ମାଡ଼ି ଆସେ ଆମ ସାଥେ ଖେଳିବାକୁ । ଚାହିଁ ରହିଥାଏ ନେଉଳିଆମାନେ ଡ଼ଙ୍ଗା ଜାଲ ନେଇ ଚାଲିଯାଆନ୍ତି ନୀଳ ଲହରୀ ଡେଇଁ ଡେଇଁ ସୁନେଲି କିରଣ ଆଢୁଆଳରେ ଅଦୃଶ୍ୟ ହେବାଯାଏ । ନିଇତି ଫେରି ଆସୁଥିବା ଡ଼ଙ୍ଗା ଭଳି ସେ ଆସୁଥିଲା ମୋ ସଙ୍ଗେ ଗୋଧୂଳି ବେଳକୁ ସେଇ ସକାଳର ବାଲିଘର ଦେଖିବାକୁ । ଦୁହେଁ ଖୁସିରେ ନାଚୁଥିଲୁ ଅଭଙ୍ଗା ବାଲି ଘରଟିକୁ ଦେଖି । ଯେଉଁଦିନ ବାଲୁକାର ସେଇଘର ଭାଙ୍ଗିଯାଇ ଥାଏ... ସେ ପଚାରୁଥିଲା... ଏଇ ସମୁଦ୍ରର ଲହରୀ ଭାଙ୍ଗି ଦେଇଛି ନା ଆମ ଘର ! ଆଉ ମୁଁ ସାହସ ଦେଇ କହୁଥିଲି.... ଆଉଥରେ ତିଆରି ଦେବାନା । ସଙ୍ଗେ ସଙ୍ଗେ ପୁଣି ଆରମ୍ଭ କରୁଥିଲେ ନୂଆ ଏକ ବଲିଘର । ହଠାତ ସୁନାମୀର ପ୍ରଳୟ ତାଣ୍ଡବ... ଆଉ ସବୁଦିନ ସକାଳ ପରି ସେ ସୁନେଲି ବେଳାଭୂମିକୁ ଯିବାର ସୁଯୋଗ ନଥିଲା । ପ୍ରକୃତିର ତାଣ୍ଡବରେ ଆମର ସେ ବାଲିଘର ସବୁଦିନ ପାଇଁ ମିଶିଯାଇଥିଲା ସମୁଦ୍ରରେ ।

ଅନେକଥର ଆମ ବାଲିଘରେ ଝଡ଼ ଆସି ଥିଲା ସେ କହୁଥିଲା.... ମୁଁ ଆଗ ଶାମୁକାରେ ସଜେଇବି । ମୁଁ କହୁଥିଲି ନା ମୁଁ ରଙ୍ଗୀନ ପଥରରେ ସଜେଇବି । ମୁହଁକୁ ତଳକୁ କରି ଓଠତଳେ ହାତଦେଇ ବସୁଥିଲା, ମୁଁ କହୁଥିଲି ଠିକ୍‌ଅଛି... ତୁ ଶାମୁକାରେ ଆଜି ସଜା କାଲି ମୁଁ କିନ୍ତୁ ରଙ୍ଗୀନ ପଥର ଆଗ ସଜେଇବି । ବିଧିର ବିଧାନ କିନ୍ତୁ ଅଲଗା ଥିଲା ଆଉ ମୋତେ

 Download Magazine from www.aahwaan.com

ବାଲିରେ ଘର ତିଆରିର ସୁଯୋଗ ମିଳିନଥିଲା ।

ସୁଦୂର ସାଇବେରିଆରୁ ଆଗତ ମରାଳ ପରି ସିଏ ଚାଲିଗଲା । ଧୀରେ ଧୀରେ ପ୍ରକୃତିରେ ପରିବର୍ତ୍ତନ ଆସିଲା... ବହୁତ ଦିନ ଅତିକ୍ରାନ୍ତ ହେଲେ ମଧ୍ୟ ବାଲିଘର ସଜାଇବା ସ୍ୱପ୍ନଟା ସ୍ମୃତି ପଟରେ କାହିଁକି କେଜାଣି ଆସିଥାଏ । ବେଳେ ବେଳେ ପାଦ ଦୁଇଟା ଅମାନିଆ ହୋଇ ବେଳାଭୂମି ଆଡ଼କୁ ଟାଣି ନିଏ । ନିରବରେ ସେ ନୀଳ ସାଗର ଆଡ଼କୁ ଚାହେଁ, ମୋ ପଛରେ ସୁନାରଙ୍ଗର ଆକାଶଟା ଧୀରେ ଧୀରେ କଳାହୋଇ ଆସୁଥାଏ । ମୋ ସ୍ମୃତି ପୁସ୍ତକର ପୃଷ୍ଠା ଗୁଡ଼ିକ ପବନରେ ପଛକୁ ପଛକୁ ଲେଉଟି ଚାଲୁଥିଲା । ଚାହୁଁଥିଲି ପାଖରେ ସେ ଝାଉଁବଣ ଆଡ଼କୁ । ଆମର ସେ ପୁରୁଣା ବାଲିଘରଟା ପ୍ରାୟ ଦୁଇଶହ ଫୁଟ ସମୁଦ୍ର ଭିତରେ ଚାଲି ଯାଇଛି । ଏମିତି ଭାବିଲା ଭିତରେ ସବୁ ପୃଷ୍ଠା ସରିଛି । ପୁଣି ଫେରିବାକୁ ବାଧ୍ୟହୁଏ ।

ହଠାତ ଦିନେ ଅଦିନିଆ ମେଘଭଳି ବେଳାଭୂମି ମେରାଇନ୍ ଡ୍ରାଇଭର ରାସ୍ତାରେ ଦୁଇ ଜଣ ହସି ହସି ସାଙ୍ଗ ହୋଇ ବେଳା ଭୂଇଁ ଆଡ଼କୁ ମାଡ଼ି ଚାଲିଛନ୍ତି । ଅତି ପାଖରୁ ଦୁଇ ପାଦ ମୋର ଶିଥିଳ ହେଇଗଲା ଏକ ଜୀବନ୍ତ ଦେବୀ ପ୍ରତୀକ୍ଷାରେ । ଚିହ୍ନିବାର ମୋର କିଛି ବି ସୂତ୍ର ନଥିଲା । ସେ କିନ୍ତୁ ଚକିତ ଭଙ୍ଗିରେ ପଚାରିଲା ଏକ୍ସକିଉଜ୍ ମି... ଆର ୟୁ ସାଗର ମିଶ୍ର... ? ମୁଁ ହଠାତ ଜଣେ ମହିଳା କଣ୍ଠରୁ ସାଗର ନା ଶୁଣି ଟିକିଏ ବିଚଳିତ ହୋଇ ପଚାରିଲି .... ୟୁ.. ମିନ... ଶାମୁକା ଦାସ.... । ହଁ ... ମୁଁ ଶାମୁକା । ଆଉ ଇଏ ପବିତ୍ର ମାଇଁ ହଜ୍‌ବ୍ୟାଣ୍ଡ.. !

ମୋ ଆଖି ଆଗରେ ଏକ ଅର୍ଦ୍ଧ ଉନ୍ମୋଚିତ ଶୁଭ୍ର ଶାମୁକା ଭିତରେ ମୁକ୍ତାଟିଏ ଥିଲାଭଳି ମନେ ହେଉଥିଲା । ସୂର୍ଯ୍ୟଙ୍କର ସୁନେଲି କିରଣରେ ଶୋଭା ଆହୁରି ଦ୍ୱିଗୁଣିତ ହୋଇ ଉଠିଥିଲା । ଦୁଇଜଣ ହାତ ଯୋଡ଼କରି ସମ୍ଭାଷଣ କଲେ... ପ୍ରତିନମସ୍କାର ମଧ୍ୟ ମୁଁ କଲି... । ସେ ଦୁଇଜଣ ସହ ପାଦରେ ପାଦ ମିଳେଇ ଚାଲିବାକୁ ପଡ଼ିଲା । କିଛି ସମୟ ପରେ

Download Magazine from www.aahwaan.com

ବେଳାଭୂମିରେ ସିମେଣ୍ଟ ବେଞ୍ଚରେ ଆମେ ତିନିଜଣ ବସିଲୁ । ହସ ଖୁସି ଭିତରେ ଆଳାପ ଅତୀତ ପୃଷ୍ଠା ଓ ବର୍ତ୍ତମାନର ସ୍ଥିତ ବିଶ୍ଳେଷଣ ଚାଲିଥିଲା । ମୋ ମନଭିତରେ ଏକ ଅପୂର୍ବ ଆନନ୍ଦ ଅନୁଭବ କରୁଥିଲି । ସତେ ଯେମିତି ସମୁଦ୍ରର ଅତଳ ଗର୍ଭରେ ମୁଁ ସୁନାମୀ ପୂର୍ବର ବାଲିଘରଟିକୁ ଖୋଜୁଛି । ମୋ ଚାରିପଟେ ସ୍ଥିର ହୋଇ ଯାଉଛି ସମୁଦ୍ରଟା । ଖୋଜିବାର ନିଶାଟି ଆହୁରି ଦୃତରୁ ଦୃତତର ହୋଇ ଉଠୁଥିଲା । ଏଇ ବର୍ତ୍ତା ଆଳାପ ଭିତରେ ଦୁଇ ଘଣ୍ଟା ଅତିକ୍ରାନ୍ତ ହୋଇ ସାରିଲାଣି ଆକାଶରେ ତାରାଫୁଲର ଗହଳି ଭିତରେ ଚାନ୍ଦଟା ଖୁବ ତେଜ୍ ଦିଶୁଥିଲା । ମୋତେ ଲିଗୁଥିଲା ଅତୀତ ଦିନର ବର୍ଷ ମାସ ଦିନ ଘଣ୍ଟା ସବୁ ଯାକ ଯେମିତି ଏକାକାର ହୋଇ ଯାଇଛି । ବେଳାଭୂମିର ରସ୍ତା ପ୍ରତିଟି ଆଲୋକ ଗୋଟିଏ ଗୋଟିଏ ଉଜ୍ୱଳ ନକ୍ଷତ୍ର ପରି ଲାଗୁଥିଲା ମୋତେ । ରାତି ଆଠଟା ହୋଇସାରିଥିଲା ଶାମୁକା ପବିତ୍ରକୁ କିଛି ଇଶାରା କରିବା ଆଗରୁ ପବିତ୍ର ମୋତେ ରାତ୍ରୀରେ ଭୋଜନ ପାଇଁ ହୋଟେଲ ସି-ରକ୍ କୁ ନିମନ୍ତ୍ରଣ  କରିଲେ । ମୋର ବାରଣ ସତ୍ତ୍ୱେ ଦୁହେଁ ମୋ ହାତ ଧରିନେଇ ଏକସଙ୍ଗେ ଯିବା ପାଇଁ ଅନୁରୋଧ କରିଥିଲେ । ତିନି ଜଣ ଆସି ହୋଟେଲ ସି-ରକ୍ ରେ ପହଞ୍ଚିଲୁ । ଗେଟ୍ ପାଖରେ ପହଞ୍ଚିବା ମାତ୍ରେ ଦୁଇ ଜଣ ସିକ୍ୟୁରିଟ୍ ଗାର୍ଡ ସାଲ୍ୟୁଟ କଲେ । ପଞ୍ଚତାରକା ହୋଟେଲ, ମୋର ପୋଷାକ ଯଦିଓ ଖରାପ ନଥିଲା କିନ୍ତୁ ପଞ୍ଚତାରକା ହୋଟେଲ ସହ ଖାପ୍ ଖାଉନଥିଲା । ଏକ ସୁସଜ୍ଜିତ ବିରାଟ କୋଠରୀରେ ନିଆରା ସାଜ୍ସଜ୍ଜା । ମନେ ମନେ ଭାବୁଥିଲି ପବିତ୍ର ଆଉ ଶାମୁକା ନୂଆ ବାହାହୋଇ ହନୀମୁନ୍ ପାଇଁ ହୁଏତ ଏଇ ହୋଟେଲ ସି-ରକ୍ ବୁକ୍ କରିଛନ୍ତି । କୋଠରୀରେ ବସି ଆଳାପ କରିବା ଭିତରେ ଶାମୁକା କହିଲା ଆଜି ଆମର ବିବାହ ପ୍ରଥମ ବାର୍ଷିକ । ଏଇ ହୋଟେଲ ପବିତ୍ର ଗତ ମାସ ଉନ୍ମୋଚନ କରିଥିଲେ । ମୋ ଦେହ ଅସୁସ୍ଥ ଥିଲା । ଏଣୁ ମୁଁ ଆସିପାରି ନଥିଲି, ଗତ ଦୁଇ ଦିନ ଆଗରୁ ଆମେ ଏଠାରେ

 Download Magazine from www.aahwaan.com

ପଢ଼ୁଛିଥିଲୁ ।

ତା'ପରେ ପବିତ୍ର କହିଲା... ମିଷ୍ଟର ସାଗର, ତୁମର ଯଦି କିଛି ଆପତ୍ତି ନଥାଏ ତେବେ ମୁଁ ଏଇ ହୋଟେଲ ସି-ରକ୍ ର ଦାୟିତ୍ୱ ଦେବାକୁ ଚାହେଁ । ହଠାତ ଏତିକି ଶୁଣିବା ପରେ ମୋ ହୃଦୟ ଭିତରେ ଆଉ ଏକ ସୁନାମୀର କମ୍ପନ ଅନୁଭବ ହୋଇଥିଲା । ମୁଁ କହିଲି... ପବିତ୍ର ବାବୁ..... ଦାୟିତ୍ୱ ମାନେ..? ତୁମେ କାଲିଠାରୁ ଏ ସି-ରକ୍ ହୋଟେଲର ମ୍ୟାନେଜର । ମୁଁ ଶାମୁକା ଠାରୁ ସବୁ ତୁମ ପିଲାଦିନର ବାସ୍ତବ କାହାଣୀ ଶୁଣିଥିଲି, ହେଲେ ମୁଁ ତୁମର ଏଇ କେଇଘଣ୍ଟା ଆଳାପ ଭିତରେ ମୁଁ ଶାମୁକା ଭିତରୁ ହଜି ଯାଇଥିବା ମୁକ୍ତାଟି ଖୋଜି ପାଇଛି ।

ତୁମସହ ଏଇ ଅଚାନକ ଭେଟ ହେବାଟା ନିଶ୍ଚୟ ଭଗବାନଙ୍କର ଇଚ୍ଛା ହୋଇପାରେ ।

ମୁଁ କହିଲି... ହେଲେ ମୁଁ ଜଣେ କବି.. ଆପଣ ବିନା ଇଣ୍ଟରଭ୍ୟୁରେ ମୋତେ ଏଭଳି ଏକ ହୋଟେଲର ଦାୟିତ୍ୱ ଦେବାକୁ କେମିତି ନିଷ୍ପତ୍ତି ନେଲେ । ଶାମୁକା ସବୁ ଏକ ନୀରବଦ୍ରଷ୍ଟା ପରି ଶୁଣିଚାଲିଥାଏ । କିଛି କ୍ଷଣ ପରେ ଶାମୁକା ମୁହଁ ଖୋଲି କହିବାକୁ ବାଧ୍ୟ ହେଲା । ସେ ପବିତ୍ରକୁ ସ୍ପଷ୍ଟଭାବରେ କହିଲା ଦେଖ ସାଗର ମୋର ବାଲ୍ୟବନ୍ଧୁ ଆଉ ତୁମେ ମୋର ଜୀବନ ସାଥୀ, ଏଇ ଦୁଇ ସମ୍ପର୍କରେ ମୋର ଯେମିତି କିଛି ବିଭ୍ରାନ୍ତି ନ ଆସେ । ପବିତ୍ର କହିଲେ ସାଗର ତୁମେ ଆସନ୍ତା କାଲି ଆସ ତୁମର ଅଫିସର ବ୍ୟବସ୍ଥା କରିବା । ରାତ୍ରୀଭୋଜନ ଶେଷ ହେଲା ପରେ ପବିତ୍ର ନିଜର ଗାଡ଼ିରେ ମୋ ବାପାଙ୍କ ସରକାରୀ ଘର ପାଖରେ ଛାଡି ଶୁଭରାତ୍ରୀ ଉଭୟ ଉଭୟଙ୍କୁ ଜଣାଇ ବିଦାହେଲୁ ।

ଶାମୁକା ଚାହିଁ ବସିଥିଲା ହୋଟେଲର ସେ ସଜ୍ଜିତ କୋଠରୀ ଭିତରେ ପବିତ୍ର ଅପେକ୍ଷାରେ । ଭାଗ୍ୟର ବିଡ଼ମ୍ବନା, ପୁଣି ଥରେ ତାକୁ ଆଉ ଏକ ସୁନାମୀର ସାମନା କରିବାକୁ ପଡ଼ିଲା । ପବିତ୍ର ଫେରିବା ବେଳେ ହୋଟେଲରୁ ମାତ୍ର ଦୁଇଶହ ମିଟର ଦୂରରେ ନିଜର

Download Magazine from www.aahwaan.com

ଗାଡ଼ିରେ ଟର୍ନ ନେଇ ହୋଟେଲ ଆଡ଼କୁ ଆସିଲା ସମୟରେ ରାତି ଏଗାରଟା ବେଳେ ବିପରୀତ ପାଖରୁ ଏକ ଦୃତଗତିରେ ଆସୁଥିବା ଟ୍ରକ ସଙ୍ଗେ ଧକ୍କା ହୋଇ ଗାଡ଼ିରୁ ଛିଟିକି ପଡ଼ିଲେ ପବିତ୍ର ଅନ୍ଧାରରେ ଏକ ଲୁହା ବିଜୁଳି ଖୁଣ୍ଟରେ ମୁଣ୍ଡଟା ବାଜି ରକ୍ତାକ୍ତ ଅବସ୍ଥାରେ ତାଙ୍କୁ ଡ଼ାକ୍ତରଖାନାରେ ଆଇ.ସି.ୟୁରେ ରଖାହେଲା ।

ରାତି ଅନେକ ସମୟ ବିଛଣାରେ ପଡ଼ି ବିଗତ କେଇଘଣ୍ଟା ଅତୀତ ଆତିଥ୍ୟ ପୃଷ୍ଠା ଲେଉଟାଉ ଥିଲି । ପବିତ୍ରର ବଦାନ୍ୟତାକୁ ସହଜରେ ଗ୍ରହଣ କରି ପାରୁନଥିଲି । କାଲି ହୋଟେଲ ଯାଇ ଦେଖାକରିବି, କଣ ମୋ ପରି ଜଣେ କଲମ କାଗଜକୁ ନେଇ ପରିଚୟ ଦେଉଥିବା କବି ଏତେ ବଡ଼ ପଞ୍ଚତାରକା ହୋଟେଲର ପରିଚାଳନା ଦାୟିତ୍ୱ ତୁଲାଇ ପାରିବ ତ ? ପବିତ୍ରକୁ କିପରି ଧନ୍ୟବାଦ ଦେଇ ସାମ୍ନା କରିବି । ଏମିତି ଭାବନାର ବୁଢ଼ୀଆଣୀ ସୂତାରେ ଛନ୍ଦି ହୋଇ ଛଟପଟ ହେଉଥିବା ବେଳେ ନିଦ କେତେ ବେଳେ ଆସିଲା ମୁଁ ଜାଣି ପାରିନାହିଁ । ହଠାତ କିଛିକ୍ଷଣ ପରେ ଏକ ଭୟଙ୍କର ସ୍ୱପ୍ନରେ ମୋର ନିଦ ଭାଙ୍ଗିଗଲା । ସମୟ ଭୋର ପାଞ୍ଚଟା । ମୋବାଇଲରେ ସମୟ ଦେଖେତ... ଚାରୋଟି ମିସ୍ କଲ୍ । ଅଜ୍ଞାତ ନମ୍ବର, ମନେ ପଡ଼ିଲା, ଏ ନମ୍ବର ଗତକାଲି ଶାମୁକା ମିସ୍ କଲ ନମ୍ବର । ସେଭ୍ କରାଯାଇନି । ମୁଁ ପୁଣି କଲ୍ କଲି । ଶାମୁକା ଅତି କ୍ଷୀଣ ସ୍ୱରରେ ଉତ୍ତର ଦେଉଥିଲା । ସାଗର ତୁମେ ଶୀଘ୍ର ଉଷା ମେମୋରିଆଲ୍ ହସ୍ପିଟାଲକୁ ଆସ, ପବିତ୍ରର ଦୁର୍ଘଟଣା ହୋଇଛି, ରକ୍ତ ଦରକାର ।

ଫୋନ୍ କଟିଗଲା, ମୁଁ ସଙ୍ଗେ ସଙ୍ଗେ ମୁହଁ ଧୋଇ ବାହାରି ପଡ଼ିଲି ଉଷା ମେମୋରିଆଲ୍ ହସ୍ପିଟାଲ । ମୃତ୍ୟୁ ସଙ୍ଗେ ସଂଗ୍ରାମ କରୁଥିଲା ପବିତ୍ରର ଶରୀର । ତିନିଜଣ ଡ଼ାକ୍ତର ଅକ୍ଲାନ୍ତ ପରିଶ୍ରମ......, ହାରିଯାଇଥିଲା ମୃତ୍ୟୁ ପାଖରେ । ସକାଳ ସାତଟା ଡ଼ାକ୍ତର ତିନିଜଣ ଆଇ.ସି.ୟୁ ଭିତରୁ ତଳକୁ ମୁହଁ କରି ଚାଲି ଆସିଥିଲେ । ଆଉଥରେ ଏମିତି ଏକ ସୁନାମୀ

 Download Magazine from www.aahwaan.com

ଅନ୍ଧାର କାଳ ରାତି ଶାମୁକାର ସବୁ ସ୍ୱପ୍ନକୁ ମୁହୂର୍ତ୍ତକ ମଧ୍ୟରେ ଧୂଳିସାତ୍ କରି ଚାଲିଯିବ କେହିବି କଳ୍ପନା କରିନଥିଲେ । କାହିଁକି ଏମିତି ଅଶୁଭ ମୁହୂର୍ତ୍ତରେ ଆଖିର ଅନ୍ତରାୟରେ ଥିବା ଶାମୁକା ଭାସିଆସିଥିଲା ଏକ ପ୍ରଶାନ୍ତ ଜନ ସମୁଦ୍ରମଧ୍ୟରୁ ବେଳାଭୂମି ଉପରକୁ । ଆଉ ମାତ୍ର କେଇଟା ମୁହୂର୍ତ୍ତର ଆଳାପ ଭିତରେ ବାଲି ଗଡାରେ କ୍ଷତ ସୃଷ୍ଟିକରି ମୁକ୍ତାର କ୍ରିଷ୍ଟାଲ ତିଆରି କରି ଚାଲିଥିଲା ନିଜର ସୂକ୍ଷ୍ମ ତନ୍ତ୍ର ମାଧ୍ୟମରେ । ପବିତ୍ରର ସେ ପବିତ୍ର ଆତ୍ମାଟା ଚାଲିଗଲା ଆଉ ଏକ ଶରୀର ଅନ୍ୱେଷଣରେ ।

ଶାମୁକା ଆଖିରୁ ଲୁହ ସବୁ ସରିଯାଇଥିଲା । ମୋର ଦୁଇ ହାତକୁ ମୁଠେଇ ଧରି ରହିଥିଲା । ତା' ଅନ୍ତର ଆତ୍ମାରୁ ଅସ୍ପଷ୍ଟ ଶବ୍ଦର ପ୍ରତିଧ୍ୱନୀ ଆସୁଥିଲା ପବିତ୍ର ଦେଇଛନ୍ତି ଯେଉଁ ଗୁରୁ ଦାୟିତ୍ୱ ତୁମେ ସାଗର ସମ୍ପାଦନ କରିବତ.... ? ସାଗର ସମ୍ପାଦନ କରିବତ....... ?

Download Magazine from www.aahwaan.com

# ବଦଳ ମନ୍ତ୍ର



ଅଧ୍ୟାପିକା ସୁଲଗ୍ନା ମହାନ୍ତି

ମୂଳ ଇଂରାଜୀ କାହାଣୀ: ଗେରୀ ମେକନଲଟି

ସର ଡାହାଣୀ ଯେତେବେଳେ ବଦଳ ମନ୍ତ୍ରଫୁଙ୍କି ମୋ ସ୍ତ୍ରୀ ରଙ୍ଗବତୀକୁ ଗୋଟେ ଘୋଡ଼ାଛୁଆରେ ବଦଳେଇଦେଲା ସେତେବେଳେ ଆମ ଗାଁ ଲୋକମାନେ ବହୁତ ଦୁଃଖୀ ହେଇଥିଲେ । ସେମାନେ କହୁଥିଲେ ମୋ ପରିବାର ଉପରେ ବହୁତ ବଡ଼ ଅଭିଶାପଟିଏ ପଡ଼ିଛି । କିନ୍ତୁ ସତ କଥା ଏଇଆ ଥିଲା ଯେ ମୋ ଛୁଆମାନେ ବହୁତ ଦିନରୁ ଗୋଟେ ଘୋଡ଼ାଛୁଆ ପାଇଁ ମୋ ପଛରେ ଲାଗିଥିଲେ ଆଉ ଏଇ ଘୋଡ଼ାଛୁଆଟିକୁ ପାଇ ସେମାନେ ବହୁତ ଖୁସି ଥିଲେ । ନିଜର ଖୁସିକୁ ଦେଖେଇବାକୁ ଯାଇ ସେମାନେ ଏବେ ଘରକାମରେ ମତେ ସାହାଯ୍ୟ କରିବା ଆରମ୍ଭ କରିଦେଇଥିଲେ ଆଉ ଘୋଡ଼ାଛୁଆଟିର ଏକଦୁଇ ଇତ୍ୟାଦି ସଫା କରିବାରେ ଜମା ହେଳା କରୁନଥିଲେ ।

ମୁଁ ଏବେ ବି ବୁଝି ପାରୁନଥିଲି ଶେଷପାଳି ହାଟରେ ଗୋଟେ ମୁଠା ନେଳିଚୁଡ଼ି ପାଇଁ ସେ ସର ଡାହାଣୀ ସାଙ୍ଗେ କଜିଆ ଲାଗିବାକୁ ରଙ୍ଗବତୀକୁ କିଏ କହୁଥିଲା ! ରଙ୍ଗବତୀ ପାଖରେ ଏମିତିରେ ବି ଆଗରୁ ଚାରିମୁଠା ନେଳିଚୁଡ଼ି ଥିଲା । ଆଉରି ମୁଠାଏ ଚୁଡ଼ି ନେଇ ସେ ଆଉ ଅଧିକାଟା କଣ କରିଥାନ୍ତା ଯେ ?

ହେଲେ ଏବେ ଆଉ କଣ ହବ ? ଏଇନେ ସେ ଗୋଟେ ଘୋଡ଼ାଛୁଆ ଆଉ ମୋ ପିଲାମାନେ ଏବେ ତା ପିଠିରେ ବସି ବୁଲୁଛନ୍ତି । ମତେ କାଇଁ ଲାଗୁନି ପିଲାମାନେ ରଙ୍ଗବତୀ ସାଙ୍ଗରେ ଆଗରୁ କେବେ ଏତେ ସମୟ ଖେଳିଥିବେ । ରଙ୍ଗବତୀର ସବୁବେଳେ ବହୁତ

 Download Magazine from www.aahwaan.com

ଚିଡ଼ଚିଡ଼ ହଉଥିଲା ଯେ ତାକୁ ମୋ ପାଇଁ ଆଉ ପିଲାଙ୍କ ପାଇଁ ବହୁତ କାମ କରିବାକୁ ପଡୁଛି, ରନ୍ଧାବଢ଼ା କରିବାକୁ ପଡୁଛି । ଲୁଗା ସଫା କରିବାକୁ ପଡୁଛି । ହେଲେ ଏବେ ରଙ୍ଗବତୀକୁ ଏସବୁ କିଛି କରିବାକୁ ପଡୁନଥିଲା । ମୁଁ ଭାବୁଥିଲି ଯେ ରଙ୍ଗବତୀକୁ ନିଶ୍ଚିତ ଲାଗୁଥିବ ଯେ ତା' ମନୋସ୍କାମନା ଏତେ ଦିନରେ ଯାଇ ପୁରା ହେଇଛି ।

ମୋ ସାଙ୍ଗସାଥି ଆଉ ସାଇପଡ଼ିଶା ଲୋକ ମତେ ଆଶ୍ୱାସନା ଦେଉଥିଲେ ଆଉ ଭାବୁଥିଲେ ଯେ ରାତିରେ ଶୋଇଲାବେଳେ ମୁଁ ରଙ୍ଗବତୀକୁ ନିଶ୍ଚୟ ବହୁତ ଖୋଜୁଥିବି । କିନ୍ତୁ ସତକଥା ଏଇଟା ଥିଲା ଯେ ଘୋଡ଼ାଛୁଆରେ ବଦଳିବା ଆଗରୁ ବି ରଙ୍ଗବତୀ ମତେ ଆଉ ତା' ପାଖ ପୁରାଉ ନଥିଲା । ରାତିରେ ମୋ ଉପରେ ସେ ତା ଓଜନିଆ ଗୋଡ଼ ପକାଉଥିଲା ଆଉ ଜୋର ଜୋରରେ ଘୁଙ୍ଗୁଡ଼ି ମାରୁଥିଲା ।

ଶେଷରେ କାଲି ସନ୍ଧ୍ୟାରେ ସର ଡାହାଣୀ ମୋ ଘରକୁ ଆସିଥିଲା । ମୋ ପାଖରେ ବସିପଡ଼ି ସେ କହିଲା, "ମତେ ଏବେ ମୋ ବ୍ୟବହାର ପାଇଁ ବହୁତ ଖରାପ ଲାଗୁଚି । ମୁଁ ରାଗରେ ନିଜ ହିତାହିତ ଜ୍ଞାନ ଭୁଲିଗଲି ଆଉ ରଙ୍ଗବତୀକୁ ଘୋଡ଼ାଛୁଆରେ ବଦଳେଇଦେଲି ।"

ମୁଁ ତା' କଥାଶୁଣି କହିଲି, "ଆରେ ନାଇଁ ନାଇଁ । ତୁମେ ନିଜକୁ କାହିଁକି ଦୋଷ ଦେଉଛ ? ସେଦିନ ହାଟରେ ସେଇଟା ଶେଷମୁଠା ନେଳିଚୁଡ଼ି ଥିଲା ଆଉ ରଙ୍ଗବତୀ ତୁମ ହାତରୁ ସେଇ ଚୁଡ଼ିକୁ ଝିଙ୍କି ନେଇ ଆସିଲା । ଏମିତିରେ ସେ ଆଗରୁ ଚାରିମୁଠି ନେଳିଚୁଡ଼ି ରଖିଛି । ସେଥିପାଇଁ ମୁଁ ଭାବୁଛି ଯାହା ହେଇଛି ସେଇଟା ରଙ୍ଗବତୀର ଲୋଭ ସକାଶେ ହେଇଛି । ଯଦି ରଙ୍ଗବତୀ ଏଇନେ କଥା କହି ପାରୁଥାନ୍ତା ତାହେଲେ ସେ ବି ଏଇ କଥା କହିଥାନ୍ତା ।"

 Download Magazine from www.aahwaan.com

ଏତିକି କହୁକହୁ ମୁଁ ଆଉ ସର ଡାହାଣୀ ଅଗଣାରେ ବନ୍ଧା ହେଇଥିବା ରଙ୍ଗବତୀକୁ ଆଡ଼କୁ ଏକା ସାଙ୍ଗରେ ଚାହିଁଲୁ । ଦେଖିଲୁ ଆମ କଥାଶୁଣି ରଙ୍ଗବତୀ ମୁହଁ ଉପରକୁ ଟେକି ଗଁ ଗଁ ଶବ୍ଦ କରିବା ଆରମ୍ଭ କଲା ଆଉ ତା ସାଙ୍ଗରେ ତା' ଖୁରାକୁ ଟେକି ଡେଇଁବାରେ ଲାଗିଲା ।

ସର କହିଲା, "ମତେ କାହିଁ ଲାଗୁନି ରଙ୍ଗବତୀ ତୁମ କଥାରେ ଏକମତ ।"

ମୁଁ କଥା ନ ବଢ଼େଇ ତରତର ହେଇ କହିଲି, "ନାଇଁ, ରଙ୍ଗବତୀର ସନ୍ଧ୍ୟାର ଖାଇବା ସମୟ ହେଇଗଲାଣି । ସେଇଥିପାଇଁ ସେ ଖୁସିରେ ନାଚୁଛି ।"

ସର ମତେ ପଚାରିଲା, "ଆଚ୍ଛା, ତୁମେ ନିଶ୍ଚୟ ଚାଁହୁଥିବ ଯେ ମୁଁ ରଙ୍ଗବତୀ ଉପରେ ଯୋଉ ବଦଳ ମନ୍ତ୍ର ଫୁଙ୍କିଛି ତାକୁ ଫେରେଇ ନେବି ଆଉ ତାକୁ ଆଉଥରେ ମଣିଷ କରିଦେବି । ନୁହେଁ ? ? ! ! !"

ସରର କଥା ଶୁଣି ମୁଁ ଏକ ଗଭୀର ଚିନ୍ତାରେ ବୁଡ଼ିଗଲି । ବହୁତ ସମୟ ଯାଏଁ କିଛି ନ କହି ଚୁପ ରହିଲି । ତା'ପରେ ସର ଆଡ଼କୁ ଚାହିଁ କହିଲି, "ତୁମେ ଯୋଉଟା ଠିକ ଭାବିଲ ସେଇଟା ଥରେ କରି ଦେଇଛ । ସେଇ ମନ୍ତ୍ରକୁ ପୁଣି ଫେରେଇ ନବାକୁ ତୁମକୁ କହିବାପାଇଁ ମତେ କାଇଁ ଭଲ ଲାଗୁନି । ତେବେ ତମେ ଯଦି ସତରେ କିଛି ବଦଳେଇବାକୁ ଚାଁହୁଛ ତାହେଲେ ତୁମେ ଆମର ସେଇ ପୁରୁଣା ଗୋଦାମଘରକୁ ଯଦି ଗୋଟେ ସୁନ୍ଦର ଘୋଡ଼ାଶାଳରେ ବଦଳେଇ ପାରନ୍ତ ତାହେଲେ ତୁମର ବହୁତ ଉପକାର ହୁଅନ୍ତା । ମତେ ବହୁତ ଖରାପ ଲାଗୁଚି ଯେ ଯେବେଠୁଁ ରଙ୍ଗବତୀ ଘୋଡ଼ାଛୁଆ ହେଇଛି ସେଇଦିନଠୁ ସେ ବାହାର ଅଗଣାରେ ଖରା ବର୍ଷା କାକର ସହୁଛି । ମୁଁ ତାକୁ ଗୋଟେ ଭଲ ଜାଗା ଦେଇପାରିନି ରହିବାକୁ କି ତାକୁ ଘର ଭିତରକୁ ବି ନେଇପାରୁନି ।"

ସର ଡାହାଣୀ ମତେ ଚାହିଁ ଦୟା କଲାଭଳି ହସିଲା ଆଉ ମୋ କଥାରେ ମୁଣ୍ଡ

Download Magazine from www.aahwaan.com

ଟୁଙ୍ଗାରିଲା । ତାପରେ ସେ ନିଜ ଆଖି ବନ୍ଦକରି କୋଉ ଗୋଟେ ଭାଷାରେ ଯ୍ୟାତୁସ୍ୟାତୁ ମନ୍ତ୍ର ପଢ଼ିଲା । ତା'ପରେ ପବନରୁ କିଛି ଗୋଟେ ଶୂନ୍ୟରୁ ତୋଳି ଆଣି ତାକୁ ଆମ ଗୋଦାମଘର ଆଡ଼େ ଚାହିଁ ଛାଟିଦେଲା । ଆଖି ପିଛୁଳାକେ ଆମ ଦଦରା ଗୋଦାମଘରଟି ଗୋଟେ ସୁନ୍ଦର ଘୋଡ଼ାଶାଳରେ ବଦଳିଗଲା ଆଉ ଘୋଡ଼ାଶାଳରେ ଭର୍ତ୍ତି ହେଇଥିଲା ରଙ୍ଗବତୀ ଖାଇବାପାଇଁ ପାଇଁ ମେଞ୍ଚାଏ ଘାସକୁଟା ।

ମୁଁ ସର ଡାହାଣୀକୁ ମୋ ହୃଦୟ ଭିତରୁ କୃତଜ୍ଞତା ଜଣେଇଲି । ସର ଯେତେବେଳେ ଆମ ଘରୁ ବାହାରିଗଲା ସେତେବେଳେ ପିଲାମାନେ ବାହାରୁ ବୁଲିବୁଲି ଆସି ଘରେ ପହଞ୍ଚିଲେ । ତାପରେ ସେମାନେ ଆନନ୍ଦରେ ତାଙ୍କ ମା'ର ବେକର ପଘାଖୋଲି ତାକୁ ତା' ନୂଆଘର ଭିତରକୁ ନେଇଗଲେ ଘାସ ଖୁଏଇବା ପାଇଁ । ସେତିକିବେଳକୁ ରଙ୍ଗବତୀ ତାଙ୍କ ହାତରୁ ଖସି ଆସି ମୋ ଆଗକୁ ଦଉଡ଼ି ଆସିଲା ଆଉ ମୋ ଉପରକୁ କୁଦିବାକୁ ଚେଷ୍ଟାକଲା । ମୋ ବଡ଼ପୁଅ ଶୁକୁଟା ରଙ୍ଗବତୀକୁ ଚପକିନି ଧରିପକେଇଲା ।

ମୁଁ ରଙ୍ଗବତୀ ଆଡ଼କୁ ଚାହିଁ କହିଲି, “ମତେ ଧନ୍ୟବାଦ ଦେବାର ଦରକାର ନାହିଁ ଲୋ ରଙ୍ଗ ।” ଧୀରେ ଧୀରେ ରଙ୍ଗବତୀ ଶାନ୍ତ ପଡ଼ିଗଲା ଆଉ ପିଲାମାନଙ୍କ ସାଙ୍ଗେ ନିଜ ନୂଆଘର ଭିତରକୁ ଗଲା ଯେଉଁଠି ତାକୁ ବଢ଼ିଆ ବଢ଼ିଆ ଖାଇବା ଦରବ ଅପେକ୍ଷା କରି ରହିଥିଲେ ।

ସତକଥା ହେଲା ଏମିତି ଗୋଟେ ଜଟିଳ ପରିସ୍ଥିତିରେ ଏକ ଠିକ ଫଇସଲା ନେବା ବହୁତ କଷ୍ଟ; ଏମିତି ଏକ ଫଇସଲା ଯୋଉଟା ସମସ୍ତଙ୍କ ହିତରେ ହେଇଥିବ । ମୁଁ ଭାବୁଛି ଆମେ ସମସ୍ତେ ମୋର ଏଇ ଫଇସଲାରେ ଲାଭବାନ ହେଇଥିଲୁ । ସର ଡାହାଣୀ ଆମ ଗାଁ ଲୋକଙ୍କୁ ଦେଖେଇ ଦେଇଥିଲା ଯେ ଯଦିଓ ତାକୁ ତାକୁ ଯାଦୁବିଦ୍ୟା ପାଇଁ ସମସ୍ତେ ଡରନ୍ତି ହେଲେ ତା' ମନରେ ବି ଦୟାକ୍ଷମା ଭଳି କୋମଳ ଭାବନା ସବୁ ଅଛି । ମୋ ସ୍ତ୍ରୀ ରଙ୍ଗବତୀକୁ

Download Magazine from www.aahwaan.com


ଏବେ ଆଉ କିଛି ଘରକାମ କରିବାକୁ ପଡୁନଥିଲା ଆଉ ସେ ଗୋଟେ ସୁଖାଦ୍ୟରେ ଭରପୁର ସୁନ୍ଦର ଘରେ ରହୁଥିଲା । ମୋ ପିଲାମାନେ ତାଙ୍କ ଖେଳିବା ପାଇଁ ଗୋଟେ ବଢ଼ିଆ ଘୋଡ଼ାଛୁଆ ପାଇଥିଲେ ଆଉ ମୁଁ ? ? ମୁଁ ମୋ ପୁରା ପରିବାରକୁ ଖୁସିରେ ରଖିପାରିଥିବାର ସନ୍ତୋଷରେ ଉବୁଟୁବୁ ହଉଥିଲି ।

(ଓଡ଼ିଆ ଭାଷା ଓ ଚଳଣୀକୁ ଆଖି ଆଗରେ ରଖି କିଛି ସ୍ଥାନ ଓ ପାତ୍ରଙ୍କ ନାମରେ କିଛି ବଦଳ ମନ୍ତ୍ର ଫୁଙ୍କା ଯାଇଛି ।)

ସହକାରୀ ଅଧ୍ୟାପିକା, ଅମୃତା ବିଶ୍ୱବିଦ୍ୟାଳୟ
କୋଏମ୍ବାଟୁର୍, ତାମିଲନାଡୁ
ଇମେଲ୍ : sulagna2008@gmail.com

Download Magazine from www.aahwaan.com

# ଅସମାପ୍ତ



ରାଧାକାନ୍ତ ଦାଶ

ଦିଗନ୍ତ ଫେରୁଛି ପୁନେରୁ । ପୁନେ-ଭୁବନେଶ୍ୱର ଏକ୍ସପ୍ରେସରୁ ଓହ୍ଲାଇ ଭୁବନେଶ୍ୱର ଷ୍ଟେସନରେ ଟ୍ୟାକ୍ସିକୁ ଅପେକ୍ଷା କରିଛି ସେ । ଆଜି ତା ସାଙ୍ଗର ବାହାଘର ପାଇଁ ସେ ଆସିଛି । ଟ୍ୟାକ୍ସି ଡ୍ରାଇଭରକୁ ସଠିକ ଠିକଣା ବତେଇ ଦେଇ ସେ ବସିଗଲା । ଟ୍ୟାକ୍ସି ଆଗକୁ ଗଡ଼ି ଚାଲିଲା । ସେ ବ୍ୟାଗରୁ ବହିଟିଏ ବାହାର କରି ତା'ଉପରେ ଦୃଷ୍ଟି ନିକ୍ଷେପ କରି ବାହାରକୁ ଚାହୁଁଥିଲା ଆଉ ଦେଖୁଥିଲା ଭୁବନେଶ୍ୱର ସହରକୁ ।

ପାଞ୍ଚବର୍ଷ ତଳେ ସେ ଏଠି ଏମବିଏ କରୁଥିଲା ଗୋଟିଏ ବେସରକାରୀ କଲେଜରେ । ଏହି ସହରର ସବୁ ଗଳିକନ୍ଦିରେ ଅନେକ ସ୍ମୃତି ଲୁଚି ରହିଛି । ଆଗକୁ ବାଣୀବିହାର ବସଷ୍ଟାଣ୍ଡ । ତା ସ୍ମୃତିରେ ଏହି ସ୍ଥାନର ବିଶେଷ ମହତ୍ୱ ରହିଛି । ଏହି ପାଖରେ ସେ ରହୁଥିଲା, ଆଉ ପ୍ରାୟ ସବୁଦିନ ଏହିଠାରୁ ହିଁ ସେ ବସରେ ବସି କଲେଜ ଯାଉଥିଲା । ଏହି ବସଷ୍ଟାଣ୍ଡରେ ଅନେକ ସ୍ମୃତି ରହିଛି...

ସବୁଦିନ ଭଳି ବାଣୀବିହାର ବସଷ୍ଟପରେ ସେ ବସିଥାଏ ବସକୁ ଅପେକ୍ଷା କରି । ତା ପାଖରେ ଠିଆ ହୋଇଥିଲା ଜଣେ ସୁନ୍ଦରୀ ତରୁଣୀ । ସାଧାସିଧା ପୋଷାକରେ ବହୁତ ସୁନ୍ଦର ଦେଖାଯାଉଥିଲା । ଅଜଣା ହୋଇଥିଲେ ସୁଦ୍ଧା ତା ସହ କଥା ହେବାକୁ ଇଚ୍ଛା ହେଉଥିଲା ଦିଗନ୍ତର । ଆଉ ହାତରେ ଖଣ୍ଡିଏ ବହି । ସେ ଝିଅଟି ମଝିରେ ମଝିରେ ସେ ବହିର କିଛି ଫର୍ଦ୍ଦକୁ ଓଲଟାଇ ପଢୁଥିଲା । ଆଉ ଦେଖୁଥିଲା ନିଜ ଘଣ୍ଟାକୁ । ବସ ଆସିସାରିଥିଲା । ସେ ବସର ଭିଡ଼ ଭିତରେ କୁଆଡ଼େ ହଜିଯାଇଥିଲା । ତା'ପର ଦିନ ମଧ୍ୟ ସେହି ଝିଅକୁ

Download Magazine from www.aahwaan.com

ସେହିସ୍ଥାନରେ ଦେଖିଥିଲା ସେ । ଆଉ ପରେ ପରେ ପ୍ରାୟ ସବୁଦିନ ତାକୁ ଦେଖା ହେଉଥିଲା । ନିର୍ଦ୍ଦିଷ୍ଟ ସମୟ ହୋଇଗଲେ ଦୁହେଁ ସେଇ ବସଷ୍ଟପରେ ପହଞ୍ଚି ଯାଉଥିଲେ । ଧିରେ ଧିରେ ପରସ୍ପରକୁ ଚିହ୍ନିବା ଆଉ କଥା ହେବାକୁ ଇଚ୍ଛା ସୃଷ୍ଟି ହେଲା ।

ଦିନେ ବସଷ୍ଟପରେ ସେ ଝିଅ ହାତରେ ବହି ନଥିବା ଦେଖି ଦିଗନ୍ତ କହିଲା, "ଆଜି କଣ ବହି ନାହିଁ ?" ଝିଅଟି ଦିଗନ୍ତକୁ ଚାହିଁଲା ଆଉ ମୁଣ୍ଡ ହଲେଇ ନାଇଁ କହିଲା । ଦିଗନ୍ତ ଆଉ କିଛି କହିଥାନ୍ତା କି କଣ, ଠିକ୍ ସେତିକି ବେଳେ ବସ ଆସିଗଲା ଆଉ ସେ ପୁଣି ବସର ଗହଳିରେ ହଜିଗଲା । ଅନେକ ଦିନପରେ କଥା ହେବାକୁ ଗୋଟିଏ ସୁଯୋଗ ପାଇଥିଲା ବସ ଯୋଗୁଁ ତାହା ବି ହୋଇପାରିଲା ନାହିଁ ।

ପରଦିନ ବସଷ୍ଟପରେ ପୁଣି ସେ ଝିଅ ସହ ଦେଖାହେଲା । ପୁଣି ସେ ବହି ଧରି ଠିଆ ହୋଇଥିଲା । ଦିଗନ୍ତ କିଛି କହିବ କହିବ ଭାବୁଥିଲା କିନ୍ତୁ ସାହାସ ଜୁଟାଇ ପାରୁନଥିଲା । ଶୀତଦିନର ସକାଳ । ସେ ଦିନ ବୋଧହୁଏ କୌଣସି କାରଣରୁ ବସ ସବୁ ଚଳପ୍ରଚଳ ହେଉନଥିଲେ । ତେଣୁ ଦିଗନ୍ତ ମନେ ମନେ ଅଟୋ କରି ଆଗକୁ ଯିବାକୁ ନିଷ୍ପତ୍ତି ନେଇ ପାଖରେ ଠିଆ ହୋଇଥିବା ଝିଅଟିକୁ କହିଲା, "ଲାଗୁଛି ଆଜି ବସ ଆସିବନି ! ଅଟୋରେ ଯିବ ?" କିନ୍ତୁ ଝିଅଟି ନିରବ ରହିଲା । ଆଉ ଦିଗନ୍ତ କିଛି ଅଧିକ କହିପାରିଲାନି ।

ପ୍ରତିଦିନ ଦେଖା ହେବାଭିତରେ ଦିଗନ୍ତର ହୃଦୟରେ ଝିଅଟି ପାଇଁ ଦୁର୍ବଳତା ସୃଷ୍ଟି ହୋଇସାରିଥିଲା । ଅନେକ ଥର ଦିଗନ୍ତ ବସରେ ଚଢ଼ିବାପରେ ନିଜ ବସିଥିବା ଜାଗାଟି ଝିଅଟି ପାଇଁ ଛାଡ଼ିଦେଇଛି । ଥରେ ଝିଅଟି ବସିଥିବା ବେଳେ କାନ୍ଦ କାନ୍ଦ ହୋଇ ନିଜ ବ୍ୟାଗରେ ହାତପୁରେଇ କଣ ଗୋଟିଏ ଜିନିଷ ଖୋଜିବାରେ ଲାଗିଥିଲା । ତା ଅବସ୍ଥା ଦେଖି ଦିଗନ୍ତ ପଚାରି ବୁଝିଥିଲା ଏତେ ଚିନ୍ତା ହେବାର କାରଣ ? ଝିଅଟି ନିରବରେ କହିଲା, "ମୋ

Download Magazine from www.aahwaan.com

ମୋବାଇଲ୍ ମିଳୁନି ।” ଦିଗନ୍ତ ଝିଅଟିର ମୋବାଇଲ୍ ନମ୍ବର ନେଇ କଲ୍ କରିବା ପରେ ଫୋନଟି ସେଇ ସିଟ ତଳେ ପଡ଼ିଥିବାର ଦେଖାଯାଇଥିଲା । ମୋବାଇଲ୍ ପାଇ କୃତଜ୍ଞ ହୋଇ ଝିଅଟି ଧନ୍ୟବାଦ କହି ବସରୁ ଓହ୍ଲାଇ ପଡ଼ିଲା । ଦିଗନ୍ତ ବସରୁ ଓହ୍ଲାଇବା ବେଳକୁ ଦେଖିଲା ଝିଅଟି ନିଜ କଲେଜ୍ ଆଇଡ଼ି କାର୍ଡ୍ ଛାଡ଼ିଦେଇ ଯାଇଛି । କାର୍ଡ଼ରୁ ଝିଅଟିର ନାଁ ‘ମଧୁ’ ବୋଲି ଜାଣିଲା । ଆଉ ତା ଠିକଣା ଦେଖି କାର୍ଡ଼ଟି ଫେରାଇବା ଉଦ୍ଦେଶ୍ୟ ନେଇ ତା ଠିକଣାରେ ଯାଇ ପହଞ୍ଚିଲା ।

ଘରର କଲିଂ ବେଲ୍ ବଜାଇବାପରେ ଜଣେ ସ୍ତ୍ରୀଲୋକ ବାହାରକୁ ଆସି ଦିଗନ୍ତକୁ ଦେଖି ଆସିବାର ଅଭିପ୍ରାୟ ପଚାରିଲେ । ସେ କହିଲା ମଧୁ ନିଜ ଆଇଡ଼ି କାର୍ଡ଼ ବସରେ ପକାଇ ଦେଇ ଆସିଥିଲା । ଏହା ଶୁଣି ସ୍ତ୍ରୀଲୋକ ଜଣକ ଘର ଭିତରକୁ ଚାଲିଗଲେ ଆଉ କିଛି ଲୋକଙ୍କ ସହ ଆସି କବାଟ ଖୋଲି ଦିଗନ୍ତକୁ ଧକ୍କା ଦେଇ କହିଲେ, “ତା’ହେଲେ ତୁ ସେଇ ଟୋକା । ଯାହା ସହ ମଧୁ ପ୍ରତିଦିନ ବାହାରେ ବୁଲୁଛି ? ଆଉ ଘରକୁ ଡେରିରେ ଫେରୁଛି ?” ମଧୁ ପଛରୁ ଆସି ସେମାନଙ୍କୁ କେତେ ବୁଝାଇଲେ ସୁଦ୍ଧା ସେମାନେ ଶୁଣିବା ଅବସ୍ଥାରେ ନଥିଲେ । ଜଣେ ବୟସ୍କ ପୁରୁଷଲୋକ ଯାହାକୁ ମଧୁ ମଉସା ବୋଲି ସମ୍ବୋଧନ କରୁଥିଲା କହିଲେ, “କାଲିଠୁ ତୋ କଲେଜ ଯିବା ବନ୍ଦ ।” ଏକ ଅସ୍ୱାଭାବିକ ପରିସ୍ଥିତିରେ ପଡ଼ିଯାଇଥିଲା ଦିଗନ୍ତ । ସାହିବାସିନ୍ଦା ସବୁ ଘରୁ ବାହାରକୁ ଚାଲିଆସି ଦିଗନ୍ତ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରି କଥା ହେଉଥିଲେ, “ଦେଖ ଏ ଟୋକାକୁ । ଝିଅକୁ ପିଛା କରି ଆସି ଘରେ ପହଞ୍ଚିଲାଣି । ସବୁ ସେଇ ଝିଅର ନାଟ । ନହେଲେ ଏତେ ସାହାସ ଏ ଟୋକା କରନ୍ତା ? ବାପାମା’ ନାହିଁ ବୋଲି ଆକଟ ନାହିଁ । ନହେଲେ କୋଉ ଝିଅ ଏମିତି ହେବ ?” ଏହି କଥା ସବୁ ଶୁଣି ଦିଗନ୍ତ ବହୁତ ଖରାପ ଭାବୁଥିଲା ।

 Download Magazine from www.aahwaan.com

ପରଦିନ ବସଷ୍ଟପରେ ସେ ମଧୁକୁ ଦେଖିଲାନାହିଁ । ଏମିତି ଅନେକ ଦିନ ବିତିଗଲା । ଧିରେ ଧିରେ ଦିଗନ୍ତକୁ ଦୋଷୀପରି ମନେ ହେଲା । ତା'ପାଇଁ ଗୋଟିଏ ଝିଅର ପାଠପଢ଼ା ବନ୍ଦ ହୋଇଗଲା ବୋଲି ସେ ଦୁଃଖ ଅନୁଭବ କରୁଥିଲା । ଏମିତି ଦିନେ ସେ ମନ ଦୁଃଖକରି ବସରେ ଚଢୁଥିବା ବେଳେ ଜଣେ ଛୋଟ ପିଲା ଆସି ଦିଗନ୍ତ ଭାଇ ବୋଲି ଡାକିଲା । ଦିଗନ୍ତ ତାକୁ ଚାହିଁଲା ବେଳେ ପାଖକୁ ଆସି କହିଲା, "ତମେ ଦିଗନ୍ତ ଭାଇ ତ ?" ଦିଗନ୍ତ ମୁଣ୍ଡ ହଲାଇ ହଁ କହିଲା ପରେ ସେ ଗୋଟିଏ ବହି ଦିଗନ୍ତ ହାତରେ ଦେଇ କହିଲା, "ମଧୁ ଅପା ଏଇଟା ଦେଇଛନ୍ତି ।"

ବହି ଖୋଲିବା ପରେ ସେଥିରୁ ଗୋଟିଏ ଚିଠି ପାଇଲା ସେ;

ମୁଁ ବହୁତ ଦୁଃଖୀ । ମୋ ପାଇଁ ତୁମେ ଅପମାନିତ ହେଲ । ଆମ ଘରଲୋକ ଜମା ପସନ୍ଦ କରନ୍ତି ନାହିଁ, ଯଦି କେହି ମୋତେ ଦେଖାକରେ ସେମାନେ ଏମିତି ହିଁ ଦୃଶ୍ୟ ସୃଷ୍ଟି କରନ୍ତି । ସେଇଥିପାଇଁ ମୁଁ କାହା ସହ କଥାବାର୍ତ୍ତା କରେନି । ମୋତେ କ୍ଷମା କରିଦେବ ।

ଇତି

ମଧୁ

ଚିଠି ପାଇବାପରେ ସେ ଆଉ ଉତ୍ତର ବି ଦେଇ ପାରିଲା ନାହିଁ । ନିଜ ପାଠପଢ଼ାରେ ବ୍ୟସ୍ତ ହୋଇଗଲା । ପାଠ ସରିବାପରେ ପୁନେ ଚାଲିଗଲା ଚାକିରୀ କରିବାପାଇଁ । ହେଲେ ସେ କେବେ ବି ମଧୁକୁ ଭୁଲିପାରିନଥିଲା । ଟ୍ୟାକ୍ସି ଅଟକି ଯିବାପରେ ସେ ଅତୀତରୁ ଫେରିଛି । ବାହାଘର ହେଉଥିବା ସ୍ଥାନକୁ ଯାଇ ଦେଖିଲା ଏଇ ସେଇ ଘର ଯେଉଁଠୁ ଦିନେ ସେ ଅପମାନିତ ହୋଇ ଯାଇଥିଲା । ମନେ ହେଉଥିଲା ବୋଧହୁଏ ମଧୁ ତା ସାଙ୍ଗ ସହ ବିବାହ କରୁଛି । ସେ ଆକୁଳ ହୋଇ ଏଣେତେଣେ ଦେଖୁଥିବା ବେଳେ ତା ସାଙ୍ଗକୁ ଆସି ତା

 Download Magazine from www.aahwaan.com

ହାତ ଧରି ଭିତରକୁ ନେଇ ଯାଉଛି । ସେଇଠି ସେ ବସିଛି ସତ କିନ୍ତୁ ମନରେ ଅନେକ ପ୍ରଶ୍ନ । ମଧୁ ବିବାହ କରୁଛି କି ? ବିବାହର କାର୍ଡ଼ ସେ ପାଇନି । ଘରକୁ ଆସିବା ବେଳେ ବାହାରେ ଭଲରେ ଦେଖିନି କିଏ ବାହା ହେଉଛି । ଇଚ୍ଛା ହେଉଥିଲା ଉଠି ବାହାରକୁ ଯାଇ ଦେଖି ଆସିବ । ହେଲେ ବନ୍ଧୁ ହାତ ଧରି ବସିଥିଲେ । ଏହି ସମୟରେ ହାତରେ ଥଣ୍ଡା ପାନୀୟ ଧରି ଆସିଲା ମଧୁ । ମଧୁ ଗ୍ଲାସଟି ଦିଗନ୍ତକୁ ବଢ଼ାଇ ଦେଲାବେଳେ ଆଶ୍ଚର୍ଯ୍ୟ ହୋଇ ଚାହିଁ ରହିଲା ଆଉ କହିଲା, “ଆପଣ ?”

ଦିଗନ୍ତ ଖୁସି ହୋଇଗଲା ଯେ ମଧୁ ତାକୁ ତଥାପି ମନେ ରଖିଛି । ସେ ମଧୁ ହାତରୁ ଗ୍ଲାସଟା ନେଇ ବାହାରକୁ ଚାଲି ଆସିଲା ଆଉ ତା ପଛେ ପଛେ ମଧୁ ମଧ୍ୟ ଆସିଗଲା । ବାହାରେ ଅପେକ୍ଷାକୃତ ଅଳ୍ପ ଗହଳି ଥିଲା । ସେଇଠି ଠିଆ ହୋଇ ଦିଗନ୍ତ କହିଲା, “ମୋ ପାଇଁ ତୁମର ପାଠ ପଢ଼ା ବନ୍ଦ ହୋଇଗଲା । ଏଥିପାଇଁ ମୋତେ କ୍ଷମା କରିଦିଅ । ମୁଁ ଚାହିଁଥିଲେ ତୁମର ଆଇଡ଼ି କାର୍ଡ଼ ପରଦିନ ଦେଇ ପାରିଥାନ୍ତି । ତୁମ ଘରକୁ ମୋତେ ଆସିବାର ନଥିଲା ।” ମଧୁ ସାମାନ୍ୟ ହସିଦେଇ କହିଲା । “ତମେ ତ ଜାଣିଛ ମୋ କଥା । ମଉସାଙ୍କ ଘରେ ରହି ପାଠ ପଢୁଥିଲି । ତେଣୁ ମୋର କିଛି ସ୍ୱାଧୀନତା ନଥିଲା । ମୋତେ ସୁରକ୍ଷିତ ରଖିବାପାଇଁ ସେମାନେ ଟିକେ ଅଧିକ ରକ୍ଷଣଶୀଳ ହୋଇପଡୁଥିଲେ । ଏଠି ମୋ ପାଠପଢ଼ା ବନ୍ଦ ହେବାପରେ ମୁଁ ରାଉରକେଲା ଚାଲି ଯାଇଥିଲି । ସେଠି ମାମୁଁଙ୍କ ଘରେ ରହି ପାଠ ପଢ଼ିଲି । ଏବେ ମାଉସୀଙ୍କ ଝିଅର ବାହାଘର ପାଇଁ ଆସିଛି । କ୍ଷମା ମୋତେ ମାଗିବା କଥା । ବିନା କୌଣସି କାରଣରେ ତୁମେ ସେ ଦିନ ଅପମାନିତ ହୋଇଗଲ ।”

ଦିଗନ୍ତ ଦେଖୁଥିଲା ସବୁବେଳେ ନିରବ ରହୁଥିବା ଝିଅଟା କେତେ ପ୍ରଗଲ୍‌ଭ ହୋଇ କଥାବାର୍ତ୍ତା କରୁଛି । ଦିଗନ୍ତ କହିଲା, “ତୁମକୁ କିଛି ଦେବାକୁ ଚାହୁଁଛି ।” ମଧୁ ଆଶ୍ଚର୍ଯ୍ୟ ହୋଇ

ଚାହିଁଥିଲା । ଦିଗନ୍ତ ବ୍ୟାଗରୁ ବାହାର କରିଲା ସେ ବହି, ଯେଉଁଥିରେ ପ୍ରଥମ ପୃଷ୍ଠାରେ ଲେଖାଥିଲା, 'ମଧୁସ୍ମିତା ଜେନା' । ମଧୁ ଆଶ୍ଚର୍ଯ୍ୟ ହୋଇଗଲା । "ଏଇ ବହି ଆହୁରି ରଖିଛ ତୁମେ ?" ଦିଗନ୍ତ ସାମାନ୍ୟ ହସିଦେଇ କହିଲା, "ତୁମ ସହ କେବେ ପଦୁଟିଏ କଥା ହୋଇପାରିଲି ନାହିଁ । ହୁଏତ କଥା ହୋଇଥିଲେ ଆଉ କିଛି ସମ୍ଭାବନା ହୋଇ ପାରିଥାନ୍ତା । ତେଣୁ ତୁମର ସ୍ମୃତି ଏହି ବହିଟିକୁ ନିଜର କରି ରଖିଥିଲି । ଆଶା କରିଥିଲି ଯଦି କେବେ ତୁମ ସହ ଦେଖାହୁଏ ତୁମକୁ ଫେରେଇ ଦେବି ।" ମଧୁ ହସିଦେଇଥିଲା । ସେଇ ହସ ଦିଗନ୍ତକୁ ସାହାସ ଦେଇଥିଲା । ଆଉ ସେ ପୁଣି କହିଥିଲା, "ସେତେବେଳେ ତ ତୁମ ସହ କଥା ହେବାକୁ ସାହାସ କରି ପାରିନଥିଲି । ଆଉ ଯେତେବେଳେ ସାହାସ କରିଥିଲି ସେତେବେଳେ ସବୁ କିଛି ଓଲଟପାଲଟ କରି ପକାଇଲି ।... ଏବେ ଗୋଟିଏ କଥା ପଚାରିବି ?" ମଧୁ ପ୍ରଶ୍ନିଳ ଆଖିରେ ଚାହିଁ ରହିଲା । ମଧୁର ବଡ଼ ବଡ଼ ଆଖିକୁ ଚାହିଁ ଦିଗନ୍ତ ସାହାସ କରି ଏକା ନିଃଶ୍ୱାସରେ ପଚାରିଦେଲା, "ମୋତେ ବିବାହ କରିବ ?"

ମଧୁ କଣ କହିବ କିଛି ଭାବିପାରିଲା ନାହିଁ । ଦିଗନ୍ତକୁ ତୀକ୍ଷ୍ଣ ଦୃଷ୍ଟିରେ କିଛି ସମୟ ଚାହିଁ ମୁରୁକି ହସିଦେଲା ଆଉ ଘର ଭିତରକୁ ଯାଉ ଯାଉ କହିଦେଲା, "ମୋ ମାମୁଁମାଇଁ ସେପାଖ କୋଠରୀରେ ବିଶ୍ରାମ କରୁଛନ୍ତି ..."


ଜଗନ୍ନାଥପୁର ଶାସନ, କୁହୁଡ଼ି

ଖୋର୍ଦ୍ଧା, ଓଡ଼ିଶା - ୭୫୨୦୨୭

ଇମେଲ୍ : rkdash1996@gmail.com

ଭ୍ରାମ୍ୟଭାଷ : ୮୯୦୮୮୫୯୭୯୭

Download Magazine from www.aahwaan.com



# ମନ୍ଥରାର ଅଭିମାନ

ପ୍ରସନ୍ନ କୁମାର ମାଦଳା

ଚଉଦ ବର୍ଷର ନିନ୍ଦା ଅପମାନ, ଅଯୋଧ୍ୟା ପ୍ରଜାଜନଙ୍କର ଉତ୍କଟ ଭର୍ତ୍ସନାରେ ମର୍ମାହତ ମନ୍ଥରାର କାଳଚକ୍ର ଅଟକି ରହିଥିଲା ଯେମିତି ଚଉଦଜନ୍ମ ଧରି । ନିର୍ନିମେଷ ଅନାଇ ରହିଥିଲା ରାମଙ୍କ ନଗର ପ୍ରତ୍ୟାବର୍ତ୍ତନକୁ । କଳହିନୀ କପଟୁଣୀ ଆଦି ଅଶ୍ରାବ୍ୟ କଟୂକ୍ତି, ନଗରବାସୀଙ୍କ ଘୃଣ୍ୟ କଟାକ୍ଷ ଓ ମିଥ୍ୟା ଦୋଷାରୋପରେ ଆହତ ପ୍ରାଣଟାକୁ ଅନଳରେ ଆହୁତି ନ ଦେଇ ସତେ ଯେପରି ଚାତକ ଦୃଷ୍ଟିରେ ଜାଗି ରହିଥିଲା ପ୍ରତି କ୍ଷଣ ମନନ ସ୍ମରଣରେ ପ୍ରତିଟି ନିଶ୍ୱାସର ପ୍ରାଣ ଶକ୍ତି ରାମନାମରେ ସନ୍ନିହିତ କରି ଉତ୍ସର୍ଗ ପୂର୍ବରୁ କଳଙ୍କମୁକ୍ତ ଆଉ ଦୁରିତରହିତ କରିଦେବାକୁ । କୋଟରଗତ ଚକ୍ଷୁରେ ଅବାରିତ ଲୋତକ ଧାର ରୁଗ୍ଣ ତନୁରେ କାରୁଣ୍ୟ ଓ ବିଷାଦର ଦୟାକ୍ତ ମିଶ୍ର ରୂପ ଆଙ୍କି ସାରିଥିଲା ସମବେଦନାର ଅଭିପ୍ରାୟରେ । ଅସରନ୍ତି ପ୍ରଶ୍ନ ତା'ର ପ୍ରତୀକ୍ଷାରତ ରାମଙ୍କ ଶ୍ରୀମୁଖରୁ ଯଥୋଚିତ ଉତ୍ତର ଲାଳସାରେ ପ୍ରତ୍ୟକ୍ଷ ଭାବେ ଅଯୋଧ୍ୟା ପ୍ରଜାଜନଙ୍କର ସମ୍ମୁଖରେ ।

ଆଜି ଦାଣ୍ଡରେ ତୋରଣ ସୁସଜ୍ଜିତ ହୋଇ ଉଜ୍ଜ୍ୱଳ ପ୍ରଦୀପମାନ ପ୍ରଜ୍ୱଳିତ ତଥା କଟକଦ୍ୱାର ସଦ୍ୟ ସୁବାସିତ ପୁଷ୍ପଗୁଚ୍ଛରେ ସୁଶୋଭିତ । ଉଲ୍ଲସିତ ପ୍ରଜା ଆଜି ଚଳଚଞ୍ଚଳ ଦୀର୍ଘ ଅପେକ୍ଷାର ଅବସାନ ଘଟିବ ବୋଲି, ନଟ ଓ କିନ୍ନରଗଣ ବାଦ୍ୟ ସରଞ୍ଜାମ ସହ ପ୍ରସ୍ତୁତ ପ୍ରଭୁଙ୍କର ସମ୍ବର୍ଦ୍ଧନା ପାଇଁ । ଆଉ ତମସା ଆଚ୍ଛାଦିତ ନିଭୃତ କୋଠରୀର ଗବାକ୍ଷରୁ ନିର୍ଗତ ହେଉଥିଲା ଲୋକଲଜ୍ଜ୍ୟାରେ ଆତ୍ମନିର୍ବାସିତା ମନ୍ଥରାର ବିଳାପ ବାଷ୍ପାକୁଳ ଅନୁଚ୍ଚ ସ୍ୱରରେ । ଏଥର ବାଦ୍ୟ ବାଜଣା ସହ ପୁରୁଷୋତ୍ତମ ରାମଙ୍କ ଜୟଗାନର ଉଲ୍ଲାସ ଧ୍ୱନି କର୍ଣ୍ଣ ପବିତ୍ର

 Download Magazine from www.aahwaan.com

କଲା । ରାଜକୁମାର ଭରତଙ୍କ ଭବ୍ୟ ଆୟୋଜନ ମାତା ସୀତାଙ୍କ ସହ ସକୁଶଳ ଭାଇମାନଙ୍କ ଆଗମନକୁ ଅବିସ୍ମରଣୀୟ ରଖିବାରେ ସମର୍ଥ । ସାଥିରେ ବନବାସୀ ପ୍ରମୁଖ ଚରିତ୍ରମାନଙ୍କ ସମ୍ମିଳିତ ଉପସ୍ଥିତି ସମସ୍ତଙ୍କ ଆନନ୍ଦକୁ ବହୁଗୁଣିତ କରୁଥାଏ । ତିନି ରାଜମାତା ଶତୃଘ୍ନଙ୍କର ନିଷ୍ଠା ଓ ଆଜ୍ଞାବହତାରେ ସନ୍ତୁଷ୍ଟ । ନିଜ ଜୀବନ ଯୌବନକୁ ରାଜସେବା ଓ ରାଜ ଆଜ୍ଞାବହତାରେ ସମର୍ପଣ କରିଦେଇଥିବା ମନ୍ଥରା ଅଧିରା ହୋଇ ଉଠିଲା । ଅସମ୍ଭାଳ ତଥା ଉନ୍ମାଦିନୀ ପରି ଅସଂଜତ ବସ୍ତ୍ର ପରିହିତା ବୃଦ୍ଧା ରାଜପଥକୁ ଧାଇଁଗଲା ଶ୍ରୀରାମଙ୍କ ରଥ ସମ୍ମୁଖ ଯାଏଁ । ପ୍ରସାରିତ ହସ୍ତ ଓ ବିସ୍ତାରିତ ନୟନେ ପଥରୋଧ କରି ଅଟକିଗଲା ଅଟକି ସାରିଥିବା ରଥର ଦୁଇ ସୋପାନ ଯାଏଁ । ଏତେ ଦିନର ଅବରୁଦ୍ଧ ଭାବାବେଗ ସ୍ୱତଃ ଉଛୁଳି ଉଠିଲା ଶ୍ରୀରାମଙ୍କୁ ଆଖି ଆଗରେ ଦେଖି ।

ବାତ୍ସଲ୍ୟ ମମତାରେ ଅନ୍ଧୁଣୀଧନ ପ୍ରତି ରାଜକୀୟ ମର୍ଯ୍ୟାଦାର ଉଲ୍ଲଂଘନ କରି କାନ ଧରି ଉଚ୍ଚ କଣ୍ଠରେ ବିଳାପ କରୁ କରୁ ପ୍ରଶ୍ନ କଲା ଯେ ସତ କହ, ତୁ ତ ସତ୍ୟର ଅବତାର, ଏ ଅଯୋଧ୍ୟା ପ୍ରଜାଜନଙ୍କୁ ଶୁଣାଇ ସତ କହ ରାମଚନ୍ଦ୍ର : ଦଣ୍ଡେ କି ନିମିଷେ ବି ତୋତେ ସ୍ମରଣ ନକରି ମୁଁ କାଳ କାଟିଛି କି ? କିଂଚିତେ ବି ତୋର ଅହିତ ଚିନ୍ତନ କରିଛି କି ? ନାନା ଅପବାଦ ଦେଇ ମୋତେ ଘୃଣା କରୁଥିବା ଏ ସଂସାର ବାସୀଙ୍କୁ ଜଣାଇ ଦେ ଆଜି କେଉଁ ଅପରାଧରେ ମୋତେ ଏ ଦଣ୍ଡ ଭୋଗିବାକୁ ପଡୁଛି ? ସମସ୍ତଙ୍କ ମୁକ୍ତିଦାତା ତୁ ମୋତେ ମୁକ୍ତି ନ ଦେଇ ଏ ଯାଏଁ କାହିଁକି ଯନ୍ତ୍ରଣା ଦେଉଛୁ.... ତୁ ସତ କହିଦେ । ଅନ୍ତତଃ ଏ ଶରୀର ଛାଡ଼ିବା ପୂର୍ବରୁ ଆଜି ମୋତେ ନିଷ୍କଳଙ୍କ କରି ଦେ ରାମ, ମୁଁ ଶାନ୍ତିରେ ନିସ୍ତରିବି । ଏତିକିରେ ଶ୍ରୀରାମଙ୍କ ଚରଣରେ ପଡ଼ି ନିବେଦନ କଲା ଶୋକାକୁଳା ଅଧିରା ମନ୍ଥରା ।

ପ୍ରଭୁ ଶ୍ରୀରାମଚନ୍ଦ୍ର ନିର୍ବାକ ହୋଇ ରହିଗଲେ । ତତ୍‌କ୍ଷଣାତ୍ ଅଭୟ ବାହୁରେ ଉଠାଇ

 Download Magazine from www.aahwaan.com

ଆଣିଲେ ମାତୃତୁଲ୍ୟା ମନ୍ଥରାକୁ ଆଉ କୁଳଗୁରୁ ବଶିଷ୍ଠଙ୍କୁ ଚାହିଁଲେ । ସମବେତ ଜନତା ସ୍ତବ୍ଧ । ଶ୍ରୀରାମଙ୍କ ଆକାଂକ୍ଷା ବୁଝିପାରି ତତ୍କାଳୀନ ପରିସ୍ଥିତିକୁ ଦୃଷ୍ଟିରେ ରଖି ତତ୍ପରତାର ସହିତ ବଶିଷ୍ଠ ଆଗେଇ ଆସିଲେ । ଉତ୍କଣ୍ଠାର ସହ ଚାହିଁ ରହିଥିବା ପ୍ରଜାଙ୍କୁ ଏ ସମ୍ବନ୍ଧରେ ଉତ୍ତର ଦେବା ଆରମ୍ଭ କଲେ । "ହେ ମୋର ପ୍ରିୟ ଅଯୋଧ୍ୟାବାସୀ, ମନ୍ଥରାର ଜିଜ୍ଞାସା ଅନୁସାରେ ତାର ଚାରିତ୍ରିକ ଉଦ୍ଧାର ପାଇଁ ଆପଣମାନେ ଧୈର୍ଯ୍ୟର ସହ ଶୁଣନ୍ତୁ । ଏ କଥା ସ୍ୟ ଯେ ସୂର୍ଯ୍ୟବଂଶୀ ମହାରାଜ ଦଶରଥଙ୍କର ଜୀବନକାଳରେ ଏପରି ଅନେକ ରହସ୍ୟ ସମ୍ପର୍କରେ ଆପଣମାନେ ଅନଭିଜ୍ଞ । ଅନ୍ଧମୁନିଙ୍କ ଅଭିଶାପ, ନିକଷା ଦ୍ୱାରା ଶାପିତ ରାଜସିଂହାସନ, ଶନିମଣ୍ଡଳରୁ ଭୂମଣ୍ଡଳକୁ ପତନ କାଳରେ ଜଟାୟୁ ଦ୍ୱାରା ମହାରାଜାଙ୍କ ଉଦ୍ଧାର ଓ ପରବର୍ତ୍ତୀ ସମୟରେ ତାଙ୍କ ଅଭିଶାପ ଏବଂ ଶ୍ରୀରାମଙ୍କ ବନବାସ ଆଦି ଅନେକ ପ୍ରୟୋଜନ ନିୟତିର ବିଧାନ ମାତ୍ର । ସର୍ବୋପରି ଏ ସମ୍ବନ୍ଧୀୟ ଘଟଣା ଚକ୍ରରେ ଯାହା ସବୁ ଆବଶ୍ୟକ ଥିଲା, ତାର ସଫଳ ରୂପାୟନ ପାଇଁ ମନ୍ଥରାକୁ ମୋର ଗୁପ୍ତ ଆଦେଶ ଥିଲା ଏବଂ ସେ କେବଳ ରାଜଆଜ୍ଞା ହିଁ ପାଳନ କରିଛି । ଏଥିପାଇଁ ତାକୁ ବୃଥା ଦୋଷାରୋପରେ ନିନ୍ଦା କରିବା ଆପଣ ମାନଙ୍କ ନିତାନ୍ତ ଭ୍ରମ । ନିଶ୍ଚିତ ଭାବେ ସେ କର୍ତ୍ତବ୍ୟ ମାତ୍ର କରିଥିବାରୁ ବରଂ ପ୍ରଶଂସନୀୟା ।" ଏହାପରେ କୁଜୀ ମନ୍ଥରା ଆତ୍ମସ୍ଥ ହୋଇ ନିଜ କୋହ ଶାନ୍ତ କରି ରଥରୁ ଓହ୍ଲାଇଲା ଓ ପ୍ରଭୁଙ୍କର ନାମ ଚିତ୍ତରେ ସ୍ମରଣ ପୂର୍ବକ ସହର୍ଷ ପ୍ରତ୍ୟାବର୍ତ୍ତନ କଲା ନଅର ଅଭିମୁଖରେ ।

ଘର ନଂ - ଏଫ୍/୧୩

ସେକ୍ଟର- ୦୪, ରାଉରକେଲା- ୭୬୯୦୦୨

ଦୂରଭାଷ- ୭୯୭୮୧୯୨୨୨୭

Download Magazine from www.aahwaan.com

# ଶୀତ ଓ ସରୀତା



ସୁଧାଂଶୁ ଦ୍ୱିବେଦୀ

ଶୀତରେ ଭିଜୁଥିଲା ଦେହ-ମନ, ଭିତର ବାହାର । ପ୍ରାୟତଃ ସଭିଏଁ ଶରୀରକୁ ଉଷୁମ ରଖିବାପାଇଁ ଢାଙ୍କି ହୋଇଥିଲେ ରଙ୍ଗ ବେରଙ୍ଗର ଉଲେନ୍ ପୋଷାକ । ପଶ୍ଚିମାକାଶରେ ସୂର୍ଯ୍ୟ ଅସ୍ତ ହୋଇଗଲେଣି କେତେବେଳୁ । ଆଉ ଅଳ୍ପ ସମୟ ବ୍ୟବଧାନରେ ସନ୍ଧ୍ୟା ଆସନ୍ନପ୍ରସବା । ସନ୍ଧ୍ୟାତାରା ମିଞ୍ଜି ମିଞ୍ଜି ହେଉଥାଏ ଆତ୍ମପ୍ରକାଶ ଉଦ୍ଦେଶ୍ୟରେ । ଇତ୍ୟବସରରେ ଯଥାଶୀଘ୍ର ବଜାର କାମ ସାରି ଘର ଅଭିମୁଖେ ବସ ଧରିବାପାଇଁ ବସଷ୍ଟାଣ୍ଡ ଆଡ଼କୁ ଆଗଉଥିଲି । ସହରରୁ ଗାଁ ପ୍ରାୟ ୧୫ କିମି ଦୂର । ତେଣୁ ନିର୍ଦ୍ଦିଷ୍ଟ ସମୟରେ ବସ ପାଖରେ ନ ପହଞ୍ଚିଲେ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ ।

ହଠାତ୍ ରାସ୍ତାରେ ସରୀତା ଦାସ ସହ ଭେଟ ହୋଇଗଲା । ସେ ଯେ କିଛି ଦିନ ଉତ୍ତାରୁ ଏତେ ପରିବର୍ତ୍ତନ ହୋଇଯିବ ମୁଁ କେବେ କଳ୍ପନା ସୁଦ୍ଧା କରିନଥିଲି । ପୂର୍ବ ଅପେକ୍ଷା ସେ ବେଶ୍ ମେଦବହୁଳ ଜଣେ ଭଦ୍ର ମହିଳା ପରି ପ୍ରତୀୟମାନ ହେଉଥାଏ । ଶାଢ଼ୀର ରଙ୍ଗ ସହ ଓଠରେ ରଙ୍ଗ ମେଚିଂ କରି ଲିପଷ୍ଟିକ୍ ଲଗାଇଥିଲା । ଶରୀରକୁ ଢାଙ୍କି ରହିଥାଏ ଗାଢ଼ ଆକାଶିଆ ରଙ୍ଗର ଶାଢ଼ୀ ଓ ବ୍ଲାଉଜ । ଉପରେ ପକାଇଥାଏ ଗୋଟିଏ କଶ୍ମୀରୀ ଶାଲ୍ । ହାତରେ ସୁନେଲୀ ରଙ୍ଗର ହାତଘଣ୍ଟା ସାଙ୍ଗକୁ ତିନି ଚାରିପଟ ସୁନା ଚୁଡ଼ି । ଏ ସବୁ ସହିତ ସରୀତା ଦାସ ଏକ ଦାମୀ ପର୍‌ଫ୍ୟୁମର ମହକରେ ମହକି ଉଠୁଥାଏ । ତାକୁ ବାରମ୍ବାର ନିରୀକ୍ଷଣ କରୁଥିଲି ମୁଁ । ତଥାପି ଅନ୍ୟ କେହି ବୋଲି ମନେ କରି ମୋ ରାସ୍ତାରେ ଆଗେଇଲି । ସହସା ତା ମୁଖରୁ ମୋ ନାଁ ଶୁଣି ତା ଅତି ନିକଟକୁ ଫେରି ଆସି ଚିହ୍ନିବାର

 Download Magazine from www.aahwaan.com

ପ୍ରୟାସ କରିଲି । ଚିହ୍ନା ପଡ଼ିଗଲା ସେ । ଆଉ ତା ସହ ଜଡ଼ିତ ଅତୀତର ଅନେକ ଦୃଶ୍ୟ ସିନେମାର ଦୃଶ୍ୟପରି ଗୋଟିଏ ପରେ ଗୋଟିଏ ମୋ ମନରେ ଉଙ୍କି ମାରିବାକୁ ଲାଗିଲା ।

ସ୍କୁଲରେ ସେ ମୋ ସହ ଏକାଠି ପଢୁଥିଲା । ସ୍କୁଲଠାରୁ ପାଞ୍ଚ କିମି ଦୂରରେ ତା ଘର । ସ୍କୁଲରେ ବହୁତ ଚର୍ଚ୍ଚା ହେଉଥିଲା ତା ନାଁରେ । ଅନେକ ଗୁଞ୍ଜରଣ ଓ ଆଲେଖ୍ୟର ନାୟିକା ଥିଲ ସେ । ତା' ଭଲ ପାଇବାର କାହାଣୀ ସମସ୍ତେ ଜାଣିଥିଲେ । ସେ ପ୍ରକାଶକୁ ଭଲ ପାଉଥିଲା । ବହୁତ ବେଶୀ ଭଲ ପାଉଥିଲା ବୋଲି ସମସ୍ତେ କହୁଥିଲେ । ସ୍କୁଲ ସମୟରେ ରୋମିଓ - ଜୁଲିଏଟ୍, ସୋହନୀ - ମହିୱାଲ୍ ଆଉ କେତେ କଣ ନାଁ ଦେଇ ସେମାନଙ୍କୁ ସମ୍ବୋଧନ କରାଯାଇଥିଲା । କିନ୍ତୁ ସେମାନଙ୍କ ଭଳି ଏମାନଙ୍କ ପ୍ରେମ ଶାସ୍ୱତ ନଥିଲା, ଥିଲା ବେପରବାୟ । ଦୁହେଁ ଭବିଷ୍ୟତର ସ୍ୱପ୍ନ ବୁଣୁଥିଲେ ନୀରବ ମୁହୂର୍ତ୍ତରେ ଏ କିଆରୀରୁ ସେ କିଆରୀରେ । ଦୁହିଁଙ୍କର ଘର ଖୁବ୍ ପାଖାପାଖି । ପଡ଼ୋଶୀ ବୋଲି କହିଲେ ଚଳିବ । ତେବେ ଦୁହିଁଙ୍କର ସମ୍ପର୍କ? ଏକ ସମଭାବାପର୍ଣ୍ଣ ବନ୍ଧୁତ୍ୱର ସମ୍ପର୍କ, କେବେ କେବେ କ୍ଲାସମେଟ୍‌ମାନେ ଦୁହିଁଙ୍କର ଭଲ ପାଇବାକୁ କୁତ୍ସିତ କାହାଣୀରେ ରୂପାୟିତ କରୁଥିଲେ । ଦୁହିଁଙ୍କ ନାଁ ସ୍କୁଲରେ କଳାପଟାଠାରୁ ଆରମ୍ଭ କରି କାନ୍ଥବାଡ଼ ସବୁଠି ଦେଖିବାକୁ ମିଳୁଥିଲା ।

ଦିନେ କଥା ଯାଇ ପହଞ୍ଚିଲା ପ୍ରଧାନଶିକ୍ଷକଙ୍କ ପାଖରେ । ସେଦିନ ପ୍ରଧାନ ଶିକ୍ଷକଙ୍କଠାରୁ ଗାଳି ମାଡ଼ ଖାଇଥିଲେ ଦୁଇଜଣ । ସହିବାର ଅକଳନ ଧୈର୍ଯ୍ୟ ଥିଲା ଦୁହିଁଙ୍କ ଠାରେ ।

ପରେ ସେମାନେ ଦୁହେଁ ଦୁହିଁଙ୍କୁ ସାମାଜିକ ପ୍ରଥାନୁସାରେ ଛନ୍ଦି ହୋଇ ପଡ଼ିଛନ୍ତି । ବିବାହ ହୋଇଛି, ବାଜା ବାଜିନି, ବାଣ ଫୁଟିନି କେବଳ ଦୁଇଟି ଫୁଲମାଳ ଧରି ଜଜଙ୍କ ସମ୍ମୁଖରେ ନିୟମାନୁଯାୟୀ ଦୁହେଁ ଦୁହିଁଙ୍କୁ ସ୍ୱାମୀସ୍ତ୍ରୀ ବୋଲି ସ୍ୱୀକାର କରିଛନ୍ତି । ସରୀତା

 Download Magazine from www.aahwaan.com

ଏବେ ଜଣେ ସୁଗୃହିଣୀ ହିସାବରେ ବେଶ୍ କିଛିଟା ଦାୟିତ୍ୱବହନ କରୁଛି ନିଜ ସଂସାର ମଧ୍ୟରେ । ଆଉ ସ୍ୱାମୀ ପ୍ରକାଶ ମଧ୍ୟ ଜଣେ ଉଚ୍ଚପଦସ୍ଥ କର୍ମଚାରୀ ଭାବରେ ଦିଲ୍ଲୀରେ କାମ କରୁଛନ୍ତି । ଗୋଟିଏ ପୁଅ ଓ ଗୋଟିଏ ଝିଅ । ଏହି ଦୁଇଙ୍କୁ ନେଇ ସେମାନଙ୍କର ସୁଖ ସଂସାର ଶଗଡ଼ ଚକର ଗୁଳାପରି ଆଗେଇ ଚାଲିଛି ଆଗକୁ ଆଗକୁ । ସହସା ମୋ ଭାବନାରେ ପୂର୍ଣ୍ଣଛେଦ ପଡ଼ିଲା ।

ସରୀତା କହୁଥିଲା, “ମୋତେ ଚିହ୍ନିପାରୁନୁ କି ଶୁଭେନ୍ଦୁ ?” ମୁଁ ସାମାନ୍ୟ ହସିଦେଲି । ସେ ଉତ୍ତର ପାଇଗଲା । ଏହାପରେ କିଛି ସମୟ ପାଇଁ ଆଳାପ ଆଲୋଚନା ଚାଲିଲା । ସେତେବେଳେ ଆମ ପାଖରେ ମୋଟର ସାଇକେଲରେ କେହି ଜଣେ ଆସି ପହଞ୍ଚିଲେ । ହଠାତ୍ ମୁଁ ଇତସ୍ତତ ହୋଇପଡ଼ିଲି । ବାଇକ୍ ପଛପଟେ ଦୁଇ ଚାରିଟା ପଲି ପ୍ୟାକେଟ । ତାକୁ ମଧ୍ୟ ମୁଁ ଦୋ-ଦୋ ଚିହ୍ନା ଭାବେ ନିରୀକ୍ଷଣ କରୁଥିଲି । କ୍ରମେ ମୋ ମାନସ ଠିକ୍ ଠିକ୍ ଚିହ୍ନିପାରି ଜବାବ ଦେଲା ଇଏ ସେଇ ଅତୀତର ନିରଳସ ପ୍ରେମିକ ପ୍ରକାଶ ଦାସ । ସେ ମଧ୍ୟ ମୋତେ ଦେଖିବା କ୍ଷଣି ଚିହ୍ନିପାରି ମୋତେ କୁଣ୍ଢେଇ ଧରି ପକାଇଲା । ମୁଁ ବି ଖୁବ୍ ଆନ୍ଦୋଳାୟିତ ହେଲି ତାର ଏତାଦୃଶ ଆଚରଣରେ । ସେଇଠି ତିନିହେଁ ଠିଆ ହୋଇ ଅନେକ ବେଳ ଯାଏଁ ଗପିଲୁ । ମୋ ଲେଖାଲେଖି କଥା, ତା ଚାକିରୀ ଆଉ ସର୍ବୋପରି ସରୀତାର ସଂସାର କଥା, ଏଇମିତି ଏନ୍ତୁଡ଼ିଶାଳରୁ ଏପର୍ଯ୍ୟନ୍ତ... ।

ସେତେବେଳକୁ ସହରର ବତୀଖୁଣ୍ଟ ଗୁଡ଼ିକରେ ମର୍କ୍ୟୁରୀ ଲାଇଟ୍ ଉଦ୍ଭାସିତ ହୋଇ ସାରିଥାଏ । ଡିସେମ୍ବର ମାସର ଶୀତ ସନ୍ଧ୍ୟା । ସ୍ୱେଟର-ଶାଲ୍ ଘୋଡ଼ି ହୋଇଥିଲେ ସୁଦ୍ଧା କୋହଲା ପବନ ବାଜି ଦେହ ଓ ମନ ଶୀତେଇ ଉଠୁଥାଏ ଛାଏଁ ଛାଏଁ । ସେଇ ପାଗକୁ ଚା ଟିକେ ନ ପିଇଲେ ଭଲ ଲାଗିବନି କହି ଚା ଦୋକାନ ଆଡ଼କୁ ମୁହାଁଇଲୁ । ଶୀତର ପ୍ରକୋପକୁ

 Download Magazine from www.aahwaan.com

ଧିମେଇବା ପାଇଁ ଗରମ ଗରମ ଚା ତିନିଟା ମଗେଇଲା ପ୍ରକାଶ । ତା ସହ ପକୁଡ଼ି ମଧ୍ୟ ଆସିଲା । ସେଇଠି ବସି ଅତୀତର ରୋମନ୍ଥନ କରୁ କରୁ ସନ୍ଧ୍ୟା ସାଢ଼େ ସାତ ବାଜିଗଲା । କଥାପ୍ରସଙ୍ଗରେ ଏମିତି ମଜି ଯାଇଥିଲି ଯେ ଏତେ ସମୟ ହେଲାଣି ବୋଲି ମୁଁ ଜାଣି ପାରିଲି ନାହିଁ ।

ମୋର ଚିନ୍ତାକୁ ଦେଖି ପ୍ରକାଶ ପଚାରିଲା କଣ ହେଲା ? ମୋର ଘରକୁ ଫେରିବାର ଶେଷ ବସ ଚାଲିଯାଇଥିବ ବୋଲି କହିବା ପରେ ସେ ନିଜେ ହିଁ ପ୍ରସ୍ତାବ ଦେଲା ମୋତେ ଘରେ ଛାଡ଼ିଦେବା ପାଇଁ । ଅନ୍ୟଉପାୟ କିଛି ଦେଖା ଯାଉନଥିଲା । ଅଗତ୍ୟା ତା ପ୍ରସ୍ତାବରେ ରାଜି ହେବାଛଡ଼ା ମୋ ପାଖରେ ଆଉ କିଛି ବାଟ ନଥିଲା । ପ୍ରକାଶର ମୋଟର ସାଇକେଲରେ ଆମେ ତିନିଜଣ ବସି ଆମ ଘର ପାଖକୁ ଆସିଲୁ । ମୋ ଗୃହିଣୀ ମୋ ବାଟ ଚାହିଁ ଦୁଆର ପାଖରେ ହିଁ ଠିଆ ହୋଇଥିଲା । ମୋତେ ଦେଖି ସେ ନିଶ୍ଚିନ୍ତ ହୋଇଗଲା ଆଉ ସେଇ ଦୁଇଜଣଙ୍କ ପରିଚୟ ପାଇ ଆନନ୍ଦିତ ମଧ୍ୟ ହେଲା । ଅନ୍ଧକାର ଅନେକ ହୋଇ ଯାଇଥିଲା । ସେମାନଙ୍କୁ ଘରେ ରାତ୍ରୀ ଭୋଜନ ପାଇଁ ନିମନ୍ତ୍ରଣ ଦେବା ସତ୍ତ୍ୱେ ସେମାନେ ରହିନଥିଲେ ଆଉ ଅନ୍ଧାରରେ ସେମାନେ ଅଦୃଶ୍ୟ ହୋଇଯାଇଥିଲେ । ଆମେ ସେମାନଙ୍କ ଯିବାବାଟକୁ ଚାହିଁ ରହିଥିଲୁ ।

ଯୋଗ ଫର ଲାଇଫ୍

ବିସି - ୭୪, ସେକ୍ଟର - ୧

ସଲ୍ଟ ଲେକ୍, କୋଲକାତା - ୬୪

Download Magazine from www.aahwaan.com

# ଭିନ୍ନ ଏକ ପରିଚୟ



ନୃସିଂହ ଚରଣ ବେହେରା

ଆଜି ଆମ ଖଟିକୁ ଜଣେ ପୁରୁଣା ବନ୍ଧୁ ଆସି ଯୋଗ ଦେଲେ । ପାଠପଢ଼ା ଶେଷ ହେବାପରେ ଆମେ ସବୁ ବନ୍ଧୁ ନିଜ ନିଜ ଚାକିରୀ ଜାଗାରେ ରହିଲୁ । ଏଇ ବନ୍ଧୁ ଜଣକ ମଧ୍ୟ ଓଡ଼ିଶା ଛାଡ଼ି ବିହାରରେ ଚାକିରୀ କରନ୍ତି । ସେ ତାଙ୍କ ମାମୁଁଘରେ ରହି ପାଠ ପଢୁଥିଲେ । ମାମୁଁଝିଅ ଭଉଣୀର ବିବାହ ଉତ୍ସବରେ ଯୋଗଦେବାପାଇଁ ଆସିଛନ୍ତି । ସେ ଆସିଥିବାର ଶୁଣି ମୁଁ ତାକୁ ଆମ ଖଟିକୁ ଡାକିଥିଲି । ଗତକାଲି ଭଉଣୀର ବିବାହ କାର୍ଯ୍ୟ ସମାପନ ହୋଇଛି ତେଣୁ ସେ ଆଉ ଦୁଇଦିନ ରହି ନିଜ କର୍ମସ୍ଥଳକୁ ଫେରିଯିବେ । ତେଣୁ ଆଜି ଆମର ଖଟିର ସାନ୍ଧ୍ୟ ବୈଠକରେ ଢିଙ୍କିଶାଳରୁ ଢେଙ୍କାନାଳ ଯାଏଁ ଅନେକ ବିଷୟରେ ଚର୍ଚ୍ଚା ଚାଲିଛି । ତା' ସାଙ୍ଗରେ ଗରମ ଗରମ ପକୁଡ଼ିର ମଜା ନେବାରେ ସମସ୍ତେ ବ୍ୟସ୍ତ । ଏଇ ସମୟରେ ମୁଁ ପ୍ରସ୍ତାବ ଦେଲି ଆମର ବିହାରରୁ ଆସିଥିବା ପୁରୁଣା ବନ୍ଧୁ ଶ୍ରୀମନ୍ତ ତାଙ୍କ ଅନୁଭୂତିରୁ କିଛି କହିବେ । ଅନ୍ୟମାନେ ମଧ୍ୟ ମୋ କଥାକୁ ସମର୍ଥନ କଲେ ।

ଶ୍ରୀମନ୍ତ ତାଙ୍କ କଥା ଆରମ୍ଭ କଲେ ଗୋଟିଏ ଛୋଟିଆ ପ୍ରଶ୍ନରୁ । ତୁମେମାନେ ସବୁ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଗୀତିକା ସାମନ୍ତରାୟଙ୍କ ବିଷୟରେ ପେପରରେ ତ ପଢ଼ିଥିବ ? ଆମେ ସମସ୍ତେ ହଁ କହିଲୁ । ସେ କହିଲେ ଗୀତିକାକୁ ଅନାଥାଶ୍ରମର ସୁପରିଚାଳନା ଆଉ ସମାଜସେବା ପାଇଁ ପୁରସ୍କୃତ କରାଯାଇଛି । ଆମେ ପୁଣିଥରେ ସମସ୍ତେ ହଁ ଜାଣିଛୁ ବୋଲି କହିଲୁ । ତା'ପରେ ଶ୍ରୀମନ୍ତ କହିଲେ ହେଲେ ତୁମେମାନେ ଜାଣିନାହଁ ବୋଧେ ଆମେ ସମସ୍ତେ ଏହି ଗୀତିକାଦେବୀଙ୍କୁ ଜାଣିଛେ ବୋଲି । ଆମେ ସମସ୍ତେ ଆଶ୍ଚର୍ଯ୍ୟ ଚକିତ ହୋଇଗଲୁ ।

Download Magazine from www.aahwaan.com

ସମସ୍ତେ ସମବେତ ସ୍ୱରରେ କହିଲୁ, ନାଇଁ ତ ଆମେ କେମିତି ତାଙ୍କୁ ଚିହ୍ନିବୁ ?

ଶ୍ରୀମନ୍ତ ପୁଣିଥରେ ଆମକୁ ପ୍ରଶ୍ନଟିଏ ପଚାରିଲେ । ତୁମମାନଙ୍କର ମନେ ଥିବ ଆମ ସହିତ ଗୀତା ବୋଲି ଝିଅଟିଏ କଲେଜରେ ପଢୁଥିଲା । ସୁନମ କହିଲା, ହଁ ସେ ତ ଅର୍ଥନୀତିରେ ଅନର୍ସ ନେଇ ଭଲ ନମ୍ବରରେ ପାସ କରିଥିଲା । ତା'ପରେ ତା ବାହାଘର ଗୋଟିଏ ବଡ଼ ଧନୀ ପରିବାରରେ ହୋଇଥିଲା । କିନ୍ତୁ ଆମର ପ୍ରସଙ୍ଗ ଭିତରେ ଗୀତାର କଥା କାହିଁକି ଆଣିଲ ?

ଶ୍ରୀମନ୍ତ ହସିଦେଇ କହିଲେ, ଅରେ ଆମେ ଜାଣିଥିବା ଗୀତା ହିଁ ଆଜିର ଗୀତିକା ମ୍ୟାଡ଼ମ । ଆମେ ବିଶ୍ୱାସ କରିପାରିଲୁ ନାହିଁ । ତୁମେ କେମିତି ଏ କଥା କହି ପାରୁଛ ? କେମିତି ଜାଣିଲ ଯେ ସେ ହିଁ ଗୀତା ?

ଏହା ଶୁଣି ଶ୍ରୀମନ୍ତ କହିଲେ ଶୁଣ ତେବେ; ଦିନେ ବ୍ୟାଙ୍କର ଗୋଟିଏ ମୋକଦ୍ଦମା ପାଇଁ ମୁଁ ଜବ୍ବଲପୁର ଯାଇଥିଲି । ସେଠି ହାଇକୋର୍ଟରେ ବ୍ୟାଙ୍କ ତରଫରୁ ଓକିଲଙ୍କ ମାଧ୍ୟମରେ କିଛି ଦସ୍ତାବେଜ ଦାଖଲ କରିବାର ଥାଏ । ଷ୍ଟେସନରୁ ବାହାରି ଅଟୋଷ୍ଟାଣ୍ଡରେ ପହଞ୍ଚିଲା ବେଳକୁ ଦେଖେତ ଗୀତା ସେଠି ଅଟୋବାଲାଙ୍କ ସହ କଥା ହେଉଛି । ମୋତେ ଦେଖି ସେ ଚିହ୍ନିଦେଇ ପାଖକୁ ଆସି ପଚାରିଲା ଶ୍ରୀମନ୍ତ ଭାଇ ମୋତେ ଚିହ୍ନିଲେ ? ଗୀତାକୁ ସହଜରେ କେହି ଅଚିହ୍ନା କରିପାରିବେ ନାହିଁ । ତାର ବ୍ୟକ୍ତିତ୍ୱ ହିଁ ସେମିତି ଥିଲା । ସେ ଜଣାଇଥିଲା ଯେ ସେ ଜବ୍ବଲପୁରରେ ରହୁଛି । ମୋ ସହ କଥା ହେଉ ହେଉ ପଚାରିଲା କେତେ ଦିନ ପାଇଁ ଆସିଛନ୍ତି, କେଉଁଠି ରହିବେ ଇତ୍ୟାଦି ଇତ୍ୟାଦି । ମୁଁ ହୋଟେଲରେ ରହିବା କଥା କହିବା ପରେ ସେ ଜିଦ୍ କଲା, ନା ଭାଇ ମୋ ଘର ଥାଉ ଥାଉ ଆପଣ କାହିଁକି ହୋଟେଲରେ ରହିବେ ? ସେ ଏକରକମ ମୋତେ ବାଧ୍ୟ କରିଲା ଆଉ ମୁଁ ତା ସହ ତା ଘରକୁ ଯାଇଥିଲି ।

 Download Magazine from www.aahwaan.com

ଅନେକ ଦିନପରେ ଗୀତାକୁ ଦେଖୁଥିଲି, ସେ କିଛି ତ ବଦଳି ଯାଇଥିଲା । ଅଧିକ କିଛି କଥାବାର୍ତ୍ତା ହେଲାନି, ଅଟୋରେ ବସି ଘରକୁ ଯିବାବେଳେ ପରିବାର ବିଷୟରେ ପଚାରିବାରୁ କହିଲା, ଘରକୁ ଚାଲନ୍ତୁ ଦେଖିବେ ।

ଅଟୋ ଯାଇ ଏକ ଅନାଥାଶ୍ରମ ସମ୍ମୁଖରେ ଅଟକିଲା । ମୁଁ କିଛି ବୁଝୁନଥାଏ । ଆମେ ଗେଟ ଖୋଲି ଭିତରକୁ ଗଲୁ । ସେ ମୋତେ ଗୋଟିଏ ବଖରାରେ ରଖାଇବା ବ୍ୟବସ୍ଥା କରିବାପରେ ଭୋଜନ ପାଇଁ ଡାକିଲା । ଆମେ ଦୁଇଜଣ ମିଶି ଜଳଖିଆ ଖାଇଲୁ । ତା'ପରେ ମୁଁ ବିଶ୍ରାମ ନେବାପାଇଁ ନିଜ କୋଠରୀକୁ ଚାଲି ଆସିଲି । ସେ ତା କାମରେ ବ୍ୟସ୍ତ ହୋଇଗଲା । ମୁଁ ଦୁଇଘଣ୍ଟା ବିଶ୍ରାମ ନେଇ ଉଠିଲି ଆଉ ବାହାରିବା ପାଇଁ ନିଜକୁ ପ୍ରସ୍ତୁତ କରୁଥିବା ବେଳେ ଗୀତା ଆସିଲା ଆଉ କହିଲା, ଭାଇ ଆପଣ ମୋ ପରିବାର ବିଷୟରେ ଜାଣିବାକୁ ଚାହୁଁଥିଲେ ନା, ଶୁଣନ୍ତୁ;

ଗୋପାଳ ସାମନ୍ତରାୟ ଧନୀ ବ୍ୟବସାୟୀ, ମଧୁସୁଦନ ସାମନ୍ତରାୟଙ୍କ ଏକମାତ୍ର ପୁଅ । ମୋତେ ପସନ୍ଦ କରି ବିବାହ କରିଥିଲେ । ଆମ ବିଷୟରେ କିନ୍ତୁ ତାଙ୍କ ବାପାଙ୍କ ସ୍ୱୀକୃତି ନଥିଲା । ଯଥେଷ୍ଟ ସମ୍ପତ୍ତି ଥିଲେ ମଧ୍ୟ ମଧୁସୂଦନ ବାବୁ ଭୀଷଣ ଲୋଭୀ ଥିଲେ । କୌଣସି ଥିଲାବାଲା ଘରେ ପୁଅର ବିବାହ କରିଥିଲେ ଯଥେଷ୍ଟ ଯୌତୁକ ମିଳିଥାନ୍ତା ବୋଲି ସବୁବେଳେ ମନସ୍ତାପ କରୁଥିଲେ । ଯେହେତୁ ଗୋପାଳ ତାଙ୍କ ଏକମାତ୍ର ପୁଅ ଥିଲେ ତେଣୁ ସେ ନିଜ ପୁଅର ଇଚ୍ଛା ବିରୁଦ୍ଧରେ ଯାଇପାରିଲେ ନାହିଁ । ତାଙ୍କୁ ଚିନ୍ତା ଘାରୁଥିଲା କାଳେ ପୁଅ ତାଙ୍କୁ ଏକା କରି ଚାଲିଯିବ । ତାଙ୍କ ବ୍ୟବସାୟ କଥା କିଏ ବୁଝିବ ? ମୃତ୍ୟୁପରେ ତାଙ୍କ ମୁହଁରେ ପାଣି କିଏ ଦେବ ? ତେଣୁ ସେ ଏହି ବିବାହ ବିରୁଦ୍ଧରେ ଗଲେ ନାହିଁ । ମୋତେ ବିବାହ କରିବା ହେତୁ ତାଙ୍କ ପୁଅକୁ ଯଥେଷ୍ଟ ଯୌତୁକ ମିଳିଲାନାହିଁ ବୋଲି ସବୁବେଳେ ମୋତେ

 Download Magazine from www.aahwaan.com

ଆଡ଼ଆଖିରେ ଦେଖିଲେ । ଆଉ ସେଥିପାଇଁ ମୋତେ ଶାରୀରିକ ଓ ମାନସିକ ନିର୍ଯ୍ୟାତନା ବି ଦେଉଥିଲେ । ମୁଁ ସବୁ ଚୁପଚାପ ସହି ଯାଉଥିଲି । କାରଣ ଗୋପାଳ ମୋତେ ବହୁତ ଭଲ ପାଉଥିଲେ । ମୁଁ କେବେ ଗୋପାଳ ଆଗରେ ତାଙ୍କ ବାପାଙ୍କ ବିଷୟରେ କୁହେନାହିଁ । ମୁଁ ଯଥାସାଧ୍ୟ ଚେଷ୍ଟାକରେ କି ମୋ ବ୍ୟବହାର ଓ କାର୍ଯ୍ୟକୁଶଳତାରେ ମୋ ଶଶୁରଙ୍କୁ ଖୁସି କରିବାକୁ । ହେଲେ ମୋ ଶଶୁର ସବୁବେଳେ ଅସନ୍ତୁଷ୍ଟ । ତଥାପି ମୁଁ ଆଶ ରଖିଥାଏ, ଦିନେ ନା ଦିନେ ମୋ ଶଶୁର ବଦଳିବେ ।

ମାତ୍ର ମଣିଷ ପ୍ରକୃତି କେବେ ବଦଳେ ନାହିଁ । ମୋ ଶଶୁର ସବୁବେଳେ ମୋ ଅମଙ୍ଗଳ ହିଁ ଚିନ୍ତା କରୁଥିଲେ । ସେ ଆମ ସ୍ୱାମୀସ୍ତ୍ରୀଙ୍କ ସମ୍ପର୍କରେ ଫାଟ ସୃଷ୍ଟି କରିବାକୁ ଚେଷ୍ଟା କରୁଥିଲେ । ଦିନେ ତାଙ୍କ ମୁଣ୍ଡକୁ ନୂଆ ଭାବନା ଆସିଲା । ସେ ବୋହୁପାଇଁ ଗୋଟିଏ ନୂଆ ବ୍ୟବସାୟ ଆରମ୍ଭ କରିବାର ପ୍ରସ୍ତାବ ଦେଲେ । ମୁଁ ବି ଖୁସିରେ ରାଜି ହୋଇଗଲି । ମୁଁ ଭାବିଲି ମୋ ସମୟ କଟିଯିବ, ମୋତେ ଅତିକମରେ ମାନସିକ ନିର୍ଯ୍ୟାତନାରୁ ମୁକ୍ତି ମିଳିଯିବ । ଆଉ ଯଦି ମୋ ପରିଶ୍ରମ ଦ୍ୱାରା କିଛି ଲାଭ ହୁଏ ତ ଶଶୁର ଖୁଶି ହେବେ ।

ମୁଁ କଣ ଜାଣିଥିଲି, ଭାଗ୍ୟ ମୋ ସହ ଖେଳ ଖେଳୁଛି ବୋଲି ! ମୁଁ ଉତ୍ସାହର ସହିତ ବ୍ୟବସାୟକୁ ସମ୍ଭାଳିବାରେ ଲାଗି ପଡ଼ିଲି । ବ୍ୟବସାୟ ପାଇଁ ପ୍ରତିଦିନ ଅନେକ ଲୋକଙ୍କ ସହ ଦେଖାସାକ୍ଷାତ କରିବାକୁ ପଡ଼େ । ଏଇ ସୁଯୋଗ ନେଇ ମୋ ଶଶୁର ମୋତେ ବଦନାମ କରିବାକୁ ଲାଗିଲେ । ମୋତେ ଅନେକ ଲୋକଙ୍କ ସହ ଯୋଡ଼ି ଦୁଷ୍ଟଚରିତ୍ରା ବୋଲି ପ୍ରଚାର ଚଳାଇଲେ । ଆଉ ସେଇଥିପାଇଁ ଗୋପାଳଙ୍କ ମନରେ ପରିବର୍ତ୍ତନ ଆସିବା ଆରମ୍ଭ ହୋଇଗଲା । ଆମ ମଧ୍ୟରେ ମନାନ୍ତର ହେବାକୁ ଲାଗିଲା ।

ଆପଣ ଜାଣନ୍ତି ଭାଇ ସନ୍ଦେହ ସବୁ ସମ୍ପର୍କକୁ ଦୁର୍ବଳ କରିଦେଇଥାଏ । ମୋ ସହ ବି

 Download Magazine from www.aahwaan.com

ସେଇୟା ହିଁ ହେଲା । ମୋର କୌଣସି କଥାକୁ ଗୋପାଳ ସହଜରେ ବିଶ୍ୱାସ କରିଲେ ନାହିଁ । ଧିରେ ଧିରେ ତାଙ୍କ ବ୍ୟବହାର ରୁକ୍ଷ ହୋଇଗଲା । ସେ ଅଧିକାଂଶ ସମୟ ଘରୁ ବାହାରେ ରହିବାକୁ ଆରମ୍ଭ କଲେ । ଏହି ସମୟରେ ସେ ମଦନିଶା କରିବା ଆରମ୍ଭ କରିଦେଲେ । ଘରକୁ ଫେରିବା ବେଳକୁ ସବୁବେଳେ ନିଶାଗ୍ରସ୍ତ ହୋଇ ଆସୁଥିଲେ । ମୁଁ କିଛି କହିବାକୁ ଚାହିଁଲେ ମୋତେ ଗାଳିଗୁଲଜ କରୁଥିଲେ ଆଉ ମାଡ଼ମାରିବାକୁ ପଛାଉ ନଥିଲେ ।

ଏମିତି ଦୁଃଖରେ ଅନେକ ଦିନ ବିତିଗଲା, ମୁଁ ସବୁ ସହିଲି ହେଲେ ନିରବ ରହୁଥିଲି । ନିଜ କପାଳକୁ ଦୋଷ ଦେଉଥିଲି । ଦିନେ ସେ ମୋ ଚରିତ୍ରକୁ ଆକ୍ଷେପ କରି କଟାକ୍ଷ କଲେ ଯାହା ମୁଁ ଆଉ ସହି ପାରିଲି ନାହିଁ । ନିଜର ଆତ୍ମଅଭିମାନ ଓ ଆତ୍ମସମ୍ମାନକୁ ଆଘାତ ବାଜିଲେ କିଏ ସହିବ ? ସେହିଦିନ ମୁଁ ମନକୁ ଶକ୍ତକରି ଘର ଛାଡ଼ିଦେଇ ଆସିଲି । କିନ୍ତୁ କଣ କରିବି କିଛି ଭାବି ପାରୁନଥିଲି । ଟ୍ରେନରେ ବସିଲି ହରିଦ୍ୱାର ଯିବି । ଆତ୍ମହତ୍ୟାର କଥା ମନରେ କିଛି କ୍ଷଣପାଇଁ ଆସିଥିଲା ସତ ହେଲେ ଅପରାଧୀ ଭଳି ଲାଗିଲା ତେଣୁ ସେ ଭାବନା ତ୍ୟାଗକରି ହରିଦ୍ୱାର ଯାଇ ସନ୍ୟାସିନୀ ହୋଇ ଶାନ୍ତିରେ ଜୀବନ ବିତାଇବାର ଯୋଜନା କରିଲି ।

ସେହି ଟ୍ରେନରେ ମୋ ପାଖରେ ବସିଥିଲେ ଅବସରପ୍ରାପ୍ତ ଜଜ୍ ଅନୁଗ୍ରହ ନାରାୟଣ ଶର୍ମା । ମୋ ସହ ଏଣୁତେଣୁ ଗପି ସେ ନିଜ ଜୀବନର ଅନେକ ଅନୁଭୂତି ଶୁଣାଉଥିବା ବେଳେ ହଠାତ୍ ହୃଦଘାତର ଶୀକାର ହେଲେ । ମୁଁ ତାଙ୍କୁ ସାଥିରେ ନେଇ ହସପିଟାଲ ଯାଇ ଚିକିତ୍ସା ବ୍ୟବସ୍ଥା କରାଇଲି । ଅନେକ ଦିନ ସେ ଚେତାଶୂନ୍ୟ ରହିବାପରେ ଦିନେ ତାଙ୍କ ଚେତା ଫେରିଲା । ମୋର ହରିଦ୍ୱାର ଯିବା ଯୋଜନାରେ କିଛି ବିରାମ ଆସିଯାଇଥିଲା । ତାଙ୍କର ସେବାରେ ଦିନରାତି ଲାଗି ରହି ମୁଁ ମୋ ନିଜ କଥା ଭୁଲିଯାଇଥିଲି । ତାଙ୍କ ଚେତା

 Download Magazine from www.aahwaan.com

ଫେରିବାପରେ ପରିବାର ଲୋକଙ୍କୁ ଖବର ଦେଇ ପାରିଲି । ସେମାନେ ଆସିଲେ ମୋ ଦାୟିତ୍ୱ ସରିଲା ବୋଲି ଭାବୁଥିଲି କିନ୍ତୁ ଜର୍ଜ୍ ଶର୍ମା ମୋତେ ତାଙ୍କର ସାନ ଝିଅ ବୋଲି ସମସ୍ତଙ୍କୁ ଜଣାଇଲେ । ସମସ୍ତେ ମୋତେ ଆନନ୍ଦରେ ଗ୍ରହଣ କରିନେଲେ ।

ସୁସ୍ଥ ହେବାପରେ ଜର୍ଜଙ୍କ ଅନୁରୋଧରେ ମୁଁ ମୋ ଜୀବନର ସମସ୍ତ ଘଟଣା ତାଙ୍କୁ ବୁଝାଇ କହିଲି । ସେ ସବୁ ଶୁଣିବାପରେ ଦୁଃଖ ପ୍ରକଟ କରି ମଧ୍ୟସ୍ଥତା କରିବା ପାଇଁ ପ୍ରସ୍ତାବ ଦେଲେ । ମୁଁ ମନା କରିଦେଲି । ଆଉ ସେ ଜୀବନକୁ ଫେରିବାର ମୋର କୌଣସି ଅଭିପ୍ରାୟ ନାହିଁ ବୋଲି ଜଣାଇଦେଲି । ସମ୍ପୂର୍ଣ୍ଣ ସୁସ୍ଥ ହେବାପରେ ତାଙ୍କ ସହ ମୁଁ ଜବଲପୁର ଆସିଲି । ଏଠାରେ ଦୁଇ ଏକର ଅଞ୍ଚଳରେ ତିନିମହଲା ଘର । ସମ୍ମୁଖରେ ସୁରମ୍ୟ ବଗିଚା । ପ୍ରତ୍ୟେକ ମହଲାରେ ଅନେକ କୋଠରୀ । କେବଳ ଉପର ମହଲାରେ ଦୁଇଟି ହଲ୍ । ତଳ ମହଲାରେ ଲାଇବ୍ରେରୀ, ଅଫିସ ଓ ଅତିଥିମାନଙ୍କ ରହିବା କକ୍ଷ । ଜର୍ଜ ଶର୍ମା ଅବସର ନେବାପୂର୍ବରୁ ତାଙ୍କ ପତ୍ନୀଙ୍କ ଦେହାନ୍ତ ହୋଇ ସାରିଥିଲା । ଏବଂ ତାଙ୍କ ଅନୁରୋଧ ରକ୍ଷାକରି ସେ ଏହି ଘରଟିକୁ ଅନାଥାଶ୍ରମ କରିଦେଇଥିଲେ ।

ମୁଁ ଏଇ ଅନାଥାଶ୍ରମର ସମସ୍ତ ଦାୟିତ୍ୱ ନିଜ ଉପରକୁ ନେଇଛି । ଯାହା ବି ଶ୍ରଦ୍ଧା ସ୍ନେହ ପାଉଛି ସେ ସବୁ ମୋ ବ୍ୟବହାର, କଥାବାର୍ତ୍ତା ଓ କାର୍ଯ୍ୟକୁଶଳତା ହେତୁ ପାଉଛି । ଜର୍ଜ ଶର୍ମା ଅନେକଥର ମୋତେ କହିଛନ୍ତି ଚାଲ ତୁମ ସ୍ୱାମୀଙ୍କ ପାଖକୁ ଯିବା, ମୁଁ ବୁଝାଇଦେବି । ହେଲେ ମୁଁ ମନା କରିଦେଇଛି । ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଶ୍ରୀ ଶର୍ମା ମୋତେ ଅନେକଥର ପ୍ରବର୍ତ୍ତାଇଥିଲେ ହେଲେ ମୁଁ ସାହାସ କରି ପାରିଲି ନାହିଁ । ଏବଂ ଦିନେ ସେ ଆରପାରିକୁ ଚାଲିଗଲେ । ମୋ ନାଁରେ ଏହି ଆଶ୍ରମଟି କରିଦେଇ ଗଲେ । ତାଙ୍କ ଅନ୍ତେ ଏହି ଆଶ୍ରମଟି ସମ୍ପୂର୍ଣ୍ଣ ଭାବରେ ମୁଁ ବୁଝୁଛି । ସବୁକିଛି ଠିକ୍ ଠାକ୍ ଚାଲିଛି । ଶହେରୁ ଅଧିକ ପିଲା ଏଠି ରହୁଛନ୍ତି । ଶର୍ମାବାବୁଙ୍କ ଝିଅ ଜ୍ୱାଇଁ ମଝିରେ ମଝିରେ ଆସନ୍ତି, ମୁଁ ବି ସେମାନଙ୍କ ସମସ୍ତ ଭୋଜିଭାତକୁ ଯାଉଛି । ସେମାନେ ବର୍ତ୍ତମାନ ମୋ ପରିବାର ।"

ଗୀତା ନିଜ କଥା କହିବାପରେ ପଚାରିଲି, "ଆଛା, ତୁ ଚାଲି ଆସିବାପରେ ଶଶୁରଘର

 Download Magazine from www.aahwaan.com

ଲୋକ ତୋତେ ଆଉ ଖୋଜିନାହାନ୍ତି ?"

ମୁଁ ଆସିବାପରେ ମୋ ଶଶୁର ବହୁତ ଖୁସି ହୋଇଗଲେ କିନ୍ତୁ ପରିବାରର ସମ୍ମାନ ଓ ଆତ୍ମବଡ଼ିମା ପାଇଁ ମୋ ନିରୁଦ୍ଧିଷ୍ଟ ହୋଇଥିବାର ଏକ ରିପୋର୍ଟ୍ ପୋଲିସରେ ଦେଇଥିଲେ । ପରେ ସେ ଫାଇଲକୁ ବି ସେ ହିଁ ବନ୍ଦ କରାଇଦେଲେ ବୋଲି ଶୁଣିଲି । ମୋ ଭାଇ ଯୌତୁକ ନିର୍ଯ୍ୟାତନା ଦିଆଯାଇ ମୋତେ ହତ୍ୟା କରାଯାଇଛି ବୋଲି କହି ମୋକଦ୍ଦମା କରିଥିଲା, କିନ୍ତୁ ଶଶୁରଙ୍କ ଅର୍ଥବଳ ଆଗରେ ସେ ବା କେତେଦିନ ଧୈର୍ଯ୍ୟ ଧରି ରହିଥାନ୍ତା ?

ଆଉ ଗୋପାଳ ? ଗୋପାଳଙ୍କ୍ ଖବର ରଖିନୁ ? ତୋ ପିଲାପିଲି ?

ପିଲାପିଲି ତ ନଥିଲେ । ହଁ, ଶୁଣିଲି ସେ କାଳେ ପୁଣିଥରେ ବିବାହ କରିଛନ୍ତି । ବାପାଙ୍କ ଇଚ୍ଛା ହିସାବରେ । ମୁଁ ଆଉ ସେ ବିଷୟରେ ଚିନ୍ତା କରୁନି ।

କିନ୍ତୁ, ତୋର ବି ତ ଜୀବନ ଅଛି ? ତୁ କାହିଁକି ପୁଣିଥରେ ବିବାହ କଲୁନାହିଁ । ଏତେବଡ଼ ଜୀବନକୁ ଏକୁଟିଆ କେମିତି କାଟିହେବ ? ହୁଏତ ପୁଣି ବିବାହ କରି ତୁ ସୁଖରେ ରହିଥାନ୍ତୁ ।

ସେ ଟିକେ ହସିଦେଇ କହିଲା, "ଏହାଠୁ ଅଧିକ ସୁଖ କେଉଁଠୁ ପାଇଥାନ୍ତି ଭାଇ ? ଏବେ ମୋର ଶହେ ପିଲା । ସେମାନଙ୍କ ସୁଖଦେଖିଲେ ମୁଁ ଖୁସି ହେଉଛି । ଆଉ ନାରୀ ଜୀବନର ସାର୍ଥକତା କଣ କେବଳ ବିବାହ କରିବା ଆଉ ପିଲା ଜନ୍ମ କରିବାରେ ସୀମିତ କି ଭାଇ ? କିଏ ଜାଣିଛି ମୋର ଦ୍ୱିତୀୟ ବିବାହ ପରେ ବି ମୋ ଭାଗ୍ୟରେ ଯଦି ଦୁର୍ଦ୍ଦଶା ଲେଖାଥାଆନ୍ତା ! ! ! ଏଠି ଥିବା ପିଲାମାନଙ୍କ ପାଇଁ ମୁଁ ମାଆ । ମୋ ନିଜ ସୁଖ ଚିନ୍ତା କରି ଏତେ ପିଲାଙ୍କୁ ପୁଣିଥରେ ଅନାଥ କେମିତି କରିଦେଇଥାନ୍ତି ?"

୨୧୭, ଭୋଇନଗର
ବାୟ୍ଯାବାବା ମଠ ଲେନ୍, ଭୁବନେଶ୍ୱର - ୭୫୧୦୨୨
ଭ୍ରାମ୍ୟଭାଷ : ୯୦୯୦୪୫୯୭୪୫

Download Magazine from www.aahwaan.com

# ସୌନ୍ଦର୍ଯ୍ୟମୟୀ ଚିଲିକା



ସତ୍ୟବ୍ରତ ବାରିକ

ଭ୍ରମଣ କରିବାକୁ ସମସ୍ତଙ୍କୁ ଭଲ ଲାଗେ । ଯେଉଁ ସ୍ଥାନ ବିଷୟରେ ବହିରୁ ପଢ଼ିଛୁ କିମ୍ବା ଟେଲିଭିଜନରେ ଦେଖିଛୁ ଆମକୁ ସେହି ସ୍ଥାନକୁ ଯିବାପାଇଁ ନିଶ୍ଚୟ ଭାବରେ ଇଚ୍ଛା ହୁଏ । ସମୟ ପରିସ୍ଥିତି ଅନୁସାରେ ଆମର ଇଚ୍ଛା କେବେ କେବେ ସତ ହୋଇଯାଏ । ନୂଆ ସ୍ଥାନ ଦେଖିବା ଓ ବୁଲିବା କାହାର ଇଚ୍ଛା ନ ହୁଏ !

ନୂଆବର୍ଷ ପୂର୍ବଦିନ ଆମେ ଏକ ଯୋଜନା ପ୍ରସ୍ତୁତ କଲୁ । ବାପାଙ୍କୁ ଚିଲିକା ଯିବାପାଇଁ ପ୍ରସ୍ତାବ ଦିଆଗଲା । ଏହି ପ୍ରସ୍ତାବଟି ସମସ୍ତଙ୍କ ମନକୁ ଛୁଇଁଲା । ନୂଆବର୍ଷର ପ୍ରଥମ ଦିନ ସକାଳୁ ସକାଳୁ ଆମେ ଚିଲିକା ଅଭିମୁଖେ ଯାତ୍ରା ଆରମ୍ଭ କରିଲୁ । ଆମ ଘରଠାରୁ ଚିଲିକା ପହଞ୍ଚିବାପାଇଁ ଆମକୁ ଚାରିଘଣ୍ଟା ଲାଗିଗଲା । ଚିଲିକା କୂଳରେ ଅନେକ ହୋଟେଲ୍ ଓ ରେସ୍ତୋରାଁ ଥାଏ । ଆମେ ସେଠାରେ ପ୍ରାତଃ ଭୋଜନ ସାରିଦେଇ ମା’ କାଳିଯାଇଙ୍କ ଦର୍ଶନ ପାଇଁ ଯିବାକୁ ସ୍ଥିର କଲୁ । ମୋର ଭାଇ ସିପୁ ଚିଲିକାର ସୌନ୍ଦର୍ଯ୍ୟରେ ବିଭୋର ହୋଇ ନିଜ କ୍ୟାମେରାରେ ପ୍ରତି ମୁହୂର୍ତ୍ତର ଛବି ଉତ୍ତୋଳନ କରି ଚାଲିଥିଲା । ଗଭୀର ହ୍ରଦର ବକ୍ଷରେ ମୋଟର ବୋଟରେ ବସି ଆମେ ସବୁ ମନ୍ଦିର ଅଭିମୁଖେ ଯାଉଥାଉ । ଚତୁର୍ପାର୍ଶ୍ୱରେ ଘନ ନୀଳ ଜଳରାଶି ଆମକୁ ବହୁତ ସୁନ୍ଦର ଦିଶୁଥାଏ । ଚିଲିକାର ସୌନ୍ଦର୍ଯ୍ୟ ଅବର୍ଣ୍ଣନୀୟ ଭଳି ପ୍ରତୀତ ହେଉଥାଏ ।

କିଛି ଦୂରରେ ଏକ ଧଳା ରଙ୍ଗର ପାହାଡ଼ର ମୁଣ୍ଡି ଦେଖାଗଲା । ଆମ ନାଆ ଚଳାଉଥିବା ନାଉରୀଆ ଆମକୁ ଜଣାଇଦେଲା ଯେ ବିଭିନ୍ନ ପ୍ରକାରର ପକ୍ଷୀମାନେ ସେଠାରେ

 Download Magazine from www.aahwaan.com

ବସି ବସି ମଳତ୍ୟାଗ କରୁଥିବା ହେତୁ ତାହା ଧଳା ହୋଇଯାଇଛି । କେହିଜଣେ ସେହି ପାହାଡ଼ର ନାଁ ଚଢ଼େଇହଗା ପାହାଡ଼ ବୋଲି ଜଣାଇଦେଲା । ଏମିତି ଅନେକ ଛୋଟବଡ଼ ପାହାଡ଼ର ଉପରଭାଗ ଚିଲିକାର ଜଳରାଶିଦେଇ ମଥା ଟେକିଥାନ୍ତି, ଆଉ ଆମ ନାଆ ଆଗକୁ ମାଡ଼ି ଚାଲିଥାଏ । ଅନତି ଦୂରରେ ମା କାଳିଯାଇଙ୍କ ପୀଠ ଥିବା ପାହାଡ଼ ଆମକୁ ଦେଖାଗଲା । ଦୂରରୁ ସ୍ଥାନଟି ଏତେ ସୁନ୍ଦର ଦିଶୁଥିଲା ଯେ କହି ହେବନାହିଁ । ଆମ ନାଆ କାଳିଯାଇ ପାହାଡ଼ ପାଖରେ ପହଞ୍ଚିଲା । ଆମେ ସବୁ ଡଙ୍ଗାରୁ ଓହ୍ଲାଇ ମନ୍ଦିର ଗଲୁ ଓ ମାଆଙ୍କ ଦର୍ଶନ କରିବାପରେ ଭୋଗ ପ୍ରସାଦ ଲଗାଇ ସେ ସବୁ ଖାଇଲୁ । ମନ୍ଦିର ଥିବା ମୁଣ୍ଡିଆ ପାହାଡ଼ ଚାରିପାଖରେ ବୁଲି ଆସିବା ଭଳି ପଦଚଲା ରାସ୍ତାର ବ୍ୟବସ୍ଥା ହୋଇଥିଲା । ଚିଲିକାରେ ଡଙ୍ଗା ଚଳାଉଥିବା ପ୍ରାୟ ପ୍ରତ୍ୟେକ ନାଉରୀଆଙ୍କର ମାଆଙ୍କ ଉପରେ ଖୁବ୍ ଭରସା ରହିଛି । ମାଆଙ୍କୁ ସୁମନାସୀ ଦିନ ଆରମ୍ଭ କରନ୍ତି ସେମାନେ ବୋଲି ଆମ ନାଆର ନାଉରୀଆ ଆମକୁ ଜଣାଇଥିଲା ।

କାଳିଯାଇ ପାହାଡ଼ରେ କିଛି ସମୟ ବିତାଇବା ପରେ ଆମେ ସେଠାରୁ ଆଗକୁ ଅଗ୍ରସର ହେଲୁ । ଆମର ପରବର୍ତ୍ତୀ ଦର୍ଶନସ୍ଥଳୀ ଥିଲା ନଳବଣ । ଶୀତଦିନେ ଚିଲିକାର ଏହି ସ୍ଥାନକୁ ଦେଶ ବିଦେଶରୁ ଲକ୍ଷ ଲକ୍ଷ ପକ୍ଷୀ ଆସନ୍ତି । ଏବଂ ସେହି ପକ୍ଷୀମାନଙ୍କୁ ଦେଖିବାପାଇଁ ଉଭୟ ରାଜ୍ୟ ଭିତର ଓ ବାହାରର ପର୍ଯ୍ୟଟକ ମାନଙ୍କ ଭିଡ଼ ପରିଲକ୍ଷିତ ହୋଇଥାଏ । ଅବଶ୍ୟ ଡଙ୍ଗା ଆମକୁ ନଳବଣର ଅତି ନିକଟକୁ ନେଇଗଲା ନାହିଁ । କାରଣ ବଣ୍ୟ ବିଭାଗ ଦ୍ୱାରା ଜାରୀ କରାଯାଇଥିବା ନିୟମରେ ଏମିତି କରିବାକୁ ବାରଣ କରାଯାଇଥିଲା । ତଥାପି କିଛି ଦୂରରେ ଥାଇ ଚିଲିକା ଉପରେ ଶହ ଶହ ପକ୍ଷୀ ମେଳି ଦେଖିବା ଅତି ଆମୋଦକର ହୋଇଥିଲା । ସତରେ ଯାହା ଆମେ ପିଲାଦିନୁ ଶୁଣି ଆସିଥିଲୁ ତାହା ସତ ଲାଗୁଥିଲା;

Download Magazine from www.aahwaan.com

ସୁନ୍ଦର ତୃପ୍ତିର ଅବସାଦ ନାହିଁ,

ଯେତେ ଦେଖୁଥିଲେ ନୂଆ ଦିଶୁଥାଇ ।

ନଳବଣ ଦର୍ଶନ ସାରିବା ପରେ ଆମେ କୂଳକୁ ଫେରିବା ନିଷ୍ପତ୍ତି ନେଇଥିଲୁ । ଆମ ଫେରନ୍ତା ବାଟରେ ନାଉରୀଆ ଆମକୁ ଡଲଫିନ୍ ମାଛ ଦେଖାଇବାର ପ୍ରତିଶୃତି ଦେଇଥିଲା କିନ୍ତୁ ଆମେ ଦେଖି ପାରିଲୁ ନାହିଁ । ଚିଲିକା ଉପରେ ସ୍ଥାନେ ସ୍ଥାନେ ବାଉଁଶ ପୋତି ଦିଆଯାଇ ମାଛ ଚାଷ କରାଯିବା ହେତୁ ଏହି ଡଲଫିନ୍ ମାନଙ୍କ ବିଚରଣରେ ଅସୁବିଧା ହେଉଛି ଏବଂ ଏମାନଙ୍କ ସଂଖ୍ୟା ଦିନକୁ ଦିନ କମ ହେବାରେ ଲାଗିଛି । ଅନେକ ସ୍ଥାନରେ ଚିଲିକାକୁ ଘେରି ମଧ୍ୟରେ ଛନ୍ଦି ଦିଆଯାଇଛି ଯାହା ଆମକୁ ଆଦୌ ଗ୍ରହଣୀୟ ଲାଗିଲା ନାହିଁ ।

ସେ ଯା ହେଉ, ଛାତ୍ରଛାତ୍ରୀମାନେ ଅବସର ବିନୋଦନ ପାଇଁ ଭ୍ରମଣ କରିବା ଉଚିତ । ଏହା ଦ୍ୱାରା ନୂଆ ନୂଆ ସ୍ଥାନ ମାନଙ୍କ ବିଷୟରେ ଜାଣିବା ସହ ଆନନ୍ଦ ଅନୁଭବ କରିପାରିବେ । ଅଧିକାଂଶ ଶିକ୍ଷାନୁଷ୍ଠାନ ଶୀତ ଦିନମାନଙ୍କରେ ବଣଭୋଜି ଆୟୋଜନ କରନ୍ତି, ସେମାନଙ୍କୁ ଅନୁରୋଧ ସେମାନେ ଅନ୍ତତଃ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ କୌତୁହଳ ସୃଷ୍ଟି କରନ୍ତୁ ଆମ ରାଜ୍ୟର ଅନେକ ଦର୍ଶନୀୟ ସ୍ଥାନ ଅଛି ସେ ସବୁ ସ୍ଥାନ୍ ବୁଲାଇ ଦେଖାନ୍ତୁ । ଏହା ଦ୍ୱାରା ଆନନ୍ଦ ସହ ଜ୍ଞାନ ଆହରଣର ସୁଯୋଗ ମିଳିଥାଏ ।

ରାହାମା, ଜଗତସିଂହପୁର ଜିଲ୍ଲା, ଓଡ଼ିଶା

ଭ୍ରାମ୍ୟଭାଷ : ୯୮୬୧୬୨୦୯୨୪

Download Magazine from www.aahwaan.com

# ରଂଗମଞ୍ଚ ଓ ନାଟକର ଜନ୍ମ ଜାତକ



ଅଧ୍ୟାପିକା ରଞ୍ଜିତା ପାତ୍ର

ନାଟକର ଜନ୍ମଲଗ୍ନ ପରି ରଂଗମଞ୍ଚର ଜନ୍ମଲଗ୍ନ ଆଜି ମଧ୍ୟ ବିବାଦମାନ ବିଷୟ । ମଞ୍ଚ କଳ୍ପନା ବିନା ନାଟକ ରଚନା ସମ୍ଭବ ନୁହେଁ । ରଂଗମଞ୍ଚ ନଥିଲେ ନାଟକ ଅଭିନୀତ ହୋଇପାରେ ନାହିଁ । ନାଟକର ଜୀବନ୍ୟାସ ହୁଏ ମଞ୍ଚ ଉପରେ । ମଞ୍ଚବିନା ନାଟକ ସାହିତ୍ୟର ଅନ୍ୟାନ୍ୟ ବିଭାଗ ଯଥା - ଗଳ୍ପ, ଉପନ୍ୟାସ, ପ୍ରବନ୍ଧାଦି ହୋଇପାରେ ମାତ୍ର ନାଟକ ପଦବାଚ୍ୟ ହୋଇପାରେ ନାହିଁ । ତେବେ ନାଟକ ରଚିତ ହେବା ସଂଗେ ସଂଗେ ରଂଗମଞ୍ଚର ପରିକଳ୍ପନା କରାଯାଇଛି, ଏକଥା ସ୍ଥିର ନିଶ୍ଚିନ୍ତ । କାରଣ ନାଟକ ରଚିତ ହୋଇଥାଏ ଅଭିନୟ ଉଦ୍ଦେଶ୍ୟରେ । ରଙ୍ଗମଞ୍ଚର ଆକାର ପ୍ରକାର ଦୃଷ୍ଟିରୁ ବହୁ ନାଟ୍ୟକାର, ଅଲୋଚକ ତଥା ସମାଲୋଚକ ରଂଗମଞ୍ଚର ବହୁ ସଂଜ୍ଞା ପ୍ରଦାନ କରିଛନ୍ତି ।

ନାଟକ ରଚନା କରିବା ଏବଂ ସଫଳତାର ସହିତ ଅଭିନୟ କରାଇବା ସମୟ ସାପେକ୍ଷ ଓ ବ୍ୟୟସାପେକ୍ଷ । କେବଳ ସେତିକି ନୁହେଁ ନିନ୍ଦାପ୍ରଶଂସାକୁ ମଥାପାତି ସହ୍ୟ କରିବାର କ୍ଷମତା ରହିବା ଆବଶ୍ୟକ । ତେଣୁ ସ୍ୱାର୍ଥତ୍ୟାଗ ନକଲେ ନାଟକର ରଚନା କରି ଅଭିନୟ କରାଇବା ସହଜ ହୁଏ ନାହିଁ ।

ବାସ୍ତବରେ ନାଟକ ସବୁବେଳେ ରଂଗମଞ୍ଚ ସାପେକ୍ଷ । ରଂଗମଞ୍ଚ ନଥିଲେ ଅଭିନୟ ସଫଳ ହୁଏ ନାହିଁ । ତେଣୁ ନାଟକ ରଚନା ସମୟରେ ନାଟ୍ୟକାର ରଂଗମଞ୍ଚ ଉପଯୋଗୀ ସଂଳାପ ସଂଯୋଜନା କରିଥାଏ । ନାଟ୍ୟକାର ମୁକ୍ତ ନୁହେଁ । ତେଣୁ କେତେ ଗୁଡ଼ିଏ ନୀତିନିୟମ ମଧ୍ୟରେ ରହି ନାଟ୍ୟକାର ରଚନା କରେ ମଞ୍ଚ ଉପଯୋଗୀ ନାଟକ । ସ୍ୱଳ୍ପ

 Download Magazine from www.aahwaan.com

ସମୟ ମଧ୍ୟରେ ଜୀବନକୁ ପୂର୍ଣ୍ଣଭାବରେ ଉପସ୍ଥାପନା କରିବା ସଂଗେ ସଂଗେ ମଞ୍ଚ ଉପଯୋଗୀ ବିଷୟକୁ ସଂଯୋଜନା କରିଥାଏ ନାଟ୍ୟକାର ।

ଗୋଟିଏ ଦେଶ ଜାତିକୁ ମନୋରଂଜନ ଓ ଶିକ୍ଷା ଦେବା କ୍ଷେତ୍ରରେ ରଂଗମଞ୍ଚର ଭୂମିକା ଅନସ୍ୱୀକାର୍ଯ୍ୟ । ତେଣୁ ଗୋଟିଏ ସଚେତନ ଓ ସୁସଂସ୍କୃତ ଦେଶ ବା ଜାତି ରଂଗମଞ୍ଚ ସମ୍ପର୍କରେ ସଚେତନ ହୋଇଥାଏ । ଏତଦ୍ ବ୍ୟତୀତ, ମଞ୍ଚ ସଫଳତା ଉପରେ ନାଟ୍ୟ ସଫଳତା ନିର୍ଭର କରିଥାଏ । ତେଣୁ ରଂଗମଞ୍ଚର ଗୁରୁତ୍ୱ ସ୍ୱୀକାର୍ଯ୍ୟ । ସଂସ୍କୃତ ନାଟ୍ୟକାର ଭରତମୁନି ତାଙ୍କ ସ୍ୱରଚିତ 'ନାଟ୍ୟଶାସ୍ତ୍ର'ରେ ଏହି ରଂଗମଞ୍ଚ ସମ୍ପର୍କରେ ବିସ୍ତୃତ ଆଲୋଚନା ପରିସର ଭୁକ୍ତ କରିଛନ୍ତି ।

ବହୁବର୍ଷ ପୂର୍ବେ ଆମଦେଶ ରାଜାଙ୍କର ଶାସନାଧୀନ ଥିଲା । ଏହି ରାଜାମାନେ ନୃତ୍ୟ, ଗୀତ ସାଙ୍ଗକୁ ନାଟ୍ୟ ଦର୍ଶନର ରୁଚି ରଖୁଥିଲେ । ଏହାର ପ୍ରମାଣ ସ୍ୱରୂପ ହାତୀଗୁମ୍ଫା ଶିଳାଲେଖରେ ଖୋଦିତ ଖାରବେଳଙ୍କ ପ୍ରଚାର କିର୍ତ୍ତି । ତେଣୁ ଆମ ନାଟ୍ୟପରମ୍ପରା ବହୁ ପ୍ରାଚୀନ ବୋଲି ଏହି ଶିଳାଲେଖ ପ୍ରମାଣ ଦିଏ । ବହୁ ମଠ ଓ ମନ୍ଦିର ମାନଙ୍କରେ ମଧ୍ୟ କିଛି କିଛି ନାଟ୍ୟ ଅଭିନୟ ସଂମ୍ପର୍କୀୟ ପ୍ରମାଣ ମିଳେ । ବହୁ ପୂର୍ବରୁ ରଚିତ ସଂସ୍କୃତ ନାଟକଗୁଡିକ ଏବେ ମଧ୍ୟ ପ୍ରମାଣ ସ୍ୱରୂପ ରହିଛି । ସେହିସବୁ ନାଟକଗୁଡିକ ଅଭିନୀତ ହୋଇଥିବା ନିଶ୍ଚିତ । କାରଣ ନାଟ୍ୟରଚନା ଅଭିନୟ ଉଦ୍ଦେଶ୍ୟରେ ଅଭିପ୍ରେତ । ପୂର୍ବ କାଳରେ ନାଟକ ଗୁଡିକୁ ମଠ, ମନ୍ଦିର, ରାଜଦରବାର ମାନଙ୍କରେ ହେଉଥିବାରୁ କିମ୍ବା ନାଟ୍ୟମଣ୍ଡପ ଆଦିରେ ପରିବେଷିତ ହେଉଥିବାରୁ ରଂଗମଞ୍ଚର ପ୍ରମାଣ ମିଳୁନାହିଁ । ତେବେ ବିଧିବଦ୍ଧ ଭାବରେ ଆଧୁନିକ ରୀତିରେ ରଂଗମଞ୍ଚ ପ୍ରତିଷ୍ଠା ହୁଏ ୧୮୭୫ ମସିହାରେ । ନାଟ୍ୟକାର ଜଗନ୍ମୋହନ ଲାଲ୍‌ଙ୍କ ପ୍ରଚେଷ୍ଟାରେ । ଏହି ରଂଗମଞ୍ଚ 'ରାଧାକାନ୍ତ ରଂଗମଞ୍ଚ' ନାମରେ ପ୍ରତିଷ୍ଠା ଲାଭ

 Download Magazine from www.aahwaan.com

କରେ । ପରବର୍ତ୍ତୀ ସମୟରେ ବହୁ ରଂଗମଞ୍ଚ ମୁଣ୍ଡ ଟେକିଛି । ନାଟକ ଦର୍ଶନର ଲୋକପ୍ରିୟତା ସାଙ୍ଗକୁ ସାମନ୍ତ ରାଜାମାନଙ୍କର ଆଗ୍ରହ, ଅନୁଦାନ ଓ ବିଶିଷ୍ଟ ବ୍ୟକ୍ତିମାନଙ୍କର ପ୍ରଚେଷ୍ଟାରେ ବହୁ ରଂଗମଞ୍ଚ ସୃଷ୍ଟି ହୋଇଥିଲା । ସେହିସବୁ ରଂଗମଞ୍ଚରେ ନାଟକ ଅଭିନୟ ହୋଇଥିବାର ପ୍ରମାଣ ରହିଛି । ପରବର୍ତ୍ତୀ ସମୟରେ ନାଟକର ଲୋକପ୍ରିୟତା କାରଣରୁ ସ୍କୁଲ, କଲେଜ ମାନଙ୍କରେ ମଧ୍ୟ ନାଟ୍ୟ ଅଭିନିତ ହେବାର ପ୍ରମାଣ ରହିଛି । ତେବେ ଆଧୁନିକ ଓଡ଼ିଆ ନାଟକରେ ପ୍ରଥମ ପର୍ଯ୍ୟାୟରେ ଜଗନ୍ମୋହନ ଲାଲ୍, ରାମଶଙ୍କର ରାୟ, ହରିହର ମିଶ୍ର, ଭିକାରୀ ଚରଣ ପଟ୍ଟନାୟକ, ବୀରବିକ୍ରମ ଦେବ, ପଦ୍ମନାଭ ନାରାୟଣ ଦେବ, ରାଧାମୋହନ ରାଜେନ୍ଦ୍ରଦେବ, ଗୋଦାବରୀଶ ମିଶ୍ରଙ୍କ ନାଟକ ରଚିତ ହୋଇ ଅଭିନୀତ ହୋଇଥିଲା । ନାଟ୍ୟ ରଚନାର ଦ୍ୱିତୀୟ ପ୍ରର୍ଯ୍ୟାୟରେ ନାଟ୍ୟଭାରତୀ ଅଶ୍ୱିନୀ କୁମାର ଘୋଷ, କାଳୀ ଚରଣ ପଟ୍ଟନାୟକଙ୍କ ନାଟକ ରଂଗମଞ୍ଚିୟ ଲୋକପ୍ରିୟତା ଲାଭ କରିପାରିଥିଲା ।

ରଙ୍ଗମଞ୍ଚ ପରି ପ୍ରଥମ ଓଡ଼ିଆ ନାଟକ କିଏ ? ଆଜି ମଧ୍ୟ ବିବାଦମାନ ବିଷୟ ହୋଇ ରହିଛି । ୧୮୩୪ ମସିହାରେ ଖଡ଼ଗା ପ୍ରସାଦଙ୍କ ପଦ୍ମାବତୀ ହରଣ ନାଟକ, ୧୮୬୮ ମସିହାରେ ରଘୁନାଥ ପରିଛାଙ୍କ ‘ଗୋପିନାଥ ବଲ୍ଲଭ’ ନାଟକ, ୧୮୭୭ ମସିହାରେ ଜଗନ୍ମୋହନ ଲାଲଙ୍କ ‘ବାବାଜୀ’ ନାଟକ, ୧୮୮୦ ମସିହାରେ ରାମଶଙ୍କର ରାୟଙ୍କ ‘କାଂଚିକାବେରୀ’ ନାଟକ ରଚିତ ହୋଇ ଅଭିନୀତ ହୋଇଥିବାର ପ୍ରମାଣ ରହିଛି । ତେବେ ଆଧୁନିକ ଓଡ଼ିଆ ନାଟକ ଭାବରେ ‘ବାବାଜୀ’ ନାଟକକୁ କେତେଜଣ ଆଲୋଚକ ଗ୍ରହଣ କରୁଥିବା ବେଳେ ଅନ୍ୟ କେତେଜଣ ଆଲୋଚକ ମୁହଁ ଫେରାଇ ନିଅନ୍ତି । ନିମ୍ନରେ ତାହା ଆଲୋଚନା କରାଗଲା ।

ଆଧୁନିକ ଓଡିଆ ନାଟକର ଆଦ୍ୟ ଓଁ କାର ଘଟେ ଜଗମୋହନ ଲାଲ୍ଙ୍କ ‘ବାବାଜୀ’ (୧୮୭୭) ନାଟକରୁ । ସେ ଏପରି ଜଣେ ନାଟ୍ୟକାର ଯାହାଙ୍କ ନାଟକ ସମାଜ

 Download Magazine from www.aahwaan.com

ସଂସ୍କାର ପାଇଁ ବଦ୍ଧପରିକର । ତତ୍କାଳୀନ ସମାଜରୁ କୁସଂସ୍କାର ଦୂର କରିବା ଥିଲା ତାଙ୍କର ମୁଖ୍ୟ ଉଦ୍ଦେଶ୍ୟ । ସମାଜର ନାଲି ଆଖି ଓ ସମାଲୋଚନାକୁ ସେ ଡରିନଥିଲେ । 'ସତୀ', 'ପ୍ରୀତି' ଓ 'ବୃଦ୍ଧବିବାହ' ତାଙ୍କର ଅନ୍ୟ ତିନୋଟି ସମାଜ ସଂସ୍କାର ମୂଳକ ନାଟକ । କୁହାଯାଏ ହଜାର ସଂସ୍କରମୂଳକ ଭାଷଣରେ ଯେତିକି ସମାଜର ଉପକାର ହୁଏ ଗୋଟିଏ ନାଟକ ରଚନାରେ ସମାଜର ସେତିକି ଉପକାର ହୁଏ । ତାଙ୍କ ନାଟକ ଦେଖି କେତେଜଣ ମୁହଁ ଫେରେଇ ନେଇଥିବା ବେଳେ  କେତେଜଣ ବୁଝିଥିଲେ ତାଙ୍କ ନାଟକର ମାର୍ମିକ ବାସ୍ତବତାକୁ । କୁସଂସ୍କାର କେତେ ଯେ ବିଷାକ୍ତ ଓ ବିପଦଜନକ ହୋଇପାରେ ତାହା ଅନୁଭବ କରିହୁଏ ଉପରୋକ୍ତ ନାଟକରୁ । ତାଙ୍କ ନାଟକର ବ୍ୟଙ୍ଗ ଧର୍ମିତା ଓ ସଂସ୍କାର ମୂଳକ ସଂଳାପ ଆଜି ମଧ୍ୟ ପାଠକ ଓ ଦର୍ଶକ ଚିତ୍ତରେ ଆଲୋଡନ ସୃଷ୍ଟିକରେ । ତାଙ୍କ ନାଟକଗୁଡିକ ତତ୍କାଳୀନ ସମାଜର ବାସ୍ତବ ରୂପ ବା ସାମାଜିକ ଇତିହାସ କହିଲେ ଅତ୍ୟୁକ୍ତି ହେବନାହିଁ । ଆଧୁନିକ ନାଟକର ବିକାଶ ପର୍ବରେ ତାଙ୍କ ନାଟକ ପ୍ରଥମ ପଦଧ୍ୱନି ।

ବିଭିନ୍ନ ପତ୍ରପତ୍ରିକା ଓ ବ୍ୟକ୍ତିବିଶେଷ, 'ବାବାଜୀ' ନାଟକକୁ ଆଧୁନିକ ଓଡିଆ ନାଟ୍ୟସାହିତ୍ୟର ପ୍ରଥମ ନାଟକ ଭବରେ ପ୍ରଚାର କରିଛନ୍ତି । 'ଉତ୍କଳ ଦୀପିକା' ଓ 'ସମ୍ବାଦ ବାହିକା' ପତ୍ରିକା ଦୁଇଟି ଯଥାକ୍ରମେ ମତଦେଇ ଲେଖିଛନ୍ତି- "ଓଡିଆ ଭାଷାରେ ଏପର୍ଯ୍ୟନ୍ତ ନାଟକ ରଚନା ହୋଇନଥିଲା । ଏ ପୁସ୍ତକ ତହିଁରେ ପ୍ରଥମ ଉଦ୍ୟମ ଅଟଇ । ନାଟକର ଭାଷା ଓ ରଚନା ଛଟା କି ପ୍ରକାରର ହେବ ଏସବୁ ଅତି ଚମତ୍କାର ରୂପେ ଗ୍ରନ୍ଥ କର୍ତ୍ତା ଦେଖାଇଛନ୍ତି । ଇଂଗ୍ରାଜୀ, ସଂସ୍କୃତ ନାଟକର ଲକ୍ଷଣାନୁସାରେ ଏହାକୁ ପ୍ରଥମ ନାଟକ ବୋଲିବାକୁ ମନ ବଳୁନାହିଁ । ଏହାଦ୍ୱାରା ନାଟକର ବାଟ ଫିଟିଲା । ଏଥର ଅନ୍ୟାନ୍ୟ କୃତବିଦ୍ୟ ମାନେ ଏ ପକ୍ଷରେ ମନଦେଲେ ଅଚିରେ ପ୍ରକୃତ ନାଟକ ଓଡିଆ ଭାଷାରେ ବାହାରିପାରେ ।" (ଉତ୍କଳ

Download Magazine from www.aahwaan.com

ଦୀପିକା)

"ଜଗନ୍ମୋହନ ବାବୁ ପ୍ରଥମେ ଆମ୍ଭମାନଙ୍କୁ ଆଶାରୁ ଅଧିକ ନାଟକ ଖଣ୍ଡିକ ପ୍ରଦାନ କଲେ । ଏଥି ନିମନ୍ତେ ଆମ୍ଭେମାନେ ତାହାଙ୍କୁ ଧନ୍ୟବାଦ ଜଣାଉଚୁ ।" (ସମ୍ବାଦ ବାହିକା) ।

ତତ୍କାଳୀନ ସମୟରେ ବହୁ ବାଦବିବାଦ ସତ୍ତ୍ୱେ 'ବାବାଜୀ' ନାଟକ ଆଧୁନିକ ଓଡିଆ ନାଟକର ଗୌରବ ଆସନର ଅଧିକାରୀ । ନାଟ୍ୟକାର ଗୋପାଳ ଛୋଟରାୟଙ୍କ ମତରେ- "ଆମର ପ୍ରଥମ 'ବାବାଜୀ' ନାଟକ କଣ୍ଟେମ୍ପୋରାରୀ ବା ସମସାମୟିକ ଥିମ୍ ଅବଲମ୍ବନରେ ରଚିତ ଏକ ନାଟକ ଯାହାକୁ ଆମେ ସାମାଜିକ ନାଟକ ବୋଲି କହୁଛୁ ।" (୨)

ବାବାଜୀ ନାଟକ ସମାଜର କେତେକ ଦିଗପ୍ରତି ଗୁରୁତ୍ୱ ଆରୋପ କରିଛି । ଯଥା- ସମାଜ ସଂସ୍କାର ଉପରେ ଗୁରୁତ୍ୱ, ସାଧୁ, ସନ୍ୟାସୀ ଓ ଭଣ୍ଡବାବା ମାନଙ୍କର ପ୍ରକୃତ ସ୍ୱରୂପ ଉଦ୍ଘାଟନ, ଡାହାଣୀ ଭୂତ, ଗୁଣିଗାରେଡି ଓ ମଦ୍ୟପାନର କୁପ୍ରଭାବ ସ୍ଥାନ ପାଇଛି ।

ପାଶ୍ଚାତ୍ୟ ଶିକ୍ଷା ଓ ସଂସ୍କୃତିର ପ୍ରସାର ଯୋଗୁ ଜନଜୀବନରେ ଦେଖାଦେଇଥିଲା ପାଶ୍ଚାତ୍ୟ ଚଳଣୀର ସ୍ୱଭାବ । ଭ୍ରଷ୍ଟାଚାର ଓ ମଦ୍ୟପାନ ସମାଜକୁ ନଷ୍ଟ ଭ୍ରଷ୍ଟ କରିଦେଇଥିଲା । ଏହି 'ବାବାଜୀ' ଉକ୍ତ ଭିତ୍ତିଭୂମି ଉପରେ ରଚିତ ହୋଇ ସମାଜ ସଂସ୍କାର ଓ ପାଶ୍ଚାତ୍ୟ ପ୍ରଭାବକୁ ସ୍ୱଷ୍ଟ କରିଥିଲା । ସେଦିନ ଫକୀରମୋହନ ମଧ୍ୟ ପାଶ୍ଚାତ୍ୟ ଶିକ୍ଷା ଓ ସଂସ୍କୃତିର ପ୍ରଭାବ ଦର୍ଶାଇବାକୁ ଯାଇ ଲେଖିଥିଲେ-

"ସାହେବୀ ପୋଷାକ କେହୁ ଅବା ପିନ୍ଧି
ସସ୍ମିତେ କହଇ ବଙ୍କା ବଙ୍କା ହିନ୍ଦୀ ।
ଥରେ ଥରେ କାଶି ସାହେବୀ ଠାଣିରେ
ପୋଛନ୍ତି ବଦନ ରୋମାଲ କାନିରେ

 Download Magazine from www.aahwaan.com

ପ୍ରକଟଇ ପୂରା ସାହେବୀପଣିଆ

ଫରକଟା ଗୋଡେ ହୁଏ ଫୁଣି ଠିଆ ।"

(ଦରବାର)

ଗ୍ରାମ୍ୟ ଜୀବନର ଅଜ୍ଞତା ଓ ଅନ୍ଧ ବିଶ୍ୱାସ ଦୂର କରିବା ସଂଗେ ସଂଗେ ମନୋରଞ୍ଜନଧର୍ମୀ ସଂଳାପର ସଂଯୋଜନା ନାଟକ ଆହୁରି ସ୍ଫୁତି ମଧୁର ତଥା ହାସ୍ୟରସାତ୍ମକ କରିପାରିଛି ।

ନାଟ୍ୟ ସଂଳାପ ଦୃଷ୍ଟିରୁ 'ବାବାଜୀ' ନାଟକ ଏକ ବିଫଳ ପ୍ରୟାସ କହିଲେ ଅତ୍ୟୁକ୍ତି ହେବ ନାହିଁ । କାରଣ ସମାଜ ସଂସ୍କାରର ପ୍ରୟାସ ନାଟକରେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଗତି କରିବା ସଂଗେ ସଂଗେ ପ୍ରଚାର ନାଟକଟିକୁ ଧର୍ମୀ କରିପକାଇଛି । ଲାଲ୍‌ଙ୍କର ଦ୍ୱିତୀୟ ନାଟକ 'ସତୀ' ମଧ୍ୟ ସାମାଜିକ, ରାଜନୈତିକ, ଧାର୍ମିକ, ତଥା ଅନ୍ଧବିଶ୍ୱାସର କୁପରିଣାମକୁ ସୂଚାଇଦେବାର ପ୍ରୟାସ କରାଯାଇଛି ।

ନାଟ୍ୟସୃଷ୍ଟି ଦୃଷ୍ଟିରୁ 'ବାବାଜୀ' ନାଟକ ଅପେକ୍ଷା 'ସତୀ' ନାଟକ ସଫଳତା ଲାଭ କରିଛି । ଏହି ନାଟ୍ୟ ସଫଳତା ବିଷୟରେ ମତଦେଇ ହେମନ୍ତ କୁମାର ଦାଶ ଲେଖିଛନ୍ତି- 'ସତୀ' ନାଟକ ହେଉଛି ତାଙ୍କର ନାଟ୍ୟପ୍ରାଣତାର ଏକ ସମୁଜ୍ଜ୍ୱଳ ଦୃଷ୍ଟାନ୍ତ । ଯେଉଁମାନେ ଇତି ପୂର୍ବରୁ ଲାଲ ମହାଶୟ ନାଟକ ଲେଖିବା ଜାଣନ୍ତି ନାହିଁ ବୋଲି ଅଭିଯୋଗ କରିଥିଲେ, ଏହା ଥିଲା ସେମାନଙ୍କ ପାଇଁ ଏକ ଜବାବ । ସେଥିରେ ନାଟ୍ୟକାର ଓଡିଆର ଯେଉଁ ଭିତ୍ତି ସ୍ଥାପନ କରିଥିଲେ, ତାହା ତାଙ୍କର ସମସାମୟିକ ନାଟ୍ୟକାର ମାନେ ତ ଦୂରର କଥା, ଏ କାଳର ନାଟ୍ୟକାର ମାନେ ମଧ୍ୟ ତାଙ୍କୁ ଏଡାଇ ଯାଇ ପାରି ନାହାନ୍ତି । (୩ )

ଜଗମୋହନ ଲାଲାଂକ ପରେ ରାମଶଙ୍କର ରାୟଙ୍କ ନାଟକ ସୃଷ୍ଟି ଓଡିଆ ନାଟକ ରଚନାର ଅଭାବକୁ ଦୂର କରିବାରେ ସକ୍ଷମ ହୁଏ । ଐତିହାସିକ, କାଳ୍ପନିକ, ପୌରାଣିକ,

ସାମାଜିକ ବିଷୟକୁ ନେଇ ସର୍ବମୋଟ ୧୪ ଖଣ୍ଡ ନାଟକ ସେ ଲେଖିଛନ୍ତି ।

୧୮୮୦ ମସିହାରେ, ରାମଶଂକର ରାୟ କାଂଚିକାବେରୀ ନାଟକ ଲେଖି ଅଭିନୟ କଲେ । ମାତ୍ର ଏହା ୧୮୮୨ ମସିହା ଅଗଷ୍ଟ ମାସ ୧୨ ତାରିଖ ଦିନ ପୁସ୍ତକ ଆକାରେ ପ୍ରକାଶିତ ହେଲା । ଇତିହାସର ଘଟଣାକୁ ନେଇ ନାଟକ ରଚନା କରିବାରେ ସେ ନବଜାଗରାଣର ଆଲୋକବର୍ତ୍ତିକା କହିଲେ ଅତ୍ୟୁକ୍ତି ହେବନାହିଁ । କାଞ୍ଚିକାବେରୀ ନାଟକର 'ପରିଭାଷା'ରେ ନାଟ୍ୟକାର ରାମଶଙ୍କର ଲେଖିଛନ୍ତି- "କାଞ୍ଚିଅଭିଯାନ ବିଷୟ କୌଣସି ପୁରାଣରେ ବର୍ଣ୍ଣନା କରାଯାଇ ନାହିଁ । ଏହା ପୁରୁଷୋତ୍ତମ ଦାସଙ୍କର ଓଡିଆ 'କାଞ୍ଚିକାବେରୀ' (ଷୋଡଶ / ସପ୍ତଦଶ ଶତାବ୍ଦୀ) ଓ ରଙ୍ଗଲାଲ ବନ୍ଦୋପାଧ୍ୟାୟଙ୍କ ରଚିତ ବଙ୍ଗଳା କାଞ୍ଚିକାବେରୀ କାବ୍ୟ (ଖ୍ରୀ:୧୮୮୦)ରେ ବର୍ଣ୍ଣନା କରାଯାଇଛି । ଦାସ ସୁଆରଙ୍କ କମଳା ଲେମ୍ବୁ ପୂଜା ଓ ସେଥିପାଇଁ କାରାରୁଦ୍ଧ ହେବା, ରାଜାଙ୍କର ସ୍ୱପ୍ନାଦେଶ ଓ ଦାସସୁଆରଙ୍କୁ ମୁକ୍ତି ପ୍ରଦାନ, ଜଗନ୍ନାଥ ଓ ବଳଭଦ୍ରଙ୍କର ଅଶ୍ୱାରୋହଣ ପୂର୍ବକ କାଞ୍ଚିଯାତ୍ରା, ମାଣିକଠାରୁ ଦଧିପାନ, ମାଣିକପାଟଣା ସ୍ଥାପନ, ଭଣ୍ଡ ଗଣେଶ ଓ ସାକ୍ଷୀ ଗୋପୀନାଥଙ୍କୁ ପୁରୀ ଆନୟନ, ଚଣ୍ଡାଳକୁ ପଦ୍ମାବତୀ ପ୍ରଦାନ ଆଦେଶ, ରଥଯାତ୍ରା ଦିନ ଛେରାପହଁରା ବେଳେ ମନ୍ତ୍ରୀଙ୍କର ନିର୍ଦ୍ଦେଶରେ କାଞ୍ଚିରାଜଜେମା ଗଜପତିଙ୍କୁ ବରମାଲ୍ୟ ଅର୍ପଣ କରିବା ଘଟଣା ପୁରୁଷୋତ୍ତମ ଦାସଙ୍କର କାଞ୍ଚିକାବେରୀରୁ ସଂଗୃହୀତ । ଏଠାରେ ଉଲ୍ଲେଖଯୋଗ୍ୟ ଯେ ସାକ୍ଷି ଗୋପୀନାଥ ପ୍ରଥମେ କଟକରେ ଥିଲେ ଏବଂ ମୁସଲମାନ ଆକ୍ରମଣ ଯୋଁଗୁ କଟକରୁ ପୁରୀ ଜିଲ୍ଲାର ସତ୍ୟବାଦୀ ଗ୍ରାମକୁ ସ୍ଥାନାନ୍ତରିତ ହେଲେ ।"(୪ )

ଇତିହାସ ଘଟଣା ସାଙ୍ଗକୁ ଆଧୁନିକ ଶୈଳୀରେ ସ୍ୱତନ୍ତ୍ର ନାଟକ ସୃଷ୍ଟିରେ କାଂଚିକାବେରୀ ନାଟକ ପ୍ରଥମ । ଏହା ପ୍ରଥମ ନାଟକ ଗୌରବରେ ଗୌରବାନ୍ୱିତ ହେବାରେ ମତଦ୍ୱୈଧ ଥିଲେ ମଧ୍ୟ ପ୍ରଥମ ଐତିହାସିକ ନାଟକର ଗୌରବୋଜ୍ଜ୍ୱଳ ମୁକୁଟ କାଂଚିକାବେରୀ ହିଁ ପିନ୍ଧିଛି । ଫକିରମୋହନଙ୍କ 'ଉତ୍କଳ ଭ୍ରମଣ' ଗ୍ରନ୍ଥରେ ଲେଖିଛନ୍ତି- "ହେ ରାମଶଙ୍କର ମୋ ମାନୁଛି ମନକୁ,

Download Magazine from www.aahwaan.com

ହୋଇପାର ଭାଇ ତୁମ୍ଭେ ଗଉରୀ ପଛକୁ ।
ଓଡିଆ ନାଟକ ଆଉ ନଭେଲର ଲେଖା,
ପ୍ରଥମରେ ତୁମ୍ଭଠାରେ ଗଲାସିନା ଦେଖା ।"( ୫)

ଗିରିଜାଶଙ୍କର ରାୟଙ୍କ 'ଓଡିଆ ନାଟ୍ୟକଳା' ଗ୍ରନ୍ଥରେ, ଫକିରମୋହନଙ୍କ 'ଉତ୍କଳ ଭ୍ରମଣଂ' ଗ୍ରନ୍ଥରେ, ଜାନକୀବଲ୍ଲଭ ଓ ପ୍ରିୟରଂଜନ ସେନ୍ ଆଦି ବିଶିଷ୍ଟ ସମାଲୋଚକଗଣ ରାମଶଂକର ରାୟଙ୍କୁ ପ୍ରଥମ ନାଟ୍ୟକାରର ଗୌରବ ପ୍ରଦାନ କରିଛନ୍ତି ।

'କାଂଚିକାବରରୀ' ନାଟକ ଏକ ନୂତନ ସାଂସ୍କୃତିକ ଚେତନାର ବାର୍ତାବହ । ଉତ୍କଳ ଇତିହାସର ଏକ ଗୌରବମୟ ବିଷୟକୁ ନେଇ ଏହା ଅନୁରଣିତ ହୋଇଛି । 'କାଂଚିକାବେରୀ' ନାଟକକୁ ଆଜି ୧୩୫ ବର୍ଷ ଅତିକ୍ରମ ହୋଇଗଲାଣି । ଇତି ମଧ୍ୟରେ ଅନେକ ଐତିହାସିକ ନାଟକ ରଚିତ ହୋଇ ସାରିଛି । ମାତ୍ର କାଂଚିକାବେରୀର ସ୍ଥାନ ଅକ୍ଷୁର୍ଣ୍ଣ ରହିଛି । ତତ୍କାଳୀନ ସମୟରେ ଓଡିଶା ପରାଧୀନ ଥିଲା । ଇଂରେଜ ସରକାରଙ୍କ ଅନ୍ୟାୟ ଅତ୍ୟାଚାର ସାଂଗକୁ ଖାଦ୍ୟାଭାବ, ଶିଷାର ଅଭାବ, ଦୁର୍ଭିକ୍ଷ ଫଳରେ ଓଡିଶାର ମେରୁଦଣ୍ଡ ଭାଂଗି ପଡିଥିଲା । ଏହିପରି ଏକ ଜଟିଳ ସମୟରେ 'କାଂଚିକାବେରୀ'ର ଆର୍ବିଭାବ ।

ଦେଶବାସୀଙ୍କ ମନରେ ଗୌରବାନ୍ୱିତ ମନୋଭାବ ଜାଗ୍ରତ କରିବା ସଂଗେ ସଂଗେ ବୀରତ୍ୱପୂର୍ଣ୍ଣ ଭାବଧାରା ପ୍ରତ୍ୟେକ ଦର୍ଶକକୁ ପ୍ରଭାବିତ କରେ । ପୁରୁଷୋତ୍ତମ ଦେବଙ୍କ କାଂଚି ବିଜୟ ଓଡିଶା ଇତିହାସରେ ଏକ ରୋମାଂଚକର ବିଷୟ । ଏହି ବିଷୟକୁ ନେଇ ନାଟକ ରଚନା ଓ ପରିବେଷଣ ବେଶ୍ ସଫଳ ହୋଇପାରିଛି ।

Download Magazine from www.aahwaan.com

# କର୍ମଜୀବି ସମାଜସେବୀ ଇଂ ଗୋପାଳକୃଷ୍ଣ ବେହେରା



ଡକ୍ଟର ଲକ୍ଷ୍ମଣ ସାହୁ

କର୍ମହିଁ ଜୀବନର ମାନଦଣ୍ଡ ଓ ମାନବ ସେବାହିଁ ମାଧବ ସେବା । ଏହି କର୍ମ ଓ ସେବାକୁ ଜୀବନର ବ୍ରତ ରୂପେ ଧାରଣ କରି ଆସିଥିବା ପ୍ରଖ୍ୟାତ ରାସ୍ତା ଓ ଗୃହନିର୍ମାନ ଯନ୍ତ୍ରୀ ବିଶେଷଜ୍ଞ ଇଂଜିନିୟର ଗୋପାଳ କୃଷ୍ଣ ବେହେରା ଆଜି ସମସ୍ତଙ୍କ ପ୍ରଶଂସାର ପାତ୍ର ପାଲଟି ଯାଇଛନ୍ତି, ଜଣେ କର୍ମୀଯୋଗୀ ଓ ସମାଜସେବୀ ଅସାଧାରଣ ସ୍ନେହୀ ମଣିଷଟିଏ । ବାଲି, ଗୋଡି, ଢିମା, ଲୁହାଛଡ, ସିମେଣ୍ଟ କଂକ୍ରିଟ୍ ଭିତରେ ନିତି ପେଶି ହୋଇଥିବା ମଣିଷଟିର ହୃଦୟ କେତେ କୋମଳ, ଉଦାର ଯେ ତାଙ୍କ ସଂସ୍ପର୍ଶରେ ଆସିଛି ସେହି ବୁଝିଛି, ହୃଦୟରେ ଭଲ ପାଇବାର ମଧୁରତା, ଭାଷାରେ ଗୁରୁଗମ୍ଭୀର କାର୍ଯ୍ୟ କରିବାର ସତ୍ୟତା, ଆଖିର ଆଖିଏ ଦୃଢ ସଂକଳ୍ପ ଇଚ୍ଛାଶକ୍ତିର ମାଦକତା, ବ୍ୟବହାରରେ ଚଟୁଳ ରସିକତା ପୂର୍ଣ୍ଣ ସମ୍ଭ୍ରମତା, ଚାଲିର ଠାଣିରେ ରାଜକୀୟତାର ପରିପାଟୀ ଫୁଟି ଉଠୁଥିବା ଏହି ମହାନ୍ ବ୍ୟକ୍ତିଙ୍କ ଜନ୍ମ ୨୯ ସେପ୍ଟେମ୍ବର ୧୯୪୦ ମସିହା କଟକ ଝାଞ୍ଜିରିମଂଗଳାରେ ପୁଣ୍ୟ ପବିତ୍ର ସ୍ଥାନରେ । ପିତା ସ୍ୱର୍ଗତ ଦୃର୍ଲଭ ବେହେରା, ମାତା ସ୍ୱର୍ଗତା ଲକ୍ଷ୍ମୀ ଦେବୀଙ୍କର ସେ ଥିଲେ ଅଳିଅଳ ଜ୍ୟେଷ୍ଠ ସଂତାନ । ପିତା ଦୃର୍ଲଭ ବେହେରା ସେ ସମୟରେ କୋଠାବାଡି ନିର୍ମାଣ କାର୍ଯ୍ୟରେ ସୁନାମ ଅର୍ଜନ କରିଥିବାରୁ ପିଲାଟି ବେଳୁ ବୋଧହୁଏ ଗୋପାଳ ବାବୁଙ୍କ ଉପରେ ପିତାଙ୍କ ପ୍ରଭାବ ପଡିଥିଲା, ଯାହା ତାଙ୍କୁ ଭବିଷ୍ୟତରେ ଜଣେ ସୁଦକ୍ଷ ଇଂଜିନିୟର କରି ଗଢି ତୋଳିଲା । ସେଦିନର ସେହି ଚପଳମତି ବାଳକ ଚାହାଳୀ ପାଠ ଶେଷକରି ରାଜବଗିଚା ମଧ୍ୟ ଇଂରାଜୀ ବିଦ୍ୟାଳୟରେ ପାଠାରମ୍ଭ କରିଥିଲେ, ପରେ

Download Magazine from www.aahwaan.com

କଲେଜିଏଟ୍ ସ୍କୁଲରେ ମାଟ୍ରିକ୍ ଶିକ୍ଷା ସାରି ଅଧୁନା ବିଶ୍ୱବିଦ୍ୟାଳୟ ମାନ୍ୟତା ଲାଭ କରିଥିବା ରେଭେନ୍ସା ମହାବିଦ୍ୟାଳୟ ଆଇ.ଏସି କୃତିତ୍ୱର ସହ ପାଶ୍ କଲେ । ଇଂଜିନିୟର ଶିକ୍ଷା ଲାଭ ୟୁନିଭରସିଟ୍ କଲେଜ ଅଫ ଇଂଜିନିୟରିଂ ବୁର୍ଲାରେ ବି.ଟେକ୍ ସମ୍ମାନର ସହ ସଫଳତା ପାଇଥିଲେ ଓ ସେଇ ବର୍ଷ ୧୯୬୨ରେ କର୍ମମୟ ଜୀବନ କ୍ଷେତ୍ରରେ ପାଦ ରଖିଲେ, ସର୍ବପ୍ରଥମେ ଓଡିଶା ସରକାରଙ୍କ ଅଧିନରେ ଆସିଷ୍ଟାଣ୍ଟ ଇଂଜିନିୟର ପୂର୍ତ୍ତ ବିଭାଗରେ ଚାକିରୀ ଆରମ୍ଭ କରିଥିଲେ, ସେଥିଲେ ତାଙ୍କ ଅଂଚଳର ପ୍ରଥମ ଇଂଜିନିୟର । ବାପା ଓ ମାତାଙ୍କ ଦୂରଦୃଷ୍ଟି ଯୋଗୁହିଁ ତାହା ସମ୍ଭବ ହୋଇଥିବା ସେ ସ୍ୱୀକାର କରନ୍ତି ।

ଗତି ମୁଖର ସମୟର ଚକ୍ରତଳେ ମଣିଷ ବହୁ ଘାତ ପ୍ରତିଘାତ ମଧ୍ୟ ଦେଇ ଆଗକୁ ଚାଲେ । କିନ୍ତୁ ସମସ୍ତେ ସେହି ସମୟର ଝଡଝଞ୍ଜାକୁ ସାମନା କରିପାରନ୍ତି ନାହିଁ । ଯେ କରେ, ସେ ହେଉଛନ୍ତି, ପ୍ରକୃତରେ ଅଭିଜ୍ଞ, ପ୍ରଭାବଶାଳୀ, ସର୍ବଶକ୍ତିମାନ ଶ୍ରେଷ୍ଠ ମଣିଷ । ଇଂଜିନିୟର ଗୋପାଳ ବାବୁ ସେମାନଂକ ମଧ୍ୟରୁ ଜଣେ, ଚାକିରି କାଳ ମଧ୍ୟରେ ଓ ପରେ ବିଭିନ୍ନ ପଦପଦବୀରେ ନିଜର କର୍ମନିଷ୍ଠା, କର୍ତ୍ତବ୍ୟ ପରାୟଣତା ଓ ପରୋପକାର ଜୀବନ ବିତାଇ ଚାଲିଛନ୍ତି । ପ୍ରଥମେ ଆସିଷ୍ଟାଣ୍ଟ ଇଂଜିନିୟର ଭାବେ କାର୍ଯ୍ୟଭାର ଗ୍ରହଣ କରି ଶେଷରେ ଚିଫ ଇଂଜିନିୟର (ମୁଖ୍ୟ ଯନ୍ତ୍ରୀ) ପୂର୍ତ୍ତ ଓ କୋଠାବାଡି ବିଭାଗ(ଓଡିଶା ସରକାରଙ୍କ ଅଧିନରେ)ରୁ ଅବସର ନେଇ କେବେ ଥକି ପଡିନାହାନ୍ତି । ତାଙ୍କର ଦକ୍ଷତା, କର୍ତ୍ତବ୍ୟ ନିଷ୍ଠା ତାଙ୍କୁ ତାଙ୍କ କର୍ମରେ ଅଦ୍ୟାବଧି କାର୍ଯ୍ୟରେ ବାନ୍ଧି ରଖିଛି ।

ପ୍ରାୟତଃ ପଚାଶ ବର୍ଷରୁ ଅଧିକ ସମୟ ପୂର୍ତ୍ତ ବିଭାଗର ଯନ୍ତ୍ରୀ ଭାବରେ ସଂପୃକ୍ତ ରହି ଆସିଥିବା ଏହି ମହାନ୍ ବ୍ୟକ୍ତି ଏବେ ବି ଜଣେ କନ୍ସଲଟାଣ୍ଟ (ଉପଦେଷ୍ଟା) ଭାବରେ କାର୍ଯ୍ୟରତ ଅଛନ୍ତି । ତାଙ୍କର ପ୍ରମୁଖ ଅବଦାନ ଗୁଡିକ ପ୍ରତି ଦୃଷ୍ଟି ଦେଲେ

Download Magazine from www.aahwaan.com

ବିସ୍ମୟ ଲାଗେ । ସ୍ୱାଧୀନତା ପରବର୍ତ୍ତୀ ସମୟରେ ପ୍ରଥମ ବ୍ରିଜ୍ କାଳିଆବୁଦା ଠାରୁ ଆରମ୍ଭକରି ଅନ୍ୟ ସାତଟି ବ୍ରିଜର ପ୍ଲାନିଂ ଓ ନିର୍ମାଣ, ଲୁଣାନଦୀ ଉପରେ ଇଷ୍ଟକୋଷ୍ଟ ରେଳବାଇର ବ୍ରିଜ, ପାରାଦ୍ୱୀପ ହରିଦାସପୁର ରେଳଲିଙ୍କ୍, କଟକ-ପାରାଦ୍ୱୀ କଂକ୍ରିଟ୍ ରୋଡ୍ ଓ ଧବେଶ୍ୱର ଝୁଲନ୍ତା ବ୍ରିଜ୍ ଆଦି ତାଙ୍କ ଦକ୍ଷତାର ପ୍ରମାଣ ଦିଏ । ବର୍ତ୍ତମାନ ମହାନଦୀ ଉପରେ ଚହଟାଠାରେ ନିର୍ମାଣଧୀନ ବ୍ରିଜର କନ୍‌ସଲଟାଣ୍ଟ (ଉପଦେଷ୍ଟା ଯନ୍ତ୍ରୀ) ଇଂଜିନିୟର ବିଶେଷଜ୍ଞ ଭାବରେ କାର୍ଯ୍ୟରତ ଓ ନାର୍ବାଡ୍ ବ୍ୟାଙ୍କର ମଧ୍ୟ ବିଶେଷଜ୍ଞ ଉପଦେଷ୍ଟା (କନ୍‌ସଲଟାଣ୍ଟ) ଭାବରେ ଅବସ୍ଥାପିତ ଅଛନ୍ତି ।

କୌଣସି ବ୍ୟକ୍ତିଠାରୁ ଯେ କୌଣସି କାମ ହାସଲ କରିବାର ଏକମାତ୍ର ଉପାୟ ସେହି ବ୍ୟକ୍ତି ମନରେ ସେହି କାମ କରିବା ପାଇଁ ସ୍ୱତଃ ପ୍ରବୃତ୍ତି ଜାଗ୍ରତ କରାଇବା, ଗୋପାଳବାବୁଙ୍କ ପାଖରେ ଏହା ଏକ ବିରାଟ ଅସ୍ତ୍ର, ଯାହାକି ଅତି ସହଜରେ ତାଙ୍କ ଅଧୀନସ୍ଥ କର୍ମଚାରୀଙ୍କ ଠାରୁ କାର୍ଯ୍ୟ କରାଇ ନେଉଥିଲେ । ମହୁ ଯଦି ସଂଗ୍ରହ କରିବାକୁ ଇଚ୍ଛା ମହୁଫେଣାକୁ ଗୋଇଠା ମାରିବା ଅନୁଚିତ । ଲୋକମାନଙ୍କ ମନରେ ଉତ୍ସାହ ସୃଷ୍ଟି କରିବା ଶକ୍ତିକୁ ବଡଗୁଣ ବୋଲି ଭାବନ୍ତି, ତାକୁ ପ୍ରଶଂସା ଓ ଉତ୍ସାହିତ କରି ତା'ର ଅନ୍ତର୍ନିହିତ ଶକ୍ତିର ବିକାଶ ଘଟାଇ ସଫଳତାର ଶୀର୍ଷରେ ପହଂଚାଇ ଦେବାର କଳା କୌଶଳ ତାଙ୍କୁ ବେଶ୍ ଜଣାଥିବାରୁ, ସେ ସମସ୍ତଙ୍କ ପ୍ରିୟପାତ୍ର ଅତି ଆପଣାର ମଣିଷଟିଏ ଅଟନ୍ତି ।

ସୁଦୂର ଜର୍ମାନରେ ରହିଥିବା ପ୍ରଖ୍ୟାତ ଇଂଜିନିୟର, ଓଡିଆ ସଂସ୍କୃତିର ରକ୍ଷକ, ଓଡିଆ ପରିପାଟିକୁ, ନିଜ ଜନ୍ମ ମାଟିକୁ ପ୍ରାଣ ଭରି ଭଲ ପାଉଥିବା ଖ୍ୟାତନାମା ଲେଖକ, ସୁବକ୍ତା ଡକ୍ଟର ରାଜେନ୍ଦ୍ର ନାରାୟଣ ଦାସ ତାଙ୍କର ପରମ ବନ୍ଧୁ, ବନ୍ଧୁଙ୍କ

 Download Magazine from www.aahwaan.com

ଦୃଷ୍ଟିରେ ସେ ହେଉଛନ୍ତି ମହାନଦୀ ବିହାରର ଗାନ୍ଧି । ସତରେ ଗାନ୍ଧି ଦର୍ଶନରେ ଗୋପାଳବାବୁ ସମାଜ ସେବାରେ ଅନୁପ୍ରାଣିତ । ସତ୍ୟ, ଧର୍ମ, ସମୟାନୁବ୍ରତୀତା ମଧ୍ୟରେ ସଦା ସେ ନିମଗ୍ନ ।

କଟକ ମହାନଦୀ ବିହାର ସୌନ୍ଦର୍ଯ୍ୟ କରଣ ଦିଗରେ ପ୍ରୟାସୀ । ବିଶେଷତଃ ରାସ୍ତାକଡ ବୃକ୍ଷରୋପଣ, ଜଗନ୍ନାଥ ମନ୍ଦିର, ମଙ୍ଗଳା ମନ୍ଦିର, ରାଧାକୃଷ୍ଣ ଆଦି ବିଭିନ୍ନ ମନ୍ଦିର ନିର୍ମାଣ, ବିଭିନ୍ନ ସ୍ଥାନରେ ମଧୁସୂଦନ, ଗୋପବଂଧୁ ଆଦି ମହାପୁରୁଷ ମାନଂକ ପ୍ରତିମୂର୍ତ୍ତୀ ସ୍ଥାପନ, ପେନସନ ଭୋଗିଙ୍କ ସଂଘ ଗଠନ, ମହାନଦୀ ବିହାର ରଥଯାତ୍ରାର ପରିଚାଳନା, ମହାନଦୀ ଭେଷ୍ଟିଭ୍ୟାଲ୍, ସାଂସ୍କୃତିକ ମହ୍ଲାର କାର୍ଯ୍ୟର ସୁସଂପାଦନ, ବିଭିନ୍ନ ଶିକ୍ଷାନୁଷ୍ଠାନ ବିକାଶ, ମହାନଦୀ ବିହାର ମହିଳା ମହାବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ପ୍ରତ୍ୟେକ କ୍ଷେତ୍ରରେ ତାଙ୍କର ଅବଦାନ, ଉପସ୍ଥିତି, ପରାମର୍ଶ, ହାତସ୍ପର୍ଶ, ପୃଷ୍ଠପୋଷକତା, ଦାନ, ଦାୟିତ୍ୱ ବୋଧତାକୁ ଦେଖିଲେ ବିସ୍ମୟ ଲାଗେ । ମହାନଦୀ ବିହାର ଅଂଚଳ କେବଳ ନୁହେଁ, ପାଖାପାଖି ପ୍ରତ୍ୟେକ ଅଂଚଳରେ ବଦାନ୍ୟତା ଦେଖାଇ ଆସିଛନ୍ତି । ସେ ଭୋଗରେ ନୁହେଁ ତ୍ୟାଗରେ ବ୍ରତୀ ; ମହାନଦୀ ବିହାରର ବିଭିନ୍ନ ଅନୁଷ୍ଠାନକୁ ମୁକ୍ତ ହସ୍ତରେ ଦାନ କରି ଚାଲିଥିବା ଏହି ମହାନ୍ ତ୍ୟାଗୀ ପୁରୁଷଂକ ଶେଷ ଇଚ୍ଛା ଓ ସଂକଳ୍ପ ନିଜ ବାସ ଭବନକୁ ମୃତ୍ୟୁ ପରେ ମହାନଦୀ ବିହାର ମହିଳା ମହାବିଦ୍ୟାଳକୁ ଦାନ କରିବାର ଦୃଢ ସଂକଳ୍ପ କରିଥିବା କଥା ଦୁଇ ସୁଯୋଗ୍ୟ ପୁତ୍ର ଓ କନ୍ୟାକୁ ଜଣାଇଛନ୍ତି, ତାଙ୍କର ଏଦାନରେ ମହାବିଦ୍ୟାଳୟର ଏକଛାତ୍ରୀ ନିବାସ (ହଷ୍ଟେଲ) ହେବ, ଏମହାନ୍ ଦାନ ନିକଟରେ ଏ ଅଂଚଳ ତଥା ମହାବିଦ୍ୟାଳୟ ଋଣୀ ଓ ତାଙ୍କ ନାମରେ ଛାତ୍ରୀ ନିବାସ ନାମାଙ୍କିତ କରାଯିବାରେ ମୁଁ

Download Magazine from www.aahwaan.com

ଆଶାବାଦୀ ।

ଇଚ୍ଛା ଓ ପ୍ରୟାସର ସେ ସଫଳକାମୀ ମଣିଷଟିଏ । ଯେ ସ୍ୱଷ୍ଟବାଦୀ ଅନ୍ୟମାନଙ୍କ ମନୋଭାବକୁ ଜାଣି ପାରନ୍ତି, ସେହି ଅନୁସାରେ କାର୍ଯ୍ୟ କରନ୍ତି, ନିଜ ଭବିଷ୍ୟତ ଉପରେ ଚିନ୍ତିତ ହେବାକୁ କେବେ ପଡେ ନାହିଁ । ସେହିଁ ସକଳ କାର୍ଯ୍ୟରେ ସଫଳ ହୁଅନ୍ତି, ସେଭଳି ଗୋପାଳ ବାବୁ ସବୁ କ୍ଷେତ୍ରରେ ସଫଳକାମୀ ପୁରୁଷ, ପରିବାରରେ ଦୁଇ ସୁଯୋଗ୍ୟ ପୁତ୍ର ଓ ଏକମାତ୍ର ସୁକନ୍ୟାଙ୍କ ସଫଳ ପିତା, ଧର୍ମପରାୟଣା ପତ୍ନୀ ଶୈଳବାଳାଙ୍କ ସଫଳ ପତି ।

ମହାନଦୀ ବିହାରରେ ବିଭିନ୍ନ ସମୟରେ ନାନା ସମସ୍ୟାକୁ ନେଇ ବାଦ ବିବାଦ ସୃଷ୍ଟି ହୁଏ । ତାର ସମାଧାନର ବାଟ ତାଙ୍କ ପାଖରେ ଥାଏ; ନିନ୍ଦା, ଅପବାଦକୁ ଖାତିର ନାହିଁ, ଯେ କୌଣସି ଲୋକ ବି ସମାଲୋଚନା କରିପାରେ, ନିନ୍ଦା, ଅଭିଯୋଗ ଆଣିପାରେ, ମୂର୍ଖ ଲୋକମାନଙ୍କ ଭିତରୁ ଅନେକ ସେପରି କରନ୍ତି, କିନ୍ତୁ କ୍ଷମା ଦେବାକୁ ହେଲେ ଚରିତ୍ର, ନିଷ୍ଠା, ଆତ୍ମ ସଂଯମ ଆବଶ୍ୟକ, ଯାହା ଗୋପାଳ ବାବୁଙ୍କ ଠାରେ ଦେଖିବାକୁ ମିଳେ । ଜଣେ ବଡ ବ୍ୟକ୍ତିତ୍ୱ ସଂପନ୍ନ ଲୋକ ଛୋଟ ଲୋକମାନଙ୍କ ସହ କିପରି ବ୍ୟବହାର କରନ୍ତି, ତାହା ଦ୍ୱାରାହିଁ ତାଙ୍କର ବଡଲୋକ ପଣିଆ ଜଣାପଡେ । ଦ୍ୱାପରର କୃଷ୍ଣ ଥିଲେ ଗୋପର, ମଥୁରାର, ହସ୍ତିନାର, ଦ୍ୱାରିକାର ପ୍ରିୟ : ସେଭଳି ଗୋପାଳ କୃଷ୍ଣ ହେଉଛନ୍ତି ଏ ଦେଶରାଜ୍ୟ ପୂର୍ତ୍ତ କୋଠାବାଡି ବିଭାଗର, ଏଜାତୀୟ ସଂସ୍କୃତି ଓ ଇତିହାସର, ଜାତିର, ମହାନଦୀ ବିହାରର, ସକଳ ଅନୁଷ୍ଠାନର ପ୍ରିୟ, ସକଳେ ତାଙ୍କର କର୍ମ, ଧର୍ମ, ଦାନ, ସେବା ପାଇଁ ଭଲ ପାଆନ୍ତି ।

Download Magazine from www.aahwaan.com

"ଆଗରେ ପଡିଛି ପଥ ବହୁ ଦୂର
ଆହୁରି କେତେ ଯେ ବାକି
ଚାଲିବି ଚାଲିବି ନପଡିବି ଥକି
ବୁଜିବା ଆଗରୁ ଆଖି ।"

ଏହି ସଂକଳ୍ପରେ ବ୍ରତୀ ଗୋପାଳ ବାବୁ । ମହାନଦୀ ବିହାରରେ ବହୁ ଜ୍ଞାନୀ, ଗୁଣୀ, ବୁଦ୍ଧିଜୀବି, ଯନ୍ତ୍ରୀ (ଇଂଜିନିୟର), ପ୍ରବୀଣ ଶିକ୍ଷାବିଦ୍, ଡକ୍ଟର, ଡାକ୍ତର, ବିଶିଷ୍ଟ ଶିଳ୍ପପତି, ଓକିଲ, ବିଚାରପତି, ନ୍ୟାୟାଧୀଶ, ବଡ ବଡ ବ୍ୟବସାୟୀ ମାନଙ୍କ ଅଭାବ ନାହିଁ, ତା'ସତ୍ତ୍ୱେ ଗୋପାଳବାବୁ ସଂପୂର୍ଣ୍ଣ ଭିନ୍ନ ରକମର ମନେ ହୁଅନ୍ତି । ନିଃସ୍ୱାର୍ଥପର, ବୁଦ୍ଧିଦୀପ୍ତ, ନିରାଡମ୍ବରପନ୍ନ, ଅହଂକାରଶୂନ୍ୟ, ମିଷ୍ଟଭାଷି, ରକ୍ତ, ମାଂସଧାରୀ ଅସାରଣ ବ୍ୟକ୍ତିଟିଏ । ଦେବତା ଅଛନ୍ତି ; ହେଲେ କୌଣସି ମନ୍ଦିର, ମସଜିଦ୍ ବା ଗୀର୍ଜା (ଚର୍ଚ୍ଚ)ରେ ନାହାନ୍ତି ; ଅଛନ୍ତି ଏଇ ମଣିଷ ମାନଙ୍କ ଭିତରେ, ଯେ ସାଧାରଣରୁ ଅସାଧାରଣ ପାଲଟନ୍ତି, ସେହିଁ କେବଳ ଦେବପ୍ରତିମରେ ରୂପାନ୍ତରିତ ହୁଅନ୍ତି, ସେଭଳି ଗୋପାଳ ବାବୁ ଜଣେ ଦେବପ୍ରତିମ ବ୍ୟକ୍ତି । ତାଙ୍କର ଏ ଅଠଷ୍ଟରୀ ତମ ଜନ୍ମ ଜୟନ୍ତୀରେ ତାଙ୍କୁ ମୋର ଶତ ପ୍ରଣାମ ଓ ଜଗନ୍ନାଥଙ୍କ ପାଖରେ ତାଙ୍କର ଦୀର୍ଘାୟୁ କାମନା କରୁଛି ।

ଓଡିଆ ଭାଷା ଓ ସାହିତ୍ୟ ବିଭାଗ
ମହାନଦୀ ବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ - ୪
ଦୂରଭାଷ : ୯୪୩୭୭୪୦୨୮୦

 Download Magazine from www.aahwaan.com

# ଅକସ୍ମାତ



ବିନୟ ମହାପାତ୍ର

ରୂପାଲୀ ଛକ ବସ୍ ଷ୍ଟପ, ସମୟ ପାଖା ପାଖି ଛଅଟା ବାଜିବ । ଅଫିସ ଫେରନ୍ତା ଭିଡ଼ । ଟାଉନ୍ ବସକୁ ଅପେକ୍ଷା । ଗୋଟିକ ପରେ ଗୋଟିଏ ବସ୍ ଚାଲି ଯାଉଚି, ସବୁ ଓଭରଲୋଡେଡ । ଓହଳି ଓହଳି ଯାଉଥିବା ଯାତ୍ରୀ, ସତେ ବା ଷୋଡ଼ଶୀ ବଧୁର ଗଭାର ଗଜରା, ଓହଳି ଆସିଛି ତାର ଖୋଷାରୁ, ଏଇନେ ଖସିପଡ଼ିବ, ହେଲେ ଖସି ପଡ଼େନା । ଜାବୁଡ଼ି ଧରିଥାଏ ତାର ରେଶମୀ ଖୋଷାକୁ । ହଳଦୀ ବସନ୍ତ ରଙ୍ଗର ଶାଢ଼ୀ ପିନ୍ଧି, କଲେଜ ଝିଅଟିଏ ପରି ଆଗକୁ ମାଡ଼ି ଯାଉଥିବା ଟାଉନ୍ ବସ୍ ସବୁ ଖୁବ୍ ସନ୍ତର୍ପଣରେ ଚାଲି ଯାଉଥାନ୍ତି । କୁଆଡ଼େ ଚାହୁଁ ନଥିବେ ହେଲେ ସବୁ ଦେଖୁଥିବେ, ଯାଗା ନଥିଲେ ବି ଖାଲି ଅଛିର ପ୍ରତିଶୃତି ଦେଇ ଭୁଲେଇ ନେବ, ସତେବା ଅତି ଆପଣାର, ତେଣିକି ଭିତରକୁ ଆସିଗଲା ପରେ ଏଠି ସମସ୍ତେ ସମାନ, ବସୁଧୈବ କୁଟୁମ୍ବକମ୍, ଆପଣ କିଛି ସ୍ପେଶାଲ ଆଶା କରିବାଟା ବଡ଼ ଅନ୍ୟାୟ । ଅନ୍ୟ ମାନଙ୍କ ପରି ଆପଣଙ୍କୁ ମଧ୍ୟ ଏଠି ଏଡ଼ଜଷ୍ଟ କରି ନେବାକୁ ହେବ ।

ହେ...ଇ, ହଠାତ୍ ପିଠିରେ କାହାର ନରମ ହାତର ପରଶ ପାଇ ପଛକୁ ମୁଡି ଚାହିଁଲି, ମୁରୁକି ହସାଧାରେ ଓଠରେ ନେଇ ଖୁବ୍ ସୁନ୍ଦର ଝିଅଟିଏ, ପୁରିଲା ପୁରିଲା ଗାଲ, ଦୁଧ ଅଳତା ରଙ୍ଗର ସଜଫୁଟା ଗୋଲାପ ଟିଏ ଅବା, ତାର କଜଳ ମଖା ଆଖିରେ ବଡ ଉତ୍ସାହର ସହିତ ମୋ ମୁହଁକୁ ଟୁକ୍ ଟୁକ୍ ଆଖିରେ ଅପଲକ ଚାହିଁ ରହିଥାଏ । ଆଖିରୁ ତାର ପଢି ହେଉଥାଏ ଅନେକ ତୃପ୍ତିର ପ୍ରେମ କବିତାଟିଏ, ହାତରେ ତାଳି ବଜେଇ ଏଇନେ ନାଚି ଯିବ ପରା ଅବୋଧ ଶିଶୁଟିଏ ପରି । ଏତେ ଆନନ୍ଦ ତା ହୃଦୟ ଭିତରେ ସତେବା ଲହଡି ମାରୁଥିଲା

Download Magazine from www.aahwaan.com

କିନ୍ତୁ ସେ ତାର ଖୁସିକୁ ପ୍ରକାଶ କରି ପାରୁ ନଥିଲା । ହେଲେ ମୁଁ କିନ୍ତୁ ମନେପକାଇ ପାରୁନଥିଲି ସେଇ ଅନ୍ତରା ଟିକୁ, କେଉଁ କବିତା ସିଏ ? ଜଣା ସଂଗୀତଟିଏ ତାର ସୁର ତ ଝାପ୍ସା ଝାପ୍ସା ମନେ ପଡୁଛି ହେଲେ ମନେ ପଡୁନି ଗୀତଟିର ବୋଲ ।

ଆଖିରେ ମୋର ଅଚିହ୍ନା ଅଚିହ୍ନା ସନ୍ଦେହ ତା ହସ ହସ ଚାନ୍ଦ ପରି ମୁହଁଟି ଉପରେ ଢାଙ୍କି ଆଣୁଥିଲା ହାଲକା ବାଦଲର ଛାଇ, ସେ ବର୍ଷିବାକୁ ଥିବା ମେଘ ପରି ଗୁମ ମାରି ଆସୁଥିଲା । ଧୀରେ ଧୀରେ ନୀରବତା ଭାଙ୍ଗି, ମୁଁ ଯେତେବେଳେ କହିଲି, 'ଚିହ୍ନି ପାରିଲିନି', ଝିଅଟି ହଠାତ୍ ତଳକୁ ମୁଁହ ପୋତି, ପାଦର କମ୍ପାସରେ ତାର ଭୂଇଁରେ ବୃତ୍ତ କାଟୁଥିଲା । ପୁଣି ପଚାରିଲି, ଆପଣଙ୍କର ନାଆଟି ଜାଣି ପାରେକି ? ସେଇ ତଳକୁ ମୁଁହ ପୋତି ବୃତ୍ତର ପରିଧୀରେ ପାଦର ବୁଢା ଆଙ୍ଗୁଠି ବୁଲଉ ବୁଲଉ ଝିଅଟି ଚାପା ସ୍ୱରରେ କହିଲା 'ମିତା' । ସତେବା ବିଣାର ତାରରେ ଅଜାଣତରେ କାହାର ହାତ ବାଜିଗଲା । ସେ ପୁଣି କହିଲା, 'ମୁଁ ଢେଙ୍କାନାଳ କଲେଜରେ ପ୍ଲସ ଟୁ ପଢୁଥିଲି, ସେଠି ଆପଣଙ୍କୁ ପ୍ରାୟ ସବୁଦିନ କଲେଜ ଯିବା ଆସିବା ରାସ୍ତାରେ ଦେଖୁଥିଲି, ଆପଣଙ୍କ ନାଆଁ ନଜାଣିଥିଲେ ବି, ଆପଣଙ୍କୁ ନ ଚିହ୍ନିଲେ ବି, କାହିଁକି କେଜାଣି ମନେହୁଏ ଆପଣ ମୋର ଖୁବ୍ ଚିହ୍ନା, ଖୁବ୍ ଘନିଷ୍ଟ, ଖୁବ୍ ଆପଣାର ଆପଣାର ଲାଗନ୍ତି ଆପଣ । ମୁଁ ଏବେ ଆର୍ ଡି ରେ ବି.ଏ ଫାଇନାଲ ଇଅର ପଢୁଛି, ବାପାଙ୍କ ଟ୍ରାନ୍ସଫର ସେକ୍ରେଟିଏଟକୁ ହୋଇଗଲା । ବହୁତ ଦିନ ପରେ ଆପଣଙ୍କୁ ଦେଖି, ମୁଁ ସବୁ କିଛି ଯେମିତି ଭୁଲିଗଲି ଯେ ଆମେ ପରଷ୍ପରକୁ ଚିହ୍ନିନେ, କେବେ କଥା ହୋଇନେ, ହେଲେ କେମିତି ମନ୍ତ୍ରମୁଗ୍ଧ ସାପଟିଏ ପରି ବିନ୍ ର ସୁରେ ସୁରେ ଟାଣି ହୋଇଆସିଲି ଆପଣଙ୍କ ପାଖକୁ । ସରି, ପ୍ଲିଜ୍ କିଛି ଭାବିବେନି ।

ମୁଁ ବି ବୁଝି ପାରୁନଥିଲି, କି ପ୍ରତିକ୍ରୀୟା ଦେଖାଇବି, ଏମିତି ହଠାତ୍ ମୁଁ ମନେ ପକାଇ

 Download Magazine from www.aahwaan.com

ପାରୁ ନଥିଲି, ଫୁଲ ବଗିଚାର ସେଇ ନିର୍ଦ୍ଦିଷ୍ଟ ଫୁଲଟିକୁ । ହଁ, ହଁ, କେତେଥର, କେତେଥର ଦେଖିଛି ତାକୁ ତାର ସାଙ୍ଗ ମାନଙ୍କ ସହିତ, କଲେଜ ଯିବା, ଆସିବା ବାଟରେ, କେବେ କେମିତି ଅଫିସ ସାମ୍ନାରେ । ଟିକେ ପତଳି ଥିଲା ସେତେ ବେଳେ । ଆଖିରେ ଆଖି ମିଳିନି କେବେ, କାରଣ ମୁଁ ତା ଆଡକୁ ଚାହିଁଲେ ସେ ଲାଜରେ ମୁହଁ ତଳକୁ କରି ନେଉଥିଲା ସବୁବେଳେ । କେବେ ଯଦି ସେ ଏକୁଟିଆ ଥାଏ ଆଉ ସାମ୍ନା ସାମ୍ନି ହୋଇଯାଏ ମୁହଁର ରଙ୍ଗ ତାର ବଦଳି ଯାଉଥିଲା, କେଉଁ ଏକ ଅଜଣା ସରମରେ ଲାଲ ହୋଇ ଯାଉଥିଲା ।

କିନ୍ତୁ ପ୍ରାୟ ବର୍ଷକ ପରେ ହଠାତ୍ ଏକ ନୁଆ ଜାଗାରେ ନୁଆ ରୂପରେ ପୁଣି ନୂଆ ଭାବରେ ଦେଖା ହୋଇ ଯିବାଟା ଯେପରି ଡେଷ୍ଟିନି ଥିଲା, ବିଧିର ବିଧାନ ବିଚିତ୍ର, ହୁଏତ ପ୍ରେମ ଏଇମିତି ଅଚାନକ୍ ହୁଏ, ବିନା କିଛି ପ୍ଲାନିଙ୍ଗ, ବିନା କିଛି ଉପକ୍ରମଣିକା ।

ତାକୁ ମୁଁ କଣ କହିବି, କେମିତି କହିବି, କେମିତି ବୁଝେଇ ଦେବି, ମୋର ବି ସେଇ ସମଦଶା, ମୁଁ ତାକୁ ବହୁ ଦିନ ଧରି ଅପେକ୍ଷା କରିଥିଲି, ପ୍ରତିଦିନ କଲେଜ ସମୟରେ ତାକୁ ରାସ୍ତାର ସେଇ ନିର୍ଦ୍ଦିଷ୍ଟ ଜାଗାରେ ଠିଆ ହୋଇ ତାର ଆସିବା ବାଟକୁ ଅପେକ୍ଷା କରୁଥିଲି, ମନେ ମନେ ବହୁତ୍ ଖୋଜୁଥିଲି, ବହୁତ ମିସ୍ କରୁଥିଲି ତାର ସେ କମନୀୟ ମୁହଁଟିକୁ । ହେଲେ ମୋର ଭାବନା ସବୁ ଅଡୁଆ ସୁତା ପରି ଅଡୁଆ ତଡୁଆ ହୋଇ ଯାଉଥିଲେ, ଶବ୍ଦ ମାନେ ବାଟବଣା ହୋଇ ଯାଉଥିଲେ, ମୁଁ ମୋର କହିବାକୁ ଥିବା କଥାକୁ କ୍ରମନ୍ୱୟରେ ଠିକ୍ ଭାବରେ ଗୋଟିଏ ସୁତାରେ ଗୁନ୍ଥି ପାରୁ ନଥିଲି ।

ହଠାତ୍ ଗୋଟିଏ ଟାଉନ୍ ବସ୍, ତାରି ଘର ଆଡକୁ ଥିବା ରୁଟ୍ ରେ ଯିବ, ଏଥର କିନ୍ତୁ ବସଟି ପ୍ରାୟ ଫାଙ୍କା, ତର ତର ହୋଇ ସେ ବସ୍ ଉପରକୁ ଉଠି ଯାଉଥିବା ବେଳେ ବାରମ୍ବାର ମୁହଁ ମୋଡି ମୋତେ ଦେଖୁଥିଲା, ସତେବା ମୋତେ କିଛି ପଚାରୁଥିଲା, ମୁଁ କିନ୍ତୁ ଷ୍ଟାଣ୍ଡୁ ପାଲଟି

 Download Magazine from www.aahwaan.com

ଯାଇଥିଲି, ସାଇଡ୍ ସିଟରେ ବସିବା ପରେ ମୋତେ ଦେଖି ବାୟ୍ କହି ହାତ ହଲାଇବା ଭିତରେ ଯେପରି ମୋର ମୋହଭଙ୍ଗ ହେଲା, ଅଜାଣତରେ ମୋ ପାଟିରୁ ବାହାରି ପଡିଲା, ଆଇ ମିସ୍ ୟୁ, ପୁଣି କେବେ ଦେଖା ହେବ ? ବହୁତ୍ କିଛି କହିବାକୁ ଥିଲା ।

ମୁଁହରେ ତାର ଫୁଟି ଉଠିଲା ହସର ପତଳା ରେଖାଟିଏ, ସେଇ ହସ ହସ ମୁଁହରେ କହି ପକାଇଲା କାଲି, ଏଇଠି, ଏଇ ସମୟରେ, ବସ୍ ତାର ଗଡି ଚାଲିଲା ଆଗକୁ, ଅପଲକ ଆଖିରେ ମୁଁ ଚାହିଁ ରହିଥିଲି, ବସ୍ ଟି ଧିରେ ଧିରେ ମୋ ଆଖିର ପରିଧୀରୁ ବାହାରି ଯାଉଥିଲା ।

Download Magazine from www.aahwaan.com

# ସମ୍ପର୍କ ହୃଦୟର



ବିକେଶ ସାହୁ

ରବିବାର ଦିନଟା ବୋଧହୁଏ ସବୁ ସରକାରୀ ଚାକିରିଆ ବାବୁମାନଙ୍କ ପାଇଁ ଗୋଟେ ଖୁସିର ଦିନ । କାହିଁକି ନା ସବୁଦିନ ସେଇ ଗୋଟିଏ ଅଫିସର ଚାରିକାନ୍ଥ ଭିତରେ ଆବଦ୍ଧ ହୋଇ କିଏ କଳାପଟା ଆଉ ଚକ ସାଥିରେ ତ କିଏ କଲମ ଆଉ ରେଜିଷ୍ଟର ସାଥିରେ ଆଉ କିଏ କଂପ୍ୟୁଟର ଓ ମାଉସ ସାଥିରେ ପ୍ରେମ ପୀରତିରେ ମାତିରହି ପୁରା ବୋର ହୋଇ ଯାଇଥାନ୍ତି । ଯୋଉଠି ପାଇଁ ଆମ ଘରଣୀ ରାଣୀଟା ପାଖରୁ ନୀତି ଶୁଣିବାକୁ ପଡେ ଦୁଇଚାରିଟା କଡା ମସଲା ଲଗା ଡାଇଲଗ, ତା ପୁଣି ସକାଳ ଆଉ ସଂଜରେ ସତେକି ମେଡ଼ିସିନ ଡୋଜ ପରି । ସତେକି ଚାକିରୀଟା ତାଙ୍କ ପାଇଁ ସଉତୁଣୀ । ହେଲେ କଣ ଆଉ କରିବା କାମଟା ତ ସେମିତି । ଆଖି ବୁଜି ସହିଯିବାକୁ ହୁଏ ସବୁ କିଛିକୁ । ଯେଉଁଥିରୁ ଶ୍ୟାମସୁନ୍ଦର ବାବୁ ବା ବାଦ ପଡନ୍ତେ କେମିତି ।

ଶ୍ୟାମସୁନ୍ଦର ବାବୁଙ୍କୁ ସହରଟା ସାରା କିଏବା ନ ଜାଣେ । ଶାନ୍ତିଲତା ମହାବିଦ୍ୟାଳୟର ବିଜ୍ଞାନ ବିଭାଗର ଅଧ୍ୟାପକ । ଜଣେ ବିଜ୍ଞାନ ଅଧ୍ୟାପକ ହେଲେ ମଧ୍ୟ ସାହିତ୍ୟରେ ତାଙ୍କର ଅଗାଧ ପାଣ୍ଡିତ୍ୟ ରହିଥିଲା । ଜଣେ ବିଶିଷ୍ଟ ଗାଳ୍ପିକ ଭାବରେ ପରିଚୟ ଦିଏ ତାଙ୍କ ଲିଖିତ ପଚାଶରୁ ଉର୍ଦ୍ଧ୍ୱ ଗଳ୍ପ ଓ 'ଫେଣ୍ଟାଫେଣ୍ଟି ଜୀବନ' ଗଳ୍ପ ସଂକଳନ । ଯେତେବେଳେ ବି ସମୟ ମିଳେ କାଗଜ କଲମ ଧରି ବସିଯାନ୍ତି ତାଙ୍କ ଘର ଉପର ଛାତ ଉପରେ ।

ସେମିତି ଏକ ରବିବାର ଦିନର କଥା । ଶ୍ୟାମସୁନ୍ଦର ବାବୁ ନିଜ କାଠ ଆଲମିରା ସଫା

Download Magazine from www.aahwaan.com

କରୁଥିବା ସମୟରେ ତାଙ୍କ କଲେଜ ଜୀବନର କେତେ ଗୁଡିଏ ବହି କାଢୁ କାଢୁ ହଠାତ ତାଙ୍କ ନଜର ପଡିଗଲା ତାଙ୍କ ହାତ ଲେଖା ଡାଏରୀ ଉପରେ । ଡାଏରୀ ଟାକୁ କାଢି ବସି ଗଲେ କାଠ ଚୌକି ଉପରେ । ଡାଏରୀଟା ଉପରେ ନଜର ବୁଲାଉଥିବା ବେଳେ ତାଙ୍କ ଆଖିରେ ପଡିଗଲା ସାଇତି ହୋଇ ରଖା ହୋଇଥିବା ଗୋଟେ ଧଳା କାଗଜ ଉପରେ ଯେଉଁଠି ଲେଖା ହୋଇଥିଲା -

ପ୍ରିୟର ଋଷିକା, ମୁଁ ବ୍ରାହ୍ମଣ ଘରେ ଜନ୍ମ ସତ । ଯେଉଁଥି ପାଇଁ ମୋ ଘର ଲୋକ ତୁମପରି ଗୋଟେ ଅସବର୍ଣ୍ଣ ଜାତିର ଝିଅ ସହ କେବେ ହେଲେ ବିବାହ ପାଇଁ ସ୍ୱୀକୃତି ଦେବେ ନାହିଁ କିନ୍ତୁ ପ୍ରେମ ଏସବୁରେ ବିଶ୍ୱାସ କରେନି । କାହିଁକି ନା

"ବିଜ୍ଞାନର ଭାଷାରେ ହୃଦୟ ଅର୍ଥାତ ହାର୍ଟ ହେଉଛି ମଣିଷର blood pumping system, ଯେଉଁଠୁ ସାରା ଶରୀରକୁ ରକ୍ତ ସଞ୍ଚାଳନ ହୁଏ । କିନ୍ତୁ କଳାର ମତରେ ହୃଦୟ ହେଉଛି ସେଇ ସ୍ଥାନ ଯେଉଁଠି ମଣିଷ ନିଜ ଖୁସି, ଦୁଃଖ, ପ୍ରେମ, ଭଲ ପାଇବା, ସ୍ନେହ, ଦୟା, କ୍ଷମା ସବୁ ଅନୁଭବ କରିପାରେ । ଆଉ ଗୋଟିଏ ବିନା ଆରଟି ଅସମ୍ପୂର୍ଣ୍ଣ ।

ତେଣୁ ମୁଁ ବିଜ୍ଞାନର ଛାତ୍ର ହେଲେ ବି ତୁମପରି ଜଣେ କଳାର ଛାତ୍ରୀକୁ ଭଲପାଏ, ଆମ ଜୀବନକୁ ପରିପୂର୍ଣତାରେ ଭରିଦେବା ପାଇଁ ।" ଏ ସମାଜ ଆଖିରେ ଜାତିଭେଦ ରହିଥାଇ ପାରେ ହେଲେ ମୁଁ ତୁମକୁ ହୃଦୟରୁ ଭଲ ପାଏ । ଆଉ ପାଉଥିବି ମଧ୍ୟ । ତୁମ ପ୍ରତିଉତ୍ତରର ଅପେକ୍ଷାରେ ।

ତୁମ ଶ୍ୟାମ

ଚିଠିଟି ପଢିସାରି ଶ୍ୟାମବାବୁ ଗୋଟେ ଦୀର୍ଘ ନିଶ୍ୱାସ ଛାଡିଲେ । ସେତିକି ବେଳେ ମନେ ପଡି ଯାଉଥାଏ ତାଙ୍କ ଜୀବନର ସେଇ ଅଭୁଲା ସ୍ମୃତିଟିଏ । ମନ ଆକାଶରେ ସ୍ମୃତିର ମେଘ

Download Magazine from www.aahwaan.com

ସାଜି ଝିପି ଝିପି ବର୍ଷା ଆରମ୍ଭ କରିଦେଇଛି ସେଇ ଅଭୁଲା ଅତୀତ ।

ସେଦିନ ରାତିରେ କେତେ ଯତ୍ନରେ ସେ ଲେଖିଥିଲେ ସେଇ ଚିଠି । ଆସନ୍ତା କାଲି କଲେଜ ଜୀବନର ଶେଷ ଦିନ । ମନରେ ଦୃଢ଼ ଆଶା ବାନ୍ଧି ଯେମିତି ହେଲେ ଋଷିକାଙ୍କୁ ସେଇ ଚିଠିଟା ଦେବା ପାଇଁ ମନରେ ପ୍ରତିଜ୍ଞା କରି ସାରିଥିଲେ । ରାତି ସାରା ଛଟପଟ ହୋଇ ବିତି ଯାଇଛି ଆଗାମୀ ସକାଳର ଅପେକ୍ଷାରେ । ସକାଳ ହୋଇଛି । ଶୀଘ୍ର ବିଛଣା ଛାଡି ନିତ୍ୟକର୍ମ ସାରି ବାହାରି ଯାଇଛନ୍ତି କଲେଜ ଆଡକୁ । ମନରେ ଅନେକ ଅବାନ୍ତର ପ୍ରଶ୍ନ । ଗୋଟି ଗୋଟି କରି ସମସ୍ତେ କଲେଜକୁ ପହଞ୍ଚି ସାରିଥାନ୍ତି ହେଲେ ଋଷିକାର ଏ ଯାଏ ଦେଖାନାହିଁ । ଏ ପଟେ ଶ୍ୟାମ ବ୍ୟସ୍ତ ହୋଇ ପଡୁଥାନ୍ତି । ଶେଷକୁ ଆପେକ୍ଷାର ଚରମ ସୀମା ଲଙ୍ଘନ କରି ସାରିଥାଏ ସମୟ । ସେ ସଂଗେ ସଂଗେ ବାହାରି ପଡିଲେ ଋଷିକାର ଘର ଆଡ଼କୁ । ଶେଷକୁ ପହଁଚି ଯାଇ ଦେଖିଛନ୍ତି ଘର ତାଲା ପଡିଛି । ପଡିଶା ଘରକୁ ପଚାରି ଜାଣିବାକୁ ପାଇଲେ ସେ କୁଆଡେ ସହର ଛାଡି ଚାଲି ଯାଇଛନ୍ତି ନିଜ ଗାଁକୁ । ଯେଉଁଥିରେ ତା ବହାଘର ଠିକ ହୋଇ ସାରିଛି ତା ମାମୁଁ ପୁଅ ନିଶିକାନ୍ତ ସହିତ । ଶେଷକୁ ଫେରି ଆସିଛନ୍ତି ଶ୍ୟାମ ନିଜ ଘରକୁ ଅଧାଗଢ଼ା ସ୍ୱପ୍ନକୁ ନେଇ । ଏମିତି ଭାବୁ ଭାବୁ ଝରି ଯାଉଥାଏ ତାଙ୍କ ଆଖିରୁ ଦୁଇଧାର ଲୁହ .......... ଆଜିବି ସେ ଭୁଲି ନାହାନ୍ତି ଋଷିକାକୁ ... କାହିଁକିନା ସେ ସମ୍ପର୍କ ଥିଲା ହୃଦୟର......

ଭୁଷଲାଡ଼, ସିନ୍ଧେକେଲା, ବଲାଙ୍ଗୀର

ଦୂରଭାଷ - ୭୭୫୨୦୬୬୨୧୭

Download Magazine from www.aahwaan.com

# ରେଡ୍ ରିବନ୍ ଡେ



ଅରବିନ୍ଦ ଆଚାର୍ଯ୍ୟ

" ଆଜ୍ଞା ! ଆଜି କେତେବେଳେ ରାଲି ହେବ ?"

"କଲେଜ ପିଲାଏ ଆସିଲେ ସିନା, କାଲି କଲେଜଗଲି ପ୍ରିନ୍ସପାଲ ଙ୍କୁ ବି କହି ଆସିଥିଲି । ଦେଖିବା କେବେ ପିଲାଙ୍କୁ ଛାଡୁଛନ୍ତି ।"

ଜଣେ ସ୍ୱାସ୍ଥ୍ୟକର୍ମଚାରୀ ଓ ଜଣେ ଏନ୍‌ଜିଓ କର୍ମୀଙ୍କ କଥୋପକଥନ, ମୋ କାନରେ ବାଜିଲା । ଶୀତୁଆ ସକାଳେ ମୁଁ ସବୁଦିନେ ଏଇଠି ଆସି ଚା ପିଏ । ବିଭିନ୍ନପ୍ରକାର ଲୋକଙ୍କଭିଡ଼ ଏ ଦୋକାନରେ । ଚା ତିଆରି କରୁ କରୁ ସଫା । ଦିନରେ କେତେ ଲିଟର କ୍ଷୀର ରେ ସେ ଦୋକାନୀ ଚା ତିଆରିକରୁଥିବ କେଜାଣି । ଥରେ ପେପରରେ କାଳେ ବାହାରି ଥିଲା , କୋଉ ଗୋଟେ ଜାଗାରେ କିଏ ଜଣେ ଚା ଦୋକାନୀ ,ନିଜ ଚା କୁ ବହୁତ ଲୋକ ମାନଙ୍କ ନିଶା ରେ ପରିଣତ କରିବାପାଇଁ କାଳେ ଚା ରେ ଅଫିମ ମିଶୋଉ ଥିଲା । ସେକଥା ମନେ ପଡ଼ିଗଲା ବେଳକୁ ମୁଁ ଅଧା ଚା ଫିଙ୍ଗିଦେଲି । ପଇସା ବଢ଼େଇ ଦେଇ ,ସେ ସ୍ୱାସ୍ଥ୍ୟ କର୍ମଚାରୀ ଙ୍କୁ ଚାହିଁଲି । ସିଏ ମୋର ଏଇ ଦୋକାନରେ ଦେଖା ଚିହ୍ନ । , ତେଣୁ ହାଠାତ ପଚାରିଲେ,

"କଣ ଆଜ୍ଞା ! ସବୁ ଭଲ ? "

"ହଁ , ସେମିତି । ଆଉ ଆଜି କି ରାଲି କଥା କହୁଥିଲେ ?"

"ଆଜ୍ଞା ! ଆଜି ପରା ଡିସେମ୍ବର ୧ । ଭୁଲିଗଲେ କି ? ବିଶ୍ୱ ଏଡ୍‌ସ ଦିବସ ....ପରା !"

"ଆଚ୍ଛା .... !"

"ରେଡ଼ ରିବନ ଡେ ।"

Download Magazine from www.aahwaan.com

"ଓଃ..ହୋ ।"

ଏୟା କହିବା ଭିତରେ , ଛୋଟ ରେଡ ରିବନ୍‌ଟି କୁ ଆଣି ମୋ ଛାତିଉପରେ ଖଞ୍ଜି ଦେଲେ । ଦେଖିଲି ତାଙ୍କ ଛାତିରେ ଆଉ ସେ ଏନ୍‌ଜିଓ କର୍ମୀ ଙ୍କ ଛାତିରେ ମଧ୍ୟ ସେଇ ରେଡ଼ ରିବନ ଶୋଭା ପାଉଥିଲା ।

ସେମାନେ ଚାଲିଗଲେ କିଛି ସମୟ ମଧ୍ୟରେ । ମୁଁ କିନ୍ତୁ ଭାବୁଥଲି , ଚା ପିଉ ପିଉ ଅଧା ଚା ଫିଙ୍ଗି ଦେଲେ କଣ ଦେହରେ ,ଚା ରୁ ମିଶିଥିବା ଅଫିମ ବାହାରିଯିବ ? ଆଉ ଏଚ ଆଇ ଭି ପରି ମୋତେ ଜାବୁଡି ଧରିବନି ତ ?

ଭ୍ରାମ୍ୟଭାଷ : ୭୦୦୮୬୬୭୭୮୫

Download Magazine from www.aahwaan.com

# ରାନୀମାର ରାକ୍ଷୀ



ଜିତେନ୍ଦ୍ର କୁମାର କହଁର

ଆଉ ରାକ୍ଷୀପୂର୍ଣ୍ଣିମା ପାଇଁ ମାତ୍ର ଗୋଟାଏ ଦିନ ରହିଲା । ପ୍ରତି ଭାଇଭଉଣୀ ମନରେ ସତରେ କେତେ ଖୁସି କେତେ ଆନନ୍ଦ । ସାରା ବଜାରରେ ରଙ୍ଗବେରଙ୍ଗ ରାକ୍ଷୀ ଦେକାନର ଛାଉଣୀ । ସତେ ଯେମିତି ସାରା ଦୁନିଆ ସେହି ଦିନଟିକୁ ଅପେକ୍ଷା କରି ରହିଛି ଓ ଆଗ ଅପେକ୍ଷା ଟିକିଏ ଅଧିକ ଚଳଚଞ୍ଚଳ ହୋଇ ଉଠିଛି ।

ସେହି ଚଳଚଞ୍ଚଳ ଭିତରେ କ୍ଷୀରୋଜର ପାଦ କିନ୍ତୁ ଗୋଟିଏ ଜାଗାରେ ଅଟକି ଯାଇଛି । କାରଣ ତା'ର ଜୀବନ ତାର ଅତି ଆଦରର ଗେହ୍ଲା ଭଉଣୀ ରାନୀ ତା' ପାଖରେ ଥାଇ ବି, ତା ପାଖରେ ନାହିଁ । ଅତୀତର ପୃଷ୍ଠାକୁ ଓଲଟାଇ ସେ କେତେବେଳେ ଖୁସି ହୋଇଯାଏ ତ କେତେବେଳେ ଆଖିରୁ ଅଜାଣତରେ ଲୁହ ବାହାରି ଆସେ ସେଇଟା ବି ସେ ଜାଣିପାରେନି । ସମୟର ବିଡ଼ମ୍ବନା, କିନ୍ତୁ ଆଜି ବି ରାନୀମା ଆଉ ରାନୀମାର ରାକ୍ଷୀ ପାଇଁ ସେ ଚାତକ ସାଜି ରହିଛି । ଏଥର ବି କଣ ତାକୁ ନିରାଶାର ସାମନା କରିବାକୁ ପଡ଼ିବ ?

ହଁ, ରାନୀକୁ କ୍ଷୀରୋଜ ସ୍ନେହରେ ରାନୀମା ବୋଲି ଡାକେ । ବାସ୍ ସେତିକିରେ ହଜାର ଖୁସି ପାଇଯାଏ । ଏ ଡାକ ଶୁଣି ରାନୀ ବି ଢେର୍ ଖୁସି । କିନ୍ତୁ ସମୟର ଖେଳ ବଡ଼ ବିଚିତ୍ର । କିଏ ବା ବୁଝିପାରିବ ?

ଯେଉଁ କ୍ଷୀରୋଜ ଆଉ ରାନୀମା ଦିହେଁ ଦୁହିଁଙ୍କଠାରୁ କେବେ ଦୂରରେ ନଥିଲେ ଆଜି ସମୟ ଚକ୍ରଏର୍ ଦୁହେଁ ଦୁହିଁଙ୍କଠାରୁ ବହୁତ ଦୂରରେ । ଏଥିପାଇଁ ଦାୟୀ କିଏ କ୍ଷୀରୋଜ ନା ରାନୀମା ନା ପରିସ୍ଥିତି ? ସେଦିନ ବି ରାକ୍ଷୀ ପୂର୍ଣ୍ଣିମାକୁ ଗୋଟିଏ ଦିନଥିଲା । ରାନୀମା ତା

Download Magazine from www.aahwaan.com

ଭାଇ କ୍ଷୀରୋଜ ପାଖରେ ଜିଦ୍ କରିଥିଲା, ତା ସହ ମାର୍କେଟ୍ ଯିବାପାଇଁ, କାରଣ ସେ ତା ଭାଇପାଇଁ ରାକ୍ଷୀ କିଣିବ ।

ମନ ଖୁସିରେ ଦୁହେଁ ମାର୍କେଟ୍ ବାହାରିଗଲେ । କିଛି ବାଟ ଯିବାପରେ ରାସ୍ତା ଆର ପାଖରେ ଥିବା ଆଇସକ୍ରିମ୍ ଠେଲା ଗାଡ଼ିକୁ ଦେଖି ରାନୀମା ଆଇସକ୍ରିମ୍ ଖାଇବାକୁ କ୍ଷୀରୋଜକୁ କହିଲା । ଭାଇ ମନା କରିବା ସତ୍ତ୍ୱେ ସେ ଶୁଣିଲାନି । ଶେଷରେ କ୍ଷୀରୋଜ ରାନୀମା ପାଇଁ ଆଇସକ୍ରିମ୍ ଆଣିବା ପାଇଁ ରାସ୍ତା ପାର କରୁଥିଲା ବେଳେ ଦ୍ରୁତ ବେଗରେ ଆସୁଥିବା ଏକ ଟ୍ରକକୁ ଦେଖି ପାରିନଥିଲା । ସୌଭାଗ୍ୟବଶତଃ ରାନୀମା ଆସୁଥିବା ବିପଦକୁ ଦେଖି ଭାଇକୁ ଡାକ ଦେଇ ରାସ୍ତା ପାଖକୁ ଆସିଗଲା ଆଉ ଟ୍ରକଟି କ୍ଷୀରୋଜକୁ ବଞ୍ଚାଇବା ପ୍ରୟାସରେ ରାସ୍ତାର ଆରପାର୍ଶ୍ୱକୁ ମାଡ଼ି ଆସିଲା । ଆଉ ଦେଖୁ ଦେଖୁ ରାନୀମାକୁ ଧକ୍କା ଦେଇଗଲା ।

ସଙ୍ଗେ ସଙ୍ଗେ ଲୋକମାନେ ଦୁହିଁଙ୍କୁ ହସପିଟାଲ ନେଇଗଲେ ସତ, କ୍ଷୀରୋଜ ଅଳ୍ପମାତ୍ର ଆହତ ହୋଇଥିବା ବେଳେ କିନ୍ତୁ ରାନୀମା ଗୁରୁତର ଭାବରେ ଆହତ ହୋଇଗଲା । ଡାକ୍ତରମାନଙ୍କ ଶତଚେଷ୍ଟା ସତ୍ତ୍ୱେ ରାନୀମା ଅଚେତ ଅବସ୍ଥାକୁ ଚାଲିଗଲା । ଅନେକ ଦିନ ବିତିଗଲା ସତ୍ତ୍ୱେ ରାନୀମା କୋମାରୁ ଫେରିବା ନାଁ ନେଉନାହିଁ । ହେଲେ କ୍ଷୀରୋଜ କିନ୍ତୁ ଆଶା ତ୍ୟାଗ କରିନାହିଁ । ଦୁଇବର୍ଷ ବିତିଗଲାଣି, ରାନୀମାର ନିଶ୍ଚଳ ଶରୀରଟା ହସପିଟାଲରେ ରହିଛି । କ୍ଷୀରୋଜ ସେଇମିତି ଚାହିଁ ରହିଛି, ଯେ ଦିନ ଆସିବ, ତା ରାନୀମା ଅଚେତ ଅବସ୍ଥାରୁ ଉଠି ଆସିବ ତା ଭାଇ ହାତରେ ରାକ୍ଷୀ ବାନ୍ଧିଦେବ ।

Download Magazine from www.aahwaan.com

# ଅଦ୍ଭୁତ ଘଟଣା



ଡା ସୁବାସ ଚନ୍ଦ୍ର ରାଉତ

ମୋର ହାଲୁକା ଚେତନା ଫେରିଲା ବେଳକୁ ପ୍ରଥମେ ମୋ ମୁଣ୍ଡ ପଛ ପାଖରେ ଅସହ୍ୟ ବେଦନା ଅନୁଭବ କଲି । 'ଓଃ, ଓଃ' କହି କଷ୍ଟ ହେଉଥିବା ଜାଗାରେ ହାତ ଲଗେଇ ଆଉଁସି ଦେଲି । ଅନୁଭବ କଲି, ସେ ଜାଗା ସାମାନ୍ୟ ଫୁଲିଯାଇଛି ଓ ବହୁତ ଦରଜ ହେଉଛି । ହାତକୁ ଓଦା ଲାଗିଲା । ଆଖି ଆଗରେ ହାତ ଆଣି ଦେଖିଲି ଟିକିଏ ରକ୍ତ ଲାଗିଛି । ଚାରି ପାଖକୁ ଅନେଇଲି । ରକ୍ତ କୁଆଡୁ ଆସିଲା ! ମୁଁ କେଉଁଠି ଅଛି, କିଛି ବୁଝି ପାରିଲିନି । ଚାରିପାଖକୁ ଦୃଷ୍ଟିପାତ କଲି । ଯେଉଁ ଖଟ ଉପରେ ଶୋଇଥିଲି ଓ ଯେଉଁ ବଖରାରେ ଥିଲି ତାହା ମୋର ସଂପୂର୍ଣ୍ଣ ଅଚିହ୍ନା । ବିଛଣା ମୋର ନୁହେଁ, ଚାଦର ମୋର ନୁହେଁ, ତକିଆ ମୋର ନୁହେଁ, ଘର ଚଟାଣବି ମୋର ଅଚିହ୍ନା ।

ଭଲରୂପେ ଘରକୁ ତନ୍ନ ତନ୍ନ କରି ଅନେଇଲି । ମନେ ପକେଇବାକୁ ଚେଷ୍ଟା କଲି, ମୁଁ ଏଠିକୁ କେମିତି ଆସିଲି ଓ ଏହା ପୂର୍ବରୁ ମୁଁ କେଉଁଠି ଥିଲି । ଅଳ୍ପ କିଛି ସମୟ ପରେ ମନେ ପଡ଼ିଲା, ମୋ ସାଙ୍ଗର ବାହାଘର ବରଯାତ୍ରୀ ହୋଇ ଯାଉଥିଲି । ବୁଝିପାରିଲିନି, ବରଯାତ୍ରୀରୁ ଏଠିକି କେମିତି ଆସିଲି ।

ଆଉ ଥରେ ଏମିତି ହୋଇଥିଲା; ମୁଁ ମୋ ସାଙ୍ଗର ସାଇକେଲ ପଛ କ୍ୟାରିଅର ଉପରେ ବସିଥିଲି ଓ ସାଙ୍ଗ ସାଇକେଲ ଚଳଉଥିଲା । ହଠାତ ଦେଖିଲି ମୁଁ ରାସ୍ତା ଉପରେ ବସିଛି ଓ ସାଇକେଲଟି ଆଗକୁ ଚାଲିଛି । କଥା କଅଣ କି, ଯେଉଁ ନଟ ବୋଲ୍ଟ ସାହାଯ୍ୟରେ କ୍ୟାରିଆରଟି ସାଇକେଲ ସହିତ ସଂଯୁକ୍ତ ହୋଇଥିଲା, ସେଇ ନଟଟି ଖୋଲି ଯାଇଥିଲା;

 Download Magazine from www.aahwaan.com

ଫଳରେ କ୍ୟାରିଆର ଓ ମୁଁ ଉଭୟ ତଳକୁ ଖସିପଡ଼ିଲୁ । କିନ୍ତୁ କେମିତି ମୁଁ ବରଯାତ୍ରୀରୁ ଏଠାକୁ ଆସିଲି, ବୁଝିପାରିଲିନି । ମୋର କଅଣ ଷ୍ଟ୍ରୋକ ବା ବାତ ବେମାରି ହେଲା ନା କଅଣ ! ବରଯାତ୍ରୀରେ ଯାଉଯାଉ ପଡ଼ିଗଲି ନା କଅଣ ! ଏମିତି ଭାବୁ ଭାବୁ କିଛି ସମୟ ଅନ୍ତରରେ ମୋର ସଂପୂର୍ଣ୍ଣ ଚେତା ଫେରିଲା ।

ମନେ ପଡ଼ିଲା, ବରଯାତ୍ରୀରେ ଚାଲୁ ଚାଲୁ ଟିକିଏ ପଛକୁ ରହିଯାଇଥିଲି । ମୋ ପାଖରେ ଆଉ ଚାରି ଜଣ ପୃଥୁଳକାୟ ଲୋକ ଚାଲୁଥିଲେ । ହଠାତ ମୋ ପାଟି ଉପରେ କଅଣ ଗୋଟାଏ କେହି ଜଣେ ଚାପିଦେଲା ଓ ମୋ ଦୁଇ ହାତକୁ କେହି ଜୋରରେ ଚାପି ଧରି ପିଠିପଟେ ବାନ୍ଧି ପକେଇଲେ । ମୋ ଉପରେ ଗୋଟାଏ କିଛି ଘୋଡ଼େଇ ହୋଇଗଲା । ଆଖି ଆଗରେ ଅନ୍ଧାର ଛାଇଗଲା । ବାହାରେ 'ଡିଜେ'ର ଉତ୍କଟ ବାଦ୍ୟ ବାଜୁଥାଏ । 'କିଏ, କିଏ, ରକ୍ଷାକର, ରକ୍ଷାକର' କହି ପାଟିକଲି, କେହି ଶୁଣିଲେନି ଓ ମୋ ସ୍ୱର ସେଇ 'ଡିଜେ' ସ୍ୱରରେ ମିଳେଇଗଲା, ଏମିତିକି ମୋତେ ବି ମୋ ଚିତ୍କାର ଶୁଣାଗଲାନି । ହାତ ମାରି ଦେଖିଲି ଓ ଅନୁଭବ କଲି ମୁଁ ଗୋଟିଏ ଅଖା ଭିତରେ ଅଛି । ହାତ ଗୋଡ଼ ଜୋରରେ ହଲେଇଲି । ମୋତେ ଲାଗିଲା, ମୋତେ ଯେମିତି କେହି ଶୁନ୍ୟେ ଶୁନ୍ୟେ ଟେକି ନେଇ ଯାଉଛନ୍ତି । ବହୁତ ହଲଚଲ ହେଲା ଗୋଟେ ଶକ୍ତ ପ୍ରହାର ମୋ ମୁଣ୍ଡରେ ଲାଗିଲା । ବାସ, ସେତିକି ମନେ ପଡ଼ିଲା ।

ଏ କଥା ମନେ ପଡ଼ିଲା ମାତ୍ରେ ଚମକି ପଡ଼ିଲି, କିନ୍ତୁ ହାତ, ଗୋଡ଼ ବନ୍ଧନମୁକ୍ତ ଥିବା ଦେଖି ଆଶ୍ୱସ୍ତ ହେଲି । କିଏ ମୋତେ ଆଣିଲା, କଅଣ ତାର ଉଦ୍ଦେଶ୍ୟ ! ମୋର ମୋବାଇଲ କଥା ମନେ ପଡ଼ିଲା । ତାକୁ କାଢ଼ିବାକୁ ପକେଟ ଅଣ୍ଡାଳି ଖୋଜିଲି, ପାଇଲିନି । ବଡ଼ ଅଶ୍ୱସ୍ତି ଲାଗିଲା । ମୁଁ ମୋବାଇଲ ସହିତ ଏତେ ଅଭ୍ୟସ୍ତ ଯେ, ସେଇଟା ପାଖରେ ନଥିଲେ ଭାରି

Download Magazine from www.aahwaan.com

ଅଡୁଆ ଅଡୁଆ ଲାଗେ । ମୋବାଇଲ ଥିଲେ ଘରକୁ ମୋ ଅବସ୍ଥା ଜଣେଇ ଖବର ଦେଇଥାଆନ୍ତି । କଅଣ ପାଇଁ ମୋତେ କିଏ ଆଣିଛି, ଏହା ଭାବି ଭାବି ଭୟ ଓ ଆଶ୍ଚର୍ଯ୍ୟରେ ଅସ୍ଥିର ଲାଗିଲା ।

ବିଛଣାରୁ ଧୀରେ ଧୀରେ ଉଠି ଦେଖିଲି ସେହି ବଖରାରେ ଦୁଇଟି କବାଟ ଓ ଗୋଟିଏ ଛୋଟ ଝରକା ଅଛି, ଗୋଟିଏ ଟେବୁଲ ଓ ଦୁଇଟି ଚୌକି ଅଛି । ଝରକାରେ ଗ୍ରୀଲ ଲାଗିଛି । ଟେବୁଲ ଉପରେ ମୋର ହାତ ଘଣ୍ଟା, ଗୋଟିଏ ପାଣି ଜାର ଓ ଗୋଟିଏ ଗିଲାସ ଥୁଆହୋଇଛି କିନ୍ତୁ ମୋବାଇଲ ନାହିଁ । ଗୋଟିଏ କବାଟ ଖୋଲି ଦେଖିଲି ତାହା ଏକ ଶୌଚ-ସ୍ନାନାଗାର । ଭିତରେ ଯାଇ ଦେଖିଲି ପାଇପ ଅଛି ଓ ସେଥିରୁ ପାଣି ଆସୁଛି । କାନ୍ଥରେ ଗୋଟିଏ ଦର୍ପଣ ଟଙ୍ଗାହୋଇଥିଲା ଓ ପାଖରେ ପାନିଆ, ସାବୁନ, ଦାନ୍ତ ଘଷା ବ୍ରସ ଓ ପେଷ୍ଟ ଥିଲା । ଦାଢ଼ି କାଟିବା ରେଜର ଥିଲା । କାନ୍ଥରେ ତଉଲିଆ ଓ ଗୋଟିଏ ଲୁଙ୍ଗି ଟଙ୍ଗା ହୋଇଥିଲା । ଭଲରୂପେ ଗାଧୁଆ ଘର କାମ ସାରି ତଉଲିଆରେ ପୋଛି ହୋଇ ବାହାରକୁ ବାହାରିଲି । ତା'ପରେ ଆସି ଅନ୍ୟ କବାଟରେ ହାତ ମାରି ଠେଲିଲି, ଖୋଲିଲାନି । ବାହାରୁ ବନ୍ଦ ଥିଲା । ଜୋରରେ କବାଟ ବାଡ଼େଇଲି, କେହି ଶୁଣିଲେନି । କଅଣ କରିବି ! ବର୍ତ୍ତମାନ ଅନୁଭବ କଲି, ମୁଁ ଏକ ଉନ୍ନତ ଧରଣର କଏଦୀ । ମୋବାଇଲ ତ ନାହିଁ, କଅଣ କରିବି !

ମୋର ଏ ଅବସ୍ଥା କିଏ କଲା, ବୁଝିପାରିଲିନି । ମୋର ତ କେହି ଜଣାଶୁଣା ଶତ୍ରୁ ନାହାନ୍ତି । ମୁଁ ନିଜ ଜାଣତରେ କାହାର କେବେ ଅନିଷ୍ଟ କରିନି । ମୋର କେହି ସ୍ଥାୟୀ ପ୍ରେମିକା ନାହାନ୍ତି, ତେଣୁ ପ୍ରେମିକାଙ୍କ ଈର୍ଷାନ୍ୱିତ ବନ୍ଧୁ ବି ନାହାନ୍ତି ଯିଏ ଏହାର କାରଣ ହୋଇପାରନ୍ତେ । ପୁନଶ୍ଚ ଯଦି କିଛି ଶତ୍ରୁ ଅଛନ୍ତି, ତା'ହେଲେ ମୋ ସହରରେ କିଛି କ୍ଷତି କରିପାରି ଥାଆନ୍ତେ, ଏଠି କାହିଁକି । ଅଜଣା ଅଶୁଣା ଜାଗା । ଭାବି ଭାବି ମୁଣ୍ଡ ଓଜନିଆ

Download Magazine from www.aahwaan.com

ଲାଗିଲା ଓ ବିନ୍ଧିବାକୁ ଆରମ୍ଭ କଲା ।

ହଠାତ ଗୋଟେ କଥା ମନେ ପଡ଼ିଲା । ଯେଉଁ ଦିନ ବିବାହ କରିବାକୁ ଯାଉଥିବା ମୋର ବନ୍ଧୁ ସୁଦେଶ ବର୍ମା ତାଙ୍କର ବିବାହ କାର୍ଡ଼ ଦେଲେ ସେହିଦିନ ମୋର ଆଉ ଜଣେ ବନ୍ଧୁ କୁନାଳଙ୍କ ସହିତ ଦେଖା ହୋଇଥିଲା । ମୋ ହାତରେ ଥିବା କାର୍ଡ଼ ଦେଖି ସେ କହିଲେ, "ଭାରି ସୁନ୍ଦର କାର୍ଡ଼ ହେଇଛି, ଟିକିଏ ଦେଖେଇଲେ ।" ହାତରେ ନେଇ ଦେଖିଲେ, ଖୋଲିକରି ପଢ଼ିଲେ । ହଠାତ ତାଙ୍କ ମୁହଁ ଭୟାତୁର ଦେଖାଗଲା । ମୋତେ ଅନେଇ ପ୍ରଶ୍ନକଲେ, "ଆପଣ ଏଇ ବାହାଘରକୁ ବରଯାତ୍ରୀ ହୋଇ ଯିବାକୁ ସ୍ଥିର କରିଛନ୍ତି କି ?" ମୁଁ କହିଲି, "ଆଜ୍ଞା, ସେ ମୋର ଜଣେ ଘନିଷ୍ଠ ସାଙ୍ଗ । ଯିବାକୁ ହେବ, ନହେଲେ କଥା ଖରାପ ହେବ ।" ତା'ପରେ ତାଙ୍କୁ ପ୍ରଶ୍ନ କଲି, "ଆପଣଙ୍କ ମୁହଁ କାହିଁକି ଭୟାତୁର ହୋଇଗଲା ? କଅଣ ଅସୁବିଧା ଦେଖିଲେ କି । ଆପଣ ଜ୍ୟୋତିଷ ବିଦ୍ୟା ଜାଣିଛନ୍ତି କି ?" "ନାହିଁ, ମୁଁ ଜ୍ୟୋତିଷ ନୁହେଁ, କିନ୍ତୁ ଯଦି ସମ୍ଭବ, ଆପଣ ସେଠାକୁ ଯାଆନ୍ତୁନି । ସେ ଜାଗା ଭଲ ନୁହେଁ ବୋଲି ମୁଁ ଶୁଣିଛି ।" ଏତିକି କହି ସେ ବନ୍ଧୁ ଚାଲିଗଲେ । ଏହି କଥା ମନେ ପଡ଼ିବା ମାତ୍ରେ ମୋ ଦେହ ଥରିବାକୁ ଲାଗିଲା । ହାଏ, ମୁଁ କାହିଁକି ତାଙ୍କ କଥା ନଶୁଣି ଏଠିକି ଆସିଲି ! ନିଜକୁ ନିଜେ ଗାଳି ଦେଇ କହିଲି, "ବୋକା କୋଉଠିକାର, ମର ଏବେ । ଭଲ କଥା କହିଲେ ତୋତେ ଶୁଣାଯାଏନି ।"

ପ୍ରାୟ ଅଧ ଘଣ୍ଟା ପରେ କବାଟ ଖୋଲିବା ଶବ୍ଦ ଶୁଣାଗଲା । ଦୁଇ ଜଣ ମୋଟାସୋଟା ଲୋକ ଭିତରକୁ ପଶିଆସିଲେ । ତାଙ୍କ ଭିତରୁ ଜଣେ କହିଲା, "ନମସ୍କାର ଆଜ୍ଞା, ଖାଇବାକୁ ଆଣିଛୁ, ଆଗେ ଖାଇସାରି ସାଷ୍ଟମ ହୁଅନ୍ତୁ ।" ଭଦ୍ର କଥାବାର୍ତ୍ତା ଶୁଣି ଟିକିଏ ସାହସ ଆସିଲା । ଯଥା ସମ୍ଭବ ନିଜକୁ ସଞ୍ଜତ କହିଲି, "ଆପଣମାନେ କିଏ, ମୋତେ ଏଠିକି କିଏ ଆଣିଲା ଓ ତାଙ୍କର ଉଦ୍ଦେଶ୍ୟ କଅଣ ?" ତାଙ୍କ ମଧ୍ୟରୁ ଜଣେ କହିଲା, "କହୁଛି ଆଜ୍ଞା, ଆଗେ ଆମ

Download Magazine from www.aahwaan.com

ପରିଚୟ ଦେଉଛୁ, ମୁଁ କାଲୁ ଓ ସେ ଭାଲୁ । ଏଇ ଗ୍ରାମର ମୁଖିଆ ଆପଣଙ୍କୁ ଆଣିଛନ୍ତି ଓ ଆପଣଙ୍କୁ ଅତିଥି ସମ୍ମାନ ଦେଇଛନ୍ତି । ଆପଣ ଖାଇସାରିବା ପରେ ସେ ଆସି କାହିଁକି ଆପଣଙ୍କୁ ଆଣିଛନ୍ତି, ସେ କଥା କହିବେ ।" ମୁଁ ପ୍ରଶ୍ନ କଲି, "ମୋର ମୋବାଇଲ କୁଆଡ଼େ ଗଲା ?" "ଆଜ୍ଞା, ଆମେ ରଖିଛୁ, ଏଠାରୁ ଗଲା ସମୟରେ ଦେଇଦେବୁ ।" ଏତିକି କହି କାଲୁ ଓ ଭାଲୁ କବାଟ ବନ୍ଦ କରି ଚାଲିଗଲେ । ମନେ ମନେ ଭାବିଲି, ଏମିତି ଜବରଦସ୍ତିଆ ଅତିଥି କରିବାର ଉଦ୍ଦେଶ୍ୟ ଭଲ ଥିଲାଭଳି ଲାଗୁନି । ଉପାୟଶୂନ୍ୟ ହୋଇ ଟେବୁଲ ପାଖକୁ ଖାଇବାକୁ ଗଲି । ବିରିଆନୀ ଓ କଚମ୍ବର ଥୁଆ ହୋଇଥିଲା । ରାତିରୁ ଉପାସ ଥିଲି; ପେଟ ଭରି ଖାଇଲି ।

ଖାଇସାରି ବିଛଣାରେ ଗଡ଼ିବାକୁ ଲାଗିଲି । ପ୍ରାୟ ଏକ ଘଣ୍ଟା ପରେ କବାଟ ଖୋଲିବାର ଶବ୍ଦ ଶୁଣାଗଲା । ପ୍ରଥମେ କାଲୁ ଭିତରକୁ ଆସିଲା ଓ ତା ପରେ ଜଣେ ହୃଷ୍ଟ ପୁଷ୍ଟ ଲୋକ ଆସି ଚଉକିରେ ବସିଲେ । କାଲୁ ଚିହ୍ନେଇ ଦେଲା, "ଇଏ ଆମ ଗ୍ରାମର ମୁଖିଆ ।" ଭୟରେ ହେଉ ବା ସଂଭ୍ରମତା ହେଉ, ମୁଁ ଠିଆ ହୋଇ ହାତଯୋଡ଼ି ନମସ୍କାର କଲି । ମୁଖିଆଙ୍କର କଳା ମଚମଚ ଦେହ, ପ୍ରାୟ ୧୦୦ କେଜି ଓଜନ ହେବ । ମୋଟା ନିଶ ହଲେ ନାକ ତଳେ ମୋଡ଼ା ହୋଇଥାଏ । ଧୋତି କାମିଜ ପିନ୍ଧିଥାଆନ୍ତି । ମୁଣ୍ଡରେ ଗୋଟିଏ ସୁନ୍ଦର ପଗଡ଼ି ଭିଡ଼ା ହୋଇଥାଏ । ବେକରେ ଗୋଟିଏ ମୋଟା ସୁନା ଚେନ ଥାଏ ।

ମୁଁ କିଛି କହିବାକୁ ଆରମ୍ଭ କରିବା ଆଗରୁ ସେ ଆଦେଶ ଦେବା ଭଙ୍ଗୀରେ କହିବାକୁ ଲାଗିଲେ, "ମୋ ଝିଅ ସାଥିରେ ତୁମର ବାହାଘର ହେବ ଦୁଇଦିନ ପରେ । ଦୁଇ ଦିନ ବିଶ୍ରାମ କର । ଏହା ଭିତରେ ମୁଁ ଆମ ନିଜ ଲୋକଙ୍କୁ ନିମନ୍ତ୍ରଣ କରି ଡାକିବି । ତୁମକୁ ମୁଁ ଯଥେଷ୍ଟ ଯୌତୁକ ଦେବି । ତୁମର କିଛି ଅସୁବିଧା ହେବନି । ମୋର ଅଜସ୍ର ସମ୍ପତ୍ତି ଅଛି, ମୋ ଅନ୍ତେ

Download Magazine from www.aahwaan.com

ସବୁ ତୁମେ ପାଇବ । ତୁମେ ଚାହିଁଲେ ଏଇ ଗ୍ରାମରେ ଘର ଜୋଇଁ ହୋଇ ରହିପାରିବ । ସେଇଟା ତୁମ ଇଚ୍ଛା ଉପରେ ନିର୍ଭର କରିବ । ଏହି ଦୁଇ ଦିନ ମଧ୍ୟରେ ଏଇ ଘରୁ ବାହାରିବାକୁ ଚେଷ୍ଟା କରିବନି, କଲେ ବହୁତ ଖରାପ ଅବସ୍ଥା ହେବ ।" କାଲୁ ଆଡ଼କୁ ଅନେଇ କହିଲେ, "ଦେଖ, ବାବୁଙ୍କର ଯେମିତି କିଛି ଅସୁବିଧା ନହୁଏ । କଅଣ ଦରକାର ଭଲକରି ବୁଝିନେ ।" ଏତିକି କହି ସେ ଚାଲିଗଲେ ।

ସେ ଗଲାପରେ ମୁଁ କାଲୁକୁ କହିଲି, "ମୋର ମୁଣ୍ଡରୁ ରକ୍ତ ବାହାରିଛି, ଟିକିଏ ମଲମ ଆଣିଦିଅ ଓ କଷ୍ଟ ଲାଘବ ପାଇଁ ଗୋଟିଏ ବଟିକା ଆଣିଦିଅ । ଆଉ ଗୋଟିଏ କଥା, ମୁଁ ମୁଖିଆଙ୍କ ଝିଅକୁ ଟିକିଏ ଦେଖିପାରିବି କି ?"

"ହଁ ଆଜ୍ଞା, ଦେଖିବେ ନିଶ୍ଚୟ । ମୁଁ ତାଙ୍କୁ ଡାକି ଆଣି ଏହି କବାଟ ସାମନାରେ ନେଇଯିବି । ଆପଣ ତାଙ୍କୁ ଦେଖିବେ ଓ ସେ ଆପଣଙ୍କୁ ଦେଖିବେ । ଟିକିଏ ଅପେକ୍ଷା କରନ୍ତୁ ।" ପ୍ରାୟ ଅଧ ଘଣ୍ଟା ପରେ କବାଟ ଖୋଲିଲା ଓ ସାମନାରେ ସେ ଝିଅ ଆସି ଠିଆହେଲା । ସେ ମୋତେ ଥରେ ଦୃଷ୍ଟି ପକେଇ ଚାଲିଗଲା । ମୁଁ ବି ତାକୁ ଗୋଟିଏ ସେକେଣ୍ଡ ମଧ୍ୟରେ ଯେତିକି ଦେଖିହେବ, ସେତିକି ଦେଖିଲି । ମଲମ ଓ ବଟିକା ମଧ୍ୟ କାଲୁ ଦେଇଗଲା ।

ଝିଅଟି ଦେଖିବାକୁ ବାପ ଭଳି କଳା, କୌଣସି ଦିଗରୁ ଆକର୍ଷଣୀୟ ନୁହେଁ । କପାଳରେ ହାତ ମାରି ଭାବିଲି, ହାଇରେ ବିଧାତା ! ଶେଷକୁ ମୋ କପାଳକୁ ଏଇ ସ୍ତ୍ରୀ ରଖିଥିଲେ । ମୁଁ ବୋଧେ ବାଇଆ ହେଇଯିବି । ଟିକିଏ ଭଲ ଦେଖାଯାଆନ୍ତା ହେଲେ । ମୁଁ କଲେଜ ହିରୋ ଥିଲି । ଗୋରା ଦେହ, ୫ ଫୁଟ ଏଗାର ଇଞ୍ଚ ଉଚ୍ଚତା । କଲେଜରେ ପୁଅମାନଙ୍କ ମଧ୍ୟରେ ମୁଁ ସବୁଠୁ ସୁନ୍ଦର ବୋଲି ସମସ୍ତେ କହନ୍ତି । ମୁଁ ଯୁଆଡେ ଯାଏ, ଝିଅମାନେ ମୋତେ ବୁଲି ବୁଲି ଅନାନ୍ତି । ଶେଷକୁ ଏଇଆ ମୋ ଭାଗ୍ୟରେ ଅଛି ! ବର୍ତ୍ତମାନ ମୁଁ ବୁଝିପାରିଲି, ମୋର କାହିଁକି ଏ

 Download Magazine from www.aahwaan.com

ଅବସ୍ଥା । ଏଇ ଝିଅକୁ ବିବାହ କରିବାକୁ କେହି ପସନ୍ଦ କଲେନି ବୋଧେ, ତେଣୁ ଗୁଣ୍ଡା ବାପ ଜବରଦସ୍ତ ବାହା କରିବା ଉଦ୍ୟମ କରିଛି । ସନ୍ଧ୍ୟା ବେଳୁ ଆରମ୍ଭ କରି ରାତିଯାକ ବସି ଭାବିଲି, କେମିତି ଏଥିରୁ ଉଦ୍ଧାର ପାଇବି ।

ଏବେ ବୁଝିପାରିଲି, କାହିଁକି କାର୍ଡ଼ ଦେଖିଥିବା ସାଙ୍ଗ କୁନାଳର ମୁହଁ ଭୟାତୁର ହୋଇଯାଇଥିଲା । ସେ ବୋଧେ ଜାଣିଥିଲା, ଏଠି ଏମିତି ଜବରଦସ୍ତ ବାହାଘର କରିବାର ପ୍ରଥା ଅଛି । ଧରିଆଣି ବାହା କର । ପରେ ଜାଣିଲି, ସେଠାରେ ଏହାକୁ ପକୁଡ୍ଡୁ ସାଦି କହନ୍ତି । 'ପକଡ଼ୋ ଅଉର ସାଦି କରାଓ' ଅପଭ୍ରଂଶ ହୋଇ ପକୁଡ୍ଡୁ ସାଦି ହୋଇଯାଇଛି ।

ବହୁତ ଭାବିବା ପରେ ଏହାକୁ ମୁଁ ଗୋଟେ ଚାଲେଞ୍ଜ ଭାବରେ ଗ୍ରହଣ କଲି । ମୁଁ ଯଦି ଠିକ ବାପର ପୁଅ ହୋଇଥିବି, ତା'ହେଲେ ଯେ କୌଣସି ମତେ ଏଠାରୁ ଉଦ୍ଧାର ପାଇବି । ଝିଅ ସୁନ୍ଦର ଅସୁନ୍ଦର କଥା ଅଲଗା, ମୋର ଭାଗ୍ୟରେ ଅସୁନ୍ଦରୀ କନ୍ୟା ଥିଲେ ନିଶ୍ଚୟ ବାହାହେବି । କେହି ରୋକିପାରିବେନି । ଏମିତି ଜବରଦସ୍ତ ବାହାଘର ଅର୍ଥ ମୋର ସ୍ୱାଧିକାର ଭଙ୍ଗ ଓ ମୋର ଅବମାନନା । ଏହା ମୋର ଅପମାନ ଓ ମୋ ପିତାମାତାଙ୍କର ଅପମାନ । ଏ ଦେଶର ଆଇନ କାନୁନର ଅବମାନନା । ହାତ ମୁଠା ମୁଠା ହୋଇଆସିଲା । ଦେଖିବା, କେମିତି ଏ ବାହାଘର ହେବ ! ମୋ ପାଟିରୁ କ୍ରୋଧରେ ବାହାରୁଥିବା ନିଷ୍ଫଳା ଭଦ୍ର-ଅଭଦ୍ର ମିଶ୍ରିତ ଗାଳି ସେହି ବଖରାର କାନ୍ଥରେ ବାଜି ପ୍ରତିଧ୍ୱନିତ ହେଉଥିଲା, ଯାହା ଶୁଣିବାକୁ ଆଉ କେହି ନଥିଲେ ।

ଏଇ ମୁଖିଆର ଦାଦାଗିରିର ଯଦି ମୁଁ ମୁକାବିଲା ନକରିପାରିଲି ତା'ହେଲେ ମୁଁ କି ପାଠ ପଢ଼ିଛି । ମୋ ବିଦ୍ୟା ବୁଦ୍ଧିର ମୂଲ୍ୟ କଅଣ ! ବଳଠାରୁ ବିଦ୍ୟା ଓ ବୁଦ୍ଧିର ମୂଲ୍ୟ ଅଧିକ, ଏହା ମୁଁ ଦେଖେଇଦେବି । ଫକୀରମୋହନ ଓ ଛତ୍ରପତି ଶିବାଜୀ ମହାରାଜ ମଧ୍ୟ ବନ୍ଦୀଶାଳାରେ

 Download Magazine from www.aahwaan.com

ଥାଇ ନିଜ ବୁଦ୍ଧି ବଳରେ ମୁକ୍ତି ପାଇଥିଲେ, ମୁଁ କାହିଁକି ମୁକ୍ତ ନହେବି ! ଏହାକୁ ମୁଁ ଏକ ଚାଲେଞ୍ଜ ଭାବରେ ଗ୍ରହଣ କରି ସୁଯୋଗକୁ ଅପେକ୍ଷା କରି ରହିଲି । ଆଶା କଲି, ସମୟହିଁ ଏହାର ସମାଧାନ କରିବ ।

ଉତ୍ତେଜନା ଦୂରକରି ମୁଁ ମନକୁ ଶାନ୍ତ କରିବାକୁ କିଛି ସମୟ ଯୋଗାସନରେ ବସିଲି । ନିବିଷ୍ଟ ମନରେ ଭଗବାନଙ୍କୁ ପ୍ରାର୍ଥନା କଲି ଓ ଭବିଷ୍ୟତ କର୍ମପନ୍ଥା ସ୍ଥିର କରିବାକୁ ଲାଗିଲି । ଗୋଟିଏ ଛୋଟ ଆଶାର କିରଣ ଦେଖାଗଲା । ଭାବିଲି, ଭଦ୍ର ବ୍ୟବହାର କରି ସେମାନଙ୍କୁ ଅସତର୍କ କରି ରଖିବି । ମୋ ଉପରେ ତାଙ୍କର ବଶ୍ୱାସ ହେଲାଭଳି କାମ କରିବି । ଗୋଟିଏ 'ମୋନାଲିସା' ସ୍ମିତ ହସ ମୁହଁରେ ଫୁଟେଇଲି । ପୂର୍ବରୁ ନାଟକରେ ଭାଗ ନେଉଥିଲି ଯାହା ଏହି ସମୟରେ କାମରେ ଆସିଲା । ସେଇ ହସ ତାଙ୍କ ପ୍ରତି ଏଠାରେ ଥିବା ଯାଏ ପ୍ରୟୋଗ କରିବାକୁ ଭାବିରଖିଲି ।

ତା'ପରଦିନ ମୁଖିଆ ଆଉଥରେ ଆସିଲେ । ମୁଁ ଆଉଥରେ ନମସ୍କାର କଲି । ତାଙ୍କୁ ଦେଖି ହସିଲି । ସେ ଆଶ୍ଚର୍ଯ୍ୟ ହୋଇ ମୋ ଆଡ଼େ ସନ୍ଦେହ ଦୃଷ୍ଟିରେ କିଛି ସମୟ ଅନେଇଲେ । ତାପରେ ଆଶ୍ୱସ୍ତ ହେଲାପରି ଲାଗିଲେ । କହିଲେ, "ତୁମେ ଏ ବାହାଘରରେ ରାଜି ତ ?"

"ଆଜ୍ଞା, ଆପଣଙ୍କ ଭଳି ମୁଖିଆ ଶ୍ୱଶୁର ଭାଗ୍ୟରେ ଥିଲେ ମିଳେ । ମୁଁ ତ ମନେ ମନେ ଆପଣଙ୍କ ଭଳି ଶ୍ୱଶୁର ଖୋଜୁଥିଲି । ଆପଣ ଅଜସ୍ର ସମ୍ପତ୍ତି ଦେବେ କହୁଛନ୍ତି ଓ ଆପଣଙ୍କ ଝିଅ ମଧ୍ୟ ବେଶ ସୁନ୍ଦରୀ । ଏତେ ସୁନ୍ଦରୀ ଝିଅ ଦେଖିଲେ ଯେ କେହି ରାଜି ହେବ ।" କିନ୍ତୁ 'ମୁଁ ରାଜି', ଏ କଥା କହିଲିନି, କାରଣ ମୁଁ ମୋ ନିଜ ପାଇଁ ମିଛ କହିବାକୁ ଭଲପାଏନି । ତାଙ୍କ ମୁହଁ ପ୍ରସନ୍ନ ଦେଖାଗଲା । କେହି ବୋଧେ ତାଙ୍କ ଝିଅକୁ କେବେହେଲେ ସୁନ୍ଦରୀ କହି

Download Magazine from www.aahwaan.com

ନଥିଲେ । ସୁନ୍ଦର ଓ ଅସୁନ୍ଦର ତ ଦେଖଣାହାରୀର ମନ ଉପରେ ନିର୍ଭର କରେ । ଯେତେ ଅସୁନ୍ଦର ହେଉ ପଛେ, ବାପା ଓ ମାଆଙ୍କୁ ନିଜ ସନ୍ତାନ ସନ୍ତତି କେବେହେଲେ ଅସୁନ୍ଦର ଦେଖାଯାଆନ୍ତି ନାହିଁ । ତାଙ୍କ ପ୍ରସନ୍ନତା ଦେଖି ମୋର ତୀର ଠିକ ଲକ୍ଷ୍ୟ ଫଳକରେ ବାଜିଥିବ ବୋଲି ମୋର ହୃଦ୍‌ବୋଧ ହେଲା ।

ତାପରେ ସେ କହିବାକୁ ଲାଗିଲେ, "କାଲି ଦିନ ବେଳା ଆମ ଗ୍ରାମର ପ୍ରଥା ଅନୁସାରେ ତିଳକ ଉତ୍ସବ ହେବ । ପଡୋଶୀ ଗ୍ରାମର ମୁଖିଆମାନେ ବି ଆସିବେ । ସାମନା ସାମାନି ହୋଇ ସମସ୍ତେ ଦୁଇ ଧାଡ଼ିରେ ବସିବେ । ଦୁଇ ଧାଡ଼ିର ଗୋଟିଏ ମୁଣ୍ଡରେ ତୁମେ ବସିବ । ଆର ମୁଣ୍ଡରେ ମୁଁ, ମୋ ସ୍ତ୍ରୀ ଓ ଝିଅ ବସିବୁ । ମଝିରେ ବ୍ରାହ୍ମଣ କିଛି ପୂଜା କରିବ । ପୂଜା ସରିଲେ ତୁମକୁ ଗୋଟିଏ ଫୁଲ ମାଳ ଓ ସିନ୍ଦୁର ଦିଆଯିବ । ତୁମେ ସିନ୍ଦୁର ଡିବା ଓ ଫୁଲ ମାଳ ଧରି ମୋ ଝିଅ ପାଖକୁ ଆସିବ । ଝିଅ ସିନ୍ଥିରେ ସିନ୍ଦୁର ଲଗେଇଦେବ ଓ ବେକରେ ମାଳଟି ପକେଇଦେବ । ବାସ ଏତିକି କାମ ତୁମର । ତାପରେ ଅନ୍ୟାନ୍ୟ ବିବାହ କର୍ମ ଓ ଭୋଜି ଆରମ୍ଭ ହେବ ।" ଏତିକି କହି ହସ ହସ ମୁହଁରେ ମୁଖିଆ ଗଡ଼ ଜିତିଲା ଭଳି ବଡ଼ ବଡ଼ ପାହୁଣ୍ଡେ ପକେଇ ବାହାରିଗଲେ । ସନ୍ତୋଷ ଓ ତୃପ୍ତିରେ ତାଙ୍କ ମୁହଁ ଉଜ୍ଜ୍ୱଳ ଦେଖାଯାଉଥିଲା ।

କ୍ଷଣକ ପାଇଁ ମୋ ବିବେକ ମୋତେ ଦଂଶନ କରି କହିଲା, "ତୁ ସେ ନିଷ୍ପାପ ଝିଅକୁ ଧୋକା ଦେବାକୁ ଯାଉଛୁ । ବିଚାରୀ ବାହା ଦେବ ବୋଲି କେଡ଼େ ଆଗ୍ରହରେ ଅନେଇ ବସିଥିବ । ବାପ ସିନା ଦୋଷ କଲା, ଝିଅର ଦୋଷ କଅଣ !" ନିଜକୁ ଦୋଷୀ ବୋଲି ଭାବିଲି । କିନ୍ତୁ କଅଣ କରାଯିବ ! ଧୋକାରୁ ଯାହାର ଆରମ୍ଭ, ତାହାର ଶେଷ ତ ଧୋକାରେ ପରିଣତ ହେବା ଅବଶ୍ୟମ୍ଭାବୀ । ମନେ ମନେ ପ୍ରଭୁଙ୍କୁ ଡାକି କହିଲି, "ପ୍ରଭୁ ମୋତେ କ୍ଷମା କର । ତୁମେ ତ କହିଛ, 'ଅନ୍ୟାୟ ସହିବା ବି ଦୋଷାବହ' ।

 Download Magazine from www.aahwaan.com

ତା'ପର ଦିନ ପ୍ରାୟ ଦିନ ଦଶଟା ବେଳେ ଭାଲୁ ଆସି ଗୋଟିଏ ଧୋତି ଓ ପଞ୍ଜାବୀ ଦେଲା ଓ ତାକୁ ପିନ୍ଧି ଉତ୍ସବକୁ ଯିବାକୁ କହିଲା ଓ କବାଟ ବନ୍ଦ କରି ଚାଲିଗଲା । ମୁଁ ଦର୍ପଣ ଆଗରେ ଠିଆ ହୋଇ ଦାଢ଼ି କାଟିଲି, ଦେହ ଓ ମୁହଁକୁ ସାବୁନରେ ଭଲ ରୂପେ ଘଷି ସଫା କରିଦେଲି । ମୁଣ୍ଡ ବାଳକୁ ପାନିଆରେ କୁଣ୍ଡେଇ ଦେଲି । ପୋଷାକ ପିନ୍ଧି ଯେତେଦୂର ସମ୍ଭବ ନିଜକୁ ସଜେଇ ନେଲି । ମୋର ପ୍ୟାଣ୍ଟ ସାର୍ଟରେ ଯାହା ଥିଲା, ସେ ସବୁ କାଢ଼ି ମୁଁ ପଞ୍ଜାବୀ ପକେଟରେ ରଖିଲି, ହାତ ଘଣ୍ଟା ପିନ୍ଧିଲି ଓ ଅପେକ୍ଷା କରି ରହିଲି ।

ଅଧ ଘଣ୍ଟା ପରେ କାଲୁ ଓ ଭାଲୁ ଆସି ମୋର ଦୁଇ ପାଖରେ ରହି ଦୁଇ ହାତକୁ ଧରି ଚାଲିଲେ । ମୋତେ ନିଜକୁ 'ବଳି ବୋଦା' ଭଳି ଲାଗୁଥାଏ । ମୁଁ ପ୍ରାୟ ଟାଣିହୋଇ ଚାଲୁଥାଏ । ଗାଁ ମଝିରେ ଗଲାବେଳେ ଲୋକମାନେ ମୋତେ ଅନଉଥାଆନ୍ତି । ଶେଷରେ ଗାଁ ମୁଣ୍ଡରେ ଥିବା ପଡ଼ିଆରେ ପହଞ୍ଚିଲୁ । ସେଠାରେ ଆଗରୁ ଲୋକମାନେ ଦୁଇ ଧାଡ଼ି ହୋଇ ଦରି ଉପରେ ବସିଥାଆନ୍ତି । ମଝିରେ ମଝିରେ ଜଣେ ଜଣେ ଭଲ ସଫା ବେଶ ପୋଷାକ ପିନ୍ଧି ପଗଡ଼ି ଲଗେଇ ଚଉକି ଉପରେ ବସିଥାଆନ୍ତି । ମୁଁ ଅନୁମାନ କଲି, ସେମାନେ ପଡୋଶୀ ଗାଁର ମୁଖିଆ ହୋଇଥିବେ । ଏହିଭଳି ଚାରି ଜଣ ପଗଡ଼ି ପିନ୍ଧା ଲୋକ ଥାଆନ୍ତି । ମୋର ନଜର ଜଣେ ନିର୍ଦ୍ଦିଷ୍ଟ ପଗଡ଼ି ପିନ୍ଧା ଲୋକ ଉପରେ ପଡ଼ିଲା । ତା' ପାଖରେ ଗୋଟିଏ ସୁନ୍ଦରୀ ଝିଅ ଠିଆହୋଇଥିଲା । ଏତେ ଲୋକ ମଧ୍ୟରେ ସେ ଝିଅଟି ବାରି ହୋଇ ଯାଉଥିଲା । ତାଙ୍କ ଦୁଇ ପାଖରେ ଚାରି ଜଣ ସ୍ୱାସ୍ଥ୍ୟବାନ ଲୋକ ଠେଙ୍ଗା ଧରି ଠିଆ ହୋଇଥିଲେ । ବୋଧହୁଏ ତାଙ୍କ ବଡିଗାର୍ଡ଼ ହୋଇଥିବେ । ସେଇ ଝିଅକୁ ଦେଖିବା ପରେ ମୋତେ ଏଠାରୁ ଖସିବାର ଗୋଟେ ଉପାୟ ଦେଖାଗଲା । ଭଗବାନଙ୍କୁ ସ୍ମରଣ କରି ମୋର ପରବର୍ତ୍ତୀ କାର୍ଯ୍ୟପନ୍ଥା ସ୍ଥିର କରିନେଲି ଓ ଫଳାଫଳ ଭଗବାନଙ୍କ ଉପରେ ଛାଡ଼ିଦେଲି । ଗୀତାରେ ଅଛି, 'କର୍ମଣ୍ୟେ ବାଧିକାରସ୍ତେ,

 Download Magazine from www.aahwaan.com

ମା ଫଳେଷୁ କଦାଚନ ....' ।

ପୂର୍ବ କାର୍ଯ୍ୟସୂଚୀ ଅନୁସାରେ ପୂଜା ଆରମ୍ଭ ହେଲା । ମୁଁ ସେଇ ଝିଅକୁ ଏକ ଲୟରେ ଅନେଇ ରହିଥାଏ । କିଛି ସମୟ ପରେ ସେ ଝିଅ ମୋତେ ଅନେଇଲା ଓ ମୁଁ ତାକୁ ଅନେଇଛି ଦେଖି ସେ ମଧ୍ୟ ମୋତେ ଅନେଇ ରହିଗଲା । ଚାରି ଆଡକୁ ଆଖି କୋଣରେ ଦୃଷ୍ଟିପାତ କଲି । ଦେଖିଲି ଆମ ଆଡ଼େ କେହି ଦେଖୁନାହାନ୍ତି । ତା'ପରେ ମୁଁ ଠାରରେ ମୋର ବିଶି ଆଙ୍ଗୁଠି ନିଜ ଆଡକୁ ଦେଖେଇଲା ପରେ ତା ଆଡକୁ ଦେଖେଇଲି ଓ ଦୁଇ ପାପୁଲିକୁ ଯୋଡ଼ି ପାନ ଭଳି ଆକାର କରିଦେଲି, ମାନେ ଇଙ୍ଗିତରେ ତାକୁ ଭଲପାଏ ବୋଲି ଜଣେଇଦେଲି । ସେ ହୁଏତ ମୁଁ ଖରାପ ବ୍ୟବହାର କରୁଛି କହି ତା ବାପାକୁ ଜଣେଇପାରିବା ସମ୍ଭାବନା ଥିଲା, ମୁଁ ମାଡ଼ ଖାଇବା ସମ୍ଭାବନା ଥିଲା, କିନ୍ତୁ ମୋର ଏଠାରୁ ଖସିବା ରିସ୍କ ନେବା ଅତି ଆବଶ୍ୟକ ଥିଲା । ଏ ପାଖ ନ ହେଲେ ସେ ପାଖ । ପ୍ରାଣ ଯିବ ବା ପଳାୟନ କରିବି ।

ମୁଁ ତା ମୁହଁକୁ ଅପଲକ ଦୃଷ୍ଟିରେ ଅନେଇଥାଏ । ସେ ଝିଅ ଟିକିଏ ଆଶ୍ଚର୍ଯ୍ୟ ହୋଇ କିଛି ସମୟ ପର୍ଯ୍ୟନ୍ତ ମୋ ମୁହଁକୁ ଅନେଇଲା । ଲାଜରେ ମୁହଁ ଅଳ୍ପ ସମୟ ପାଇଁ ତଳକୁ କରିବା ପରେ ଚାରି ଆଡ଼କୁ ଅନେଇ, କେହି ଆମକୁ ଦେଖୁଛନ୍ତି କି ନାହିଁ ପରୀକ୍ଷା କରିନେଲା । ତା'ପରେ ସେ ନିଜେ ମୁଁ କରିଥିବା ଭଳି ଇଙ୍ଗିତ ମୋତେ ଦେଇ ହସିଦେଲା । ନିଜର ଖୁସିକୁ ବହୁତ କଷ୍ଟରେ ଚାପି ଧରିଲି ଓ ଅପେକ୍ଷା କରିବାକୁ ଇଙ୍ଗିତ ଦେଇ ମୁଁ ଅନ୍ୟ ଦିଗକୁ ଅନେଇଲି । ଡର ଥାଏ, କାଳେ କିଏ ଆମ ଇଙ୍ଗିତ ଦେଖୁଥିବ । ଭାଗ୍ୟ ଭଲ, ସେତେବେଳକୁ ସମସ୍ତେ ଟିକିଏ ଟିକିଏ ସୁରାପାନରେ ବ୍ୟସ୍ତ ଥାଇ ପୂଜା ଦେଖୁଥିଲେ ।

କିଛି ସମୟ ପରେ ପୁରୋହିତ ବରକୁ ଆଣିବାକୁ କହିଲେ । କାଲୁ ଆସି ମୋ ହାତରେ ଗୋଟିଏ ଫୁଲ ମାଳ ଓ ଗୋଟିଏ ଟିକି ସିନ୍ଦୁର ଡବା ଧରେଇଦେଇ ମୁଖିଆଙ୍କ ଝିଅ ଆଡ଼କୁ

Download Magazine from www.aahwaan.com

ଯିବାକୁ ଯିବାକୁ କହିଲା । ସମସ୍ତଙ୍କ ଆଖି ମୋ ଉପରେ ଥାଏ । ମୁଁ ଧୀରେ ଧୀରେ ଆଗକୁ ବଢ଼ିଲି । ଛାତି ଧଡ଼ ଧଡ଼ କରୁଥାଏ । ସାମାନ୍ୟ ଝାଳ ବୋହୁଥାଏ । ଧୀରେ ଧୀରେ ଯାଇ ଯେତେବେଳେ ସେ ସୁନ୍ଦରୀ ଝିଅ ସିଧାରେ ପହଞ୍ଚିଲି, ସେତେବେଳେ ହଠାତ ଦିଗ ପରିବର୍ତ୍ତନ କରି ସେଇ ଝିଅ ପାଖକୁ ଦୌଡ଼ିଯାଇ ତା ଗଳାରେ ମାଳ ପକେଇଦେଲି ଓ ହାତକୁ ଜୋରରେ ଥରେଇ ଥରେଇ ସିନ୍ଦୁର ଡିବା ଏମିତି ଖୋଲି ତଳକୁ ପକେଇଦେଲି, ଯେମିତି ଜଣାଯିବ ଭୁଲରେ ସିନ୍ଦୁର ଡିବା ଖୋଲୁ ଖୋଲୁ ହାତରୁ ଖସିପଡ଼ିଲା । ତା'ପରେ ତଡ଼ିତ୍ ବେଗରେ ତା ବାପାଙ୍କ ଗୋଡ଼ ଧରି 'ଶରଣ' 'ଶରଣ' କହି ଭୂମିରେ ବସିପଡ଼ିଲି ।

ଏତେ ଶୀଘ୍ର ଏ ଘଟଣା ଘଟିଗଲା ଯେ ହଠାତ କେହି କିଛି ବୁଝିପାରିଲେନି । ଯେତେବେଳେ ବୁଝିଲେ, ସେତେବେଳେ କାଲୁ ଓ ଭାଲୁ ଠେଙ୍ଗା ଧରି "ମାର ଶଳାକୁ" କହି ମୋ ଦିଗକୁ ଦଉଡ଼ି ଆସିଲେ । ଝିଅର ବାପା ଓ ନିଜେ ଝିଅ ମୋତେ ଆଢୁଆଳ କରି ଠିଆ ହୋଇଗଲେ ଓ ତାଙ୍କ ଅନୁଚରମାନଙ୍କୁ ଇଙ୍ଗିତରେ ସେମାନଙ୍କ ମୁକାବିଲା କରିବାକୁ କହିଲେ । ବଡ଼ ପାଟିରେ କହିଲେ, "ଏ ପୁଅ ମୋ ଶରଣ ପଶିଛି । ଶରଣାଗତକୁ ରକ୍ଷା କରିବା ମଣିଷର କର୍ତ୍ତବ୍ୟ । କେହି ତା ଦେହରେ ଟିପ ଲଗେଇଲେ ମୁଣ୍ଡ କାଟିଦେବି ।"

ଝିଅକୁ ଅନେଇ ପ୍ରଶ୍ନ କଲେ, "ତୁ ଏ ପୁଅକୁ ଦେଖ ଓ ତାକୁ ବାହା ହେବାକୁ ରାଜି କି ନାହିଁ, କହ ?" ଝିଅର ମୁହଁ ଲଜ୍ଜା ବଶତଃ ଆରକ୍ତ ହୋଇଗଲା ଓ କହିଲା, "ବାପା, ସେ ବିପଦରେ ପଡ଼ି ଆମ ଆଶ୍ରା ନେଇଛନ୍ତି । ଖାଲି ଫୁଲ ମାଳ ପକେଇଲେ କଅଣ ବିବାହ ହୁଏ ? ଆମେ ପରେ ସେ ବିଷୟ ବିଚାର କରିବା । ଏବେ ଚାଲ ଶୀଘ୍ର ଏଠାରୁ ପଳେଇବା । ମୋତେ ଯଦି ପାଇବାକୁ ତାଙ୍କର ଇଚ୍ଛା ଥିବ ତେବେ ସେ ତାଙ୍କ ପିତା ମାତାଙ୍କ ସମ୍ମତି ନେଇ ଆସି ମୋ ହାତ ମାଗିବେ । ଏବେ ସେ କଥା ଥାଉ ।" ତାଙ୍କ ବାପା ତା ଆଡ଼କୁ ଅବିଶ୍ୱସନୀୟ

Download Magazine from www.aahwaan.com

ସ୍ନେହରେ ଅନେଇ କହିଲେ, "ଆରେ ମୋ ସୁନା ଝିଅର, ତୋର ଏତେ ସୁନ୍ଦର ବୁଦ୍ଧି ହୋଇଗଲାଣି, ମୁଁ ଜାଣିନଥିଲି ।"

ପଡ଼ିଆରେ ହୋ ହଲ୍ଲା ଚାଲିଥିଲା । କେହି 'ମାର, ମାର' କହୁଥିବା ଶୁଣାଗଲା ଓ ଆଉ କେହି 'ମାରିଲେ ରକ୍ତପାତ ହେବ', ଏ କଥା କହୁଥିଲା । ସେହି ଗ୍ରାମରେ ଏଭଳି ଘଟଣା ପ୍ରଥମ ଥର ନିମନ୍ତେ ଘଟିଥିଲା । କହିବା ବାହୁଲ୍ୟ, ମୋ ହାତ ଧରି କନ୍ୟା ପିତା ମୋ ସହ ଠିଆହେଲେ । ଏହା ପରେ ବିଜୟ ଗର୍ବରେ ମୁଁ ସେଇ ଝିଅଙ୍କ ପରିବାର ସାଥିରେ ତାଙ୍କ ଗ୍ରାମକୁ ଚାଲିଲି ଓ ଗଲା ପୂର୍ବରୁ ମୋର ଅପହରଣକାରୀଙ୍କୁ ତାଚ୍ଛଲ୍ୟ ଦୃଷ୍ଟିରେ ଅନେଇ ଅନେଇ ଯାଉଥିଲି । ସେତେବେଳେ ତାଙ୍କ ମୁହଁ ଦେଖିବାର ଯୋଗ୍ୟ ଥିଲା । ପାଟି ଭିତରେ ଥିବା ସ୍ୱାଦିଷ୍ଟ ଖାଦ୍ୟକୁ ଆଙ୍ଗୁଠି ପୁରେଇ କାଢ଼ିନେଲେ କ୍ଷୁଧାର୍ତ୍ତ ଲୋକର ଯେଉଁ ଅବସ୍ଥା ହୁଏ, ସେହି ଅବସ୍ଥା ସେମାନଙ୍କର ହୋଇଥିଲା ।

ଏତିକିବେଳେ ଏକ ପୋଲିସ ଦଳ ଆସି ସେଇ ଗାଁରେ ପହଞ୍ଚି ମୋତେ ଉଦ୍ଧାର କରି ଥାନାକୁ ନେଇଗଲେ । ଯେଉଁ ସାଙ୍ଗ ସୁଦେଶର ବାହାଘର ବରଯାତ୍ରୀ ହୋଇ ଆସିଥିଲି, ସେହି ସାଙ୍ଗ ମୋତେ ଦେଖିବାକୁ ନପାଇ ବହୁତ ଖୋଜାଖୋଜି କଲା ଓ ପାଇଲାନି । ତା' ପରେ ମୋ ଘରକୁ ଯୋଗାଯୋଗ କରି ମୋତେ ନପାଇବାରୁ ପୋଲିସକୁ ଖବର ଦେଇଥିଲା । ମୁଁ ବାହାଘରରୁ ଠିକଣା ସମୟରେ ଘରକୁ ନ ଫେରିବାରୁ ଓ ଦୁରଭାଷ (ମୋବାଇଲ) ସଂଯୁକ୍ତ ନହେବାରୁ ବାପା ମଧ୍ୟ ପୋଲିସରେ ଏଫଆଇଆର ଦେଇଥିଲେ । ଏ ଘଟଣା ପରେ ମୁଁ ମଧ୍ୟ ମୋ ପ୍ରତି କରାଯାଇଥିବା ଅବିଚାର ବିଷୟ ଲେଖି ଏଫଆଇଆର ଦେଲି ।

ପରେ ଶୁଣିଲି ମୋ ମୋବାଇଲ ଛଡ଼େଇ ରଖିବା ଅପରାଧରେ ଭାରତୀୟ ପିଙ୍ଗଳ କୋଡ଼ର ୩୮୪ ଦଫାରେ କାଲୁକୁ ଓ ଜଣେ ଅଫିସରକୁ ଜବରଦସ୍ତ ଅଟକ ରଖିବା

 Download Magazine from www.aahwaan.com

ଅପରାଧରେ ୩୪୧ ଦଫା ଓ ଅପହରଣ କରିବା ଅପରାଧରେ ୩୬୩ ଦଫାରେ ମୁଖିଆକୁ ବି ଗିରଫ କରାଯାଇଥିଲା ।

ମୋ ପାଖରେ ଏହି ଘଟଣା ପରେ ଦୁଇଟି ବିକଳ୍ପ ଥିଲା, ଉକ୍ତ ଝିଅକୁ ବାହା ହେବି ନା ହେବିନି । ମୋତେ ରକ୍ଷା କରିଥିବାରୁ ବିବାହ କରିବା ଉଚିତ । କିନ୍ତୁ ଗୋଟେ ଖିଆଲ ଉପରେ ବିବାହ ହୁଏନି । ଏହା ଏକ ସାମାଜିକ ଅନୁଷ୍ଠାନ । ସେ ଝିଅ କଅଣ ପଢ଼ିଛି, ତା'ର ଗୁଣ ଓ ଚାଲିଚଳନ କେମିତି ? ଆମ ଘର ସାଥିରେ ମିଶି ପାରିବ କି ନାହିଁ ? ତା'ର ବାପାର ସାମାଜିକ ସ୍ଥିତି କଅଣ ? ସେ ବି ଗୋଟିଏ ଗୁଣ୍ଡା ହୋଇଥାଇ ପାରେ । ଏ ସବୁ ପ୍ରଶ୍ନ ମନରେ ଉଙ୍କି ମାରୁଛି । ସମାଜ, ବାପା, ମାଆ ସମସ୍ତଙ୍କ ସ୍ୱୀକୃତି ନେଇ ବିବାହ କରାଯାଏ । ସେ ଝିଅ ବେକରେ ମୁଁ ଫୁଲ ମାଳ ଦେଇଥିଲି, କିନ୍ତୁ ଜାଣିଶୁଣି ସିନ୍ଥିରେ ସିନ୍ଦୁର ଦେଇନଥିଲି । ତେଣୁ ତାଙ୍କ ଚଳନ୍ତି ପ୍ରଥା ଅନୁସାରେ ମୁଁ ତାକୁ ବିବାହ କରିନି । ଏହା ବ୍ୟତୀତ ପରିସ୍ଥିତିର ଦାସ ହୋଇ ନିଜର ସ୍ଥିତିରକ୍ଷା ନିମନ୍ତେ କିଛି କାମ କଲେ ତାହା ଦୋଷାବହ ନୁହେଁ । ଏ ସବୁ ଦ୍ୱନ୍ଦରେ ମୁଁ ପଡ଼ିଛି । ସମସ୍ତଙ୍କୁ ବର୍ତ୍ତମାନ ପ୍ରଶ୍ନ କରୁଛି, ଏଭଳି ଅଭାବନୀୟ ପରିସ୍ଥିତିରେ ପଡ଼ିଲେ ନିଜେ କଅଣ କରିବେ ଓ ମୁଁ ସେ ଝିଅକୁ ବିବାହ କରିବା ଉଚିତ କି ନାହିଁ ? କିନ୍ତୁ ଯାହାହେଉ, ମୋତେ ଅବାଞ୍ଛନୀୟ ପରିସ୍ଥିତିରୁ ରକ୍ଷା କରିବାରେ ସାହାଯ୍ୟ କରିଥିବାରୁ ସେ ଝିଅ ଓ ତାଙ୍କ ବାପାଙ୍କ ପାଖରେ ମୁଁ ଚିରଋଣୀ ହୋଇ ରହିଗଲି ଓ କୌଣସି ଆକାରରେ ବା ମତରେ ଯଦି ତାଙ୍କର ଉପକାର କରାଯାଇପାରେ ତେବେ ମୁଁ ସେଥିପାଇଁ ପ୍ରସ୍ତୁତ । ବିକ୍ରମ ଓ ବତ୍ରିଶ ସିଂହାସନ ଗଳ୍ପରେ ଥିବା ବିକ୍ରମାଦିତ୍ୟଙ୍କୁ ପିତୁଳାର ପ୍ରଶ୍ନ ଭଳି ଏହାର ମୁଁ ସମାଧାନ ଖୋଜୁଛି ।

ଭୁବନେଶ୍ୱର, ଫୋନ – ୭୯୭୮୦୫୯୮୫୧

Download Magazine from www.aahwaan.com

# ଅଟୋବାଲା ଓ ମୁଁ



ରଶ୍ମିତା ମହନ୍ତ

ଅଫିସ କାମ ସାରି ସେକ୍ରେଟେରିଏଟରୁ ବାହାରି ମୁଁ ଏକମୁହାଁ ହୋଇ ଚାଲିଲି ଏ ଜି ଛକ ପର୍ଯ୍ୟନ୍ତ , କଲ୍ପନା ଛକ ପାଇଁ ଅଟୋ ଧରିବାକୁ । ଏ ଜି ଛକରେ ପହଞ୍ଚି ସେ ଦିଗରେ ଯାଉଥିବା ପ୍ରତିଟି ଅଟୋ ରିକ୍ସାକୁ ହାତ ଦେଖେଇଲି । କିଛି ସମୟ ପରେ ଗୋଟେ ଫାଙ୍କା ଅଟୋ ଆସି ରହିଲା । ମୋ ସହ ଅନ୍ୟ ଜଣେ ତରୁଣୀ ମଧ୍ୟ କଲ୍ପନା ନିମନ୍ତେ ବସିଲେ ଅଟୋରେ ।

ଅଟୋ ଚାଲିଲା ଧିରେ ଧିରେ ଆଗକୁ । ...ଆରେ ! ଏ କଣ ? ପ୍ରତ୍ୟକ ଦଶ ହାତରେ ସେ ଅଟୋବାଲା ଅଟୋର ବେଗ କମାଇ ଡାକୁଛି, ଭାଇ ! କଲ୍ପନା ? ଭାଇ ! କଲ୍ପନା ? ଦିଦି ! କଲ୍ପନା ? ତା ଡାକ ସେତେ ବିରକ୍ତିକର ନ ଥିଲେ ବି ମୋତେ ଅଧୈର୍ଯ୍ୟ କରିଥିଲା । ଏପରି ହେଲେ କେମିତି ହେବ ? ମୋତେ କଲ୍ପନା ପହଞ୍ଚିବାକୁ ତେବେ ତ ଅଧଘଣ୍ଟା ଲାଗିବ ? ମୁଁ ଗମ୍ଭୀର ହୋଇ କହିବାକୁ ଯାଉଥିଲି – ଭାଇ ! ଚାଲନ୍ତୁ ଜଲଦି । କିନ୍ତୁ ହଠାତ ଅଟକି ଗଲି । ବୋଧେ ତା ବିଷର୍ଣ୍ଣ ଚେହେରାର ଶୁଷ୍କ ହସ ମୋ ଶବ୍ଦକୁ ବାଧା ଦେଲା । ନଣ୍ଡା ମୁଣ୍ଡ, ମଇଳା ପୋଷାକ ଓ ରୋଗିଣା ଚେହେରାରୁ ମହାଶୟଙ୍କ ଅର୍ଥାଭାବ ଓ ଅସହାୟତା ସ୍ପଷ୍ଟ ବାରି ହେଉଥିଲା । ଲୋକେ କହନ୍ତି, ରାଜଧାନୀରେ ଟଙ୍କା ଉଡେ କାଳେ । ବୋଧେ ସେଥିରୁ କିଛି ଗୋଟାଇବାକୁ ହୁଏତ ସେ ଚେଷ୍ଟାରେ ଲାଗିଛି । ଗାଡିର ଗତି ସହ ମୋ ମନର ଭାବନା ମଧ୍ୟ ଜୋର ଧରିଲା । ବୋଧେ ଜୀବନ–ଜୀବିକା–ଜଞ୍ଜାଳ ସବୁରେ ଛନ୍ଦ । ଜୀବର ଦହନୀୟତା ମାପୁଥିଲା ।

 Download Magazine from www.aahwaan.com

ଗାଡି ଚାଲୁଥାଏ ଆଗକୁ । ଅଟୋ ବାଲା ରାଜମହଲ ବ୍ରିଜ ଉପର ଦେଇ ନଯାଇ ଗଲା ବ୍ରିଜ ତଳ ଦେଇ । ବୋଧେ ପାସେଞ୍ଜର ମିଳିବାର ଆଶା ତାଙ୍କୁ ସିଧା ରାସ୍ତା ଛାଡି ବୁଲାଣି ବାଟରେ କଢେଇ ନେଲା । ମୁଁ ବସିଲି ଧୈର୍ଯ୍ୟ ଧରି । ସେଇ ଅଳ୍ପ ସମୟରେ ସାମାନ୍ୟ ଭାବପ୍ରବଣ ହୋଇଯାଇଥିଲି । ସେ ଅଟୋବାଲା ପୁଣି ଡାକିଲା, କଳ୍ପନା ... କଳ୍ପନା ... କଳ୍ପନା ... । ମା'ଝିଅ ଦି'ଜଣ ଆସି ବସିଲେ ଅଟୋରେ । ତାଙ୍କୁ ବସିବା ଦେଖି ଅଟୋବାଲାର ମୁହଁର ପରିମିତିରେ କିଞ୍ଚିତ ପରିବର୍ତ୍ତନ ଦେଖାଗଲା । ତାହା ଦେଖି ମୁଁ ସାମାନ୍ୟ ଆଶ୍ୱସ୍ତ ହେଲି । କେଇ ହାତ ଦୂରରେ ଆଉ ଜଣେ ଭଦ୍ର ମହିଳା ଲିଙ୍ଗରାଜ ମନ୍ଦିର ଯିବା ନିମନ୍ତେ ହାତ ଦେଖାଇଲେ । କହିବା ଯୋଗ୍ୟ ଲିଙ୍ଗରାଜମନ୍ଦିର ସେ ଅଟୋର ଶେଷ ରହଣି, ସେତେ ବାଟ ଯାଏ ପାସେଞ୍ଜର ମିଳିଲେ ଅଟୋ ବାଲାକୁ ଦି'ପଇସା ମିଳେ । ଲିଙ୍ଗରାଜ ମନ୍ଦିର ଶୁଣି ଅଟୋବାଲା ଭାଇ ତତ୍ପର ହୋଇ ପଛକୁ ଚାହିଁ ଆମ ସମସ୍ତଙ୍କୁ ଦ୍ୱିଧାର ସହ ଅନୁରୋଧ କରି କହିଲା, "ଟିକେ ଏଡ୍‌ଜଷ୍ଟ କରନ୍ତୁ କଳ୍ପନା ଯାଏ, ଆଉ ଅଳ୍ପ ବାଟ ।" ତା ମୁହଁର କଥା ନ ସରୁଣୁ ସଦ୍ୟ ଚଢ଼ିଥିବା ମା'ଝିଅ ଓହ୍ଲାଇ ପଡି କହିଲେ, "ଆମେ ଏତେ ପ୍ରୋବ୍ଲେମରେ ଯାଇ ପାରିବୁନି ।" ହସି ଉଠୁଥିବା ଅଟୋଭାଇର ମୁହଁଟା ଶେତା ପଡିଗଲା । ଅନୁଭବ ହେଲା ଯେମିତି କୁନିପୁଅର ବାଲି ଘର ଉପରେ ଚଞ୍ଚଳିଆ ବାଛୁରୀଟେ କୁଦା ମାରିଦେଲା । ସେ ମନର ଶୁଷ୍କତା ଏଡାଇ ଗାଡିର ଏକ୍ସିଲାରେଟର ମୋଡି ଚାଲିଲା । ଆଉ ମୁଁ ପରିସ୍ଥିତିର ମାଡରେ ଆଣ୍ଠେଇ ପଡିଥିବା ଶସ୍ତ୍ରହୀନ ସୈନିକ ପରି ବସିରହିଲି । କଳ୍ପନା ଟ୍ରାଫିକ୍ ଛକରେ ଗାଡି ଅଟକିଲା, ଧ୍ୱନିଟିଏ ଶୁଭିଲା - ଏଇଠି ଓହ୍ଲାଇବ ? ମୁଁ ପ୍ରକୃତିସ୍ଥ ହେଲି, ଅଟୋରୁ ଓହ୍ଲାଇ ପଡି ଦଶ ଟଙ୍କିଆ ନୋଟଟେ ବଢାଇଲି । ସେ ତୁରନ୍ତ ନୋଟଟା ଥୋଇ ଖୁଚୁରା ପାଞ୍ଚ ଟଙ୍କା ଖୋଜିବାରେ ଲାଗିଲା । ମୁଁ କିନ୍ତୁ ଟଙ୍କା ବଢାଇ ଦେଇ ଜୋର

ଜୋର ପାଦ ପକାଇ ଆଗକୁ ଚାଲିଲି । ମୁଁ ଚାହୁଁ ନ ଥିଲି ସେ ଜାଣୁ ଯେ ମୁଁ ଜାଣେ ଭଡା ୫ ଟଙ୍କା ବୋଲି ।

କଳ୍ପନା ଛକରୁ ବଡଗଡ ଅଟୋଷ୍ଟାଣ୍ଡ ଆସିବା ମଧ୍ୟରେ ମୋ ସାମ୍ନାରେ କେବଳ ସେ ଅଟୋବାଲାର ଆଖି ଜୁଳୁ ଜୁଳୁ ଦିଶୁଥିଲା । ତା ସହ ବହୁ ସାମାଜିକ ସଂସ୍କାରମୂଳକ ଚିନ୍ତା ଘେରିଗଲା । ମୋର ଏ ଅବୁଝା କାମ ଯଥେଷ୍ଟ ତ ନୁହେଁ ବରଂ ଅଟୋବାଲାର ସ୍ୱାଭିମାନରେ ମୋର ଅଯଥା ହସ୍ତକ୍ଷେପ ନୁହଁ ତ ? ପର ମୁହୁର୍ତ୍ତରେ ଭାବିଲି ସେ ଅଟୋବାଲାର ବ୍ୟବହାର ଉପରେ ଏକ ସ୍ତମ୍ଭ ଲେଖିହେବ । ପୁଣି ଭାବିଲି କେତେ ସ୍ୱାର୍ଥପରଟେ ମୁଁ, ସେ ଅଟୋ ବାଲାର ସ୍ଥିତିର ସାମାନ୍ୟ ସମାଧାନ କରିବାକୁ ଅଯୋଗ୍ୟ ଥାଇ ବରଂ ତାକୁ କାହାଣୀର ମୁଖ୍ୟ ପ୍ରସଙ୍ଗ କରିବା କଥା ଭାବୁଛି । ମୁଁ ତ ସେ ୫ ଟଙ୍କାରେ କିଣିନି ଅଟୋବାଲାଠୁ ତା ଜୀବନର ଏ ଅଂଶ । ଟ୍ରାଫିକ୍ ପୁଲିସର ହୁଇସିଲରେ ପ୍ରକୃତିସ୍ଥ ହୋଇ କଳ୍ପନା ଅଟୋଷ୍ଟାଣ୍ଡରୁ ବଡଗଡ ଯାଉଥିବା ଅଟୋରେ ବସି ଫେରି ଆସିଲି ମୋ ଛୋଟ ସଂସାରକୁ ।

ସତରେ ଦୁନିଆଟା ସ୍ୱାର୍ଥପର । ଆଉ ମୁଁ ବି ।

ଓଡିଶା ସଚିବାଳୟ ସେବା

ଭୁବନେଶ୍ୱର

Download Magazine from www.aahwaan.com

# ମୁଁ କ'ଣ ଆଉ ଶିଶୁ ନୁହଁ ?



ପରମିତା ମିଶ୍ର

ସ୍କୁଲ ପ୍ରାଙ୍ଗଣଟି ଶିଶୁ ଦିବସ ପାଇଁ ଉତ୍ସବ ମୁଖର ହୋଇପଡିଛି । ସମସ୍ତେ ବହୁତ ଆନନ୍ଦର ସହ ଦିନଟିକୁ ସଫଳ କରିବାରେ ଲାଗି ପଡ଼ିଛନ୍ତି । କାହିଁ କେତେ ଦିନ ଆଗରୁ ପିଲାମାନେ ଏ ଦିନ ଟି ପାଇଁ ପ୍ରସ୍ତୁତ ହେଉଥିଲେ । ପୁଣି ମୁଖ୍ୟ ଅତିଥି ଯେ ଆମ ପୋଲିସ ଅଧିକାରୀ ।

ଷଷ୍ଠ ଶ୍ରେଣୀର ପ୍ରତିଭା ଶ୍ରେଣୀରେ ପ୍ରଥମ ଥିଲା ସବୁଥିରେ । ଏ ବର୍ଷ ତା'ର ସପ୍ତମ ଶ୍ରେଣୀ । ଅର୍ଦ୍ଧ ବାର୍ଷିକ ପରୀକ୍ଷା ରେ ସେ କିଛି ଭଲ କରି ପାରିନି । ଶ୍ରେଣୀର ଏକ କୋଣରେ ଗୁମସୁମ ହୋଇ ବସି ରହିଛି ସେ । ସବୁ ପିଲାମାନେ ଶିଶୁ ଦିବସ ପାଇଁ ପ୍ରସ୍ତୁତ ହେଲା ବେଳକୁ ପ୍ରତିଭା କିନ୍ତୁ ହଜି ଯାଇଛି ଅନ୍ୟ ଏକ ଦୁନିଆରେ । ସେଫାଳୀ କହିଲା ଦେଖ ପ୍ରତିଭା ରାଜନ ସାର୍ ଙ୍କ ଏସବୁ ମତେ ଜମା ଭଲ ଲାଗୁନି । ମୁଁ ଏବେ ହାତରେ ଏତେ ସବୁ ଜିନିଷ ନେଇ ଯାଉଥିଲି ସେ ଜାଣି ଶୁଣି ମୋ ପିଠିରେ ହାତ ବୁଲାଇ ଗଲେ । ହେଲେ ମୁଁ କୋଉ ଛାଡିବା ଲୋକ ଯେ ନ ଜାଣିଲା ପରି ସବୁତକ ଜିନିଷ ତାଙ୍କରି ଉପରେ ଅଜାଡି ଦେଇଛି ଆଉ ତାପରେ ସରି କହିଦେଲି ହଁମ.....  । ଏଡେ ଏଡେ ଆଖିରେ ଚାହୁଁଥିଲେ ମତେ । ଓଠରେ କ୍ଷୁଦ୍ର ହସଟିଏ ହସିଦେଲା ପ୍ରତିଭା ।

ଏଥର ଅର୍ଦ୍ଧ ବାର୍ଷିକ ପରୀକ୍ଷାରେ ଜାଣି ଶୁଣି ମତେ ଗଣିତରେ ଅଙ୍କ କମ କରି ଦେଇଛନ୍ତି । ବାପା ମତେ ଯାହା ମାରିଲେ ହେଲେ ତାଙ୍କୁ କଣ ଜଣା ଏ କେମିତିକା ଲୋକ । କହି ଚାଲିଥିଲା ଶେଫାଳି, ପ୍ରତିଭା ସ୍ଥାଣୁ ଭଳି ଶୁଣୁଥିଲା କେବଳ ।

 Download Magazine from www.aahwaan.com

ଏ ପ୍ରତିଭା କଣ କିଛି କହୁନୁ ଯେ ତତେ ସେ ବହୁତ୍ ଭଲ ପାଆନ୍ତି ନା ତୁ କାହିଁକି ତାଙ୍କୁ ଖରାପ କହିବୁ । ପ୍ରତିଭା କିଛି ନକହି ଚାହିଁ ରହିଲା ଶେଫାଳିକୁ । ଚାରି ଆଡକୁ ନଜର ପକାଇ ଦେଖିଲା କେହି କୁଆଡେ ନାହାନ୍ତି । କଣ କହିବ କହିବ ହେଉଥିଲା ସେ କିନ୍ତୁ ପାଟିରୁ କଥାଟି ବାହାରକୁ ଚାହିଁକି ବି ବାହାରୁ ନଥିଲା । ଆଉ ହଠାତ୍ ଚୁପ୍ ହୋଇଗଲା । ଶେଫାଳି କହିଲା, ଆରେ କଣ କହୁନୁ କଣ ହେଲା, ଚୁପ୍ କାହିଁ ହୋଇଗଲୁ । ମୁଁ ଦେଖୁଛି ତୁ ଆଜିକାଲି ବହୁତ୍ ବଦଳି ଗଲୁ ମୋ ସହ ବି ଭଲରେ କଥା ହେଉନୁ । ମୁଁ ସେଦିନ ବି ପଚାରିଥିଲି ତୁ କିଛି ନକହି ଦୌଡି ଚାଲିଗଲୁ । ଆରେ କହ । ତୋର କଣ ମୋ ଉପରେ ବିଶ୍ୱାସ ନାହିଁ ।

ଆଉ ସେତେବେଳେ ଦିପାକୁ ଦେଖି ପ୍ରତିଭା ନିଜକୁ ସଂଜତ କରି ଆଖିରୁ ଲୁହ ପୋଛିନେଲା ଯେମିତି କିଛି ହୋଇନି । ଦିପା କହିଲା, ମୁଖ୍ୟ ଅତିଥି ଆସିଗଲେଣି । ସଭା ଆରମ୍ଭ ହେଲାଣି ଯିଏ ଯାହା ଜାଗାରେ ବସିଯାଅ । ଶେଫାଳିକୁ ଦେଖି କହିଲା ଆରେ ତୁ ତ ବକ୍ତବ୍ୟ ପ୍ରତିଯୋଗିତାରେ ଭାଗ ନେଇଛୁ ନା ଦେଖ ସବା ଶେଷରେ ଅଛି ବକ୍ତବ୍ୟ ପ୍ରତିଯୋଗିତା ତୁ ସମୟରେ ଆସିଯିବୁ । ତୋର କଣ ହେଇଛି ପ୍ରତିଭା ? ତୁ କୋଉଥିରେ ଭାଗନେଇଛୁ । ତାକୁ କିଛି ଉତ୍ତର ଦେବା ପୂର୍ବରୁ ହିଁ ସେ ଚାଲିଗଲା ସେଠୁ । ପ୍ରତିଭା ମଧ୍ୟ ଶେଫାଳି ଠୁ ଆଖି ଚୋରାଇ ସେଠୁ ଯିବାକୁ ଉଦ୍ୟତ ହେଉଥିଲା ଆଉ ପ୍ରତିଭାର ହାତକୁ ଧରିନେଲା ଶେଫାଳି । ନା ତୁ ଏମିତି ଯାଇପାରିବୁନି । ଆଜି ମତେ ସତ କହ । କହ କହ କହ ।

ଅତିଷ୍ଠ ହୋଇ ପ୍ରତିଭା ଶେଫାଳି ହାତକୁ ଛିଟିକି ଦେଇ କହିଲା କଣ କହିବି ଶେଫାଳି, କଣ ଶୁଣିବୁ ତୁ ? ରାଜନ ସାର ଜଣେ ରାକ୍ଷସ । ମୁଁ ଯାହା କହିଲେ ବି ମୋ କଥା କିଏ ଶୁଣିବ । ସେ ଏତେ ବଡ ଲୋକ ସେ ଯାହା କହିବେ ତା ହିଁ ସତ । ଆଉ ନିରାଶ ହୋଇ କହିଁ

 Download Magazine from www.aahwaan.com

କଇଁ ହୋଇ କାନ୍ଦି ଉଠିଲା । ଶେଫାଳି ଜଣେ ପ୍ରକୃତ ବନ୍ଧୁ ପରି ପ୍ରତିଭାକୁ ଜାବୁଡି ଧରି ଆଶ୍ୱାସନା ଦେଲା । କହିଲା ଦେଖ ପ୍ରତିଭା ମୋ ଉପରେ ଭରସା କର । ମୁଁ ତତେ ନିଶ୍ଚୟ ସାହାଯ୍ୟ କରିବି । ତୁ କହ ।

ପ୍ରତିଭା ଆଖିରୁ ଲୁହ ପୋଛି କହିଲା, ତୁ ତ ଜାଣିଛୁ ବାପା କେତେ କଷ୍ଟରେ ମତେ ପାଠ ପଢାଉଛନ୍ତି । ରାଜନ ସାରନଙ୍କୁ ସେ ଦେବତୁଲ୍ୟ ମାନନ୍ତି । ଥରେ ଅଧେ ସେ ମୋର ସ୍କୁଲ ଶୁଳ୍କ ଦେବାରେ ସାହାର୍ଯ୍ୟ କରିଛନ୍ତି । ଆଉ ବଦଳରେ ମୋ'ଠୁ ତାହା ଅସୁଲ କରିନେଇଛନ୍ତି । ବାପା କହିବାକୁ ବହୁତ ଚେଷ୍ଟା କଲି । ମାଁକୁ କହିବି ଭାବିଲି ହେଲେ ରାଜନ ଥରେ ବାପାଙ୍କୁ ମୋ ବିରୁଦ୍ଧରେ କିଛି କହିଥିଲେ ଆଉ ବାପା ମୋ ଉପରେ ବହୁତ ବିରକ୍ତ ହୋଇଥିଲେ । ମୋର ସାହସ ପାଇଲା ନାହିଁ ଆଉ କିଛି କହିବାକୁ । ସେଦିନ ରାଜନ ସାର୍ ଧମକ ଦେଲେ ଯଦି କାହାକୁ କହିବୁ ତତେ ଏ ସ୍କୁଲରୁ ବାହାର କରିଦେବି ଆଉ ତା ଛଡା ଯାହା ବଦନାମ କରିବି ତୁ ମରିବାକୁ ବି ବାଟ ପାରିବୁନି । ଏବେ ତୁ କହ ଶେଫାଳି ମୁଁ କଣ କରିବି । ତୁ ଜାଣିଛୁ ପରୀକ୍ଷାରେ ଫେଲ କରିଦେବେ କହିଛନ୍ତି । ମୁଁ ଫେଲ ହୋଇଗଲେ ମୋ ବାପା ମାଆ ଙ୍କ ସବୁ ସ୍ୱପ୍ନ ମାଟି ହୋଇଯିବ । ମୁଁ ଜାଣେ ତୁ ମୋର କିଛି ସାହାଯ୍ୟ କରିପାରିବୁନି, କିନ୍ତୁ ଗୋଟେ ଉପକାର କରିଦେ ଏ ବିଷୟରେ କାହାକୁ କିଛି କହିବୁନି ।

ଶେଫାଳି ର ମୁହଁ କିନ୍ତୁ ଉଜ୍ଜ୍ୱଳ ଦିଶୁଥିଲା, ଯେମିତି କୋହିନୂରର ମଣି ମିଳିଯାଇଛି । ମନେ ମନେ କିଛି ସ୍ଥିର କରିନେଇଛି ସେ । କହିଲା ଠିକ୍ ଅଛି ମୁଁ ତୋ କଥା କାହାକୁ କହିବିନି କିନ୍ତୁ ତତେ ମୋ ସହ ସଭାସ୍ଥଳକୁ ଯିବାକୁ ପଡିବ । ଆଜି ମୋର ବକ୍ତବ୍ୟ ଦେବାର ଅଛି । ଆଉ ମୋ ପାଇଁ ତାଳି ବି ମାରିବାକୁ ପଡିବ । କହ ମୋ ସାଥ ଦେବୁ ତ ? ଦୁଇ ବନ୍ଧୁ ସଭାସ୍ଥଳ ଆଡକୁ ଆଗେଇଲେ ।

Download Magazine from www.aahwaan.com

ସବୁ ସଭାବୃନ୍ଦଙ୍କ ଅଭିଭାଷଣ ଚାଲିଛି । ସମସ୍ତେ ଶିଶୁ କଲ୍ୟାଣ, ଏବଂ ସମୃଦ୍ଧ ଉପରେ ଭାଷଣ ଦେଉଛନ୍ତି । ରାଜନ ସାର୍ ମେଧାବୃତ୍ତି ଉତ୍ତମ ଶିକ୍ଷାର ଅଭିଭାଷଣ ଦେଲେ । ମୁଖ୍ୟ ଅତିଥି ଶିଶୁ କଲ୍ୟାଣ ଏବଂ ଶିଶୁ ଆଇନ ବିଷୟରେ ବିଶେଷ ମନ୍ତବ୍ୟ ଦେଲେ । ଶେଫାଳି ଓ ପ୍ରତିଭା ମନଧ୍ୟାନ ଦେଇ ସବୁ ଶୁଣୁଥିଲେ । ଶେଫାଳି ଇଶାରାରେ ପ୍ରତିଭା କିଛି କହିବାକୁ ଚାହୁଁଥିଲା । କିନ୍ତୁ ପ୍ରତିଭା କହିଲା ନା ଶେଫାଳି ଏସବୁ ନିୟମ ଆମ ପାଇଁ ନୁହଁ । ଏଇଟା ମୋ ଭାଗ୍ୟ । ମତେ ଏମତି ହିଁ ଭୋଗିବାକୁ ହେବ । କିନ୍ତୁ ଶେଫାଳିର ଆଖି ଉଜ୍ଜ୍ୱଳ ଦିଶୁଥିଲା । କହିଲା ଠିକ୍ ଅଛି ତୁ କିଛି କରନା କିନ୍ତୁ ମୋ ପାଇଁ ତାଳି ନିଶ୍ଚୟ ମାରିବୁ । ପ୍ରତିଭା କିଛି ବୁଝିପାରିଲାନି । ଆଉ ଶେଫାଳିର ବକ୍ତବ୍ୟର ପାଳି ଆସିଗଲା । ଶେଫାଳି ମଞ୍ଚ ଉପରକୁ ଗଲା ।

ସମସ୍ତ ସଭାବୃନ୍ଦଙ୍କୁ ପ୍ରଣାମ ଜଣାଇ ଶେଫାଳି ବକ୍ତବ୍ୟ ଆରମ୍ଭ କଲା ।

ଆଜିର ଶୀର୍ଷକ ଯାହା ଥାଉ ନା କାହିଁକି ମୁଁ ଆଜି ଯାହା ବି କହିବି ତା ପରେ ହୁଏତ ମୋର ଏଇଠି ଶେଷ ଦିନ ହେବ । ହଠାତ ଏପରି କଥା ଶୁଣି ସଭାରେ ସମସ୍ତ ଆଖି ଶେଫାଳି ଉପରେ କେନ୍ଦ୍ରୀତ ହୋଇଗଲା ।

ପ୍ରଧାନ ଶିକ୍ଷକ ଶେଫାଳିକୁ ରୋକିବାକୁ ଉଦ୍ୟତ ହେଉଥିଲେ କିନ୍ତୁ ମୁଖ୍ୟ ଅତିଥି ଶେଫାଳିକୁ ଆଶ୍ୱାସନା ଦେଲେ ଆଗକୁ ବଢ଼ିବାକୁ ।

ଆଗକୁ ଶେଫାଳି କହିଲା, ଆଜିର ବକ୍ତବ୍ୟରେ ସମସ୍ତ ସଭାବୃନ୍ଦ ଶିଶୁମାନଙ୍କର ଭବିଷ୍ୟ ଏବଂ କଲ୍ୟାଣ ବିଷୟରେ ଅଭିଭାଷଣ ଦେଇଛନ୍ତି । କିନ୍ତୁ ମୁଖ୍ୟ ଅତିଥି ମହୋଦୟ ଆପଣ ଜାଣିଲେ ଆଶ୍ଚର୍ଯ୍ୟ ହେବେ ଏଠି ଏଇ ବିଦ୍ୟାଳୟରେ ମୁଁ ଯେ ଆଉ ଶିଶୁ ହୋଇନାହିଁ ।

ବୋଧେ ମୋର ଶୀର୍ଷକ ମୁଁ କଣ ଶିଶୁ ନୁହେଁ ?

 Download Magazine from www.aahwaan.com

ଆଜି ମୁଁ କେବଳ ମୋ ବିଷୟରେ କହିବି ।

ମୁଁ ଭୂମିଷ୍ଠ ହେବା ପରେ ପରେ ଝିଅଟିଏ ପାଇ ମୋ ବାପା ଖୁସିଠୁ ବେଶୀ ଚିନ୍ତିତ ହୋଇ ଯାଇଥିଲେ । ଧିରେ ଧିରେ ବଡ ହେବା ସହ ତାଙ୍କ ଚିନ୍ତା ଆହୁରି ବଢିଗଲା । ଠିକରେ ବସ୍, ଫ୍ରକ୍ ଠିକ୍ କର, ଏତେ  ହସେନି, ସଞ୍ଜତରେ କଥା କହ ଏମିତି ସବୁ କେତେ କଟକଣା ମୋ ଉପରେ ଲାଗେ । ଝିଅ ପିଲାଟା ଏମିତି କଣ ଦୌଡୁଛୁ ବୋଲି ମୋ ଜେଜିମା କହେ । ମୋ ବାପା ମାଆ ମତେ ବାକି ସାରାଦୁନିଆକୁ ବିଶ୍ୱାସ କରନ୍ତି । ସ୍କୁଲରେ ଛାଡିଲା ପରେ ସେଠି କଣ ହୁଏ ସେ ସେଥିରେ ମୋ ବାପା ମାଆଙ୍କୁ କିଛି ଯାଏଆସେ ନାହିଁ କିନ୍ତୁ ପରୀକ୍ଷାରେ ଭଲ ଅଙ୍କ ଥିବା ଦରକାର । ଆଉ ତାର ଫାଇଦା ଉଠାନ୍ତି ବିଦ୍ୟାଳୟର କିଛି ରାକ୍ଷସରୂପୀ ଶିକ୍ଷକ । ମୋ ସହ ମଧ୍ୟ ଠିକ ତାହା ହେଲା । ଏହି ବିଦ୍ୟାଳୟରେ ମୋ ଶିକ୍ଷକ ମୋ ସହ ଅମାନୁଷିକତା କଲେ । ମୁଁ ତାର ବିରୁଦ୍ଧ କରିବା ଦ୍ୱାରା ମତେ ଚେତାବନୀ ଦେଲେ ମତେ ପରୀକ୍ଷାରେ ବସିବାକୁ ଦେବେନି ବୋଲି । ମୋର ବୟସ ମାତ୍ର ୧୨ବର୍ଷ । କିନ୍ତୁ ମୁଁ ଏଠି ଶିଶୁରେ ଗଣା ଯାଉନି । ମୋ ଶିକ୍ଷକଙ୍କ ଆଖିରେ ମୁଁ ଯେମିତି ଏକ ସୁସ୍ୱାଦୁ ଖାଦ୍ୟ ଯାହାକୁ ସେ ଲାଳସାର ନଜରରେ ଚାହାଁନ୍ତି । ଆଉ ମତେ ଡର ଲାଗେ କାଳେ ସେ ପଛରୁ ଆସି ମତେ ଧରିନେବେ କି ଜାଣି ଶୁଣି ମୋ ଦେହରେ ହାତ ବୁଲାଇ ନେବେ । ଦିନ ଆସିଲା ସେ ଡର ବି ସତ ହେଲା ମୋତେ ବଦନାମ କରିବାର ଧମକ ଦେଇ ମୋ ଜୀବନକୁ ସେ ବରବାଦ କରିଚାଲିଲେ, ପ୍ରତିଦିନ, ପ୍ରତିକ୍ଷଣ ।

ଏମିତିକି ଆଜିବି ସେ ମତେ ଏଠିକି ଆସିବାକୁ ମନା କରିଥିଲେ କାରଣ ଯେତେବେଳେ ସମସ୍ତେ ସଭା କାର୍ଯ୍ୟରେ ବ୍ୟସ୍ତ ଥିବେ ଆଉ ସେ ତାର ଫାଇଦା ଉଠାଇପାରିବେ ଏବଂ ହଠାତ୍ ବୁଲିପଡ଼ି ଶେଫାଳି କହିଲା କଣ ମୁଁ ଠିକ୍ କହିଲି ନା ରାଜନ ସାର୍ ?

Download Magazine from www.aahwaan.com

ରାଜନ ଏକବାରେ କାବା ହୋଇ ଚାହିଁ ରହିଲା । ମୁଣ୍ଡରୁ ବୋହିଯାଉଛି ଧାରଧାର ଝାଳ । କିନ୍ତୁ ଏବେବି ସେ ଦୃଢ଼ ଭାବେ କହିଲା କଣ କହୁଛ ତୁମେ ? ସ୍ୱଷ୍ଟ ଭାବେ କୁହ କାହା ବିଷୟରେ କହୁଛ ।

ମୃଦୁ ହସ ଦେଇ ଶେଫାଳି କହିଲା ମୁଁ ଆପଣଙ୍କ ବିଷୟରେ କହୁଛି ସାର୍ । ଭୁଲିଗଲେ ଆପଣ ମୋ ସହ କଣ କଣ କରିଛନ୍ତି । ଏବେ ରାଜନ ଆହୁରି ଦୃଢ ଭାବରେ କହିଲା ଏଇ ମୁହଁ ସମ୍ଭାଳି କଥା କୁହ । ସଭାରେ ବସିଥିବା ସମସ୍ତ ଲୋକ ଏକ ଲୟରେ ମଞ୍ଚ ଆଡକୁ ଚାହିଁ ରହିଥିଲେ ଓ ପ୍ରତିଭା ଦୁରରୁ ସ୍ତବ୍ଧ ହୋଇ ଚାହିଁ ରହିଥିଲା । ଶେଫାଳି ଗୋଟେ ପରେ ଗୋଟେ ଯୁକ୍ତି ବାଢି ଚାଲିଥିଲା ରାଜନ ଆଗରେ ଏବଂ ରାଜନ ଇତସ୍ତତଃ ଭାବରେ ଦେଖୁଥିଲା ଥରେ ପ୍ରତିଭାକୁ ପୁଣି ଶେଫାଳିକୁ । ଏତେ ସବୁ ଯୁକ୍ତି ଆଗରେ ଏବଂ ଏତେ ଲୋକଙ୍କ ଆଖିରେ ଠିଆ ହୋଇ ବର୍ତ୍ତମାନ ରାଜନ ହଡବଡେଇ ଜାଣିଥିଲା । ଶେଷରେ ଶେଫାଳି କହିଲା ତେବେ ସାର ଆପଣ କାହିଁକି ଆଜି ମତେ ଶ୍ରେଣୀ ଗୃହରେ ରହିବାକୁ କହିଥିଲେ ହଠାତ୍ ରାଜନ ମୁହଁରୁ ବାହାରି ଆସିଲା ଆରେ ମୁଁ ତ ପ୍ରତିଭାକୁ କହିଥିଲି ତତେ ନୁହେଁ ।

ଶେଫାଳିର କାମ ସରିଯାଇଥିଲା । ପ୍ରତିଭା ବସିବା ଜାଗାରୁ ଠିଆ ହୋଇଯାଇଥିଲା । ସଭାର ସବୁ ନଜର ପ୍ରତିଭା ଆଡକୁ । ଏବଂ ସଭାରେ ଗୁଞ୍ଜି ଉଠିଲା କରତାଳିର ଲହରୀ ।

Download Magazine from www.aahwaan.com

# ସପ୍ତଫେଣୀ



ସୁବଳ ମହାପାତ୍ର

ମା....ମା.... ବୋଲି ଡାକି ଡାକି ଘର ଭିତରକୁ ପଶି ଆସିଲେ ଡାକ୍ତରାଣୀ ଶତଭିଷା ପଟ୍ଟନାୟକ । ସାଙ୍ଗରେ ଜଣେ ମ୍ଲେଚ୍ଛ ଭିକାରୁଣୀ । ଭିକାରୁଣୀ କୁ ବାରଣ୍ଡା ରେ ବସେଇ ଦେଇ ସେ ଘର ଭିତରକୁ ଯାଇ ମା ଆଉ ଘରର ଚାକରାଣୀ ଯମୁନା କୁ ଖୋଜିଲେ । କାହାକୁ ନପାଇ ବାଡ଼ି ପଟକୁ ଯାଇ ଦେଖିଲେ ମା ଠିଆ ହୋଇଛି ଆଉ ଯମୁନା କଣ ଗୋଟେ ଗଛ ଲଗେଇବା ପାଇଁ ଗାତ ଖୋଳୁଛି । ମା, ଯମୁନା କୁ କହୁ ଥାଏ, ଟିକେ ଜଲଦି କର, ଏ କାମ ସାରିଲେ ପୁଣି ସେ ଦାଣ୍ଡ ପଟେ ଥିବା ସପ୍ତଫେଣି ଗଛଟାକୁ କାଟିବୁ । କଣ୍ଟା ଗଛଟା ଘର ଆଗରେ ରହିବା ଭଲ ନୁହଁ ।

ଯମୁନା କୁ ଦେଖୁ ଦେଖୁ ଶତଭିଷା କହିଲେ, " ଗଲୁ ଗଲୁ, ଗୋଟେ ଡ଼େକଚି ରେ ପାଣି ଗରମ କରିବୁ ଆଉ ସାବୁନ, ଶାମ୍ପୁ ବି ନେଇ କି ଆସିବୁ । ମୁଁ ବାରଣ୍ଡା ରେ ଅଛି ।

ମା ରୁକ୍ମୁଣୀ ଦେବୀ ଙ୍କୁ ଜଣା ପଡିଗଲା ଯେ, ମାମୁନି ଆଜି ପୁଣି କେଉଁ ଗୋଟେ ଭିକାରି କିମ୍ବା ପାଗଳ ବୁଢା କି ବୁଢ଼ୀ କୁ ଧରିକି ଆସିଛି, ଏବେ ତାକୁ ଗାଧୋଇ ଦେବ, ଖାଇବାକୁ ଦେବ ଆଉ ସେ ସାଷ୍ଟାମ ହେଲା ପରେ ତାକୁ ନେଇ ବୃଦ୍ଧାଶ୍ରମ ରେ ଛାଡିବ । ପିଲା ଦିନୁ ମାମୁନି ଟା ଏମିତି । ଦୁଖୀ ରଙ୍କିଙ୍କ ଦୁଃଖ ଦେଖି ପାରେନି । ମନେ ପକାଉଥିଲେ ରୁକ୍ମୁଣୀ ଦେବୀ, ସେ ବି ଦିନେ ଏପରି ଘର ଛାଡି ପଳେଇ ଆସିଥିଲେ ଆଉ ଭିକାରି ହେବା ପାଇଁ ସଜବାଜ ହେଉଥିଲେ । କିନ୍ତୁ କିଛି ଲୋକଙ୍କ ସହାୟତା, ଆଜି ତାଙ୍କୁ ଏଠି ଗୋଟେ ସମ୍ମାନନୀୟ ଜୀବନ ବଂଚିବାରେ ସାହା ହୋଇଛି ।

 Download Magazine from www.aahwaan.com

ଭାବୁ ଭାବୁ ସେ ଦାଣ୍ଡ ପିଣ୍ଡା ରେ ପହଞ୍ଚି ଯାଇଥିଲେ । ଭିକାରି ବୁଢ଼ୀଟିଏ ପିଣ୍ଡା ତଳେ ବସି ଥାଏ । ଦେହରେ ମଇଳା କୋଚଟା ସାତ ସିଆଁ ଚିରା ଲୁଗା ଖଣ୍ଡେ । ମୁଣ୍ଡରେ ବର୍ଷେ ହେଲା ତେଲ ବାଜିନି, ନୁଖୁରା, ଅଲରା । ଆଖି ଯୋଡିକ ଶୁଖିଲା । ପେଟ ଯାଇ ପିଠିରେ ଲାଗିଛି । ପାଖରେ ଗୋଟେ ବୁଜୁଳୀ ଆଉ ଗୋଟେ କଣା ଚେପା ରସ ତାଟିଆ । ମୁହଁଟା ଭଲ ରେ ଦିଶୁ ନଥାଏ । ଅଲରା ବାଳ ଗୁଡିକ ମୁହଁ ସାରା ଖେଳେଇ ହୋଇ ରହି ଥାଏ । ଆଖି ଦେଖି ଦୋ ଦୋ ଚିହ୍ନା ହେଲେ ରୁକ୍ମୁଣୀ ଦେବୀ ।

ଭିକାରି ବୁଢ଼ୀ ରୁକ୍ମୁଣୀ ଦେବୀଙ୍କୁ ଦେଖି କରେଣ୍ଟ ମାରିଲା ପରିକା ଚମକି ପଡିଲା ଆଉ ଉଠି ଚାଲି ଯିବାକୁ ବସିଲା । ରୁକ୍ମୁଣୀ ଦେବୀ ପଛରୁ ଡାକିଲେ, ଆରେ ଆରେ ରୁହ । କୁଆଡେ ଯାଉଛ ? ଏ ମାମୁନି, ଆ ଦେଖିବୁ ତ... । ଶତଭିଷା ମାଡାମ ଆସି ଦେଖିଲେ ବୁଢ଼ୀ ଚାଲି ଯିବାକୁ ବସିଛି । ଦୌଡ଼ି ଯାଇ ଫାଟକ ପାଖରୁ ତାକୁ ଫେରେଇ ଆଣିଲେ । ବୁଢ଼ୀ ଆସିବାକୁ ଅମଙ୍ଗ ହେଉ ଥିଲା । ହେଲେ ବହୁତ ବୁଝେଇ ଶୁଝେଇ ତାକୁ ବାରଣ୍ଡା ଉପରକୁ ଆଣିଲେ । ଅଲରା ବାଳ ସଜାଡି ଦେବା ପରେ ରୁକ୍ମୁଣୀ ଦେବୀଙ୍କୁ ଆଉ ବୁଝିବାକୁ ବାକି ନଥିଲା ଯେ, ବୁଢ଼ୀ ଓଲଟି ପଡି ପଳେଇ ଯାଉଥିଲେ କ'ଣ ପାଇଁ ।

ରୁକ୍ମୁଣୀ ଦେବୀ ଫେରି ଯାଉଥିଲେ ୨୭ ବର୍ଷ ତଳକୁ ........

ହଠାତ କାଚ ଗ୍ଲାସ ଟା ଖସି ପଡି ଝଣ ଝଣ ହୋଇ ଭାଙ୍ଗିଗଲା ଆଉ ରୁକ୍ମୁଣୀ ଦେବୀ ଙ୍କ ମୁଣ୍ଡ ବୁଲେଇବାରୁ ସେ କାନ୍ଥ ରେ ହାତ ଦେଇ ବସି ପଡିଲେ । ସଂଗେ ସଂଗେ ତାଙ୍କୁ ଡାକ୍ତରଖାନା ନିଆ ଗଲା ଆଉ ଜଣା ପଡିଲା ଯେ ସେ ଗର୍ଭବତୀ । ଘରେ ଖୁସି ର ମାହୋଲ । ଜଣ ଜଣ କରି ବଧେଇ ଜଣାଉଥାନ୍ତି । ଶାଶୂଙ୍କର କିନ୍ତୁ ପୁଅ ଦରକାର । ଆଉ ଝିଅ ଦରକାର ନାହିଁ । କିଛି ଦିନ ପରେ ଜୋର ଜବରଦସ୍ତି ତାଙ୍କୁ ପଠାଗଲା ଚେକ କରିବା ପାଇଁ ପୁଅ ନା ଝିଅ । ରିପୋର୍ଟ ଆସିଲା ଏଥର ବି ଝିଅ । ଶାଶୁଙ୍କ ରାଗ ଆଉ ଦେଖେ କିଏ ? ତାଙ୍କୁ ଭ୍ରୁଣ

Download Magazine from www.aahwaan.com

ହତ୍ୟା କରିବା ପାଇଁ ବାଧ୍ୟ କରାଗଲା । ପ୍ରାଇଭେଟ କ୍ଲିନିକ ରେ ଏସବୁ କରିବାର ଫାଇନାଲ ହେଇଗଲା । ଡାକ୍ତର ବି ଠିକ କରାଗଲା । କ୍ଲିନିକ ୱାଲା ଅଧିକ ଟିକେ ପଇସା ନେବେ, ସବୁ ଜିନିଷ ସୁରୁଖୁରୁ ରେ ହୋଇଯିବ । କିନ୍ତୁ ଶେଷ ମୁହୁର୍ତରେ ରୁକ୍ମଣୀ ଦେବୀ ଭୃଣହତ୍ୟା କରିବାକୁ ମନା କରିଦେଲେ । ମା ମନ ତାଙ୍କର ମାନୁ ନଥିଲା ଏସବୁ କରିବା ପାଇଁ । ଯାହା ହେଲେ ବି ଛୋଟ ଛୁଆ ଟା ର ଦୋଷ କ'ଣ ? ଗୋଟିଏ ତ ଝିଅ ଅଛି ଆଉ ଗୋଟେ ହେଲେ ଅସୁବିଧା କ'ଣ ? ନା.. ସେ ଭୃଣହତ୍ୟା କରିବେନି । ଯାହା ବି ହେଇଯାଉ ସେ ଏଇ ଛୁଆ କୁ ଜନ୍ମ ଦେବେ ।  ଏଥର ଆରମ୍ଭ ହୋଇଗଲା ଶାଶୂଙ୍କର ଅତ୍ୟାଚାର । ଶ୍ୱଶୁର, ଦିଅର ଆଉ ନଣନ୍ଦ ଙ୍କର ବି ଅତ୍ୟାଚାର ବଳି ପଡିଲା ଶାଶୁଙ୍କ ସହ ତାଳ ଦେଇ । ସ୍ୱାମୀ ସବୁ ଜାଣୁଥିଲେ ବି ତାଙ୍କର ବାପା, ମା, ଭାଇ ଆଉ ଭଉଣୀଙ୍କ ବିରୁଦ୍ଧରେ କିଛି କରିବାର ନଥିଲା । ଏଇ ବାପା, ଭାଇ ତ ସେମାନଙ୍କ ଘର ଚଳାଉଛନ୍ତି, ପଇସା ଦେଉଛନ୍ତି, ସେମାନଙ୍କ ବିରୁଦ୍ଧରେ ଗଲେ ଚାରି ପ୍ରାଣୀ ଚଳିବେ କେମିତି  ? ତାଙ୍କର ତ କିଛି ରୋଜଗାର ନାହିଁ । ତେଣୁ ଏମାନଙ୍କୁ ବିରୋଧ କରିବାକୁ ବି ସେ ସାହସ କଲେନି ବରଂ ରୁକ୍ମଣୀ ଦେବୀଙ୍କୁ ବୁଝେଇଲେ ପିଲାଟାକୁ ନଷ୍ଟ କରିଦେବା ପାଇଁ । କିନ୍ତୁ ରୁକ୍ମଣୀ ଦେବୀ ମନ ସ୍ଥିର କରି ସାରିଥିଲେ । ଦରକାର ପଡିଲେ ସେ ପଛେ ଘର ଛାଡି ଚାଲିଯିବେ କିନ୍ତୁ ଭୃଣହତ୍ୟା କରିବେନି ।

ଦିନକୁ ଦିନ ଅତ୍ୟାଚାର ସୀମା ଟପିବାକୁ ଲାଗିଲା । ଶାଶୁ ପେଟ କୁ ଗୋଇଠା ମାରିଲେ । ପିଲାଟା ମରିଯାଉ ବୋଲି ସେ ଚାହୁଁଥିଲେ । ସବୁ କିଛି କରି ସାରିବା ପରେ ଫଳ କିଛି ନ ହେବାରୁ, ରୁକ୍ମଣୀ ଦେବୀଙ୍କ ଖାଇବାରେ ନିଶା ଔଷଧ ମିଶେଇ, ତାଙ୍କୁ ଜବରଦସ୍ତି କ୍ଲିନିକ କୁ ନେଇ ଗର୍ଭପାତ କରେଇବାର ଯୋଜନା କରା ଗଲା । କୌଣସି ସୂତ୍ରରୁ ସ୍ୱାମୀ ଏସବୁ ଜାଣି ପାରିଲେ ଆଉ ରୁକ୍ମଣୀ ଦେବୀଙ୍କୁ କହିଦେଲେ । ରୁକ୍ମଣୀ ଦେବୀ ରାତାରାତି ଶାଶୂଘର ଛାଡି ବାପା ଘରକୁ ପଳେଇ ଆସିଲେ । ବାପ ଘରେ ମାମୁନି ର ଜନ୍ମ । ବାପା ନାଁ ରଖିଲେ ଶତଭିଷା

Download Magazine from www.aahwaan.com

ପଟ୍ଟନାୟକ । ବାହାହେବା ଝିଅ ବାପ ଘରେ କେତେଦିନ ଅବା ରହି ପାରିବ ? ବର୍ଷ ଗୋଟା ନ ପୂରୁଣୁ ଲୋକେ ଟୁପୁରୁ ଟାପୁରୁ ହେବା ଆରମ୍ଭ କରିଦେଲେ । ଆଉ ରୁକ୍ମଣୀ ଦେବୀ ଲୋକ ଲଜ୍ୟା କୁ ଡରି ବାପ ଘର ବି ଛାଡିଲେ । ଶାଶୂଘରେ ତ ରୁକ୍ମଣୀ ଦେବୀଙ୍କୁ ମୃତ ଘୋଷଣା କରି ଶ୍ରାଦ୍ଧ ଦେଇ ଦେଲେ । କିନ୍ତୁ ଏବେ ଯିବେ କୁଆଡେ ? ଝିଅ କୁ ଧରି ସହର ମୁହାଁ ହେଲେ । ସମୟକ୍ରମରେ ଆଉ ପରିବାରର ଚାପ ରେ ପଡି ସ୍ୱାମୀ ଦ୍ୱିତୀୟ ବିବାହ କଲେ । ବାପ ଘରେ ଥିବା ଯାକେ ସ୍ୱାମୀ ମଝିରେ ମଝିରେ ଆସି ଏମାନଙ୍କୁ ଦେଖି ଯାନ୍ତି କିନ୍ତୁ ବାପ ଘର ଛାଡିବା ପରେ ସେସବୁ ବି ବନ୍ଦ ।

ସହରକୁ ଆସି ସେ କ'ଣ କରିବେ କିଛି ଭାବି ପାରୁ ନଥାନ୍ତି । ପାଖରେ ପଇସା ନଥାଏ । କିନ୍ତୁ ନିଆଁ ଲଗା ପେଟ ପାଇଁ ତ ଖାଦ୍ୟ ଦରକାର । ସେ ସିନା ସମ୍ଭାଳି ଯିବେ, ଛୁଆଟା ? ସେ କା'ଣ ଖାଇବ ? ପର ଘରେ ପାଇଟି କରିବା କଥା ଚିନ୍ତା କଲେ କିନ୍ତୁ ଅଚିହ୍ନା ହେତୁ, ତାଙ୍କୁ କେହି ବି କାମ ଦେବାକୁ ରାଜି ହେଲେ ନାହିଁ । ସମୟ ଚକ୍ର ରେ ପଡି ସେ ପର ପାଖରେ ହାତ ପାତିଲେ । ଛକ କୁ ଛକ ବୁଲି ଭିକ ମାଗିଲେ । କେହି କେହି ତାଙ୍କୁ ପିଲା ଚୋର ଆଉ କେହି କେହି ତାଙ୍କୁ ଭିକାରି ବୋଲି କହି ଦୂର ଦୂର ମାର ମାର କଲେ । କିଛିଦିନ ଖାଇବାକୁ ନପାଇ ସେ ଡଷ୍ଟବିନ ରୁ ଖାଦ୍ୟ ସଂଗ୍ରହ କରି ମାମୁନି କୁ ଖୁଆଇଥିଲେ । କେହି ଜଣେ ସହୃଦୟ ବ୍ୟକ୍ତି ତାଙ୍କୁ ନେଇ ପାଖରେ ଥିବା ବୃଦ୍ଧାଶ୍ରମ ରେ ଛାଡିଲେ ଆଉ ତାଙ୍କୁ ଚାକିରୀ ଖଣ୍ଡେ ଦେଲେ । ତାଙ୍କ କାମ ହେଲା ବୁଢା ବୁଢ଼ୀ ମାନଙ୍କର ଯତ୍ନ ନେବା, ତାଙ୍କୁ ଠିକ ସମୟରେ ଖାଇବା ଆଉ ଔଷଧ ଦେବା, ସେମାଙ୍କ ଲୁଗାପଟା ସଫା କରିବା ଆଉ ରୁମ ସଫା ରଖିବା । ଆଉ ଜଣେ ସହକର୍ମୀ ବି ରୁକ୍ମଣୀ ଦେବୀଙ୍କୁ ସାହାଯ୍ୟ କରନ୍ତି । ସେଠାରେ ବୁଢା ବୁଢ଼ୀ ମାନେ ନିଜ ନିଜ ଘରୁ ତଡା ଖାଇ, ପୁଅ ବୋହୂମାନଙ୍କ ର ଅବହେଳା ର ଶିକାର ହୋଇ ଆସିଥାନ୍ତି, ମାମୁନି କୁ ଦେଖି ସେମାନେ ବି ବହୁତ ଖୁସି ହେଲେ । ସେମାନଙ୍କୁ ଗୋଟେ

 Download Magazine from www.aahwaan.com

ଜିଅନ୍ତା କଣ୍ଢେଇ ମିଳି ଯାଇଥିଲା ଖେଳିବା ପାଇଁ । ସକାଳୁ ସନ୍ଧ୍ୟା ଯାଏ ମାମୁନି ସହ ସେମାନେ ଖେଳରେ ମାତି ଥାନ୍ତି ଆଉ ରୁକ୍ମଣୀ ଦେବୀ ତାଙ୍କ କାମ କରନ୍ତି । ଆସ୍ତେ ଆସ୍ତେ ମାମୁନି ବଡ ହେବାରେ ଲାଗିଲା । ବୃଦ୍ଧାଶ୍ରମ ର କିଛି ବୁଢା, ବୁଢ଼ୀ ମାମୁନି କୁ ପାଠ ପଢେଇବାକୁ ଲାଗିଲେ । ମାମୁନି ସମସ୍ତଙ୍କର ନାତୁଣୀ ଆଉ ସମସ୍ତେ ମାମୁନିର ଅଜା ଆଉ ଆଇ । ଛୋଟ ବେଳୁ ମାମୁନିର ବୁଢା ବୁଢ଼ୀଙ୍କ ପ୍ରତି ଦରଦ ଟିକେ ଅଧିକା ।

ମାଟ୍ରିକ ଫାଷ୍ଟ କ୍ଲାସ ପାଇଲା ପରେ ରୁକ୍ମଣୀ ଦେବୀ ଆଉ ଆଗକୁ ପଢିବା ପାଇଁ ମାମୁନି କୁ ମନା କଲେ । ପଇସା କାଇଁ ତାଙ୍କ ପାଖରେ ? ଖାଇବା ରହିବା ସିନା ଆଶ୍ରମରେ କିନ୍ତୁ ଅଲଗା ଖର୍ଚ୍ଚ ପାଇଁ ପଇସା କାଇଁ ? ଆଶ୍ରମର ସବୁ ବୁଢା ବୁଢ଼ୀ ନିଷ୍ଚୟ କଲେ ମାମୁନି କୁ ସେମାନେ ପାଠ ପଢ଼େଇବେ । ମାମୁନି ର ପଢା ପାଇଁ ଯାହା ବି ଖର୍ଚ୍ଚ ହେବ ସେମାନେ ଦେବେ । ଯାହା ପାଇଁ ସେମାନେ ନିଜ ପେଟ କାଟି ପଇସା ସଂଚୟ କରିଥିଲେ, ଏତେ ପଇସା ଖର୍ଚ୍ଚ କରି ପାଠ ପଢ଼େଇଥିଲେ, ସେମାନେ ତ ଘରୁ ଧକ୍କା ମାରି ବାହାର କରିଦେଲେ, ଆଉ ଏ ବୁଢା ବୟସ ରେ ପଇସା ରଖି କି କରିବେ କ'ଣ ? ମାମୁନି ବି ସେମାନଙ୍କ ଆଶା କେବେ ବ୍ୟର୍ଥ ଯିବାକୁ ଦେଇନି । ପାଠ ପଢି ସେ ଆଜି ଡାକ୍ତରାଣୀ । ବୃଦ୍ଧାଶ୍ରମ ର ସମସ୍ତ ଅନ୍ତେବାସୀ ତାର ଅଜା ଆଇ । ବାଟରେ ଘାଟରେ ଯେଉଁଠି ବି ସେ ଅସହାୟ ବୁଢା ବୁଢୀଙ୍କୁ ଦେଖେ ସେମାନଙ୍କୁ ଆଣି ବୃଦ୍ଧାଶ୍ରମ ରେ ରଖେ ଆଉ ସେମାନଙ୍କର ସମସ୍ତ ଖର୍ଚ୍ଚ ବି ନିଜେ ବହନ କରେ । ଆଗରୁ ସେମାନେ ବି ଆଶ୍ରମରେ ରହୁଥିଲେ । ଏବେ ଡାକ୍ତର ଖାନା ରେ ପୋଷ୍ଟିଙ୍ଗ ହେଲା ପରେ କ୍ୱାଟର ମିଳିଛି । ସକାଳେ ସନ୍ଧ୍ୟା ରେ ସେ ଆଶ୍ରମ କୁ ଯାଇ ସମସ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରେ ଆଉ ସମସ୍ତଙ୍କୁ ଖୁବ ମନ ଭରି ଭଲ ପାଏ । କେବେବି ସେ କାହାକୁ ମନ ଦୁଃଖ କରିବାକୁ ଦିଏନି ।

ମା... ମା.... କଣ ଭାବୁଚୁ ? କେତେ ବେଳୁ ଡାକୁଛି । ଗୋଟେ ଶାଢ଼ୀ ଆଣି କି ଦେ ।

 Download Magazine from www.aahwaan.com

ଆଇ କୁ ଗାଧୋଇ ଦେଇ ସାରିଲିଣି ।

ଆଇ ଡାକ ଶୁଣି ବୁଢ଼ୀ ଚମକି ପଡିଲା । ରୁକ୍ମଣୀ ଦେବୀ ବି ଭାବନା ରାଇଜ ରୁ ଫେରି ଆସିଲେ ଆଉ ଗୋଟେ ନୂଆ ଶାଢ଼ୀ ଆଣି ମାମୁନି କୁ ବଢେଇ ଦେଲେ । ମାମୁନି ବୁଢ଼ୀ କୁ ଶାଢ଼ୀ ପିନ୍ଧେଇ, ଖାଇବା ପିଇବା କୁ ଦେଇ, ବୁଢ଼ୀ ସାଷ୍ଟାମ ହେଲା ପରେ, ବୁଢ଼ୀ କୁ ନେଇ ବୃଦ୍ଧାଶ୍ରମ କୁ ଯିବାକୁ ବାହାରିଲା ।

ରୁକ୍ମଣୀ ଦେବୀ କିନ୍ତୁ ତାକୁ ଅଟକାଇ ଦେଲେ ଆଉ କହିଲେ ତାଙ୍କୁ ଏଠି ରହିବାକୁ ଦେ । ମାମୁନି ଆଶ୍ଚର୍ଯ୍ୟ ହୋଇ ରୁକ୍ମଣୀ ଦେବୀଙ୍କୁ ଦେଖିଲା । ଏଠି କଣ ପାଇଁ ରହିବେ ? ରୁକ୍ମଣୀ ଦେବୀ କିଛି କହିବା ପୂର୍ବରୁ, ଛଳ ଛଳ ଆଖିରେ ବୁଢ଼ୀ କହିଲା, ତୁ କେମିତି ଜାଣିଲୁ ମୁଁ ତୋ ଜେଜେମା ବୋଲି ?

ଜେଜେମା ? ମୁଁ ତ ସମସ୍ତଙ୍କୁ ଆଇ ବୋଲି ଡାକେ । ମାମୁନି ଆହୁରି ଆଶ୍ଚର୍ଯ୍ୟ ହୋଇ ରୁକ୍ମଣୀ ଦେବୀଙ୍କୁ ଦେଖୁ ଥିଲା । ଆଉ ଅଧିକା ଆଶ୍ଚର୍ଯ୍ୟ ହେଉଥିଲା ବୁଢ଼ୀ କୁ ଦେଖି । ସେ କିଛି ବୁଝି ପାରୁନଥିଲା କ'ଣ ଚାଲିଛି । ଏତିକି ବେଳେ ବୁଢ଼ୀ ଥର ଥର କଣ୍ଠ ରେ କହିବାକୁ ଆରମ୍ଭ କଲା ।

ହଁ ଲୋ ମା, ମୁଁ ତୋର ହତଭାଗିନୀ ଜେଜେମା । ଯିଏ ଚାହୁଁଥିଲା ତୁ ଜନ୍ମ ହେବା ପୂର୍ବରୁ ମରିଯା ବୋଲି । ତୋତେ ବଂଚେଇବାକୁ ଯାଇ ତୋ ମା ଘର ଛାଡି ପଳେଇ ଆସିଲା । ସେ ମରି ଯାଇଛି ବୋଲି ଘୋଷଣା କରି ଆମେ ତାର ଶ୍ରାଦ୍ଧ ଦେଇ ଦେଲୁ ଆଉ ତୋ ବାପା ର ଦ୍ଵିତୀୟ ବିବାହ କରେଇ ଦେଲୁ । ତୋ ବାପା ତୋ ମା କୁ ବହୁତ ଭଲ ପାଉଥିଲା ଆଉ ତା' ଠୁ ଅଲଗା ହେଲା ପରେ ସେ କେମିତି ଅଧା ପାଗଳ ହେଇ ଯାଇଥିଲା । ଭଗବାନ ଆମକୁ ଦଣ୍ଡ ଦେବା ଆରମ୍ଭ କରି ଦେଇଥିଲେ । ତୋ ସାବତ ମା ଗୋଟେ ପୁଅ ଜନ୍ମ କରି ମରିଗଲା । ତୋ ବଡ ଭଉଣୀ ୭ ବର୍ଷ ବୟସ ରେ ଅଜଣା ଜର ରେ ଆମକୁ ଛାଡି ଚାଲିଗଲା । ତୋ ଖୁଡି

 Download Magazine from www.aahwaan.com

ସହର ଝିଅ । ସେ କେବେବି ଆମକୁ ପଚାରେନି । ତା ବାପଘର ଭଲ ତ ସେ ଭଲ । କୁହା ବୋଲା କରି ତୋ କାକା କୁ ଆମଠୁ ଅଲଗା କରିଦେଲା । ତୋ କାକା ତା ଭାଗ ର ଜମି, ବାଡ଼ି, ଘର ସବୁ ବିକ୍ରି କରି ସହର କୁ ଚାଲି ଆସିଲା । ତୋ ପିଉସୀ ର ଗୁଣ ଯୋଗୁଁ, ତା ଶ୍ୱଶୁର ଘର ଲୋକ ତାକୁ ଘରୁ ବାହାର କରି ଦେଲେ । ଯାହା ଯେମିତି ଚଳି ଯାଉଥିଲୁ । କିନ୍ତୁ ଭଗବାନଙ୍କ ରାଗ ଶାନ୍ତ ହେଇ ନଥିଲା । ତୋ ବାପା ଆହୁରି ପାଗଳ ହେଇ ଗଲା ଆଉ ଗୋଟେ ଦିନ ତୋ ମା କୁ ଖୋଜିବା ପାଇଁ ଘର ଛାଡି କୁଆଡେ ପଳେଇଲା । ଦି ଦିନ ପରେ ଗାଡି ଧକ୍କା ରେ ... ଆଗକୁ କହିବା ପାଇଁ ସେ କୋହ ସମ୍ଭାଳି ପାରୁ ନଥାନ୍ତି ।

ଗାଡି ଧକ୍କା କଥା ଶୁଣି ରୁକ୍ମଣୀ ଦେବୀ ଆଉ ସମ୍ଭାଳି ପାରିଲେ ନାହିଁ । ପଡି ଯାଉ ଯାଉ ଝରକା ର ଗ୍ରିଲ କୁ ଧରି ରହି ଗଲେ ଆଉ ପାଖରେ ଥିବା ଚୌକି ରେ ବସି ପଡିଲେ । ମାମୁନି ହାଁ କରି ସବୁ ଶୁଣୁ ଥାଏ । ବୁଢ଼ୀ ପୁଣି ଥରେ କହିବା ଆରମ୍ଭକଲା ।

ତୋ ପିଉସୀ ର ଗୁଣ ବହୁତ ଖରାପ ଥିଲା । ଘର ର ଝିଅ ହେଲେ ବି ପଇସା ପାଇଁ ସେ ଘରୁ ଜିନିଷ ଲୁଚେଇ ଚୋରେଇ ବିକ୍ରି କରିବା ଆରମ୍ଭ କରିଥିଲା । ସରକାର ଆଇନି କଲା ପରେ, ଝିଅର ଅଧା ଭାଗ ଅଛି କହି ସେ ଜମି ବାଡ଼ି ରେ ଭାଗ ବସେଇଲା ଆଉ ଦିନେ ସବୁ ବିକି ଭାଙ୍ଗି ଆର ଗାଁ ର ଗୋଟେ ଟୋକା ସହ କୁଆଡେ ପଳେଇଲା । ଘରେ ବାକି ରହିଲୁ ଆମେ ବୁଢା ବୁଢ଼ୀ ଆଉ ତୋ ଭାଇ । ଘର ଡିହ ବ୍ୟତୀତ ଆଉ ମାଣେ ହବ ଜମି ଥିଲା ଆମ ପାଖରେ । ବାପା ମା ନଥିଲେ ତା'ର । ଗାଁ ଟୋକା ଙ୍କ ସହ ମିଶି ସେ ଟାଉଟରୀ କଲା, ଆଜି କାହା ଟଙ୍କା ତ କାଲି କାହା ଧାନ, ଏମିତି କରୁ କରୁ ଦିନେ ଗୋଟେ ଝିଅକୁ ଧରି ଆସିଲା । ଝିଅ ଘର ଆସି ଆମ ଘରେ ପଶି ତାକୁ ବାଡିଆ ବାଡ଼ି କଲେ । ବୁଢା ଏସବୁ ଦେଖି ସମ୍ଭାଳି ପାରିଲା ନାହିଁ, ଟଳି ପଡିଲା । ଆଉ ଉଠିଲା ନାହିଁ ।

ନାତି ଟୋକା ପଇସା ପାଇଁ ମୋତେ ବେଳେ ବେଳେ ମାରଧର କରେ । ମୁଁ ତ ବୁଢ଼ୀ

Download Magazine from www.aahwaan.com

ମଣିଷ । ମୋ ପାଖେ ପଇସା କୁଆଡୁ ଆସିବ ? ଦିନେ ମଦ ପିଇ ଆସି ମୋତେ ମାରି ମାରି ଦରମରା କଲା । କିଛି ଦିନ ପରେ ନାତୁଣୀ ବୋହୁ ପୁରୀ ବୁଲିଯିବା କହି ମୋତେ ଆଣି ପୁରୀ ରେ ଛାଡ଼ିଦେଇ ଗଲା । ଏଇଠୁ ଆସୁଛି କହି ଗଲା ଯେ ଆଉ ଫେରିଲାନି । ଦି ଦିନ କାଳ ଅଖିଆ ଅପିଆ ବଡ ଦାଣ୍ଡ ରେ ପଡି ରହିଲି, ସେ ଦିନଠୁ ଭିକ ମାଗି ମାଗି ବୁଲୁଚି । ଭଗବାନ ମୋତେ ଶାସ୍ତି ଦେଇଛନ୍ତି । ଗାଁ ରେ ଥିଲା ବେଳେ ଯେଉଁ ଗର୍ବ ଥିଲା, ମୋ ଗର୍ବ ଭାଙ୍ଗି ଦେଇଛନ୍ତି । ଆଜି, ଯେଉଁ ଝିଅ କୁ ମୁଁ ମାରିବାକୁ ବସିଥିଲି, ସେ ହିଁ ମୋର ସେବା କରୁଛି । ଆଉ ଯେଉଁ ବୋହୁ ର ଏଇ ହାତରେ ଶ୍ରାଦ୍ଧ ଦେଇଥିଲି ତା ଓଳି ତଳେ ମୁଁ ଠିଆ ହେଇଛି । ବୁଢ଼ୀ ଆଖିରୁ ଅନୁତାପ ର ଲୁହ ବୋହି ଯାଉଥାଏ । ରୁକ୍ମଣୀ ଦେବୀଙ୍କୁ ଚାହିଁ, ହଜାରେ ଥର ହାତ ଯୋଡୁଥାଏ ।

ରୁକ୍ମଣୀ ଦେବୀ ନିଜକୁ ସହଜ କରି ଶାଶୁଙ୍କ ପାଖରେ ଯାଇ ବସି ପଡିଲେ । ଲୁଗା କାନି ରେ ଲୁହ ପୋଛି ଦେଲେ ଆଉ ଯମୁନା କୁ ତାଙ୍କ ବଖରା ରେ ଆଉ ଗୋଟେ ଖଟ ପକେଇବାକୁ କହିଲେ । ମାମୁନି ବି ଦୌଡ଼ି ଆସି ମା ଆଉ ଜେଜେମାକୁ କୁଣ୍ଢେଇ ପକେଇଲା ।

ରୁକ୍ମଣୀ ଦେବୀ ଲୁହ ଭିଜା ଆଖିରେ ବାହାରକୁ ଚାହିଁ ଦେଖିଲେ ଘର ଆଗ ସପ୍ତଫେଣି ଗଛରେ ଫୁଲ ଧରି ଆସୁଥିଲା ।

ଗାନ୍ଧିନଗର, ଗୁଜରାଟ , ୩୮୨୦୦୯

ଦୂରଭାଷ - ୯୩୭୬୦୧୨୫୦୦

ଇମେଲ - subal.mohapatra@gmail.com

 Download Magazine from www.aahwaan.com

# ବୃକ୍ଷର ବିଳାପ



ଶ୍ରୀମତି ବିଜୟିନୀ ପଣ୍ଡା

ଦୀର୍ଘ ଦିନପରେ ସ୍ନିଗ୍ଧା ଦେବୀ ଫେରୁଥିଲେ ତାଙ୍କର ସେହି ପୂର୍ବତନ କାର୍ଯ୍ୟସ୍ଥଳୀକୁ । ଯେଉଁଠି ତାଙ୍କର ଚାକିରୀ ଜୀବନର ବାର ବର୍ଷ କଟି ଯାଇଛି । ସବୁଜ ବନାନୀ ଘେରା ଜଙ୍ଗଲର ମଧ୍ୟଭାଗକୁ । ସେଇଠି ସେ ଶିକ୍ଷକତା କରିଛନ୍ତି ଦୀର୍ଘ ବାରବର୍ଷ କାଳ । କୁନି କୁନି ପିଲାମାନଙ୍କ ଗହଣରେ ତାଙ୍କୁ ମିଳେ ଅପୂର୍ବ ଶାନ୍ତି । ଆଦିବାସୀମାନେ ସରଳ, ନିଷ୍କପଟ ଓ ନିରୀହ । ସେମାନେ ଶିକ୍ଷିତ ନୁହନ୍ତି କିନ୍ତୁ ମାନସମ୍ମାନ ସେମାନଙ୍କୁ ବେଶ ଜଣା ।

ସ୍ନିଗ୍ଧା ଦେବୀଙ୍କ ପ୍ରଥମ ପୋଷ୍ଟିଂ ସମ୍ବଲପୁର ଜ଼ିଲ୍ଲାର ଜୁଜମୁରା ବ୍ଲକ । ନାଁ, ସେଇଟାତ ତାଙ୍କର ପ୍ରଥମ ପୋଷ୍ଟିଂ ନୁହଁ କାରଣ ଏହା ପୂର୍ବରୁ ନୂଆପଡା ଜିଲ୍ଲାର ଏକ ଅଧ୍ୟୁଷିତ ଅଂଚଳରେ ସେ ଅଧ୍ୟାପନା ବି କରିଛନ୍ତି । PG କରିବା ସମୟରେ ହିଁ ଚାକିରୀଟା ପାଇଯାଇ ଥିଲେ । ମାଁ ବାପା ଏକମାତ୍ର ଅଳିଅଳି କନ୍ୟା ହୋଇ ସୁଦ୍ଧା ଏକା ଘରୁ ଗୋଡ଼କାଢି ଚାଲିଯାଇଥିଲେ ସୁଦୂର ପାହାଡ଼ ଘେରା ଏକ ଅଧ୍ୟୁଷିତ ଅଞ୍ଚଳକୁ । ଏକ ମହାବିଦ୍ୟାଳୟର ଅଧ୍ୟାପିକା ହୋଇ ସେ ଅଂଚଳରୁ ବହୁତ କିଛି ସାଉଁଟି ଆଣିଥିଲେ ସ୍ନିଗ୍ଧା ଦେବୀ ।

କାରଣ ସେ ସେ ବେଶ ମେଳାପୀ । ସେ ଅଂଚଳର ଅଧିକାଂଶ ଲୋକଙ୍କ ସଂଗେ ଭାଇ, ଭଉଣୀ, ମଉସା ମାଉସୀର ସମ୍ପର୍କ ଯୋଡିଥିଲେ ସେ । ତାପରେ ବିବାହ ହେଲା । ସ୍ୱାମୀ ଆଦୌ ଚାହିଁଲେନି ତାଙ୍କୁ ଏକାକୀ କରି ସ୍ନିଗ୍ଧାଦେବୀ ଏତେ ଦୂରରେ ଚାକିରୀ କରନ୍ତୁ ବୋଲି । କାରଣ ସମ୍ବଲପୁର ସହରଠାରୁ ସ୍ନିଗ୍ଧା ଦେବୀଙ୍କ ଗନ୍ତବ୍ୟ ସ୍ଥଳ ୨୦୦ କିମି । ଆଉ ନିଜେ ମଧ୍ୟ ସ୍ନିଗ୍ଧା ଦେବୀ ଅନୁଭବ କଲେ ଯେ ଅଲଗା ଅଲଗା ରହିଲେ କାଳେ ଦାମ୍ପତ୍ୟ

 Download Magazine from www.aahwaan.com

ଜୀବନରେ ଫାଟ ସୃଷ୍ଟି ହବ, ଏଣୁ ଚାକିରୀ ଛାଡି ପଳେଇ ଆସିଲେ ।

ବିଏଡ୍ କୋର୍ସଟା କରିଥିଲେ ବୋଲି ସାଙ୍ଗେ ସାଙ୍ଗେ ସରକାରଙ୍କ ବିଜ୍ଞପ୍ତି ଅନୁସାରେ ଚାକିରିଟେ ପାଇଗଲେ । ହେଲେ ଏଇ ପ୍ରଥମ ପୋଷ୍ଟିଂ ପୁଣି ସେଇ ସବୁଜ ବନାନୀ ଘେରା ପାହାଡ଼ ଜଙ୍ଗଲର ମଧ୍ୟ ଭାଗରେ ।

ଅଧୈର୍ଯ୍ୟ ହେଇନାହାନ୍ତି ସେ । କାରଣ ନାରୀଟିଏ ହେଲେ ବି ମନରେ ଅପୂର୍ବ ଧୈର୍ଯ୍ୟ ଓ ସାହାସ ରଖିଛନ୍ତି । ବିଶ୍ୱକୁ ବିଜୟ କରିବାର କ୍ଷମତା ଅଛି ତାଙ୍କ ପାଖରେ । ତା ସଙ୍ଗେ ସଙ୍ଗେ ଏକ ସରଳ, କଁଅଳ ଦରଦୀ ହୃଦୟଟେ ମଧ୍ୟ ।

ଭଗବାନଙ୍କ ଏହି ନିଷ୍ପତ୍ତି କୁ ସାଦରେ ଗ୍ରହଣ କରି Join କଲେ ସ୍କୁଲ ଶିକ୍ଷକତାରେ । ଆଉ ଗୋଟେ ଭଲ ଗୁଣର ଅଧିକାରୀ ସେ । ସେଇଟା ହେଲା ସେ ସବୁ ଜାଗାରେ Adjust କରିପାରନ୍ତି । ଜୀବନର ଅର୍ଦ୍ଧେକ ଅଂଶ ସହରୀ ଜୀବନର ଚାକଚକ୍ୟରେ କଟିଥିଲେ ବି ଗାଉଁଲି ଜୀବନକୁ ଆପଣେଇ ନେବାରେ ବି ପଛଘୁଞ୍ଚା ଦିଅନ୍ତିନି । ମିଷ୍ଟଭାଷୀ ହୋଇଥିବାରୁ ବିଶେଷ ଅସୁବିଧାର ସମ୍ମୁଖୀନ କେବେ ହୁଅନ୍ତି ନାହିଁ । ହଁ, ଟିକେ ବଦରାଗୀ, ମାତ୍ର କ୍ଷଣସ୍ଥାୟୀ । ସାଙ୍ଗେ ସାଙ୍ଗେ ପରିସ୍ଥିତି ସହ ସାଲିସ କରିନିଅନ୍ତି ନିଜକୁ ।

ବର୍ତ୍ତମାନ ତାଙ୍କର ଟ୍ରାନ୍ସଫର ହୋଇଯାଇଛି । ଜଙ୍ଗଲ ଭିତରୁ ସିଧା ସମ୍ବଲପୁର ସହରର ଏକ ଶିଳ୍ପାଞ୍ଚଳକୁ । ସବୁଦିନ ସିଟି ବସରେ ଯିବାଆସିବା କରନ୍ତି । ଯେଉଁଦିନ ପ୍ରଥମେ ବସରେ ବସି ନୂତନ ସ୍କୁଲକୁ ଗଲେ, ଅପୂର୍ବ ଖୁସିରେ ଉଲ୍ଲସିତ ହୋଇ ଉଠିଥିଲେ । ମାତ୍ର ପରବର୍ତୀ ମୁହୂର୍ତ୍ତରେ ସହରୀ ଜୀବନଠାରୁ ଗାଉଁଲି ଜୀବନର ଫରକଟା ଜାଣି ପାରିଥିଲେ । ଜଙ୍ଗଲ ଭିତରେ ଯେଉଁ ଆତ୍ମୀୟତାର ସ୍ୱାଦ ସହରୀ ଜୀବନର ଚାକଚକ୍ୟ ଭରା ଲୋକଙ୍କ ପାଖରେ ତାହାନାହିଁ । ଏଠି ସମସ୍ତେ ସ୍ୱାର୍ଥପର । ନିଜ ନିଜ ସ୍ୱାର୍ଥ ପାଇଁ ସମସ୍ତେ

 Download Magazine from www.aahwaan.com

ଚେଷ୍ଟିତ । ଯେତେବେଳେ ଛୋଟ ଛୋଟ ଜୀପ ଆଉ ଟ୍ରେକରରେ ସେ ସ୍କୁଲକୁ ଯାଉଥିଲେ, ନିଜ ସହରରୁ ମାତ୍ର ୧୦ କିମି ଗାଡିଟି ଗଡ଼ିଲା ପରେ ପ୍ରକୃତିର ସବୁଜିମାରେ ସେ ଆତ୍ମହରା ହୋଇ ପଡୁଥିଲେ । ସହରଠୁ ତାଙ୍କ ସ୍କୁଲ ୩୫ କିମି । ରାସ୍ତାର ଉଭୟ ପାର୍ଶ୍ୱରେ ବଡ଼ ବଡ଼ ଗଛ, ଆଉ ତା ସାଙ୍ଗକୁ କେତେକାଳୁ ମୁଣ୍ଡଟେକି ଛିଡା ହୋଇଛନ୍ତି, କେତେ ଯେ ଦ୍ରୁମ, ମହାଦ୍ରୁମ । ଆମ୍ବ, ଶାଳ, ପିଆଶାଳ, ଶାଗୁଆନ, ବମ୍ବୁର ଆଦି ବୃକ୍ଷରେ ରାସ୍ତାଟି ଏପରି ସୁନ୍ଦର ଦେଖାଯାଉଛି ଯେ ସତେ ଯେମିତି ଅଳ୍ପ ସମୟ ପାଇଁ ଭ୍ରମ ସୃଷ୍ଟି ହୁଏ, କେଉଁ ସୁଦୂର ମାଲକାନଗିରି କି କୋରାପୁଟ ଅଂଚଳ ବୋଲି ।

ଖରାଦିନେ ଯେତେବେଳେ ସେମାନେ ସାଙ୍ଗସାଥି ହୋଇ ସକାଳୁଆ ସ୍କୁଲ ପାଇଁ ବାହାରି ପଡ଼ନ୍ତି, ଜିପର ଦୁଇ ପାର୍ଶ୍ୱରୁ ଶୀତଳ ପବନ ଦେହକୁ ଦୋହଲାଇ ଦିଏ । ପାଚିଲା ଆମ୍ବ ସବୁ ସତେ ଯେମିତି ସେମାନଙ୍କୁ ଆଖି ଠାର ମାରୁଥାନ୍ତି । ଯଦି ପୂର୍ବଦିନ ଝଡଝଞ୍ଜାଟିଏ ହୋଇଥାଏ, ସେତେବେଳେ ଗାଡ଼ିରେ ବସିଥିବା (ଅନ୍ୟାନ୍ୟ ସ୍କୁଲକୁ ଯାଉଥିବା ଶିକ୍ଷୟିତ୍ରୀ)ମାନେ ଶିଶୁ ସୁଲଭ ଗୁଣ ନେଇ, ଗାଡିକୁ ରାସ୍ତାରେ ଅଟକାଇ ଆମ୍ବ ଗୋଟାଇବା ପାଇଁ ବି ପଛଘୁଞ୍ଚା ଦିଅନ୍ତି ନାହିଁ । ବର୍ଷା ଦିନେ ରାସ୍ତାକଡ଼ରେ ଥିବା 'କୁରେଇ ଫୁଲ'ର ବାସ୍ନା ପୁରା ଇଲାକାକୁ ମହାକାଇ ଦେଉଥାଏ । ମେଘ ବାଦଲ ଘୋଟି ଆସିଲେ, ଘଞ୍ଚ ଜଙ୍ଗଲ ଯୋଗୁଁ ଦିନବେଳେ ମଧ୍ୟ ରାତି ଭଳି ଭ୍ରମ ସୃଷ୍ଟି କରେ । ଚାରିଆଡେ ପୁରା ଅନ୍ଧାର । ଆହାଃ କି ମନୋରମ ଦୃଶ୍ୟ ସେ ।

ଏବେ ଟ୍ରାନ୍ସଫର ହେଇଛି ନିଜ ଘରୁ ମାତ୍ର ୧୦ କିମି ଦୂର ଏକ ଶିଳ୍ପାଞ୍ଚଳକୁ । ପୂର୍ବତନ ସ୍କୁଲର ଜଣେ ବରିଷ୍ଠ ଶିକ୍ଷୟିତ୍ରୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭାକୁ ଅତିଥି ରୂପରେ ତାଙ୍କୁ ଡକାଯାଇଛି । ବେଶ ଉଲ୍ଲସିତ ହୋଇ ଯାଉଛନ୍ତି ସେ । ଯେଉଁ ସ୍ଥାନ ଏଇ ଚାରିମାସ ତଳେ ତାଙ୍କର କର୍ମଭୂମି ହୋଇଥିଲା, ବର୍ତ୍ତମାନ ତାଙ୍କ ପାଇଁ ଅତୀତ ପାଲଟି

Download Magazine from www.aahwaan.com

ଯାଇଛି । ସେ ଯାହା ହେଉ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ତାଙ୍କୁ ଅତିଥି ରୂପେ ସମ୍ମାନ ଦେଇଥିବାରୁ ସେ ଖୁବ ଖୁସି ।

ସେଦିନ ସକାଳୁ ଗାଧୋଇ ପାଧୋଇ, ପୂଜାପାଠ ସାରି, ଜଳଖିଆ ଟିକେ ଖାଇଦେଇ ବାହାରିଲେ ସେଇ ପୂର୍ବତନ ସ୍କୁଲକୁ । ଆଖିରେ ଆଖିଏ ସ୍ୱପ୍ନ । ତାଙ୍କର ଅତିପ୍ରିୟ ଛାତ୍ରଛାତ୍ରୀ ମାନଙ୍କୁ ସେ ଭେଟିବେ । ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ସହ ବନ୍ଧୁମିଳନଟେ ହେବ । ବାହାରିଲେ ସେ ।

ଗାଡ଼ିରେ ବସିଲେ । ଗାଡିଟା ୧୦ କିମି ଅତିକ୍ରମ କଲା । କିନ୍ତୁ ଏ କଣ ? ସେ ଚମକି ପଡିଲେ । ରାସ୍ତାଘାଟ ଜନଶୂନ୍ୟ । ନିର୍ଜନ ଇଲାକାର ସମ୍ରାଟ ଭାବେ ଛିଡା ହୋଇଛନ୍ତି କେତୋଟି ମେସିନ । ରାମଚନ୍ଦ୍ର ବିନା ଶ୍ରୀହୀନ ଅଯୋଧ୍ୟା ଭଳି ଦୃଶ୍ୟମାନ ହେଉଛି ଚତୁର୍ଦିଗ । ଜାତୀୟ ରାଜପଥର ପ୍ରଶସ୍ତି କରଣ ପାଇଁ ଚାରିଥାକିଆ ଚଉଡା ରାସ୍ତାର ନିର୍ମାଣ କାର୍ଯ୍ୟ ଚାଲିଛି । କୁଆଡେ ଗଲା ସେ ବାଉଁଶ ବଣ ? ହାଲକା ହାଲକା ପବନରେ ମଧ୍ୟ ସିରର ସିରର ଶବ୍ଦରେ ଯାହା ମନକୁ ଉଦ୍ବେଳିତ କରୁଥିଲା । ନା ସେଠି ଅଛି ଛକ ପାଖର ସେ ବୁଢା ବରଗଛ, ଯେଉଁ ଗଛମୂଳେ କେତେଖଣ୍ଡ ଗାଁ ଯାତ୍ରୀ ବସି ଆଉ ଗୋଟିଏ ବସର ଅପେକ୍ଷାରେ ରହୁଥିଲେ, ମାଁଟିଏ ତାର କ୍ଲାନ୍ତ ଶିଶୁକୁ ପଣତ ପାରି ଶୁଆଇ ଦେଉଥିଲା ବରଗଛର ଚଉରାରେ । ଗଛମୂଳେ ଥିବା ପାଣିଛତ୍ରରୁ ପାଣି ମୁନ୍ଦାଏ ପିଇ ତୃଷା ମେଣ୍ଟାଉଥିଲେ ଯାତ୍ରୀ । କିଏ ଅବା ନିଜ ଗାମୁଛାକୁ ଭିଜାଇ ପୋଛି ହେଉଥିଲା ନିଜ ଶରୀର । କେତେ ଯେ ପକ୍ଷୀଙ୍କ କାକଳିରେ ମୁଖରିତ ହେଉଥିଲା ସ୍ଥାନଟି । ରାସ୍ତା କଡରେ ଥିବା ପାନ ଦୋକାନ, ଯେଉଁଠି ଯୁବକମାନେ ପ୍ରତୀକ୍ଷାରେ ରହୁଥିଲେ, କେତେବେଳେ ନିଜ ପ୍ରେମିକା ଗଭାରେ ଫୁଲଟିଏ ଖୋସି ସେ ରାସ୍ତାକୁ ଅତିକ୍ରମ କରିବ । ଆଉ ପାନ କିଣିବା ବାହାନାରେ

 Download Magazine from www.aahwaan.com

ସେମାନେ ସେଠି ଥଟ୍ଟାତାମସାର ଛଳନା କରୁଥିଲେ । ପୁଣି ଦୃଷ୍ଟି ଗୋଚର ହେଉ ନଥିଲା ସେ ଚାରୋଟି ରାସ୍ତାକୁ ସଂଯୋଗ କରୁଥିବା ସେ ଛକ ଯେଉଁଠି ହକର ମାନେ ହାକ ପକାଉଥିଲେ ଏଇ ମାନେଶ୍ୱର... ହାତୀବାରି... ଯୁଜୁମୁରା... ରେଢ଼ାଖୋଲ । ଓଃ କି ବିଭତ୍ସ ଦୃଶ୍ୟ । ଗାଡି ଆଗକୁ ମାଡି ଚାଲିଛି । ସ୍ନିଗ୍ଧା ଦେବୀଙ୍କ ଚେହେରା ପୁରା ମଳିନ ପଡିଯାଇଛି । ରାସ୍ତା କଡର ସବୁ ଦୋକାନ, ବଜାର, ମେଡିକାଲ ଷ୍ଟୋର, ବିଦ୍ୟାଳୟ ବିରାଟ ଅଟ୍ଟାଳିକା ସବୁ ଜୀର୍ଣ୍ଣ ଶୀର୍ଣ୍ଣ ହୋଇ ପଡିଛନ୍ତି । ସତେ ଯେମିତି ଏଇ ମାତ୍ର ଦଣ୍ଡେ ହେବ ଏକ ମହାପ୍ରଳୟକାରୀ ବାତ୍ୟା କିମ୍ବା ଭୂମିକମ୍ପର ଅବସାନ ଘଟିଛି । ବଡ ବଡ ମେସିନମାନ ବିକଟାଳ ଶବ୍ଦ କରି ଘର, କୋଠା, ଦୋକାନ ଇତ୍ୟାଦିକୁ ଭାଙ୍ଗି ଚାଲିଛନ୍ତି । ଯେଉଁ ମାନଙ୍କର ଘର ଦ୍ୱାର ଯାଇଛି, ତାଙ୍କୁ ଯେତେ ଟଙ୍କା ସରକାର କ୍ଷତି ପୂରଣ ଦେଲେବି କେତେ ଯେ ଅତୀତର ସ୍ମୃତି ସାଇତା ହୋଇ ରହିଛି ଘର ମାନଙ୍କରେ । କେତେ ଯେ ଯୁବତୀ ସେ ଘରୁ ଓଢଣା ଦେଇ ଶାଶୁ ଘରକୁ ଗୋଡ କାଢ଼ିଛନ୍ତି, କେତେ ଯେ ଯୁବତୀ ନୂଆବୋହୁ ହୋଇ ମୁଠା ମୁଠା ସ୍ୱପ୍ନ ନେଇ ସେ ଘରେ ପାଦ ଦେଇଛନ୍ତି । କାଲି ବୋହୁ ହୋଇ ଯିଏ ଲାଜୁଆ ହସରେ ପ୍ରଥମେ ଏ ଘରେ ପାଦ ଦେଇଥିଲା, ସେ ପୁଣି ସାରା ଜୀବନ ଏ ଘରେ ବିତାଇସାରିଲା ପରେ ଆଜି ଶବଟେ ହୋଇ ସେ ଘରୁ ବିଦାୟ ନେଇଛି । ବୁଢାଟା ଆଖିରେ ଆଖିଏ ସ୍ମୃତି, ତା'ର ବୁଢ଼ୀର ଅତୀତକୁ ନେଇ ।

ଯେଉଁ କେତୋଟି ଗଛ ଆଗକୁ ଥିଲେ, ବର୍ତ୍ତମାନ ସୁଦ୍ଧା କଟା ହୋଇ ନାହାନ୍ତି, ସେମାନେ ବଲ ବଲ ହୋଇ ଅସହାୟତାର ଦୃଷ୍ଟି ନେଇ ଚାହିଁଥିଲେ ସ୍ନିଗ୍ଧଦେବୀଙ୍କୁ । ଗାଡିର ସାଇଡ଼ ସିଟରେ ବସି ତତଲା ହାଵାକୁ ଅନୁଭବ କରୁଥିଲେ ସେ । ଗଛଗୁଡିକ କଟାଯିବା ପରେ ସେ ତତଲା ହାଵାଟା ପ୍ରକୃତି ଦେୟ ନା ଗଛପତ୍ରର ଦୀର୍ଘନିଶ୍ୱାସ ସେ ଜାଣି ପାରୁ ନ ଥିଲେ । ତାଙ୍କୁ ଲାଗୁଥିଲା ତାଙ୍କ ଅନୁପସ୍ଥିତିରେ କିଏ ଯେମିତି ତାଙ୍କର ପିଲାଛୁଆଙ୍କୁ ଅନାଥ

 Download Magazine from www.aahwaan.com

କରିଦେଲା । ଅଜାଣତରେ ଦୁଇଟି ଲୁହଧାର ଆଖିରେ ଜକେଇ ହେଇ ଆସୁଥିଲା । ଅମାନିଆ ହୋଇ ଗାଲକୁ ଅତିକ୍ରମ କରି ଓଠକୁ ଛୁଉଁଥିଲେ ସେମାନେ । ସ୍ନିଗ୍ଧାଦେବୀ କିଂକର୍ତବ୍ୟ ବିମୁଢ ହୋଇ କାଳେ କିଏ ଦେଖିଲେ କଣ ଭାବିବ ବୋଲି ପ୍ରକୃତିସ୍ଥ ହୋଇ ପଡିଲେ । ଯେତେବେଳେ ମହାପ୍ରଳୟ ଆସେ ମା ଟିଏ ଚାହିଁଲେ ମଧ୍ୟ ତାର ଶିଶୁକୁ ବଞ୍ଚେଇ ପାରେନା ନିୟତି ହାତରୁ । ତାର ଆଖି ସାମ୍ନାରେ ଯାହାକିଛି ଘଟିଯାଏ ଠିକ ସେଭଳି ଅନୁଭବ ହେଉଥିଲା ସ୍ନିଗ୍ଧା ଦେବୀଙ୍କୁ । ତାଙ୍କ ଶାବକମାନେ ଯେପରି ହାତଠାରି ଡାକୁଛନ୍ତି ଆଉ ସେ କୋଳକୁ ଟାଣିନେଇ ନ ପାରି ସେମାନେ ହାତଛଡା ହୋଇ ଯାଉଛନ୍ତି ମଣିଷ ରୂପୀ ରାକ୍ଷସ ମାନଙ୍କ ଠାରେ । ଠାଏ ଠାଏ ଗଛ ଗୁଡିକ ପୁରା ସାଇଜରେ କଟା ହୋଇକି ରଖା ଯାଇଛି । କିଛି ସମୟ ପରେ ସରକାରୀ ଗାଡି ଆସିଲେ ତାକୁ ନେଇଯିବ, ଠିକ ଯେମିତି ପୁର୍ଣ୍ଣ ଯୌବନ ପ୍ରାପ୍ତ ଯୁବତୀଟିର ଅକାଳ ବିୟୋଗରେ ପୋଷ୍ଟମର୍ଟମ  ହେଲା ଶବ ପରି ।

ଆଉ ସହି ପାରିଲେନି ସ୍ନିଗ୍ଧଦେବୀ । ମନେ ମନେ ଭାବୁଥିଲେ ପୂର୍ବରେ କଣ ଏମିତି ଉନ୍ନୟନ ମୂଳକ କାର୍ଯ୍ୟ ହେଉନଥିଲା, ନା ଜ୍ଞାନ କୌଶଳ ନ ଥିଲା ? ତେବେ ଉନ୍ନୟନ ନାରେ ଏମିତି ପ୍ରକୃତି କୁ ନଷ୍ଟ କରିବାର ଏ ପ୍ରହସନ କାହିଁକି  ? ? ?

ଝାଡୁଆପଡା, ସମ୍ବଲପୁର

ମୋ ନ : - 9439893290

Download Magazine from www.aahwaan.com

# ଗଳ୍ପ ସ୍ପର୍ଦ୍ଧା - ୧



ସୁବଳ ମହାପାତ୍ର

ରବିବାର, ସକାଳୁ ସକାଳୁ ନିଦ ଭାଙ୍ଗିଗଲା । ଉଠି ଦେଖିଲି ରାସ୍ତା ଉପରେ ଗାଈ, ବଳଦ ଧରି ବେପାରୀ ସବୁ ହାଟକୁ ଯାଉଥାନ୍ତି । ପନିପରିବା ଧରି ଚାଷୀ ବି ଯାଉଥାନ୍ତି ହାଟକୁ । ବହୁତ ଦିନ ପରେ କାହିଁକି କେଜାଣି ମନ ହେଲା ହାଟ ଆଡେ ଟିକେ ବୁଲି ଆସିବା ପାଇଁ । ଛୋଟ ବେଳେ ଅଜାଙ୍କ ସହ ହାଟକୁ ଯାଏ । ପରିବା ବ୍ୟାଗ କାନ୍ଧେଇ ହାଟ ରୁ ଫେରୁ । ଓଡିଶା ବାହାରକୁ ଆସିବା ପରଠୁ ଆଉ ହାଟ ଆଡେ କେବେ ଯାଇ ନଥିଲି ମୁଁ । ଘରେ କାହାକୁ କିଛି ନ ଜଣେଇ ମୁଁ ବାହାରି ଗଲି ହାଟ ଆଡେ । ପରିବା ପତ୍ର ର ଦାମ ତ ଜଣା ନଥାଏ, କାଳେ ଠକି ଗଲେ ମା ଗାଳି ଦେବ, ସେ ଡର ରେ ଏଇଠୁ ଆସୁଛି କହି ବାହାରି ଗଲି । ହାଟକୁ ପଶୁ ପଶୁ ବହୁତ କିଛି ବଦଳି ଯାଇଥିବାର ମନେ ହେଲା । ଆଗରୁ ସାଇକେଲ ଷ୍ଟାଣ୍ଡ ଜାଗା ରେ ଏବେ ବାଇକ ଷ୍ଟାଣ୍ଡ । ଆଗରୁ ଲୋକ ସବୁ ଧୋତି ଗାମୁଛା ପିନ୍ଧି ଆସୁଥିବା ବେଳେ ଏବେ ସବୁ ପେଣ୍ଟ ସାର୍ଟ ପିନ୍ଧା ବାବୁ । ଆଗ ପରି ଚାଷୀ ଆଉ ମଳିମୁଣ୍ଡିଆ ଏବେ ଆଉ ଦେଖାଯାଉ ନଥାନ୍ତି । ଏମିତି ପରିବା ଦାମ ପଚାରି ପଚାରି ବୁଲୁ ବୁଲୁ ଗୋଟେ ଜାଗାରେ ଜଣେ ଲୋକ ମଇଳା ଲୁଗା ପିନ୍ଧି ଗୋଟେ ପ୍ଲାକାର୍ଡ଼ ଧରି ଠିଆ ହୋଇଥିବାର ଦେଖିଲି । ଶୀର୍ଣ୍ଣକାୟ ଶରୀର, ଲମ୍ବା ନାକ ଟି ଚଢେଇ ର ଥଣ୍ଟ ପରି ଆଗକୁ ବାହାରି ଥାଏ । ମୁଣ୍ଡରେ ଜଟା, ପାଖରେ ଛିଣ୍ଡା ଝୁଲା (ବ୍ୟାଗ) ଖଣ୍ଡେ, ନିଶ ଦାଢ଼ି ପାଚି ଆସିଲାଣି, ପିନ୍ଧିଥାଏ ମଇଳା କୁର୍ତା କୁ ତେଲ ଚିକିଟା ହୋଇ କଳା ହୋଇ ଯାଇଥିବା ଧଳା ଲୁଗା ଖଣ୍ଡେ । ଟିକେ କୌତୁହଳ ହେଲାରୁ ପାଖକୁ ଯାଇ ପ୍ଲାକାର୍ଡ଼ ର ଲେଖା ପଢ଼ିଲି । ଦୂରରୁ "ରକ୍ତ ଦାନ କରନ୍ତୁ" ବଡ ବଡ

 Download Magazine from www.aahwaan.com

ଅକ୍ଷର ରେ ଲେଖା ଯାଇଥିବାର ଦେଖା ଗଲେ ବି ପାଖରୁ ଛୋଟ ଛୋଟ ଅକ୍ଷର ରେ ଲେଖା ଯାଇଥିଲା "ଅନୁଗୁଳ ଡାକ୍ତରଖାନା ବେଡ଼ ନମ୍ବର ୩୬ ପାଇଁ ରକ୍ତଦାନ କରନ୍ତୁ । ବ୍ଲଡ଼ ଗୃପ A+ve " ।

ପ୍ରଥମ ଥର ପାଇଁ ଏପରି ଗୋଟେ ଅଜବ ଜିନିଷ ହାଟ ରେ ଦେଖି କୌତୁହଳ ଆଉ ଟିକେ ବଢ଼ିଲା । ପାଖ ଦୋକାନୀ କୁ ପଚାରିଲି । ସେ କହିଲା "ହଁ ବାବୁ , ସେ ସବୁ ରବିବାର ଆସି ଏଇଠି ଠିଆ ହୁଏ । କିନ୍ତୁ ପ୍ଲାକାର୍ଡ଼ ରେ ସବୁ ଥର ଅଲଗା ଅଲଗା ବେଡ଼ ନମ୍ବର ଆଉ ବ୍ଲଡ଼ ଗୃପ ଲେଖା ଯାଇଥାଏ । କିଏ ଦିଏ କି ଦିଏନି ସେ ସବୁ ମୁଁ ଜାଣିନି । ମୁଁ ତାକୁ ପ୍ରାୟ ବର୍ଷେ ହେଲାଣି ଏଇଠି ଦେଖି ଆସୁଛି " । ତା କଥା ଶୁଣି କୌତୁହଳ ଆଉ ଟିକେ ବଢ଼ିଲା କିନ୍ତୁ ହାଟ ରେ ଦି ତିନି ଜଣ ସାଙ୍ଗ ଦେଖା ହୋଇ ଯିବାରୁ ଅନ୍ୟ ମନସ୍କ ଭାବେ ମୁଁ ଅନ୍ୟ ଆଡେ ବୁଲାବୁଲି କରି କିଛି ନ ଆଣି ଘରକୁ ଫେରିଲି । ଗାଧୋଇ ଖାଇ ଖଟ ରେ ଟିକେ ଗଡୁ ଗଡୁ ସେ ଲୋକ ଟି କଥା ମନ ରେ ଆସିଲା । କିଏ ସେ ? କଣ କରୁଛି ? ଯଦି କାହାର ରକ୍ତ ଦରକାର ସେ ତ ବ୍ଲଡ଼ ବ୍ୟାଙ୍କ ରୁ ପାଇ ପାରିବ ନହେଲେ ଏବେ ତ ସ୍ୱେଚ୍ଛାସେବୀ ସଂସ୍ଥା ସବୁ ଅଛନ୍ତି ସେମାନେ ତ ସାହାର୍ଯ୍ୟ କରୁଛନ୍ତି । ପୁଣି ୟା ବେଶ ଭୁଷା ଦେଖି କିଏ ୟା ପାଖକୁ ଆସିବ ? ନା କିଏ ରକ୍ତ ଦେବ ? ଏଇଟା ଗୋଟେ ଠକ ନୁହେଁ ତ ? ଏବେ ତ ବିଭିନ୍ନ ଉପାୟ ରେ ଲୋକ ଠକୁଛନ୍ତି । ରକ୍ତ ବିକି ପଇସା ଆଣୁଛନ୍ତି । ତେବେ ପ୍ରକୃତ ଘଟଣା କଣ ? ଜାଣିବାକୁ ଇଛା ହେଲା । ହେଲେ ଜାଣିବି କେମିତି ଭାବି ଭାବି ଶୋଇ ପଡିଲି ।

ସନ୍ଧ୍ୟା ରେ ଉଠି ଛକ ଆଡେ ବାହାରିଲି । ଛକ ରେ ଜଣେ ବଡଭାଇ ଦେଖାହେଲେ ଯିଏ କି ଜଣେ ସ୍ୱେଚ୍ଛାସେବୀ । ତାଙ୍କୁ ଏ ଲୋକ ବିଷୟରେ ପଚାରିଲି ଆଉ ହାଟରେ ଦେଖିଥିବା ଘଟଣା ଟି କହିଲି । ସେ କହିଲେ," ହଁ, ସେ, ଦିନାଭାଇ । ରକ୍ତ ଦରକାର ହେଉଥିବା ରୋଗୀ ମାନଙ୍କ ପାଇଁ ରକ୍ତ ମାଗେ । ସବୁ ଥର ସେ ଡାକ୍ତରଖାନା ରେ କାହାଠୁ ନା

 Download Magazine from www.aahwaan.com

କାହାଠୁ ରୋଗୀ ର ବେଡ଼ ନମ୍ବର ଆଉ ବ୍ଲଡ଼ ଗ୍ରୁପ ତା ପ୍ଲାକାର୍ଡ଼ ରେ ଲେଖି ନିଏ ଆଉ ସବୁ ରବିବାର ଆସି ଏ ହାଟରେ ଠିଆ ହୁଏ" ।

-- କିନ୍ତୁ କେହି ଆସନ୍ତି ବ୍ଲଡ଼ ଦେବାକୁ ? ମୁଁ ପଚାରିଲି !!!

-- ହଁ, ସବୁ ଥର କିଛି କିଛି ଲୋକ ଆସନ୍ତି । କିଛି ଲୋକ କୌତୁହଳ ବଶତଃ ଦେଖିବାକୁ ଆସନ୍ତି ଘଟଣା କ'ଣ ? ଆଉ ବ୍ଲଡ଼ ଦେଇକି ଯାଆନ୍ତି । ଏପରିକି କିଛି କିଛି ରେୟାର ବ୍ଲଡ଼ ଗ୍ରୁପ ର ରକ୍ତ ବି ଏହିପରି ମିଳିଯାଏ ଆଉ ରୋଗୀମାନେ ବହୁତ ଧନ୍ୟବାଦ ଦିଅନ୍ତି ଦିନାଭାଇ କୁ । ବେଳେବେଳେ ତ ବହୁତ ଲୋକ ଆସନ୍ତି ଆଉ ସବୁ ବ୍ଲଡ଼ ବ୍ଲଡ଼ ବ୍ୟାଙ୍କ ରେ ରହେ ।

ମୋତେ ଆଉ ଟିକେ ଜାଣିବାକୁ ଇଛା ହେଲା ତ ମୁଁ ପୁଣି ପଚାରିଲି," ଆଛା, ୟା ପଛରେ ଘଟଣା କଣ ? ଏମିତି କାହିଁକି ?"

-- ସେ କହିଲେ ... ଦିନାଭାଇ ର ଘର ଏଠୁ ୧୬ କିଲୋମିଟର ଦୂର ଏକ ଗାଁ ରେ । ଧନ ସମ୍ପତି ଜମିବାଡ଼ି ବହୁତ ଥିଲା ତା'ର । ତା ସ୍ତ୍ରୀ କୁ ଥରେ ଜର ହେଲା ଆଉ ପରୀକ୍ଷା କରିବା ପରେ ଜଣ ପଡିଲା ଯେ ତାକୁ ବ୍ଲଡ଼କ୍ୟାନ୍ସର । ସବୁ ମାସ ରେ ତାକୁ ପ୍ରାୟ ତିନି ଚାରି ଥର ରୁ ଅଧିକ ଥର ବ୍ଲଡ଼ ଦେବାକୁ ପଡେ । ସ୍ତ୍ରୀ କୁ ଭଲ କରିବାକୁ ସେ ତା ଜମି ବାଡ଼ି ସବୁ, ଶାଗ ମାଛ ଦର ରେ ବିକ୍ରି କରି ଦେଲା କିନ୍ତୁ ବଞ୍ଚେଇ ପାରିଲା ନାହିଁ । ରକ୍ତ ନ ପାଇ ବିଚାରି ଦେଢ଼ ବର୍ଷ ତଳେ ମରିଗଲା । ତା ପରଠୁ ସେ ସେଇ ଡାକ୍ତର ଖାନା ରେ ହିଁ ରହେ, ସେଇଠି ଖାଏ ସେଇଠି ଶୁଏ ଆଉ ସବୁ ଦିନ ଭିନ୍ନ ଭିନ୍ନ ହାଟ କୁ ଯାଇ ଏହିପରି ପ୍ଲାକାର୍ଡ଼ ଧରି ଠିଆ ହୁଏ । ବର୍ଷେ ଭିତରେ ତା ପାଇଁ ପାଖାପାଖି ଶହେ ଦୁଇଶହ ଲୋକ ବଞ୍ଚିଲେଣି । ଡାକ୍ତର ଖାନା ରେ ଦିନା ଭାଇ କୁ ସମସ୍ତେ ଜାଣିଛନ୍ତି ଆଉ ରୋଗୀଙ୍କ ସମ୍ପର୍କୀୟ ମାନେ ହିଁ ତାକୁ ପାଳି କରି ଖାଇବା ପିଇବାକୁ ଦିଅନ୍ତି । ଗାଁ ରେ ତ ତାର ଆଉ କିଛି ନାହିଁ । ଗାଁ ଲୋକ ଡାକିଲେ ବି ସେ

Download Magazine from www.aahwaan.com

ଆଉ ଯାଉନି ସେଠିକି ।

ଏତକ ଶୁଣିଲା ପରେ ମୋ ମନ କାହିଁ ଗୋଳେଇ ଘାଣ୍ଟି ହେଲା । କିଛି ନଥିବା ଗୋଟେ ଲୋକ ର ଏତେ ବଡ ହୃଦୟ ? ମୁଁ ତ ତାକୁ ପ୍ରଥମେ ଠକ ବୋଲି ଭାବିଥିଲି । ମୋତେ କାହିଁକି କେଜାଣି ଟିକେ ମାଡି ମାଡି ପଡିଲା । ଆଜି ଯାଏ କେବେ ବି ରକ୍ତ ଦେଇ ନ ଥିବା ଏ ଦେହ ଭିତରେ ରକ୍ତ ଗୁଡିକ ଯେମିତି ଆନ୍ଦୋଳନ କଲାପରି ତୀବ୍ର ବେଗ ରେ ଦୌଡିବାକୁ ଲାଗିଲେ । ରାତିରେ ନିଦ ହେଲାନାହିଁ । ସକାଳୁ ଉଠି ମୁଁ କାହାକୁ କିଛି ନ ଜଣେଇ ଡାକ୍ତରଖାନା ଅଭିମୁଖେ ବାହାରିଲି । ମନରେ ଥାଏ ଆଜି ଯାହା ହେଲେ ବି ଦିନାଭାଇ ସହ ଦେଖା କରିବି । ଡାକ୍ତର ଖାନା ରେ ପହଞ୍ଚି ପ୍ରଥମେ ଦିନାଭାଇ କୁ ଖୋଜିଲି । ନଳକୂଅ ପାଖରେ ନିଜର ଭଙ୍ଗା ଚେପା ରସ ତାଟିଆ ରେ ସେ ଢକ ଢକ କରି ପାଣି ପିଇସାରି, ତାଟିଆ କୁ ତା ଛିଣ୍ଡା ଝୁଲା (ବ୍ୟାଗ) ରେ ରଖି ବାହାରୁଥିଲା କେଉଁ ଏକ ହାଟ ଉଦ୍ଦେଶ୍ୟ ରେ । ତାପାଖରେ ପହଞ୍ଚି ତା ସହ ଅଳ୍ପ ବହୁତ କଥା ହୋଇ ଜାଣିବାକୁ ଚାହିଁଲି ତା ବିଷୟ ରେ ଆଉ ତା'ର ଏ କାମ ବିଷୟ ରେ । କାହିଁକି ରୁ ଆରମ୍ଭ କଲି ମୋ ପ୍ରଶ୍ନ । ସେ ବି ଧୀର ସ୍ଥିର ଭାବରେ ମୋ ସବୁ ପ୍ରଶ୍ନ ର ଉତ୍ତର ଦେବାକୁ ଲାଗିଲା ।

- ଏସବୁ କେବେଠୁ କରୁଛ ?

- ପ୍ରାୟ ଦେଢ଼ବର୍ଷ ହେଲା ।

- କାହିଁକି ? କିଏ ତମକୁ କହିଲା କରିବା ପାଇଁ ନା ଏମିତି ଖାଲି ?

- ଦୀର୍ଘ ଶ୍ୱାସ ନେଇ ସେ କହିଲା .. " ମୋ ସ୍ତ୍ରୀ ଯେମିତି ରକ୍ତ ଟିକେ ନପାଇ ମରିଗଲା, ସେମିତି ଆଉ କେହି ନ ମରନ୍ତୁ" ।

ମୁଁ ଏବେ ଜାଣିବା ପାଇଁ ଚାହିଁଲି ତା ର ପୁରା ଇତିହାସ, ଜୀବନ କାହାଣୀ । ସେ କହିଚାଲିଲା ..

Download Magazine from www.aahwaan.com

ବାପା ମଲା ବେଳକୁ ମୋତେ ଦଶବର୍ଷ । ଛାଡି ଯାଇଥିଲେ ବହୁତ ଜମି ବାଡ଼ି, କୋଠିଆ, ଚାକର, ସୁନାରୂପା ଆଉ ଧନ ସମ୍ପତି । ମା ମୋତେ ପଢ଼େଇ ଲେଖେଇ ବଡ କଲେ କିନ୍ତୁ କିଛି ଦିନ ପରେ ସେ ବି ଆଖି ବୁଜିଲେ । ବାପା ମା ଛେଉଣ୍ଡ ହେଲା ବେଳକୁ ମୋତେ ପନ୍ଦର ବର୍ଷ ବୟସ । ମୋର ଦଶମ ପରୀକ୍ଷା ଥାଏ ଦି ମାସ ପରେ । ମା କୁ ମନେ ପକେଇ ମୁଁ ଆଉ ପଢି ପାରିଲିନି । ଫେଲ ହେଲି ଆଉ ଜମିବାଡ଼ି ରେ ମନ ଦେଲି । ବାପା ଗଲା ପରେ ମା ସବୁ ଦେଖୁଥିଲା, ବୁଝୁଥିଲା । ଏବେ ମୁଁ ଏକା ହୋଇଗଲା ପରେ ଚାକର ବାକର ସବୁ ଠକିବାକୁ ଲାଗିଲେ । କେବଳ ଧୀର ମଉସା ହିଁ ମୋତେ ବାଟ ଦେଖେଇଥିଲେ ଆଉ ସବୁ ସମ୍ଭାଳି ନେଲେ । ଧୀର ମଉସା, ଆମ ଘରେ ହଳିଆ ଥିଲେ ତାଙ୍କ ବାହାଘର ପରେ ପରେ । ତାଙ୍କ ସ୍ତ୍ରୀ ମୋ ମା ଘର ଗାଁ ରୁ, ତ.. ମୁଁ ତାଙ୍କୁ ମାଉସୀ ଡାକେ ଆଉ ୟାଙ୍କୁ ମଉସା । କିଛି ଦିନ ପରେ ସେ ସୁରଟ ପଳେଇଥିଲେ ଆଉ ଦି ବର୍ଷ ପୂର୍ବରୁ ଆସି ତାଙ୍କ ଗାଁ ରେ ଗୋଟେ ଛୋଟ ଦୋକାନ ଦେଇ ଚଳୁଥିଲେ । ବାପା ଗଲା ପରେ ମା ଏକା ସବୁ କାମ କୁ ନ ପାରିବାରୁ ପୁଣି ତାଙ୍କୁ ଡକେଇଥିଲେ । ସେ ଆଉ ମାଉସୀ ଆର ଗାଁ ରେ ରୁହନ୍ତି । ତାଙ୍କର ଗୋଟିଏ ବୋଲି ଝିଅ ସେ ତା ଆଇ ଘରେ ରୁହେ । ବେଳେ ବେଳେ ଛୋଟ ବେଳେ ଆମ ଘରକୁ ଆସେ କିନ୍ତୁ ବଡ ହେଲାପରେ ସେ ଆଉ ଆସେନି । ବର୍ଷେ ପରେ ସେ ଜମିବାଡ଼ି ସବୁ ବୁଝା ବୁଝି କଲାରୁ ମୁଁ ପୁଣି ଦଶମ ପରୀକ୍ଷା ଦେଲି ଆଉ ପ୍ରଥମ ଶ୍ରେଣୀ ରେ ପାସ କରି ବିଜ୍ଞାନ ରେ ନାଁ ଲେଖେଇଲି । ନୂଆ ନୂଆ କଲେଜ ଯାଉଥାଏ ମୁଁ , ମନ ଯେମିତି ଗଗନ ରେ ଉଡୁଥାଏ । ନୂଆ କଲେଜ, ନୂଆ ନଲେଜ, ନୂଆ ସାଙ୍ଗ ଆଉ କୁତୁକୁତିଆ ମନ । ସାଙ୍ଗ ମାନଙ୍କୁ ଦେଖି ପ୍ରେମ କରିବାକୁ ଇଚ୍ଛା ହେଲା । ସବୁ ଦିନ ଗଲା ଆସିଲା ବାଟ ରେ ଝିଅ ଟିଏ ଖୋଜୁଥାଏ ମୁଁ । କଲେଜ ଭିତରେ ବାହାରେ, କ୍ଲାସ ରେ ସବୁ ଆଡେ । ସେଦିନ କଥା ଆଜି ବି ମନେ ଅଛି । ଗଣିତ କ୍ଲାସ ପରେ ଓଡ଼ିଆ କ୍ଲାସ ଥାଏ । ଆମେ ସବୁ ସାଙ୍ଗ ଟିକେ ଦୁଷ୍ଟାମୀ

Download Magazine from www.aahwaan.com

କରିବା ପାଇଁ ସେଦିନ ଓଡ଼ିଆ କ୍ଲାସ ରେ ପଛ ବେଞ୍ଚ ରେ ବସିଥାଉ । ସେଦିନ ଆଉ ଏକ ଗ୍ରୃପ ର କ୍ଲାସ ବି ଆମ ସହ ଥାଏ । ଶିକ୍ଷକ ଆହୁରି ଆସି ନଥାନ୍ତି । ଏତିକି ବେଳେ କ୍ଲାସ କୁ ପଶି ଆସିଲା ଧୀର ମଉସାଙ୍କ ଝିଅ "ଲିପି" । ମୋଠୁ ବର୍ଷେ ସାନ । ଛୋଟ ବେଳେ କେବେ କେମିତି ତାକୁ ଦେଖିଛି କିନ୍ତୁ ବଡ ହେଲା ପରେ ଆଉ ଦେଖି ନଥିଲି ତାକୁ । ଦେଖୁ ଦେଖୁ କେମିତି ସମ୍ମୋହିତ ହୋଇଗଲି । ପୁରା କ୍ଲାସ ରେ ଭାଙ୍ଗ ଖାଇଲା ପରି ମୁଁ କେବଳ ତାକୁ ହିଁ ଦେଖୁ ଥାଏ । ଏତେ ସୁନ୍ଦର ମୁହଁ, ଶୁଆ ଥଣ୍ଟ ପରି ନାକ, ମୁଲୁମୁଲୁ ଆଖି, ରେଶମ ପରି ବାଳ, ବଳିଲା ବଳିଲା ଦେହ ଆଉ ଚାଲି !!! ଓଃ ... ଆଗରୁ ଏମିତି ଝିଅ ମୁଁ ଦେଖିନି । ଦେଖୁ ଦେଖୁ ଆଖି ଲାଗି ଯାଇଥାଏ । ସେ ଆମ ଚାକର ର ଝିଅ ହେଲେ ବି କାହିଁକି କେଜାଣି ମୁଁ ଆଉ ମୋ ଆୟତ ରେ ନ ଥାଏ । ଯେମିତି ସେମିତି କରି କ୍ଲାସ ସରିଲା । କ୍ଲାସ ରେ କଣ କଣ ସବୁ ପଢା ହେଲା ମୁଁ ଜାଣିନି । ଏ ଅବସ୍ଥା ମୋର ଦୁଇଦିନ ଧରି ଲାଗି ରହିଲା । ଆସ୍ତେ ଆସ୍ତେ ଜାଣିବାକୁ ପାଇଲି ସେ ଏବେ ଆସି ତାଙ୍କ ନିଜ ଘରେ ରହୁଛି ଓ ଆମ ଗାଁ କଲେଜ ରେ arts ପଢୁଛି । ମୋ ମନ ତ କୁଣ୍ଢେ ମୋଟ । ଆଉ କି କ୍ଲାସ ? କି ପାଠ ? । ମୁଁ କେବଳ କଲେଜ ଯାଏ ତାକୁ ଦେଖିବାକୁ । ବେଳେ ବେଳେ ମଉସାଙ୍କୁ କହେ ମାଉସୀ ଆଉ ଲିପି କୁ ଧରି ଆସିବାକୁ । ଏମିତି ଏମିତି ରେ ବର୍ଷେ ବିତି ଗଲା । କିଛି ପଇସା ଖର୍ଚ୍ଚ କରି ବାଇକ ଟେ କିଣିଲି । ଏଥର ସବୁଦିନ ମୁଁ କଲେଜ ଯାଏ କିନ୍ତୁ ପଢିବାକୁ ନୁହଁ କେବଳ ଲିପି କୁ ଦେଖିବାକୁ ଆଉ ତାକୁ କଲେଜ ନେବା ଆଣିବା କରିବାକୁ ।

ଆମେ ସବୁଦିନ ମୋ ବାଇକ ରେ କଲେଜ ଯାଉ, ଆଉ ଆସୁ । ସେ କ୍ଲାସ ଗଲା ପରେ ମୁଁ କ୍ଲାସ କୁ ଯାଉଛି କହି କଲେଜ ପାଖ ପାନ ଦୋକାନ ରେ ବସେ ଆଉ ତାକୁ ଅପେକ୍ଷା କରେ । ତାକୁ ଛାଡି କଲେଜ ର ବାକି ସମସ୍ତେ ଜାଣିଥିଲେ ଯେ ସେ ମୋ ପ୍ରେମିକା । କଣ କହିବି ? କେମିତି କହିବି ? ସେ କଣ ଭାବିବ ? କଣ କହିବ ? ଏସବୁ ଚିନ୍ତା କରି କରି

 Download Magazine from www.aahwaan.com

ରାତିରେ ନିଦ ବି ହେଉ ନ ଥାଏ । ଛାତି ଧଡ଼ ଧଡ଼ ହୁଏ । ମନେ ମନେ ଡର ଲାଗେ ଆଉ କିଏ ଯଦି ତାକୁ "ଆଇ ଲଭ ୟୁ" କହି ଦିଏ ଆଉ ଇଏ ଯଦି ରାଜି ହେଇ ଯାଏ । ରାତି ରାତି ଧରି ଏ କଥା ମୋ ମନ ରେ ଆସିଲା ଆଉ ମୁଁ ବିଚଳିତ ହୋଇ ପଡିଲି ।  ଏମିତି ରାତି ଅନିଦ୍ରା ହେଉ ହେଉ ମୋ ଦେହ ଖରାପ ହୋଇ ଗଲା । ଭୀଷଣ ଜର । ମୁଁ ଖଟ ରୁ ଉଠି ପାରୁ ନ ଥାଏ । ମାଉସୀ ମୋ ଖାଇବା କଥା ବୁଝୁଥାନ୍ତି । ଲିପି ବେଳେ ବେଳେ ଆସି ମୋ ପାଖେ ବସେ । ଏମିତି ଏମିତି ରେ ଦି ଦିନ ବିତିଗଲା । ମାଉସୀ ଆଉ ଲିପି ଆମ ଘରେ ହିଁ ରହି ଯାଆନ୍ତି ରାତିରେ । ସେଦିନ ରାତି ଅଧା ରେ ମୁଁ ପରିସ୍ରା ଉଠିଲି । କିନ୍ତୁ ଶେଜ ରୁ ଉଠି ପାରୁ ନ ଥାଏ । ମୋ ପାଟି ଶୁଣି ଲିପି ମୋ ହାତ ଧରି ଉଠେଇଲା ଆଉ ମୋତେ ବାହାରକୁ ନେଇ କି ଗଲା । ମୋ ମନ ରେ କଣ ଆସିଲା କେଜାଣି ? ମୁଁ ତା ହାତ ଧରି କହିଦେଲି, " ସବୁ ଦିନ ଏମିତି ହାତ ଧରି ଚାଲି ପାରିବୁ" ? ସେ ଚମକି ପଡି ମୋ ହାତ ଛାଡିଦେଲା । ମୁଁ ପଡୁ ପଡୁ କାନ୍ଥ ଧରି ରହିଗଲି । ତା ପରଠୁ ସେ ଲାଜ ଲାଜ ହୋଇ ରହିଲା । କଲେଜ ଗଲା ବେଳକୁ ଆଗରୁ କେତେ କଥା ଗପି ଗପି ଯାଏ । ଏବେ ଚୁପଚାପ ରହୁଥିଲା । ମୋତେ ଦେଖିଲେ ଲାଜ କରୁଥିଲା । ଆଉ ଦିନେ ସେ ମୁହଁ ଖୋଲିଲା । ଆଖି ରେ ଆଖିଏ ଲୁହ ନେଇ କହିଲା," ମୁଁ ଜଣେ ଚାକର ର ଝିଅ । ଆମ ସମ୍ପର୍କ କୁ ଏ ସମାଜ ଗ୍ରହଣ କରିବ ତ... ? " ।

ମୁଁ ବି ଫୁଲ ଜୋଶ ରେ କହିଦେଲି, " ମୋର ବାପା ମା ନାହାନ୍ତି । ମଉସା ମାଉସୀ ହିଁ ଆମ ଦି ଜଣଙ୍କ ବାପା ମା । ଏକା ଜାତି ଆମର । ସମାଜ ଯଦି ଗ୍ରହଣ ନ କରେ ମୁଁ ବୁଝିବି । ତୋର କିଛି ଚିନ୍ତା କରିବା ଦରକାର ନାହିଁ " । ସେ କିନ୍ତୁ ସେବେ ଯାଏ ମୋତେ ହଁ କରି ନଥାଏ । ମୁଁ ତା ଠୁ "ହଁ" ପଦେ ଶୁଣିବା ପାଇଁ ଚାତକ ପରି ଚାହିଁଥାଏ ଆଉ ସବୁଦିନ ରାଣ ଦେଲା ପରି ପଚାରୁ ଥାଏ "କଣ ଭାବିଲୁ ?" । ସେ ସବୁଦିନ ଏକା ଉତ୍ତର ଦିଏ... "ପରେ" ।

ସେଦିନ ମୁଁ ଲିପି ଧରି କୁ କଲେଜ ରୁ ସିଧା ଆମ ଘରକୁ ଆସିଲି । ମୋତେ ତାକୁ, ତାଙ୍କ

 Download Magazine from www.aahwaan.com

ଘରେ ଛାଡି ଆସିବାର ଥିଲା । କିନ୍ତୁ ଜାଣି ଜାଣି ତାକୁ ଧରି ଆମ ଘରକୁ ଆସିଲି । ପଡୋଶୀ ଘରୁ ଚାବି ଆଣି ଘର ଖୋଲିଲି । ମଉସା ଯାଇଥାନ୍ତି ବିଲ ଆଡେ ସବୁଦିନ ପରି । ମାଉସୀ ତାଙ୍କ ଘରେ ଥାନ୍ତି । ଲିପି ର ହାତ ଧରି ଟାଣି ଟାଣି ମୋ ବଖରା ରେ ପଶିଗଲି ଆଉ ସେ ମନା କରୁ କରୁ ଜବରଦସ୍ତି ତା ଓଠ ରେ ଚୁମା ଟେ ଦେଇଦେଲି ଆଉ କହିଲି, ସବୁଦିନ ମୋ ସହ ଖେଳୁଛୁ । ଆଜି କହ ତୁ ମୋତେ ବାହା ହବୁ ନା ନାହିଁ ? ନହେଲେ ମୁଁ ଅନ୍ୟ ଝିଅ ଖୋଜିବି । ମୁଁ ଆଉ ଏମିତି ଦହଗଞ୍ଜ ହୋଇ ବଞ୍ଚି ପାରିବିନି" ।

ସେ ମୋଠୁ ଏମିତି ବ୍ୟବହାର ଆଶା କରି ନଥିଲା । ସବୁ ଝିଅ ଯେମିତି ବାହାନା କରନ୍ତି ସେମିତି ବାହାନା କରି କହିଲା ," ମୁଁ ଚାକର ର ଝିଅ, ତୋତେ ସ୍ୱପ୍ନ ଦେଖିବା ଭଳି ଅବସ୍ଥା ଆମର ନାହିଁ । ତମର ଧନୀ ଘର, ତୁ ମୋ ଠୁ ଭଲ ପଢୁ । ମୁଁ ତ ମୂର୍ଖ । ମୁଁ କାହିଁକି ତୋ ପରି ଗୋଟେ ପିଲା ର ସ୍ୱପ୍ନ ଦେଖିବି । ମୋତେ ଏବେ ୧୭ ବର୍ଷ ହେଲା । ବାବା ଆଉ ମାମା ମୋ ବାହାଘର ବିଷୟରେ କଥା ହଉଥିଲେ । ପାଖ ଗାଁ ରୁ ଗୋଟେ ପିଲା ଦେଖିଛନ୍ତି । ଚାଷ ଜମି ଦି ଏକର ଅଛି ତାଙ୍କର ଆଉ ଗାଇ ମଇଁଷି ମିଶେଇ ଚାରି ହଳ । ପିଲା ଚାଷ କରେ । ମୋର କଣ କହିବାର ଅଛି ? ଆମେ ଗରିବ ଲୋକ, ତୋ ପରି ଜଣେ ପିଲାକୁ ଭଲ ପାଇବାକୁ ଅଉକାତ ମୋର ନାହିଁ । ବାମନ ହୋଇ ଚନ୍ଦ୍ର କୁ କଣ ପାଇଁ ହାତ ବଢେଇବି ? ତୁ ସାଇନ୍ସ ପଢୁଛୁ , ମୁଁ ମୂର୍ଖ ବୋଲି ଆର୍ଟ୍ସ । ସବୁ ଆଡୁ ସବୁ ଆଡୁ ଚିନ୍ତା କଲେ ମୁଁ କୌଣସି ବି ଗୁଣ ରେ ତୋ ସହ ସମାନ ନୁହଁ । ତେଣୁ ଆଉ କିଛି ନ କହି ମୋତେ ଭୁଲି ଯା ଆଉ ମୋତେ ମୋ ହାଲତ ରେ ଛାଡି ଦେ" । ଏତିକି କହି ସାରି ସେ କଇଁ କଇଁ ହୋଇ କାନ୍ଦି ପକେଇଲା ଆଉ ଓଢଣୀ ରେ ଲୁହ ପୋଛିଲା ।

ମୁଁ ବି କେଉଁ କମ କି ? କୌଣସି ଏକ ଉପନ୍ୟାସ ରେ ପଢିଥିବା ଡାଇଲଗ ଟିଏ ମନେ ପଡିଗଲା ତ ସେଠି ମାରିଦେଲି," ଦେଖ ଲିପି, ବିଜ୍ଞାନ ମତରେ ହାର୍ଟ ହେଉଛି ମଣିଷ ର ବ୍ଲଡ୍

 Download Magazine from www.aahwaan.com

ପମ୍ପିଂଗ ସିଷ୍ଟମ । ଯେଉଁଠୁ ସାରା ଶରୀରକୁ ରକ୍ତ ସଞ୍ଚାଳନ ହୁଏ । କିନ୍ତୁ ଆର୍ଟ୍ସ ବା କଳା ର ମତ ରେ ହାର୍ଟ ଅର୍ଥାତ ହୃଦୟ ହେଉଛି ସେଇ ସ୍ଥାନ ଯେଉଁଠି ମଣିଷ ତା ସୁଖ, ଦୁଃଖ, ଭଲପାଇବା, ସ୍ନେହ, ପ୍ରେମ ସବୁ କିଛି ଅନୁଭବ କରିପାରେ ଆଉ ଗୋଟିଏ ବିନା ଆରଟି ଅସମ୍ପୂର୍ଣ୍ଣ । ତେଣୁ ମୁଁ ବିଜ୍ଞାନ ର ଛାତ୍ର ହେଲେ ବି ତୋ ପରି ଗୋଟେ କଳା ର ଛାତ୍ରୀ କୁ ଭଲ ପାଏ ଆମ ଜୀବନ କୁ ପରିପୂର୍ଣ୍ଣତା ରେ ଭରି ଦେବା ପାଇଁ "। ମୋ କଥା ଶୁଣି ସେ ତା କାନ କୁ ବିଶ୍ୱାସ କରି ନ ପାରି ମୋତେ ବଲବଲ ହୋଇ ଆଖି କୁ ଢିମା ଢିମା କରି ଚାହିଁ ରହିଲା ଆଉ କହିଲା," ହଁ ମୁଁ ବି ତୁମକୁ ବହୁତ ଭଲ ପାଏ । କିନ୍ତୁ...."

ଏତିକି ବେଳେ ବାହାରୁ କେହିଜଣେ ଘର ଭିତର କୁ ପଶି ଆସିଲେ । ଏତେ ସମୟ ଧରି ମଉସା ଆମ କଥା ଶୁଣୁଥିଲେ ଆଉ ତାଙ୍କୁ ହଠାତ ଆମ ଘରେ ଦେଖି ଦି ଜଣ ଯାକ ହଡ଼ବଡ଼େଇ ଗଲୁ । ସେ ଲୁହ ଛଳ ଛଳ ଆଖିରେ ମୋତେ "ଦିନା ବାବୁ" ଡାକୁ ଡାକୁ ମୁଁ ତାଙ୍କ ପାଟିରେ ହାଟ ଦେଇ "ନାଁ, ବାପା" ବୋଲି କହିଲି । ବାସ, ତା ପରଠୁ ଆଉ କିଛି ଦରକାର ନଥିଲା । ମାଉସୀ ଶୁଣି କୃତ୍ୟ କୃତ୍ୟ ହୋଇଗଲେ । ଆଉ କେତେ ଦେବତାଙ୍କ ପାଖରେ ଆମ ର ଶହେବର୍ଷ ର ଆୟୁଷ ମାଗି କେତେ କଣ ମାନସିକ କରି ପକେଇଲେ ।

ପ୍ରେମ ରେ ଉବୁଟୁବୁ ପ୍ରେମ ପକ୍ଷୀ ଦୁଇଟି ପାଇଁ ଏବେ ଆଉ ବନ୍ଧ ବାଡ଼ ନଥିଲା । କଲେଜ ରେ ମୋ ସାଙ୍ଗ ମାନେ ତାକୁ ଭାଉଜ ଆଉ ତା' ସାଙ୍ଗ ମାନେ ମୋତେ ଜିଜୁ ଡାକିବା ଆରମ୍ଭ କରିଦେଲେ । ଆସ୍ତେ ଆସ୍ତେ କଥା ଦାଣ୍ଡ ରେ ପଡି ହାଟ ରେ ଗଡ ଗଡେଇଲା । ଗାଁ ଲୋକ ସବୁ ଜାଣିଲେ । ମୁଖିଆ ଆସି ମୋତେ ଏ ବିଷୟ ରେ ପଚାରିଲେ । ମୁଁ ସିଧା ସିଧା ଶୁଣେଇ ଦେଲି । ଆଉ କାହାର କିଛି କହିବାର ନଥିଲା । ଏମିତି ଏମିତି ରେ ଆଉ ବର୍ଷେ ବିତିଗଲା । ପ୍ରେମ ରେ ଆମେ ଏତେ ମାତିଥିଲୁ ଯେ ସେ ବର୍ଷ ଦିଜଣ ଯାକ ବୁଢା ଫେଲ ହେଲୁ । ଆଉ ପଢିବାକୁ ଇଛା ନଥିଲା । ଚାଷ ବାସ ରେ ମନ ଦେଲି । ଦି ବର୍ଷ ପରେ ମୁଁ ଲିପି କୁ

 Download Magazine from www.aahwaan.com

ବାହା ହୋଇ ଗଲି । ସେଇ ବର୍ଷ କିନ୍ତୁ ହଇଜା ରେ ମଉସା ଆଉ ମାଉସୀ ଦି ଜଣ ଯାକ ହାତ ଧରା ଧରି ହୋଇ ଚାଲିଗଲେ । ବର୍ଷ ପରେ ବର୍ଷ ବିତି ଚାଲିଥାଏ କିନ୍ତୁ କୋଳ କୁ ଛୁଆ ଟିଏ ଆସୁ ନଥାଏ । କେହି କେହି କହିଲେ ଯାଇକି ଡାକ୍ତର ଦେଖା । ହାଁ ଯିବୁ, ହାଁ ଯିବୁ ହୋଇ ଆଉ ଦି ବର୍ଷ ବିତିଗଲା । ଦିନେ ଲିପି ର ଦେହ ଖରାପ ହେଲା ତାକୁ ଧରି ଏ ଡାକ୍ତର ଖାନା କୁ ଆସିଲି । ବହୁତ କଷ୍ଟ ପାଉଥାଏ ବିଚାରୀ । ଭଗବାନଙ୍କୁ କହିବି ମୋ ଶତ୍ରୁ କୁ ବି ଏମିତି କଷ୍ଟ ନ ଦିଅନ୍ତୁ । ସେ ଆଗରୁ ଏସବୁ ମୋତେ ଲୁଚେଇଥିଲା । ଏବେ କିନ୍ତୁ ଡେରି ହୋଇ ଯାଇଥିଲା । ଡାକ୍ତର କହିଲେ ଲିପି କୁ କ୍ୟାନ୍ସର । ବହୁତ ଟଙ୍କା ଲାଗିବ । ଜମିବାଡ଼ି, ସୁନାରୂପା, ଗାଇ ବଳଦ ସବୁ ବିକି ଟଙ୍କା ତ ଯୋଗାଡ କରିଦେଲି କିନ୍ତୁ ରକ୍ତ ? ବହୁତ ରକ୍ତ ଦରକାର ହେଉଥାଏ । କିଛି ଦିନ ପରେ ଡାକ୍ତର କହିଲେ ଏବେ ସପ୍ତାହକୁ ଦୁଇଟି ରକ୍ତ ଦରକାର । କେତେ ରକ୍ତ କୁଆଡୁ ଯୋଗାଡ କରିବି । ବ୍ଲଡ଼ ବ୍ୟାଙ୍କ ରେ ରକ୍ତ ନାହିଁ, ଲୋକ ଙ୍କୁ ନେହୁରା ହେଲେ ବି ରକ୍ତ ଯୋଗାଡ ହୋଇପାରିଲାନି । ଦେଢ଼ ବର୍ଷ ତଳେ ସେ ମରିଗଲା । ଲିପି ନାହିଁ, ଧନ ସମ୍ପତି ନାହିଁ, ଜମିବାଡ଼ି ନାହିଁ, ଗାଁ କୁ ଆଉ କଣ ପାଇଁ ଯାଇଥାନ୍ତି ? ଯାହାକୁ ଏତେ ଭଲ ପାଉଥିଲି ସେ ମୋତେ ଛାଡି ଚାଲିଗଲା । ଟଙ୍କା, ପଇସା, ଧନ, ସମ୍ପତି କିଛି ବି କାମ ରେ ଆସିଲେନି । ତାକୁ ଭାବି ଭାବି ମୁଁ ପାଗଳ ହୋଇଗଲି । କିଛି ଦିନ ପାଗଳଙ୍କ ପରି ଇଆଡ଼େ ସିଆଡେ ବୁଲାବୁଲି କଲି । ସେ' ମରିବାର କାରଣ ଖୋଜି ହେଲି ଆଉ ପାଇଲି "ବୁନ୍ଦେ ରକ୍ତ ନପାଇ ସେ ମରିଗଲା" । ରକ୍ତ ମିଳିଥିଲେ ତାକୁ ଆଉ କିଛି ଦିନ ବଞ୍ଚେଇ ରଖି ପାରିଥାନ୍ତି । ବହୁତ ଲୋକଙ୍କୁ ନେହୁରା ହୋଇଛି , ହେଲେ.. ନା ... ତା ପରେ ଠିକ କଲି ଆଉ କାହାକୁ ରକ୍ତ ପାଇଁ ମରିବାକୁ ଦେବିନି । ଯେତେ ହୋଇପାରିବ ସାହାର୍ଯ୍ୟ କରିବି । ମୋ ଭଲପାଇବା କୁ ମୁଁ ଯେମିତି ଭାଳି ହେଉଛି ଆଉ କେହି ମୋ ପରି କଷ୍ଟ ନ ପାଆନ୍ତୁ । ସେଇଦିନୁ ଏଇ ଡାକ୍ତରଖାନା ମୋ ଘର ଆଉ ଏ ସବୁ ରୋଗୀ ମୋ ବନ୍ଧୁବାନ୍ଧବ । ଏମାନେ

Download Magazine from www.aahwaan.com

ପାଳି କରି ମୋତେ କିଛି କିଛି ଖାଇବାକୁ ଦିଅନ୍ତି ।  ମୁଁ , ଯାହାର ରକ୍ତ ଦରକାର ହୁଏ ତା ପାଇଁ ଏ ପ୍ଲାକାର୍ଡ଼ ଦେଖେଇ ହାଟ ରେ ଠିଆ ହୁଏ । କିଛି ଲୋକ ତାଚ୍ଛଲ୍ୟ କରନ୍ତି ଆଉ କିଛି କୌତୁହଳ ରେ ଆସନ୍ତି । ରକ୍ତ ଦିଅନ୍ତି । ଥରେ ଜାଣିଲା ପରେ ସେମାନେ ନିଜେ ନିଜେ ଆସି ରକ୍ତ ଦେଇ ଯାଆନ୍ତି । ଯେଉଁ ମାନେ ତାଚ୍ଛଲ୍ୟ କରନ୍ତି ସେମାନଙ୍କ ଭିତରୁ କିଛି ଲୋକ କେବେ କେବେ ଆସି ମୋତେ ନେହୁରା ହୁଅନ୍ତି ସେମାନଙ୍କ ବନ୍ଧୁବାନ୍ଧବ ମାନଙ୍କ ପାଇଁ । ମୁଁ କାହା ଉପରେ କେବେ ରାଗ ରୁଷା ରଖେନି, ମୋ କର୍ମ କରିଚାଲେ । ହଉ... ଭଗବାନ ତୁମର ମଙ୍ଗଳ କରନ୍ତୁ । ମୁଁ ଯାଏ, ଆଜି ଗୁରୁବାର , ତାଳଚେର ହାଟ ପାଳି..." ତା ଶୁଖିଲା ଆଖିରେ ବୁନ୍ଦେ ଲୁହ ଟଳ ଟଳ ହେଉଥିଲା । ଏତିକି କହି ସେ ତା ଶୁଖିଲା ଆଖିରେ ହାତ ବୁଲେଇ ଆଣିଲା ଆଉ ପ୍ଲାକାର୍ଡ଼ ଆଉ ଗଣ୍ଠିଲି ଟି ଧରି ଉଠିଲା ।

ସେ ଗଲା ପରେ ବି ମୁଁ ସେଇ ଜାଗା ରେ ବସି ରହିଲି ଆଉ ଭାବିବାକୁ ଲାଗିଲି, ମୋତେ ୩୦ ବର୍ଷ ହୋଇଗଲା କିନ୍ତୁ ଆଜିଯାଏ ମୁଁ ଥରେ ହେଲେ ବି ରକ୍ତ ଦେଇନି । ଶୁଣା କଥା ରେ ବିଶ୍ୱାସ କରି ସବୁବେଳେ ବାହାନା କରି ଆସିଛି ଯେ...

ରକ୍ତଦାନ କ୍ୟାମ୍ପ ୱାଲା ରକ୍ତ ସବୁ ନେଇ ବିକ୍ରି କରନ୍ତି ....

ଯେବେ ନିଜେ ଦେଖିବି କାହାର ରକ୍ତ ଦରକାର ତେବେ ତାକୁ ଦେବି... କିନ୍ତୁ ଥରେ ହେଲେ ବି ଆଜି ଯାଏ ଡାକ୍ତର ଖାନା ଏ ଉଦ୍ଦେଶ୍ୟ ନେଇ ଯାଇନି ।

ଯଦି ମୋ ବନ୍ଧୁବାନ୍ଧବ କାହାର ଦରକାର ହୁଏ ତେବେ ରକ୍ତ ଦେବି.... କିନ୍ତୁ ଯେତେବେଳେ ବି କାହାର ଦରକାର ହୁଏ ସେତେବେଳେ ମୁଁ ରାଜ୍ୟ ବାହାରେ ଥାଏ ଆଉ ଆହା.. ଚୁ..ଚୁ.. କରି ମୋ କର୍ତ୍ତବ୍ୟ ସାରେ ।

ସେ ଗଲା ନାହିଁ ଯେ ... ମୋ ପରି ଜଣେ ଉଚ୍ଚ ଶିକ୍ଷିତ ର ଗାଲ ରେ ଗୋଟେ ଅଦେଖା ଚଟକଣା ମାରି ଦେଇ ଗଲା । ଜଣେ ମାଟ୍ରିକ ପାସ କରିଥିବା ଲୋକ, ମଇଳା କୋଚଟା ପିନ୍ଧା,

 Download Magazine from www.aahwaan.com

ଧନ ସମ୍ପତି ନଥିବା ଲୋକ, ମୋ ପରି ମାସକୁ ଲକ୍ଷେ ରୋଜଗାର କରୁଥିବା, କାର ରେ ବୁଲୁଥିବା ଇଞ୍ଜିନିଅର କୁ ଆଜି କେତେବଡ ଶିକ୍ଷା ଦେଇ ଗଲା । ମନୁଷ୍ୟ ଆଜି ସବୁ କିଛି ଉଦ୍ଭାବନ କରି ସାରିଲାଣି କିନ୍ତୁ ବିଜ୍ଞାନ ଯେତେ ଉନ୍ନତ ହେଲେ ବି ରକ୍ତ ର ବିକଳ୍ପ ଆଜି ଯାଏ ତିଆରି କରିପାରିଲାନି । ରକ୍ତ ଯେ କେତେ ଦରକାରି ଏହା ଜଣେ ନିଜେ ଅଙ୍ଗେ ନ ନିଭେଇଲେ ଜାଣି ପାରିବନି । କିନ୍ତୁ ତଥାପି ମୋ ପରି ବହୁତ ଲୋକ ରକ୍ତ ଟିକେ ଦେବାକୁ କୁଣ୍ଠିତ ...

ଠିକ କଲି ଯେବେ ବି ମୋତେ ସୁବିଧା ହେବ, ରକ୍ତ ଦାନ କରିବି ନିଶ୍ଚିତ । ଏବେ ମୋ ପାଦ ଦୁଇଟି ରକ୍ତ ଭଣ୍ଡାର ଆଡକୁ ଟାଣି ହେଇ ଯାଉଥିଲେ ଆଉ ମୁଁ ???... ସେ ମହାନ ଆତ୍ମା ର ପାଦ ଥିବା ସ୍ଥାନ ରୁ ପାଦଧୂଳି ଟିକେ ହାତ ରେ ନେଇ ତାଙ୍କ ଉଦ୍ଦେଶ୍ୟ ରେ ହାତଯୋଡ଼ି ନମସ୍କାର କରୁଥିଲି ....

ରକ୍ତ ଦାନ ମହତ ଦାନ .... ବୁନ୍ଦେ ରକ୍ତ ଆପଣଙ୍କ ନିଜର ଲୋକ କୁ ମୃତ୍ୟୁ ମୁଖରୁ ଟାଣି ଆଣି ପାରେ... ରକ୍ତ ଦାନ କରନ୍ତୁ ।

Download Magazine from www.aahwaan.com

# ଗଳ୍ପ ସ୍ପର୍ଦ୍ଧା - ୨ (ସମ୍ପର୍କର ଅନ୍ୟନାମ)



ଉଦୟନାଥ ଗୌଡ଼

ବିକାଶ ଆଉ ଚୁପ୍ ରହି ପାରିଲା ନାହିଁ! ବିଧିର ପ୍ରତିଟି କଥାକୁ ପ୍ରତିବାଦ କରିବା ସତେ ଯେମିତି ତା ଧର୍ମ ଥିଲା !

ସେ ଜୋରଦେଇ କହିଲା "ନା ବିଧି, ହୃଦୟ ମନୁଷ୍ୟ ଶରୀରର ଏକ ଅଙ୍ଗ, ବିଜ୍ଞାନ ଯାହାକୁ ହୃତପିଣ୍ଡ କହେ ! ରକ୍ତ ସଂଚାଳନ କରିବା ଏହାର କାର୍ଯ୍ୟ । ଆଉ ତମେ ଯୋଉ ଅନୁଭବ, ଆତ୍ମ ବିଭୋରତା, I mean emotion and sentimental କଥା କହୁଛ, ଦୟା, କ୍ଷମା, ଅନୁକମ୍ପା, ସ୍ନେହ, ପ୍ରେମ, ଆଧ୍ୟାତ୍ମିକ ଅନୁକ୍ରିୟା କଥା କହୁଛ ଏସବୁ ସହ ହୃଦୟର କିଛି ବି ସମ୍ପର୍କ ହିଁ ନାହିଁ !" ଆଉ ଦି ପାଦ ଆଗକୁ ଯାଇ ବିକାଶ ପୁଣି ପ୍ରଶ୍ନ କଲା "ଆଚ୍ଛା ବିଧି ତମେ ପ୍ରମାଣ କରି ପାରିବ ତୁମ ଭଗବାନ କେଉଁଠି ? No,God is no where."

ବାସ୍, ଏତକ ଯଥେଷ୍ଟ ଥିଲା ବିଧିକୁ ଉତ୍ତେଜିତ କରିବାରେ ! ସେ ଆଗକୁ ଝୁଙ୍କିପଡି କହିଲା ବିକାଶ, ବିଜ୍ଞାନ କଣ ସବୁକିଛି ! ମୁଁ ଜଣେ ଇତିହାସ ଓ ଦର୍ଶନର ଛାତ୍ରୀ ! ମୋ ଶିକ୍ଷାର ଆଧାର କହେ ହୃଦୟ ଏକ ଅନୁଭବର ଆର୍ଦ୍ରକ୍ଷେତ୍ର ! ଏଥିରେ ବିଶ୍ୱାସ, ଅନ୍ତର୍ଦୃଷ୍ଟି, ବିଚାର, ଅନୁଶୀଳନ ସବୁ ରହିଅଛି ! ଦେଖ କେତେ ସୁନ୍ଦର, ତମେ ପଚାରୁଥିଲ ନା ଭଗବାନଙ୍କ ସତ୍ତା ବିଷୟରେ ଆଉ କହୁଥିଲ God is no where. ଟିକେ ଦେଖିଲ ମହାଶୟ 'God is now here. ହା !ହା !ହା !"

ରାଗରେ ନାଲି ଦେଖାଗଲା ବିକାଶର ମୁହଁ ! ସାଧାରଣ କଳା ବିଭାଗର ଛାତ୍ରୀ ବିଧି ! ଯଦିଓ ଭିନ୍ନ ବିଭାଗ ଉଭୟେ ଭଲ ବନ୍ଧୁ ଓ ଟିକିଏ ଆଗରେ ! ଯୁକ୍ତି ରଖିଲା ବିକାଶ "ଆଚ୍ଛା

 Download Magazine from www.aahwaan.com

ବିଧି, ଟିକିଏ ପ୍ରମାଣ କରି ପାରିବ ଯେ ତୁମ ହୃଦୟ ଅନୁଭବ କରେ ? ତା'ର ଅତୀନ୍ଦ୍ରିୟ ଶକ୍ତି ରହିଛି ?"

ବେଶ ! ବିଧି କଥାଟିକୁ ଜୋର ଦେଲା ! ନିଶ୍ଚୟ ବିକାଶ ! ନିଶ୍ଚୟ ! ତୁମେ ମୋତେ ଭଲ ପାଅନା ! କେତିକି ? ଓ କେଉଁଠି ଭଲପାଅ ? ଥରେ ପ୍ରମାଣ କର !

ବିକାଶ ନିଜକୁ ଆୟତ ବାହାରକୁ ନେଇ ଅଗତ୍ୟା କହି ଉଠିଲା "ବହୁତ୍ ! ଏମିତି କି ମୋ ନିଜଠୁଁ ବି ବେଶି ! ତୁମେ ପ୍ରମାଣ ଚାହଁ ତ କୁହ କଣ କରିବାକୁ ହେବ ? କି ପ୍ରମାଣ ଚାହଁ ତୁମେ ।"

ବିଧିବି ଛାଡିବା ଜନ୍ତୁ ନଥିଲା, ଠିକ୍ ଅଛି ତୁମେ କୋଡିଏ ଦିନ ମୋତେ ଦେଖା କରନି ! ଦେଖିବା ତୁମ ହୃଦୟ ଅନୁଭବ କରୁଛି କି ନାହିଁ ଦେଖାଯିବ ! ଖାଲି କଥା କଟାକଟି !

କଥାଟା ବହୁତ୍ ବାଧିଲା ବିବେକକୁ ! ସେ ଆଉ ଟିକେ ଉତ୍ତେଜିତ ହୋଇ ପ୍ରସ୍ତାବଟିକୁ ଚ୍ୟାଲେଞ୍ଜ ଭାବେ ଗ୍ରହଣ କରିନେଲା ! ଠିକ୍ଅଛି ! କୋଡିଏ ଦିନ ନୁହେଁ ! ଆଗାମୀ କୋଡିଏ ବର୍ଷ ଯାଏଁ ଆମେ ପରସ୍ପରକୁ ନଦେଖି ଭଲପାଇବା ! ଠିକ୍ ଆଜି ଠାରୁ କୋଡିଏ ବର୍ଷ ପରେ ଏଇ ଯାଗାରେ ଏଇ ସମୟରେ ପରସ୍ପର ନିଜ ନିଜର ପ୍ରେମର ପ୍ରମାଣ ଦେବା ଯେ କିଏ କାହାକୁ କେତେ ଭଲପାଏ !

X X X X

କୋଡିଏ ବର୍ଷ ପରେ......

ରାଧାନାଥ ଡିଗ୍ରୀ କଲେଜର ଦର୍ଶନ ଅଧ୍ୟାପିକା ବିଧିଲଗ୍ନା ଦାସଙ୍କ ଏକ ଲେଖା ପ୍ରକାଶ ପାଇଲା ଓଡିଆ ଖବର କାଗଜ 'ଦୈନନ୍ଦିନ'ରେ ଯାହାକି ଚହଳ ପକାଇ ଦେଇଥିଲା ସମଗ୍ର କଲେଜରେ, ସ୍ତବ୍ଧ ହୋଇ ଯାଇଥିଲେ ଛାତ୍ର ସମାଜ, ନିରବୀ ଯାଇଥିଲା ସାରା ଇଲାକା !

Download Magazine from www.aahwaan.com

ଲେଖାଟିର ଶିରୋନାମା ଥିଲା 'କୋଡିଏ ବର୍ଷ ପରେ : ହୃଦୟର ଡାକ'

ଠିକ୍ ସେଇ ଦିନ 'ଭାରତ ଦର୍ଶନ' ଖବର କାଗଜରେ ପ୍ରକାଶ ପାଇଥିଲା ସେଇ ଏକା ଶିରୋନାମାରେ ବିଶିଷ୍ଟ ହୃଦ୍ ଶଲ୍ୟ ଡାକ୍ତର ବିକାଶ ବେବର୍ତ୍ତାଙ୍କ ଲେଖା ! ଲେଖା ଦୁଇଟିରେ ସାମଞ୍ଜସ୍ୟ ରହିଥିଲା !

ହୃଦୟର ଗୁରୁତ୍ୱ ଥିଲା ମୌଳିକ ବୈଶିଷ୍ଟ୍ୟ ! ହୃଦୟ ଅନୁଭବ କରେ ! ନିଜ ଆଗ୍ରହ, ଆବେଗ ଓ ଆତ୍ମ ଉପଲବ୍ଧିର ମାଧ୍ୟମ ମନୁଷ୍ୟର ହୃଦୟ ଅଟେ ! ଦୂରତା, ମିଳନ, ଦର୍ଶନ ହୃଦୟ ଦେଇ ଭଲ ପାଇବାରେ ମାନେ ରଖେନା ! ଅନେକ ହୃଦ୍ ଯନ୍ତ୍ର ପ୍ରତିରୋପଣ କରିଥିବା ଡାକ୍ତର ବିକାଶ ସେଦିନ ନିଜ ଲେଖା ମାଧ୍ୟମରେ ବହୁ ତାରିଫ ଦେଇଥିଲେ ବିଧିଙ୍କୁ ! ଦୀର୍ଘ କୋଡିଏ ବର୍ଷର ବିରହକୁ ଧରି ରଖିଥିଲେ ନିଜ ଲେଖନିରେ ଏକ ଡାଏରି ଭିତରେ ଯାହାକି ଅଧ୍ୟାପିକା ଦାସ ବି କରିଥିଲେ !

ଦୀର୍ଘ କୋଡିଏ ବର୍ଷ ପରେ ସେଦିନର ସେଇ କଲେଜ କ୍ୟାମ୍ପସ୍ ଭିତରେ ପ୍ରୌଢ଼ତ୍ୱକୁ ସ୍ପର୍ଶ କରୁଥିବା ଦୁଇବନ୍ଧୁ ପରସ୍ପରକୁ ସାକ୍ଷାତ କଲେ !

ସେଥିରେ ଥିଲା ଭଲପାଇବାର ଅନାବିଳତା, ମିଳନର ମହାର୍ଘ, ହୃଦୟର ଆବେଗ, ଆଉ ଦୀର୍ଘ ନୈରାଶ୍ୟର ହତାସା !

ବିଧି କିଛି କହିବା ପୂର୍ବରୁ ନିଜ ଆଙ୍ଗୁଠିର ନିରବ ଭଙ୍ଗୀକୁ ସୂଚାଇ ଚୁପ୍ କରାଇ ଦେଇଥିଲେ ଡକ୍ଟର ବିବେକ ! ଖାଲି ପରସ୍ପର ମଧ୍ୟରେ ବିନିମୟ ହୋଇଥିଲା ନିଜର ବହୁ ପ୍ରତୀକ୍ଷାର ମୂକସାକ୍ଷୀ ଦୁଇଖଣ୍ଡ ଡାଏରୀ ! ଉଭୟେ ଏକା ସମୟରେ କେବଳ ଡାଏରୀର ଶେଷ ପୃଷ୍ଠା ଖଣ୍ଡକ ଓଲଟାଇଲେ ଯେଉଁଠି କେବଳ ଲେଖାଥିଲା ଗୋଟିଏ ମାତ୍ର ପଙ୍କ୍ତି", ତଥାପି ମୁଁ ତୁମକୁ ଭଲପାଏ !"

ଅମୂଲ୍ୟନିବାସ,ତୁଳସୀ ନଗର,ବ୍ରହ୍ମପୁର

Download Magazine from www.aahwaan.com

# ଗଳ୍ପ ସ୍ପର୍ଦ୍ଧା - ୩ (ବାଟବଣା ବିବେକ)



ବଳବନ୍ତ ସାହୁ

ଯେତେ ଚେଷ୍ଟା କଲେ ମଧ୍ୟ ଏହି ଭାବ ନିକିତି ସାହାର୍ଯ୍ୟରେ ମାପି ପାରୁନାହିଁ । ଗୋଟିଏ ପଟେ ଦୀର୍ଘ କୋଡ଼ିଏ ବର୍ଷର ବନ୍ଧୁତା ଅନ୍ୟ ଏକ ପଟେ ସେଇ କୋଡ଼ିଏ ବର୍ଷର ଅନ୍ୱେଷଣ ଲକ୍ଷ୍ୟସ୍ଥଳ । ବହୁତ ବଡ଼ ଡିସିଜନ୍ । କାହିଁକିନା ବିବେକ ଓ ବିବେକ ମଧ୍ୟରେ ଡିସିଜନ୍ । ବିବେକକୁ ମନେ ପକାଉ ପକାଉ ମନେ ପଡ଼ିଯାଏ ତା'ର ସେଇ ଦୁଇପଦ ଭାଷଣ । କାନ ପରଦା ଦ୍ୱାରରେ ଠକ୍ ଠକ୍ କରି ପ୍ରବେଶ କରିଯାଏ ଭାବନା ରାଇଜକୁ ।

କଲେଜ ଶେଷର ସେଇ ବିଦାୟ ସଭା । ଷ୍ଟେଜ ଉପରେ ସମାଜ ଦୃଷ୍ଟିର କିଛି ବଡ଼ ବଡ଼କିଆ ଲୋକ, କିଛି ନେତା ତା'ସହିତ ସଭାପତି ଆସନରେ ଆମ ଅଧ୍ୟକ୍ଷ । ବାମ ପାର୍ଶ୍ୱରେ ମାଇକ୍ରୋଫୋନ୍ ଓ ତା ଆଗରେ ବିବେକ ଏବଂ ବିବେକର ଦୁଇ ଆଖି ସାମ୍ନାରେ ଦୁଇ ଶହରୁ ଅଧିକ ଶିକ୍ଷାର୍ଥୀ । ତା'ସହ କିଛି ମାନ୍ୟଗଣ୍ୟ ଭଦ୍ର ଲୋକ । କେବେ ଲଙ୍ଗଳା କେବେ ଚଡ଼ିଟେ ପିନ୍ଧି କାଣିକୁଚି, ବରକନ୍ୟା ଖେଳଖେଳା ଠାରୁ ବର୍ତ୍ତମାନର ଜିନ୍ସ ପ୍ୟାଣ୍ଟ, ବୁଟ୍, ସୁଟ୍ ପିନ୍ଧା ପର୍ଯ୍ୟନ୍ତ ବିବେକ ମୋର ପ୍ରିୟ ବନ୍ଧୁ । ଯଦିବା କଳାମେଘ ଆସି ସୂର୍ଯ୍ୟାଲୋକକୁ ପ୍ରତିରୋଧ କରିପାରେ ସତ କିନ୍ତୁ କୌଣସି ବି ପରିସ୍ଥିତି ଏ ଯାଏ ଆସିନାହିଁ, ଯାହାକି ଆମ ବନ୍ଧୁତାରେ ଫାଟ ସୃଷ୍ଟି କରିବ । ବିବେକ ଭାରି ସାହସୀ । ହାର ମାନିବା କେବେ ଶିଖିନାହିଁ । ଶିଖିଛି ଗମ୍ଭୀରରୁ ଗମ୍ଭୀର ପରିସ୍ଥିତିର ମୁକାବିଲା କରିବା । ବାପା ଚାଲିଯିବା ପରେ ପରେ ଏକାଧାରରେ ସାଜିଛି ଗୋପବନ୍ଧୁ, ବିବେକାନନ୍ଦ, ଗାନ୍ଧୀ, କଲାମ.... । ବାପା ଚାଲିଯିବା ପରେ ସମାଜକୁ ନିଜର ମନେକରି ପରିବର୍ତ୍ତନ କରିଛି ତା' ଜୀବନର

Download Magazine from www.aahwaan.com

ଲକ୍ଷ୍ୟକୁ । ଶିକ୍ଷକରୁ ସ୍ୱପ୍ନ ଦେଖିଛି ଓ.ଏ.ଏସ୍ ହେବାର । ସେଥିପାଇଁ ତ ଗୋଟିଏ ଚେଷ୍ଟାରେ କ୍ୱାଲିଫାଏ କରିଛି ପ୍ରିଲିମ ଆଉ ମେନକୁ । ଏକା କରିନାହିଁ, ତା'ସାଥେ ସାଥେ ମୋତେ ବି ନେଉଛି ।

ଫଳନ୍ତି ବୃକ୍ଷ ପରି ନମ୍ର ଭାବେ ଗୁରୁଜନଙ୍କୁ ସମ୍ମାନ କୁସୁମ ସମର୍ପଣ କରୁ କରୁ ପ୍ରକାଶ କରିଦେଇଛି ହୃଦୟର ଭାଷାକୁ । ଲଗାମ୍ ବିହୀନ ଅଶ୍ୱ ପରି ବିବେକର ଭାବନା ଦୌଡ଼ି ଚାଲୁଛି ... ଆଗକୁ... ଆଗକୁ... ।ସେ କହି ଚାଲୁଛି...

"ଆଜି ବିଦାୟ ସମାରୋହ । ଆମେ ସମସ୍ତେ କଲେଜ ଜୀବନର ଶେଷ ପାହାଚରେ । ଆଜିର ଦିନରେ ଆମ ସମ୍ପର୍କରେ ଗୋଟିଏ କମା( , ) ଯୋଗ ହେବାର ସମୟ । ମୁଁ ଆଜି ସମସ୍ତଙ୍କ ମୁହଁରେ ସ୍ପଷ୍ଟ ଭାବେ ଦେଖିପାରୁଛି, ସାମାନ୍ୟ ଦୁଃଖର ଝଲକ୍ । ଏ ବାସ୍ତବିକ । କିନ୍ତୁ ଆମେ ଖୁସି ହେବା ଉଚିତ କାହିଁକିନା ହଜାର ହଜାର ନିରୀହ ଆଖି ଆଜିବି ଯେଉଁ ସ୍ୱପ୍ନ ଦେଖୁଛି - 'କଲେଜ ଜୀବନ' । ଆମେ ସେ ସ୍ୱପ୍ନକୁ ପୂରଣ କରିସାରିଛୁ । ଯଦିବା ତାଙ୍କ ପାଇଁ ଏ ଦିବାସ୍ୱପ୍ନ । ଜୀବନ ଯାତ୍ରାରେ ଆମକୁ ଆହୁରି ଅନେକ ଆଗକୁ ବଢ଼ିବା ଅଛି । ଆଉ ଗୋଟିଏ କଥା କହିବି - 'ଜୀବନର ଯେକୌଣସି ସୋପାନ ହେଉ, ଯେକୌଣସି ମୁହୂର୍ତ୍ତ ହେଉ, ଯେକୌଣସି ପରିସ୍ଥିତି ହେଉ ସବୁଠାରୁ ଅଧିକ ବିଶ୍ୱାସ କେବଳ ଦୁଇ ଜଣକୁ କରିବ । ସେ ହେଲେ ବାପା ମାଆ । (ମାଆ ବାପା କହୁ କହୁ ବାହାରି ଆସିଥାଏ ଦୁଇ ଟୋପା ଲୁହ ।)

ଆଉ ଏକ ଅଧ୍ୟାୟ - 'ପ୍ରେମ' । (ସାମାନ୍ୟ ହସିଦେଇ) 'ପ୍ରେମ' ହେଉଛି ଆଜିର ଚର୍ଚ୍ଚିତ ବିଷୟ । କେଉଁଠି ପଳାୟନ, କେଉଁଠି ମୃତ୍ୟୁ, କେଉଁଠି ଠକ, କେଉଁଠି ଯୌନ ସମ୍ପର୍କ, କେଉଁଠି ଦେହ ବିକ୍ରି, ଆଉ କେଉଁଠି କେଉଁଠି ପ୍ରେମ ପାଇଁ ଯାଉଛି ମାଆ ବାପାଙ୍କ ଜୀବନ । ବାପ୍ ରେ ! ପ୍ରେମ ଏତେ ବଡ । (ହସିଦେଇ) ପ୍ରେମ ଅନେକ ବିଭାଗଅଛି, ଆଉ ଏହାର ଅୟମାରମ୍ଭ

 Download Magazine from www.aahwaan.com

ଯେଉଁଠି ହୁଏ ତା'ହେଲା- ମାତୃଗର୍ଭ । ଆଉ ଏ ହିଁ ବାସ୍ତବ ପ୍ରେମ ।ଯଦି ମାତୃତ୍ୱକୁ ବର୍ଣ୍ଣନା କରିବାକୁ ଚେଷ୍ଟା କରିବି ତେବେ ତାହା ମୋ ମୂର୍ଖାମୀ ହେବ ମାତ୍ର । ଆଉ ଏ ଝିଅ ପ୍ରେମ (ଲଭ୍) । ମୁଁ କିଛି କହିବି ନାହିଁ, ଆମ କୋସଲି ଭାଷାରେ ପଦେ କହିବି । 'ଇ ଲଭ୍ ଜୀବନ୍ କେ ଉଲ୍ଟେଇ ଦେସି, ଏକଦମ୍ ଚକେଲ୍ ପିଠା ଲେଖେ । ଭଲ୍ କେ ଖରାପ୍ ଆରୁ ଖରାପ୍ କେ ଭଲ୍ ।'

ଶେଷରେ ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ 'ଲକ୍ଷ୍ୟ' ଏହା ପରେ ମୁଁ ମୋର ବକ୍ତବ୍ୟ ସମାପନ କରିବି । ଏଥିପାଇଁ ଗୋଟିଏ କହାଣୀ କହିବି । ୧୯୩୮ ମସିହା, ସାରା ହଙ୍ଗେରୀ ଦେଶରେ  ଜଣଙ୍କ ନାଆଁ ଚର୍ଚ୍ଚାରେ । ସେ ହେଲେ କ୍ୟାରୋଲି ଟାକସ୍ । ହଙ୍ଗେରୀର ସବୁଠୁ ବେଷ୍ଟ ଫିଜିକାଲ ସୁଟର । ଦେଶର ସବୁ ଜାତୀୟ ପ୍ରତିଯୋଗିତାରେ ନିଜର କୃତି ଦେଖାଇ ସାରିଥିଲେ । ଏବଂ ତାଙ୍କ ଦକ୍ଷତାର ସମକକ୍ଷ ଅନ୍ୟ ଦେଶରେ ମଧ୍ୟ ନଥିଲେ ଏଣୁ ୧୯୪୦ ମସିହାରେ ଟୋକିଓରେ ହେବାକୁ ଥିବା ଅଲମ୍ପିକରେ ମଧ୍ୟ ସେ ସ୍ୱର୍ଣ୍ଣ ପଦକ ପାଇବା ପ୍ରାୟ ଶତ ପ୍ରତିଶତ ନିର୍ଦ୍ଧାରିତ ହୋଇସାରିଥିଲା । ଅଶ୍ୱ କଣ ଲଗାମ୍ ବିରୋଧରେ ଗତି କରିପାରେ ? ସେହିପରି ଦଇବର ଅଙ୍ଗୁଳି ନିର୍ଦ୍ଦେଶ । ତାଙ୍କ ଆର୍ମି ଟ୍ରେନିଂ ସମୟରେ ହାତରେ ଫୁଟି ଗଲା ହ୍ୟାଣ୍ଡ ଗ୍ରେନେଡ୍ । ତାଙ୍କ ଡାହାଣ ହାତ ସମ୍ପୂର୍ଣ୍ଣ ନଷ୍ଟ ହୋଇଗଲା । ଇତିହାସ ଲେଖୁ ଲେଖୁ କଲମର କାଳି ଶେଷ ହୋଇଗଲା । ହେଲେ ସେ ପଶ୍ଚାତାପ କଲେ ନାହିଁ । ନିଜ ଭାଗ୍ୟକୁ ଆଦରି ଶୋକ ପ୍ରକାଶ କଲେ ନାହିଁ । ପୁଣି ସୁଟିଂ ଟ୍ରେନିଂ ଆରମ୍ଭ କଲେ । ତାଙ୍କର ସେଇ ଏକମାତ୍ର ବାମ ହାତରେ, ଯେଉଁଥିରେ କି ସେ ଦସ୍ତଖତ ମଧ୍ୟ ଦେଇ ପାରୁନଥିଲେ । ବିଶ୍ୱଯୁଦ୍ଧ ପାଇଁ ୧୯୪୦ ମସିହାରେ ଅଲମ୍ପିକ ହେଲା ନାହିଁ । ସେ ନିରାଶ ହେଲେ ନାହିଁ । ଅପେକ୍ଷାରେ ରହିଲେ ୧୯୪୪ ଅଲମ୍ପିକକୁ । ଆସିଲା ୧୯୪୪ ମସିହା କିନ୍ତୁ

 Download Magazine from www.aahwaan.com

ଅଲମ୍ପିକ ହେଲା ନାହିଁ । ବିଶ୍ୱଯୁଦ୍ଧର କୁହୁଡ଼ିରେ ଢାଙ୍କି ହୋଇଗଲା ଅଲମ୍ପିକ । ଏପଟେ ସମୟ ଚାଲିଯାଉଥାଏ ସମୁଦ୍ର ଭଙ୍ଗା ପରି । ହେଲେ ସେ ଅବିଚଳିତ ଭାବେ ଟ୍ରେନିଂ ଜାରି ରଖିଲେ । ଆଉ ଯୋଗଦେଲେ ୧୯୪୮ ଅଲମ୍ପିକରେ । ସମସ୍ତ ପ୍ରତିଯୋଗୀ ତାଙ୍କୁ ପ୍ରଶଂସା କରି କହିଲେ - 'ଏତେ କିଛି ଆପଣଙ୍କ ଜୀବନରେ ଘଟିଯିବା ପରେ ମଧ୍ୟ ଆଜି ଆସିଛ, ଆମକୁ ଉତ୍ସାହିତ କରିବା ପାଇଁ । ବାସ୍ତବିକ ଆପଣ ମହାନ ।'

ହେଲେ ନମ୍ର ଭାବେ ତାଙ୍କ ଉତ୍ତର ଥିଲା- 'ମୁଁ ଏଠାକୁ ଉତ୍ସାହିତ କରିବା ପାଇଁ ଆସିନାହିଁ । ମୁଁ ଆସିଛି ତୁମ ମାନଙ୍କ ସହ ଲଢ଼ିବାକୁ ।'

ଆଶ୍ଚର୍ଯ୍ୟ... ! ଆଶ୍ଚର୍ଯ୍ୟ ସହିତ ପ୍ରତି ମନରେ ସୃଷ୍ଟି ହୋଇସାରିଥାଏ କିଛି ପ୍ରଶ୍ନବାଚୀ । କିଛି ପାଟିରେ ତାଚ୍ଛଲ୍ୟ ହସ । ହେଲେ ଯେତେ ଢେଉ ଆସିଲେ ହେଲେ ସୋଲକୁ ବୁଡାଇ ପାରିବ ? ଅସମ୍ଭବ ! ସୋଲ ଯେ କେବେ ଢେଉ ମାଡ଼ରେ ବୁଡିବ ? ଅଲମ୍ପିକ ସରିଲା ସେ ସ୍ୱର୍ଣ୍ଣ ପଦକ ପାଇଲେ । ତଥାପି ସେ ବିଶ୍ରାମ ନେଲେ ନାହିଁ । ୧୯୫୨ ଅଲମ୍ପିକରେ ପୁନଃ ସ୍ୱର୍ଣ୍ଣ ପଦକ ଜିତିଲେ । ଆଉ ହୋଇଗଲେ ପୃଥିବୀର ପ୍ରଥମ ଯିଏକି ଦୁଇ ଦୁଇ ଥର ସ୍ୱର୍ଣ୍ଣ ପଦକ ବିଜେତା ।

କରତାଳିରେ କୋଠରୀ ପ୍ରକମ୍ପିତ ହୋଇଉଠୁଥାଏ । ସେ ଆହୁରି ପଦେ କହୁଥାଏ- 'ଏହାର ଅର୍ଥ ଯାହାର ଆତ୍ମବିଶ୍ୱାସ ଯେତେ ବଡ଼ ସେ ସେତେ ବଡ଼ । ଏତିକି କହି ମୁଁ ମୋର ବକ୍ତବ୍ୟକୁ ଶେଷ କରୁଛି । ଯେ... ମାଆ... ।"

ଭାବନାରେ ବିବେକର ସମ୍ଭାଷଣ ସରୁ ସରୁ ମୁଁ ମାପି ଦେଇଛି । ହଁ ! ତା ବନ୍ଧୁତା ଓ ମଣିଷପଣିଆ ଆଗରେ କମ୍ ପଡିଛି ମୋ ଅନ୍ୱେଷଣ ଲକ୍ଷ୍ୟସ୍ଥଳର ମୂଲ୍ୟ ।

ବାଇକ ଷ୍ଟାର୍ଟ କରି ପହଞ୍ଚିଛି ବିବେକ ପାଖରେ । ସେ ମୋତେ ଇଣ୍ଟରଭିଉ ପାଇଁ

Download Magazine from www.aahwaan.com

ପ୍ରସ୍ତୁତ ହେବା ପାଇଁ କହିଛି । ଆଉ ଅଲ୍ ଦ ବେଷ୍ଟ କହି ଫେରାଇ ଦେଇଛି । ମୁଁ ମଧ୍ୟ ଚାଲି ଆସିଛି । ହେଲେ ଏ ମୁଣ୍ଡର ବିବେକ ମାନୁନାହିଁ । ଜବାବ ଦେଉଛି । କହୁଛି- 'ବିପଦରେ ହିଁ ପ୍ରକୃତ ବନ୍ଧୁର ପରୀକ୍ଷା ହୁଏ' ମୁଁ ପୁଣି ଫେରିଆସିଛି ବିବେକ ପାଖକୁ । ଆଉ ବସିପଡିଛି ବିବେକର କାରର ଡ୍ରାଇଭିଂ ସିଟରେ । ଆସି ସେ ଦେଖିଛି । ଏତେ ଦୁଃଖରେ ମଧ୍ୟ ସାମାନ୍ୟ ହସିଛି । କେବଳ ଏଇ ବନ୍ଧୁ ପାଇଁ ।

ଗାଡିର କଣ୍ଟା ଶହେରୁ ଶହେ କୋଡିଏ ମଧ୍ୟରେ । ଗାଡି ଚାଲିଛି ବଲାଙ୍ଗୀର ସରକାରୀ ଡାକ୍ତରଖାନା ଅଭିମୁଖେ । ବିବେକର ଫୋନ ରିଙ୍ଗ ହେଲା । କାନ ପାଖକୁ ନେଉ ନେଉ ତା'ମନ, ଭାବନା, ଚେହେରା, ଚାହାଣୀ ସବୁ ପରିବର୍ତ୍ତନ ହୋଇସାରିଥାଏ । ସେ କେବଳ ହଁ ହଁ... କରିଚାଲିଥାଏ । ମଝିରେ ମଝିରେ ଚୁପ୍ ରହି ଦେଉଥାଏ । ମୁଁ କିନ୍ତୁ ରାସ୍ତା କଡର ଉଭୟ ପାର୍ଶ୍ୱର ସବୁଜବନାନୀକୁ ଉପଭୋଗ କରି, ଗାଡିକୁ ବଢ଼ାଇ ନେଉଥାଏ ବଲାଙ୍ଗିର ଅଭିମୁଖେ । ହଠାତ୍ ହୀରାକୁଦ ଗେଟ୍ ଖୋଲିଲା ପରି ସ୍ୱଷ୍ଟ ଓ ଉଚ୍ଚ ସ୍ୱରରେ ଆବାଜ୍ ଆସିଲା । ଆଉ ଆବାଜ୍ ଥିଲା ବିବେକର ।

"ଚୁପ୍.... ! କଣ ବିଜ୍ଞାନ.. ବିଜ୍ଞାନ.., କଳା... କଳା... କରୁଛ ? କଳା ମଧ୍ୟ ଗୋଟିଏ ବିଷୟ । ସବୁବେଳେ ନିଜକୁ ନୀଚ ଭାବିବା ଗଲାନାହିଁ । ସମାଜକୁ ଆଉ କେତେଦିନ ଡରିବା ? କେତେଦିନ ହୃଦୟର ଲୁହ ଗଡାଇବା । ବିଜ୍ଞାନର ଭାଷାରେ ହୃଦୟ ଅର୍ଥାତ ହାର୍ଟ, ଯା ହେଉଛି ମଣିଷର blood pumping system, ଯେଉଁଠୁ ସାରା ଶରୀରକୁ ରକ୍ତ ସଞ୍ଚାଳନ ହୁଏ । କିନ୍ତୁ କଳାର ମତରେ ହୃଦୟ ହେଉଛି ସେଇ ସ୍ଥାନ ଯେଉଁଠି ମଣିଷ ନିଜ ଖୁସି, ଦୁଃଖ, ପ୍ରେମ, ଭଲ ପାଇବା, ସ୍ନେହ, ଦୟା, କ୍ଷମା ସବୁ ଅନୁଭବ କରିପାରେ । ଆଉ ଗୋଟିଏ ବିନା ଆରଟି ଅସମ୍ପୂର୍ଣ୍ଣ ।

Download Magazine from www.aahwaan.com

ତେଣୁ ମୁଁ ବିଜ୍ଞାନର ଛାତ୍ର ହେଲେ ବି ତୁମପରି ଜଣେ କଳାର ଛାତ୍ରୀକୁ ଭଲପାଏ, ଆମ ଜୀବନକୁ ପରିପୂର୍ଣ୍ଣତାରେ ଭରିଦେବା ପାଇଁ ।"

କିଛି ସମୟର ନୀରବତା ପରେ- "କିଛି ନାହିଁ,ତିନି ବର୍ଷ ମଧ୍ୟରେ ଚିହ୍ନି ପାରିଲ ନାହିଁ । ହେଲେ ଆଗକୁ ଚେଷ୍ଟା କରିବ । ଚିହ୍ନିବା ପାଇଁ ବିବେକକୁ ।"

ଏତିକି କହି ସାରି ମୋବାଇଲକୁ ରାଗରେ ରଖିଦେଲା । ଗାଡି ମଧ୍ୟ ପହଞ୍ଚି ସାରିଥାଏ । ବିବେକର ନିର୍ଦ୍ଦେଶରେ ଗାଡି ଷ୍ଟାର୍ଟ ବନ୍ଦ ହେଲା । ମୁଁ ବାହାରିଲି କିଛି ଫଳମୂଳ କିଣିବା ପାଇଁ । ସେ ଆସୁଛି କହି ଚାଲିଗଲା । କୁଆଡେ ଗଲା ? ଏ କଣ ? ସେ ଲୁଗାପଟା କିଣି ଷ୍ଟେସନ ଆଡେ ଗଲାଣି ?

ଆଶ୍ଚର୍ଯ୍ୟ ମଣିଷ ! ମାଆର ହସ୍ପିଟାଲ ବିଛଣାରେ ମୃତ୍ୟୁ ସହ ସଂଗ୍ରାମ, ଭଉଣୀର ହସ୍ପିଟାଲର ସର୍ଜରୀ ରୁମରେ ଜୀବନ ସହ ସଂଗ୍ରାମ, ମୁଣ୍ଡ ଉପରେ ଓ.ଏ.ଏସ୍ ଇଣ୍ଟରଭିଉ, ତଥାପି ଏ କଣ ? ଏତେ ଟେନସନରେ ବି ମଣିଷ ଅନ୍ୟର ଦୁଃଖ ଦେଖିପାରେ ? ବାସ୍ତବିକ ବିବେକ ହିଁ ସମାଜର ମଣିଷ । ଆଉ ଆମେ ସମସ୍ତେ ଚାରିକାନ୍ଥ ମଝି ପରିବାରର ସ୍ୱାର୍ଥପର ।

ତା' ଆସିବା ଅପେକ୍ଷାରେ ସାମାନ୍ୟ ବିରକ୍ତ ହୋଇ ହସ୍ପିଟାଲକୁ ପହଞ୍ଚିଲି । ଯାଇକି ଦେଖୁଛି ତା'ମାଆର ଅବସ୍ଥା । ସେଇ ଲୋତକଭରା ଆଖି ବୁଜିବା ଆଗରୁ ଅପେକ୍ଷା କରିଛି ତା'ପୁଅକୁ ବୋଧେ । ଖୁବ ବିରକ୍ତ ଲାଗୁଥାଏ । ମାଆକୁ ଏପରି ଅବସ୍ଥାରେ ଛାଡିଦେଇ ଗୋବବନ୍ଧୁ ସାଜୁଛି ମନେ ମନେ ଭାବୁଥାଏ ।

ସେ ମୋର ଆଶ୍ଚର୍ଯ୍ୟର ସୀମା ଲମ୍ବାଇ ଦେଉଥାଏ । ଦୀର୍ଘ ଦୁଇ ଘଣ୍ଟା ହେଲା କୁଆଡେ ଗଲା ? ବିରକ୍ତି ଭାବରେ ମନେ ମନେ ଗାଳି ଦେଇ ବାଧ୍ୟ ହୋଇ ଔଷଧପତ୍ର ଆଣିଲି । ଆଉ ଅଳସ ହେତୁ ବିଶ୍ରାମ ନେଉ ନେଉ ଶୋଇ ପଡ଼ିଲି ବେଞ୍ଚରେ । କେଉଁ ଅଜଣା ନିଦ ଗ୍ରାସିଥିଲା

 Download Magazine from www.aahwaan.com

ମୋତେ ଜଣା ନାହିଁ । ନଅ'ରୁ ଶୋଇଲି ଯେ ଉଠିଲି ଏକା ବେଳକୁ ସାତଟା ପରେ । ଉଠିକି ନର୍ସ ମୁହଁରୁ ଜାଣିବାକୁ ପାଇଲି - "ମାଆ ଆଉ ନାହାନ୍ତି ।" ଏପଟେ ବିବେକ ଗଲା କୁଆଡେ ?

ମାଆଙ୍କ ଚାଲିଯିବା ଦୁଃଖରେ ଆଉ କର୍ତ୍ତବ୍ୟ ଭାରରେ ବିବେକକୁ ଖୋଜିବା ପ୍ରାୟ ଭୁଲି ଗଲି । ବିବେକର ଭଉଣୀ ବବିର ଫୋନ । ସେ କିଛି କହିପାରୁନାହିଁ । କେବଳ କାନ୍ଦୁଛି । ଆଉ କହୁଛି ଭାଇ...ଭାଇ... । ଏ ଭାଇ..ଭାଇ..ର ଅର୍ଥ ବୁଝି ପାରୁନଥିଲି । କିନ୍ତୁ ଏହାର ଅର୍ଥ ବୁଝିବା ପରେ ମୋ ପାଦତଳୁ ମାଟି ଅତଡ଼ା ଖସି ଯାଉଥାଏ । କାହିଁ କେଉଁଆଡୁ ଧାର ଧାର ହୋଇ ବହି ଆସୁଥାଏ ଲୁହଧାର ! ବିବେକ ଆଉ ନାହିଁ । ଟ୍ରେନ ଆଗରେ ଡେଇଁ ପଡି ଜୀବନ ହାରି ଦେଇଛି । 'ମୁଁ ସ୍ୱପ୍ନ ଦେଖୁନାହିଁ ତ ?' ଚାରିପାଞ୍ଚ ଥର ନିଜକୁ ନିଜେ ପଚାରୁଥାଏ । ଶେଷରେ ଦଇବ ନିର୍ଦ୍ଦେଶ ମାନିବାକୁ ବାଧ୍ୟ ହେଲି । ଯଦିବା ବିବେକକୁ ଦାହ ମଧ୍ୟ କରିପାରିଲି ନାହିଁ ତଥାପି ମାଆଙ୍କ ଦାହ କରି ଫେରିଲି । ଘରକୁ ଫେରିଥିଲେ ମଧ୍ୟ ନିଜକୁ ବିଶ୍ୱାସ କରିପାରୁନଥାଏ । ଆଜି ଏତେ ସବୁ ଘଟିଗଲା ।

ମନଦୁଃଖରେ କିଛି ଭାବି ପାରୁନଥାଏ । ହ୍ୱାଟ୍ସଆପ ଖୋଲୁ ଖୋଲୁ ପ୍ରଥମେ ଥିଲା ବିବେକର ମେସେଜ । ମେସେଜରେ ଲେଖାଥିଲା-

"ବହୁତ ଦୁଃଖ ଲାଗୁଛି' । ମୋର ଦୀର୍ଘ ୨୫ ବର୍ଷରେ କିଛି ବି କରିପାରିଲି ନାହିଁ । ନା କିଛି କରିପାରିଲି ସମାଜ ପାଇଁ, ନା ପରିବାର ପାଇଁ, ନା କରିପାରିଲି ତୋ ପାଇଁ । ମାଆ ଭଉଣୀଙ୍କୁ ଦେଖିବୁ । ମୋ ପ୍ରେମ ବିଷୟରେ ତୋତେବି କିଛି କହିପାରିଲି ନାହିଁ । ଆଜି ମୁଁ କାହାକୁ ଦୋଷୀ କହୁନାହିଁ । ଝରଣାକୁ ଦୋଷ ଦେଉନାହିଁ କାହିଁକିନା ସେ ମଧ୍ୟ ବନ୍ଧା ଥିଲା ସମାଜ ପାଖରେ । ସମାଜକୁ ବି ଦୋଷ ଦେଉନି । ସବୁ ଦୋଷ ମୋର । ତୁ ଆଗକୁ ବଢ଼ିବୁ । ସମାଜ ପାଇଁ ବଢ଼ିବୁ । ସେବାରେ ଜୀବନଦେବୁ... ମୋ ପରି ପ୍ରେମରେ ନୁହେଁ ।" ତା

 Download Magazine from www.aahwaan.com

ମେସେଜ ପଢ଼ିସାରି ସେୟାର କରି ଦିଏ ଝରଣା ପାଖକୁ ।

ସମୟ ସ୍ରୋତରେ ଦିନ ପରେ ଦିନ, ମାସ ପରେ ମାସ, ବର୍ଷ ପରେ ବର୍ଷ ବିତିଗଲାଣି । ଆଜି ଦଶ ବର୍ଷ ପୁରୁଣା ହୋଇଗଲାଣି ସେ ସ୍ମୃତି ସବୁ । ଆଜି ନିମନ୍ତ୍ରଣ ପତ୍ରଟେ ଆସିଛି । ତା' ପୁଣି କଲେକ୍ଟର ପାଖରୁ । ତାର ଆଗରେ ବଡ଼ ବଡ଼ ଅକ୍ଷରରେ ଲେଖା ହୋଇଛି - 'ଝରଣା ସହିତ ବିବେକ' ଆଉ ଶୁଭ ବିବାହ ପରିବର୍ତ୍ତେ ଲେଖା ହୋଇଛି - 'ଶୁଭ ଉଦଘାଟନ' । ତାପରେ ଲେଖା ହୋଇଥାଏ-

ହୃଦୟ ଅନ୍ତରରୁ ନମସ୍କାର । ଆସନ୍ତା ଜାନୁଆରୀ ୧ ତାରିଖ ଦିନ ଉଦଘାଟନ ହେବାକୁ ଯାଉଛି ଏକାଧାରରେ ବିବେକ ବୃଦ୍ଧଶ୍ରମ, ବିବେକ ପ୍ରାଥମିକ ବିଦ୍ୟାଳୟ ଓ ଜନସେବକ ଯୁବକ ସଂଘ । ଏହା ସହ ଗୋଟିଏ ପୁସ୍ତକ ଉନ୍ମୋଚନ କରାଯିବ । ପୁସ୍ତକର ନାମ- 'ବାଟବଣା ବିବେକର ବିବେକ' ଲେଖିକା- ଡକ୍ଟର ଝରଣା ଶତପଥି । ଏଣୁ ଆପଣ ନିଜର ବହୁମୂଲ୍ୟ ସମୟ ଦେଇ ଏହି ସଭାରେ ସମ୍ମାନିତ ଅତିଥି ଭାବେ ଯୋଗ ଦେବାକୁ ଚେଷ୍ଟା କରିବେ ।

ଆବାହକ- ଝରଣା ଶତପଥି (କଲେକ୍ଟର, ପୁରୀ)

ଆଗକୁ ପଢୁ ପଢୁ ବାହାରି ଆସିଥାଏ ଦୁଇଧାର ଲୁହ । ସତରେ ପ୍ରେମ ମଣିଷକୁ କଣ ନକରେ ? ଶିକ୍ଷୟିତ୍ରୀ ଝରଣାକୁ କଲେକ୍ଟର । ଆଉ ବିବେକକୁ.....

 Download Magazine from www.aahwaan.com

# ଗଳ୍ପ ସ୍ପର୍ଦ୍ଧା - ୪ (ଛୁଆଁ)



ସିପ୍ରା ନମତା

ସୁଲୁସୁଲିଆ ପବନର ଛୁଆଁରେ ଆଖିପତା ଖୋଲିବାକୁ ଚେଷ୍ଟା କଲା ମାଧବୀ । ଓଃ ମୁଣ୍ଡଟା କଣ ହୋଇଯାଉଛି । ଚାରିପାଖରେ ଘନ ଲଟା ବୁଦା, କେହି କୁଆଡ଼େ ଦିଶୁନାହାନ୍ତି । ଦେହ ହାତ ଅବଶ ହୋଇଯାଉଛି । କିଛି ବୁଝିବା ପୂର୍ବରୁ ଚେତା ହରେଇଲା ସେ ।

କେଇ ଘଣ୍ଟାପରେ ପୁଣି ଚେତା ଫେରିବା ବେଳକୁ ନିଜକୁ ଆବିଷ୍କାର କଲା ଏକ ଡାକ୍ତରଖାନାରେ । ନିଜର ଲୋକ ତ କେହି ଦେଖାଯାଉ ନଥିଲେ । ସେ କିଛି ବୁଝିପାରୁ ନଥିଲା । ଅନେକ ଦିନଯାଏଁ ହସପିଟାଲର ବେଡ଼ରେ ବାନ୍ଧି ହୋଇ ରହିବାପରେ ଦିନେ ତାକୁ ଡିସ୍‌ଚାର୍ଯ୍ ମିଳିଗଲା । ହେଲେ ସେ ଯିବ କୁଆଡ଼େ ? ଅନୁସନ୍ଧାନ କରି ଏତିକି ଜାଣିବାକୁ ପାଇଛି, ସେ ବୁଦା ମଧ୍ୟରେ ପଡ଼ିଥିଲା ବେଳେ କେହି ଜଣେ ତାକୁ ଉଦ୍ଧାର କରି ଆଣି ଏହି ହସପିଟାଲରେ ଛାଡ଼ିଦେଇ ଯାଇଥିଲା । ହେଲେ ସେ କେତେଦିନ ହସପିଟାଲରେ ଥିଲା ତା'କୁ କିଛି ମନେ ପଡୁନାହିଁ । ହସପିଟାଲରୁ ବାହାରିବା ସମୟରେ କେହିଜଣେ ନର୍ସ ତା ହାତରେ କାଗଜ ବିଡ଼ାଟିଏ ଧରେଇ ଦେଲା । ସେ ଆଶ୍ଚର୍ଯ୍ୟ ହୋଇ ଚାହିଁଲା ବେଳେ ସେ ଜଣେଇ ଦେଲା, ଯେ ଏ ସବୁ ଚିକିତ୍ସାର ବିବରଣୀ । ସେଇ କାଗଜକୁ ନିରିଖେଇ ଦେଖିବା ପରେ ମାଧବୀ ଜାଣିପାରିଥିଲା, ଏହା ଭିତରେ ଚାରିମାସରୁ ଊର୍ଦ୍ଧ୍ୱ ସମୟ ବିତିଯାଇଛି । ଏତେ ଦିନ ? ଏମିତି କଣ ହୋଇଥିଲା ଯେ ସେ ହସପିଟାଲରେ ଏତେ ଦିନ ରହିଲା ? କାହାକୁ ପଚାରିବ ଜାଣି ପାରୁନଥିଲା । ଡାକ୍ତର ନର୍ସ ସବୁ ବ୍ୟସ୍ତ, ସେମାନଙ୍କୁ ପଚାରିବାକୁ ସାହାସ ଆଉ ଧୈର୍ଯ୍ୟ ପାଉନଥିଲା । ନିଜ ମସ୍ତିଷ୍କ ଉପରେ ଯେତେ ଅଧିକ ଯୋର ଦେବାକୁ ଚେଷ୍ଟା କରୁଥିଲା

 Download Magazine from www.aahwaan.com

ସେତେ ବିଫଳ ହେଉଥିଲା ।

ହସପିଟାଲ୍ ବାହାରେ ଅସହାୟ ଭାବରେ ଏଣେତେଣେ ଚାହିଁଲା ସେ ? କଣ କରିବ ? କୁଆଡ଼େ ଯିବ ? ଏଠି ତ କେହି ଚିହ୍ନା ଲାଗୁନାହାନ୍ତି । ଇଚ୍ଛା ହେଉଥିଲା ଭୋ ଭୋ ହୋଇ ରଡ଼ିକରି କାନ୍ଦିବ । ହୁଏତ ସବୁ ଏକତ୍ରିତ ହେଲେ ତା ଚିହ୍ନାପରିଚିତ କେହି ସେଥିମଧ୍ୟରୁ ବାହାରି ଆସିବ । କିନ୍ତୁ ତା ଅନ୍ତରାତ୍ମା ତାକୁ ବାଧା ଦେଉଥିଲା । ଚିନ୍ତାରେ ଛାତି ରୁନ୍ଧି ହୋଇ ଆସୁଥିଲା । ବହୁତ ହାଲିଆ ବି ଲାଗୁଥିଲା । ତା'ର ଅବସ୍ଥା ଦେଖି ଜଣେ ମଧ୍ୟବୟସ୍କ ବ୍ୟକ୍ତି ଆସି ତା ପାଖରେ ପହଞ୍ଚିଲେ । ତା କଥା ସବୁ ଶୁଣିବାପରେ ନିଜର ପରିଚୟ ଦେଇ କହିଲେ ସେ ହେଉଛନ୍ତି ଜଣେ ଅବସରପ୍ରାପ୍ତ ଆର୍ମି ଅଫିସର, ଡା ସତ୍ୟାନନ୍ଦ । ସେ ମାଧବୀକୁ ସାଥିରେ ନେଇ ଗଲେ ଆଉ ଗୋଟିଏ ମହିଳା ଆଶ୍ରମରେ ରହିବାର ସୁବ୍ୟବସ୍ଥା କରିଦେଲେ । ଯେହେତୁ ତା'ର ନାଁ କଣ ସେ କହିବା ପାଇଁ ଅକ୍ଷମ ଥିଲା ତେଣୁ ଆଶ୍ରମରେ ତାକୁ ନୂଆ ନାଁ ଦିଆଗଲା, 'ନିର୍ମଳା' । ସେଇ ନାଁରେ ସେ ଜଣାଗଲା । ସେଇ ଆଶ୍ରମରେ ଥିବା ଅଗଣିତ ମହିଳାଙ୍କ ମଧ୍ୟରେ ସେ ହଜିଗଲା । ନିଜ ବିଷୟରେ ଚିନ୍ତା କରିବାପାଇଁ ସମୟ ପାଇଲା ନାହିଁ, ସମୟ ପାଇଲେ ଆଶ୍ରମରେ ଫଳମୂଳ ଚାଷ କରିବା, ଫୁଲ ତୋଳିବା, ଆହୁରି ଅନେକ କାର୍ଯ୍ୟରେ ସେ ନିଜକୁ ନିୟୋଜିତ କରି ରଖିଥିଲା ।

ସତ୍ୟାନନ୍ଦ ବାବୁ ପ୍ରାୟ ଆଶ୍ରମକୁ ଆସନ୍ତି, ନିର୍ମଳାର ଭଲମନ୍ଦ ବୁଝାସୁଝା କରି ଯାଆନ୍ତି । ନିର୍ମଳା ଆଶ୍ରମକୁ ଆସିବା ପରେ ଅନେକ ବଦଳି ଯାଇଛି । ଚିତ୍ର ଆଙ୍କିବା, କପଡ଼ା ଉପରେ ସୁନ୍ଦର ଚିତ୍ର କରିବାରେ ସେ ସିଦ୍ଧହସ୍ତା, ଯାହା ଫଳରେ ନିର୍ଜୀବ ବସ୍ତ୍ରକୁ ସେ ସଜୀବ କରିଦେଉଥିଲା । ଆଶ୍ରମରେ ଅନେକେ ତାକୁ ଏଥିପାଇଁ ପ୍ରଶଂସା କରୁଥିଲେ ଏବଂ ଭଲ ପାଉଥିଲେ ମଧ୍ୟ । ଆଶ୍ରମରେ ଅନୁଷ୍ଠିତ ଚିତ୍ରକଳା ପ୍ରତିଯୋଗୀତାରେ ଭାଗ ନେବାର

 Download Magazine from www.aahwaan.com

ସୁଯୋଗ ନିର୍ମଳାକୁ ମିଳିଲା । ନିର୍ମଳା ନିଜ ଚିତ୍ରକଳାର ସଦବ୍ୟବହାର କରି ପୁରସ୍କୃତ ହେବା ସହ ରାଜ୍ୟସ୍ତରୀୟ ସ୍ପର୍ଦ୍ଧାରେ ମଧ୍ୟ ସଫଳ ହୋଇଥିଲା ଏବଂ ଏଥିପାଇଁ ବିଭିନ୍ନ ଖବର କାଗଜର ଶୀରୋନାମା ମଣ୍ଡନ କରିଥିଲା ତା' ଚିତ୍ର । ତାକୁ ଦେଖିବାପରେ ସନ୍ଧାନ ହୋଇ ଆଶ୍ରମକୁ ଦିନେ ଜଣେ ସୁଦର୍ଶନ ଯୁବକ ଆସିଥିଲେ ।

ନିର୍ମଳା ବିଷୟରେ ଅନେକ ପ୍ରଶ୍ନ ତାଙ୍କ ମନରେ ଥିଲା । ତାଙ୍କର ଏ ସବୁ ସନ୍ଦେହାସ୍ପଦ ପ୍ରଶ୍ନକୁ ଦେଖି ଆଶ୍ରମ ପରିଚାଳିକା ମହୋଦୟା ଯୁବକଙ୍କ ପ୍ରକୃତ ପରିଚୟ ପାଇବା ପାଇଁ ଆଗ୍ରହୀ ହେଲେ । ସେହି ଯୁବକଠାରୁ ନିର୍ମଳାର ପୂର୍ବର ଛବି ଓ କଥା କାହାଣୀ ଶୁଣିବା ପରେ ସେ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ ଆଉ ତାଙ୍କ ମନରେ ସନ୍ଦେହ ନଥିଲା ଯେ ନିର୍ମଳା ହିଁ ମାଧବୀ । କିନ୍ତୁ ମାଧବୀ ଓରଫ ନିର୍ମଳା ନିଜର ସମସ୍ତ ଅତୀତକୁ ଭୁଲି ସାରିଥିଲା ଏବଂ ଯୁବକଙ୍କ ସମ୍ମୁଖୀନ ହେଲାପରେ ସୁଦ୍ଧା ସେ ତାଙ୍କୁ ଚିହ୍ନି ପାରିନଥିଲା । ତେଣୁ ଡଃ ସତ୍ୟାନନ୍ଦ ଓ ଆଶ୍ରମର ପରିଚାଳିକାଙ୍କ ସହାୟତାରେ ନିର୍ମଳାର ଚିକିତ୍ସାର ବିହିତ ପଦକ୍ଷେପ ପାଇଁ ସେ ନିବେଦନ କରିଥିଲେ ।

ନିର୍ମଳାର ଚିକିତ୍ସା ଆଶ୍ରମରେ ଥାଇ ହିଁ ଆରମ୍ଭ ହେଲା । ଯୁବକଙ୍କ ଅଦମ୍ୟ ସାହାସ, ଧୈର୍ଯ୍ୟ, ଉତ୍ସାହ, ନିଷ୍ଠା ଓ ସହଚର୍ଯ୍ୟ ପାଇଁ ଧିରେ ଧିରେ ନିର୍ମଳା ନିଜର ପୂର୍ବର କଥା ସବୁ ଗୋଟିଏ ଗୋଟିଏ ମନେ ପକାଇବାକୁ ଲାଗିଲା ଆଉ ସୁସ୍ଥ ହେବାକୁ ଲାଗିଲା । ଆଉ ସେ ଦିନ ବି ଆସିଲା ଯେତେବେଳେ ନିର୍ମଳା ଭିତରେ ଲୁଚିଥିବା ମାଧବୀ ସମ୍ପୂର୍ଣ୍ଣ ଭାବରେ ନିଜ ଅସ୍ତିତ୍ୱକୁ ଫେରି ପାଇଲା । ତାର ଅତୀତର ସମସ୍ତ ଘଟଣା, ଭଲମନ୍ଦ ସବୁ ସେ ମନେ ପକାଇ ପାରୁଥିଲା । ତା ବାପା ମାଆଙ୍କ ପାଇଁ ମନରେ ଅନେକ କୋହ ଆସିବା ସହ କାନ୍ଦି ପକାଉଥିଲା ସେ । ଏଥିମଧ୍ୟରେ ବିତିଯାଇଥିଲା ଅନେକ ବର୍ଷ ସେ କେମିତି ବିତାଇଛି ତାହା

Download Magazine from www.aahwaan.com

ଚିନ୍ତା କରି ସେ ଦୁର୍ବଳ ହୋଇଯାଇଥିଲା । ଆଶ୍ରମରୁ ବିଦାୟ ନେବା ସମୟ ଆସିଲା ।

X X X X

କବାଟରେ ଠକ୍ ଠକ୍ ଶବ୍ଦ ଶୁଣି ଦ୍ୱାର ଖୋଲି ନିଜ ସମ୍ମୁଖରେ ମାଧବୀକୁ ଦେଖି ହତବମ୍ବ ହୋଇଯାଇଥିଲା ସୁଧାକର ବାବୁ । ଷାଠିଏ ବର୍ଷ ବୟସ ପାଖାପାଖି ହେଲାଣି ତାଙ୍କୁ । ସେ ନିଜ ଚକ୍ଷୁ ଉପରେ ବିଶ୍ୱାସ କରିପାରୁ ନଥିଲେ । ଲୁହର ଧାର ତାଙ୍କ ଦୁଇ ଆଖିରୁ ତଳକୁ ଓହ୍ଲାଇ ଗାଲକୁ ଓଦା କରିଦେଇଗଲା । ବା...ପା... କହି ମାଧବୀ ସୁଧାକର ବାବୁଙ୍କୁ ଜାବୁଡ଼ି ଧରିଥିଲା । ନିଜର ଏକମାତ୍ର ଅଲିଅଳୀ କନ୍ୟାକୁ ଫେରି ପାଇବାର ଏହି ଅପୂର୍ବ ମୁହୂର୍ତ୍ତକୁ ଭୁଲି ପାରିବେ ନାହିଁ, ଯାହା ପାଇଁ ମାଆ ଶାନ୍ତିଲତା ଶଯ୍ୟାଶାୟୀ ହୋଇ ଯାଇଛି, ସେ ନିଜେ ଚାକିରୀରେ ଅନେକ ଦିନ ଅନୁପସ୍ଥିତ ରହିଛନ୍ତି । ବାରମ୍ବାର ଥାନା କଚେରୀ ଦ୍ୱାରରେ ମଥା ପିଟିପିଟି ଶେଷରେ ମାଧବୀକୁ ମୃତ ବୋଲି ଧରିନେଇ ପୁନଶ୍ଚ ନିଜ ଜୀବନକୁ ସଜାଡ଼ିଛନ୍ତି । କିନ୍ତୁ ବୟସ ଗଡ଼ିବା ସହ ଅବସର ନେଇ ଶାନ୍ତିଲତାଙ୍କ ସେବାରେ ନିଜକୁ ନିୟୋଜିତ କରିଦେଇଥିଲେ ସେ । ଆଜି ମାଧବୀକୁ ପାଇ ତାଙ୍କୁ ହଜିଯାଇଥିବା ଧନ ପାଇଗଲା ପରି ଲାଗୁଛି ।

ମାଆ ଶାନ୍ତିଲତା ଶଯ୍ୟାଶାୟୀ, ତାଙ୍କୁ ଧରି ଅନେକ କାନ୍ଦିଛି ମାଧବୀ । ତାକୁ ଘରକୁ ଫେରାଇ ଆଣିଥିବା ବ୍ୟକ୍ତି ଜଣକ ଡା ମାନସାଗର ବୋଲି ପରିଚିତ କରାଇବାପରେ କୃତଜ୍ଞତାର ସହ ସୁଧାକର ବାବୁ ତାଙ୍କୁ ଭିଡ଼ି ଧରି କାନ୍ଦି ପକାନ୍ତି । ମାଧବୀ ଫେରିଲାଣି ଏବେ ସବୁ ଠିକ୍ ହୋଇଯିବ ବୋଲି ଦୃଢ଼ ଧାରଣା ସୁଧାକର ବାବୁଙ୍କ ମନରେ ଉଙ୍କି ମାରୁଛି । ମାନସାଗର ବାବୁ ବିଦାୟ ନେଇ ଯାଉଛନ୍ତି ସତ କିନ୍ତୁ ବିଗତ କିଛି ଦିନର ସାହଚର୍ଯ୍ୟରେ ସେ ଯେ ମାଧବୀ ସହ ପ୍ରେମ ବନ୍ଧନରେ ଆବଦ୍ଧ ହୋଇ ସାରିଛନ୍ତି ତାହା ସହଜରେ ଜାଣି

 Download Magazine from www.aahwaan.com

ହେଉଛି ।

X X X X

ଅନେକ ବର୍ଷ ତଳର କଥା, ମାଧବୀ ଓ ମାନସାଗର ଏକାଠି ପଢୁଥିଲେ । ସେ କଳା ବିଭାଗର ଛାତ୍ରୀ ଥିଲା କିନ୍ତୁ ମାନସାଗର ବିଜ୍ଞାନର ଛାତ୍ର । ଡାକ୍ତରୀ ପ୍ରବେଶିକା ପରୀକ୍ଷାରେ ସଫଳ ହେବାପରେ ସେ ଶିକ୍ଷାଗ୍ରହଣ ପାଇଁ ଚାଲିଯାଇଥିଲା । ଯିବାପୂର୍ବରୁ ଶୁଣେଇ ଯାଇଥିଲେ ସେ ନିଜ ମୁହଁରେ ଅନେକ କଥା । ମାଧବୀର ମନରେ ଅନେକ ଶିହରଣ ଆଣିଦେଇଥିଲା ସେ ସବୁ ହେଲେ ପାଠ ପଢ଼ା ସରିବାପରେ ମାନସାଗର ଆଉ ଫେରିବା ବାଟ ଚାହିଁ ରହିଗଲା ସେ ।

ସ୍ନାତକୋତ୍ତର ଶିକ୍ଷା ଗ୍ରହଣ ପାଇଁ ମାଧବୀ ସହରକୁ ଯିବା ବେଳେ ଅଚାନକ ଦେଖା ହୋଇଥିଲା ମାନସାଗର । ବିଶ୍ୱବିଦ୍ୟାଳୟର ଲାଇବ୍ରେରୀରେ ମାନସାଗରଙ୍କୁ ଦେଖି ତା ମନ ରୋମାଞ୍ଚିତ ହୋଇ ଉଠିଥିଲା । ପୂର୍ବ ସ୍ମୃତିରେ ସେ ମଜ୍ଜି ଯାଇଥିଲା । କେମିତି କଲେଜରେ ପଢ଼ିବା ବେଳେ ଏମିତି ହଠାତ୍ ସେ ମାନସାଗର ସହ ଏକ ମୁହୂର୍ତ୍ତରେ ପରିଚିତ ହୋଇଥିଲା, ଆଉ ସେହି ଦେଖା ପରିଚୟ ପରେ ଧିରେ ଧିରେ ଉଭୟଙ୍କ ମଧ୍ୟରେ ପ୍ରେମର ଗଜା ଅଙ୍କୁରଣ ହୋଇଥିଲା । ଡାକ୍ତରୀ ପଢ଼ିବାପାଇଁ ଯିବା ପୂର୍ବରୁ ମାନସାଗର ଏହି କଥା ଜଣାଇ ଦେଇଥିଲା ।

ମାନସାଗରର ଯିବା ସମୟ ଯେତେ ପାଖେଇ ଆସୁଥିଲା, ମାଧବୀର ମନ ସେତେ ଦୁର୍ବଳ ହୋଇ ପଡୁଥିଲା । ଏତେ ଦିନ ଏକଠି ରହିବା ଭିତରେ ମାନସାଗର କେବେ ବି ନିଜର ଭଲ ପାଇବାକୁ ପରିପ୍ରକାଶ କରିନଥିଲେ । ହେଲେ ଯିବା ପୂର୍ବରୁ ଜଣାଇ ଦେଇଥିଲେ ଯେ ସେ ମାଧବୀକୁ ହୃଦୟର ଗଭୀରତମ ପ୍ରଦେଶରୁ ଭଲ ପାଉଛନ୍ତି ଓ ପାଉଥିବେ ମଧ୍ୟ ।

Download Magazine from www.aahwaan.com

ଆଜି ଲାଇବ୍ରେରୀରେ ହଠାତ୍ ମାନସାଗରଙ୍କ ସହ ସାମନାସାମନି ହେଲାପରେ ମାଧବୀ ଜାଣି ପାରୁନଥିଲା ଖୁସିରେ କଣ କହିବ । କିନ୍ତୁ ମାନସାଗର ପ୍ରଗଳ୍ଭ ପାଲଟି ଯାଇଥିଲେ । ଲାଇବ୍ରେରୀରୁ ବାହାରି କଫି ସପ୍‌ରେ ବସି ବସି ଅନେକ ସମୟ ଏକାଠି କଥାବାର୍ତ୍ତା ହୋଇଥିଲେ ଦୁହେଁ । ମାନସାଗର ଜଣାଇ ଦେଇଥିଲେ ସେ କେବେ ବି ମାଧବୀକୁ ଭୁଲି ନାହାନ୍ତି, ଅବଶ୍ୟ ପାଠ ପଢ଼ାର ବ୍ୟସ୍ତତା ଭିତରେ କେବେ ଫେରିବାକୁ ସମୟ ପାଇନାହାନ୍ତି । ଆଉ ପାଠପଢ଼ା ସରିବାପରେ ଏବେ ସେ ପ୍ରତିଷ୍ଠିତ ଡାକ୍ତର ।

ସେ ଦିନର କଥା ସବୁ ମନେ ପକାଉ ପକାଉ ମାଧବୀର ଆଖି ଓଦା ହୋଇ ଆସିଲା ଆଉ ନିଜ ଉପରେ ଘୃଣା ଲାଗିଲା ତା ଅତୀତର ସେଇ ଅବର୍ଣ୍ଣନୀୟ ଅତୀତ କଥା ମନେ ପକାଇ । ହୁଏତ ସେହି ଅଘଟଣ ଘଟିନଥିଲେ ସେ ମାନସାଗରଙ୍କ ହାତଧରି ଅନେକ ବାଟ ଚାଲିଥାନ୍ତା । କିନ୍ତୁ ଏବେ ସେ ଅସ୍ପୃଶ୍ୟ, ଅପବିତ୍ର । କେମିତି ସେ ମାନସାଗରଙ୍କୁ ଅନ୍ଧାରରେ ରଖି ଧୋକା ଦେଇ ପାରିବ ? କଣ କରିବ... ଭାବି ଭାବି ଚିନ୍ତାଗ୍ରସ୍ତ ହୋଇଗଲା ।

ବହୁତ ଚେଷ୍ଟା କରିବାପରେ ମାନସାଗର ମାଧବୀର ସହରକୁ ବଦଳି ହୋଇ ଆସିଲେ । ମାଧବୀର ମାଆଙ୍କର ଚିକିତ୍ସା ଦାୟିତ୍ୱ ତାଙ୍କ ଉପରେ ଥିଲା । ତେଣୁ ପ୍ରାୟତଃ ତାଙ୍କ ସହ ଦେଖା ହୋଇଥାଏ । ମାନସାଗର ମନଧ୍ୟାନ ଦେଇ ଚିକିତ୍ସା କରୁଥିଲେ । ଦିନେ ମାଧବୀ ସ୍ଥାନରେ ସୁଧାକର ବାବୁ ହସପିଟାଲ ଆସିଥିଲେ । ମାଧବୀ କଥା ପଚାରିବା ପରେ ସୁଧାକର ବାବୁ କହିଲେ ସେ ଘରେ ଅଛି, ଆଜି ମୋତେ ଦାୟିତ୍ୱ ଦେଇ ନିଜେ ବିଶ୍ରାମ କରିଛି । ମାନସାଗର ରାତିରେ ଡ୍ୟୁଟି ଅଛି କହି ମାଧବୀ ପାଖରେ ଯାଇ ପହଞ୍ଚି ଗଲେ । ମାନସାଗରଙ୍କୁ ଏକା ନିଜ ଘରେ ଦେଖି ଆଶ୍ଚର୍ଯ୍ୟ ହୋଇଗଲା ମାଧବୀ । ମାନସାଗର ଏଣୁ ତେଣୁ ଅନେକ କଥା ହେବାପରେ ମାଧବୀର ନିରବତାକୁ ଦେଖି ପଚାରିଲେ, “ତୁମେ ଏମିତି

Download Magazine from www.aahwaan.com

କାହିଁକି ନିରବ ଅଛ ? କଣ ଭାବୁଛ ?"

ମାଧବୀ କିଛି କହିନଥିଲା କିନ୍ତୁ ତା ଆଖିରୁ ଅବାରିତ ଲୁହର ଧାରା ବହିବାକୁ ଲାଗିଲା । ମାନସାଗର କିଛି ବୁଝିପାରିଲେ ନାହିଁ । ମାଧବୀକୁ କୋଳେଇ ନେବାକୁ ଇଚ୍ଛା ହେଉଥିଲେ ସୁଦ୍ଧା ସେ ପାରୁନଥିଲେ । ଇଚ୍ଛା ହେଉଥିଲା ମାଧବୀର ମୁହଁରେ ଅଜସ୍ର ଚୁମ୍ବନର ବର୍ଷ କରିବା ପାଇଁ କିନ୍ତୁ ସେ ସାହାସ ଜୁଟାଇ ପାରିଲେନି ।

ନିଜ ବାହୁ ଦୁଇଟିକୁ ପ୍ରସାରିତ କରି ଏତିକି କହିଲେ, "ପ୍ଲିଜ୍ ମଧୁ, ଅନୁମତି ଟିକେ ଦିଅ... ତୁମକୁ କୋଳେଇ ନେବି..." । ମାଧବୀ ପ୍ରସ୍ତରମୂର୍ତ୍ତି ଭଳି ଚାହିଁ ରହିଥିଲା । ଅସୀମ ବ୍ୟଥାରେ ତା ହୃଦୟ ବିଦାରି ଯାଉଥିଲା । ତା'ର ପରମ ଇପ୍ସିତ ପୁରୁଷ ସମ୍ମୁଖରେ ବାହୁ ପ୍ରସାରି ଠିଆ ହୋଇଛନ୍ତି ଅଥଚ ସେ ନିଜେ ସେହି ବନ୍ଧନୀ ଭିତରକୁ ଯାଇପାରୁନି ।

ମାନସାଗର ଅନେକଥର ଅନୁରୋଧ କରିବାପରେ ଭାଙ୍ଗିପଡ଼େ ସେ ଆଉ ଚିତ୍କାର କରି ଉଠେ, "କାହିଁକି... କାହିଁକି ମୋତେ ଭଲ କରୁଥିଲ ? ମୁଁ ତ ସବୁ ଭୁଲିଯାଇ ଭଲରେ ଥିଲି ।"

ମାନସାଗର କିଛି ବୁଝିପାରିଲେନି, "କେମିତି ତୁମକୁ ଛାଡ଼ି ପାରିଥାନ୍ତି ? ତୁମ ଜୀବନଟା ନର୍କମୟ ହୋଇ ଯାଇଥିଲା । ମୁଁ ସବୁ ଜାଣିସୁଦ୍ଧା କେମିତି ନିରବ ରହିଥାନ୍ତି ?" ମାନସାଗର ଉତ୍ତରର ଅପେକ୍ଷା ନ କରି ମାଧବୀକୁ ନିଜ ବାହୁ ବନ୍ଧନୀରେ ଭିଡ଼ିଧରିଲେ । ତା ଆଖିରୁ ଅନବରତ ଝରି ଆସୁଥିବା ଲୁହକୁ ପୋଛିବାର ବୃଥା ପ୍ରୟାସ କରୁ କରୁ କହୁଥିଲେ, "ମାଧବୀ, ତୁମେ ଥରେ ମୋ କଥା ଭାବି ଦେଖ । ଏ ହୃଦୟରେ କେବଳ ତମେ ଆଉ ଏକମାତ୍ର ତମେ ହିଁ ଅଛ । ବିଜ୍ଞାନର ଭାଷାରେ ହୃଦୟ ବା ହାର୍ଟ୍ ହେଉଛି ମଣିଷ ଶରୀରର ରକ୍ତ ସଞ୍ଚାଳନ କରୁଥିବା ଏକ ପମ୍ପ୍, ଯେଉଁଠୁ ସମଗ୍ର ଶରୀରକୁ ରକ୍ତ ସଂଚାଳନ ହୋଇଥାଏ । କିନ୍ତୁ ସାହିତ୍ୟର ଭାଷାରେ ହୃଦୟ ହେଉଛି ସେହି ସ୍ଥାନ ଯେଉଁଠି ମଣିଷ ନିଜର ସବୁ ସୁଖ ଦୁଃଖ,

Download Magazine from www.aahwaan.com

ପ୍ରେମ ଭଲ ପାଇବା, ସ୍ନେହ, ଦୟା, ମାୟା, କ୍ଷମା ଆଦି ଅନୁଭବ କରିପାରେ । ଆଉ ଗୋଟିଏ ବିନା ଆରଟି ଅସମ୍ପୂର୍ଣ୍ଣ, ତେଣୁ ମୁଁ ବିଜ୍ଞାନର ଛାତ୍ର ହେଲେ ବି ତୁମ ପରି ଜଣେ କଳାର ଛାତ୍ରୀକୁ ଭଲ ପାଏ । ଆମ ଜୀବନକୁ ଆମେ କଣ ପରିପୂର୍ଣ୍ଣତା ଦେଇ ପାରିବା ନାହିଁ ? ଆଉ ତୁମ ପାଇଁ ମୁଁ ଯେଉଁ ଅପେକ୍ଷା କରି ଆସିଛି ତାହା କଣ ଅସମ୍ପୂର୍ଣ୍ଣ ରହିଯିବ ? ତୁମ କଥା ପ୍ରତି ମୁହୂର୍ତ୍ତରେ ଚିନ୍ତା କରି କରି ହିଁ ତ ମୁଁ ଏତେ ଦୂର ଆସିଛି । ମୁଁ କେବଳ ତୁମକୁ ହିଁ ଭଲ ପାଇଛି ।

ତୁମକୁ କାୟମନୋବାକ୍ୟରେ ଭଲ ପାଇଛି ମୁଁ । ଭୋଗ ବିଳାସ, ବ୍ୟସନ କିଛି ବି ମୁଁ ଚାହେଁନି । ତୁମକୁ ହରାଇବା ପରେ ଅନେକ କଷ୍ଟ ଭୋଗିଛି, ଏବେ କିନ୍ତୁ ଆଉ ସେ କଷ୍ଟ ସହ୍ୟ ହେବନାହିଁ । ତୁମେ କେବଳ ମୋର ବୋଲି କହିଦିଅ ।” ମାନସାଗରର କଥା ସବୁ ମାଧବୀର କାନରେ ପଶି ବାହାରି ଯାଉଥିଲେ । ସେ ନିରବ ରହି ମନେ ପକାଉଥିଲା ଅତୀତର କଥା...

ମାଆ ପଛରୁ ଡାକ ଦେବା ସତ୍ତ୍ୱେ ତରବର ହୋଇ ସେ ଘରୁ ବାହାରି ଆସିଥିଲା । କଲେଜରେ ପଢୁଥିବା ବନ୍ଧୁ ନିରାଗୀର ବିବାହୋତ୍ସବରେ ସାମିଲ ହେବାପାଇଁ । ନିରାଗୀ କହିଥିଲା, ତା ଗାଁ ପାଖ ଆସିଲେ ଗୋଟିଏ ବୁଢ଼ା ବରଗଛ ପାଖରେ ବସ ରହିବ ସେଠାରୁ ଓହ୍ଲାଇ ଯିବାପାଇଁ, ସେ କାହାକୁ ପଠାଇବ । ସେଇ ବସଷ୍ଟପରୁ ଗାଁ ଟା ଆଉ ମାତ୍ର ଅଳ୍ପ ବାଟ । ଘରେ ବାପା ମାଆଙ୍କୁ କହିଦେଇ ଆସିଥିଲା । ଫେରିବା ବେଳେ ବିଳମ୍ବ ହୋଇପାରେ । ପିଲାଦିନର ସାଙ୍ଗର ବାହାଘର ତେଣୁ ସେ ଯିବାକୁ ଚାହୁଁଥିଲା ।

ବଡ଼ ଗଛ ନିକଟରେ ସେ ଓହ୍ଲାଇ ଅପେକ୍ଷା କରିଥିଲା କେହିଜଣେ ଆସିବ ଆଉ ତାକୁ ସାଥିରେ ନେଇଯିବ । ଏଇ ସମୟରେ ଅପେକ୍ଷାକୃତ ଯୁବକ ଦେଖାଯାଉଥିବା ଜଣେ ବ୍ୟକ୍ତି

Download Magazine from www.aahwaan.com

ମୋଟର ସାଇକେଲରେ ଆସି ପହଞ୍ଚିଲା ଆଉ ମାଧବୀ ପାଖରେ ଗାଡ଼ି ଅଟକାଇବା ପରେ ନିରାଗୀ ପଠାଇଥିବ ଭାବି ସେ ଗାଡ଼ିରେ ଚଢ଼ି ଯାଇଥିଲା । କିଛି ବାଟ ଯିବାପରେ ସେ ଜାଣିବାକୁ ପାଇଲା ଯେ ସେ ଭୁଲ କରିଛି । ଯେତେବେଳେ ଗାଡ଼ିକୁ ଅଟକାଇ ସେଇ ଯୁବକ ମାଧବୀକୁ ଧକ୍କା ମାରିଦେଇ ଅର୍ଥ ଦାବୀ କରିଥିଲା । ହିନ୍ଦୀ ଭାଷାରେ ଅଭଦ୍ରୋଚିତ ବ୍ୟବହାର କରି ସେଇ ଯୁବକ ଜଣକ ମାଧବୀକୁ ହତ୍ୟା କରିବାପାଇଁ ଅଗ୍ରସର ହେଉଥିଲା । ନିଜକୁ ରକ୍ଷା କରିବାପାଇଁ ମାଧବୀ ପ୍ରାଣ ବିକଳରେ ଧାଇଁ ଚାଲିଥିଲା ବେଳେ ପଛରେ ସେଇ ଯୁବକ ସମେତ ଆଉ କିଛି ଯୁବକ ମଧ୍ୟ ଦଉଡ଼ି ଆସିଥିଲେ । ଏହି ସମୟରେ ମାଧବୀର ମଥା ପଛରେ କିଛି ଶକ୍ତ ଜିନିଷ ଜୋରରେ ଆସି ବାଜିଲା ଆଉ ସେ ସେଇଠି ଟଳି ପଡ଼ିଲା । ତା ଚେତା ହରାଇବା ପୂର୍ବରୁ ସେଇ ଘନ ଲଟାବୁଦା ପାଖରେ ଚାରି ପାଞ୍ଚଜଣଙ୍କ ଛାଇ ସେ ଦେଖିବାକୁ ପାଇଥିଲା । ସେ ଜାଣି ପାରୁନଥିଲା ସେମାନେ କାହିଁକି ତାକୁ ହତ୍ୟା କରିବାକୁ ଚାହୁଁଥିଲେ ?

ଏହି ସବୁ କଥା ଶୁଣିବାପରେ ମାନସାଗର କହିଲେ, "ସେମାନେ ତୁମର ପରିଚୟ ପାଇନଥିଲେ ବୋଲି ଏ ସବୁ ହୋଇଗଲା । ସେହି ଯୁବକ ଦଳକୁ ଜଣେ ମହିଳାଙ୍କ ହତ୍ୟାପାଇଁ ନିର୍ଦ୍ଦେଶ ମିଳିଥିଲା, କିନ୍ତୁ ସେହି ମହିଳା ସମ୍ଭବତଃ ବସ ଅଟକିବା ପରେ ସନ୍ଦେହ କରି ବସରୁ ଓହ୍ଲାଇଲା ନାହିଁ, ଆଉ ତୁମେ ଏକ ମାତ୍ର ମହିଳା ସେଠାରେ ଓହ୍ଲାଇବା ଦେଖି ସେହି ଯୁବକମାନେ ତୁମକୁ ହିଁ ସେହି ମହିଳା ବୋଲି ଧରିନେଇ ହତ୍ୟା କରିବା ଯୋଜନା କରିଥିଲେ ।"

"ଓଃ, ତୁମେ ଏତେ କଥା କେମିତି ଜାଣିଲ ?" ମାଧବୀ ସନ୍ଦିହାନ ହୋଇ ପ୍ରଶ୍ନ କରୁଥିଲା । ମାନସାଗର ବୁଝେଇ ଦେଇଥିଲେ, ଏ ସବୁ କଥା ତାଙ୍କୁ ଡା ସତ୍ୟାନନ୍ଦ

 Download Magazine from www.aahwaan.com


ଜଣାଇଥିଲେ । ସେ ଗୋଇନ୍ଦା ବିଭାଗର ଉଚ୍ଚପଦସ୍ଥ ଅଧିକାରୀ ଥିଲେ ଏବଂ ଏହି ଅଞ୍ଚଳରେ ଚୋରାରେ ନିଶାଦ୍ରବ୍ୟ କାରବାର ହେଉଥିବା କଥା ସେ ଜାଣିଥିଲେ । ଯେଉଁଦିନ ତୁମ ଉପରେ ମରଣାନ୍ତକ ଆକ୍ରମଣ ହେଲା ସେହି ଦିନ ସେହି ବସରେ ନିଶାଦ୍ରବ୍ୟ ନେଇ ଆଉ ଜଣେ ମହିଳା ଆସୁଥିଲେ, କିନ୍ତୁ ସେ ସନ୍ଦେହ କରି ବସରୁ ଓହ୍ଲାଇ ନଥିଲେ । ସେ ଯା'ହେଉ ସତ୍ୟାନନ୍ଦ ବାବୁଙ୍କ ଯୋଗୁଁ ସେହି ନିଶା କାରବାର ରାକେଟର ପର୍ଦ୍ଦାଫାଶ ହୋଇଛି । ଦୋଷୀମାନେ ଧରା ପଡ଼ିଛନ୍ତି ।"

ମାଧବୀକୁ ଲାଗୁଥିଲା ତା ମୁଣ୍ଡରେ ଥିବା ଏକ ବହୁତ ବଡ଼ ବୋଝ ଦୂରେଇ ଯାଇଛି । ସେ ଆଶ୍ଚର୍ଯ୍ୟ ହୋଇ ମାନସାଗରଙ୍କୁ ଦେଖୁଥିଲା, ଆଉ ସେ କହୁଥିଲେ, "ଛାଡ଼ ସବୁ ପୁରୁଣା କଥା । ତୁମେ ତ କୌଣସି ଅପରାଧ କରିନାହଁ, କାହିଁକି ଅପରାଧବୋଧରେ ନିଜକୁ ଶାସ୍ତି ଦେଉଛ ?"

ମାଧବୀ ମାନସାଗରଙ୍କୁ ଜାବୁଡ଼ି ଧରି ତାଙ୍କ ଛାତିରେ ମୁଣ୍ଡ ଗୁଞ୍ଜି ଆଶ୍ୱସ୍ତି ଅନୁଭବ କରୁଥିଲା ଆଉ ମାନସାଗର ମାଧବୀ ସହ ଅବଚେତନ ଅବସ୍ଥାରେ ହୋଇଥିବା ଦୁଷ୍କର୍ମ ବିଷୟରେ ତାକୁ ନ ଜଣାଇବା ଉଚିତ ମନେ କରି ନିରବ ରହିଯାଇଥିଲେ । ଭଲ ପାଇବା ଆଗରେ ସବୁ କିଛି ହାର୍ ମାନି ଯାଇଥିଲା । ପ୍ରେମର ଛୁଆଁରେ ସବୁ ପାପପୂଣ୍ୟ ଧୋଇ ହୋଇଯାଇଥିଲା ।

 Download Magazine from www.aahwaan.com

# ଗଳ୍ପ ସ୍ପର୍ଦ୍ଧା - ୫ (ମୋ ଗପ)



ଅରବିନ୍ଦ ଆଚାର୍ଯ୍ୟ

ହାଇସ୍କୁଲ ପାସ କଲା ପରେ ସୁରେଶ ଭାବୁଥିଲା ,ସିଏ ଏବେ ପୁରା ଖାଣ୍ଟି ଓଡ଼ିଆ ମର୍ଦ୍ଦ । କଲେଜ ଯିବା ପରେ ସେ ଦେଖିଲା ସବୁ ପିଲା ସେମିତି ଭାବୁଛନ୍ତି । ସମସ୍ତେ ନିଜ ହାତରେ ଚଉଦ ପା ।

ତା ସହିତ ଯେତେ ପିଲା ସାଇନ୍‌ସ ପଢୁଥିଲେ, ସମସ୍ତେ ନିଜ ନିଜର ଗାର୍ଲଫ୍ରେଣ୍ଡଙ୍କ କଥା ଖୁବ ଗର୍ବରେ କହୁଥିଲେ । କିନ୍ତୁ ସବୁବେଳେ ସୁରେଶ ଭାବେ, ସିଏ ଆଉ ଏମିତି ଲଫଡାରେ ପଡିବ ନାହିଁ ।

କିନ୍ତୁ ସବୁଦିନ ସମାନ ଯାଏନି । ସେଦିନ କଲେଜ କ୍ୟାଣ୍ଟିନରେ ଦଳେ ଝିଅ ଥିଲେ । ପିଲା ବୋଇଲେ ଏକା ଇଏ । ଚାରିଆଡ଼କୁ ଚାହିଁଲା । କେହି ତା ସାଙ୍ଗ ପାଖରେ ଦେଖା ଯାଉନାହାନ୍ତି । ଝିଅ ଗୁଡା ବି ତାକୁ ଚାହିଁ ଦେଇ ହେଁ ହେଁ ହେଇ ହସିଲେଣି । ଭାବୁଛନ୍ତି ଝିଅଙ୍କୁ ଦେଖି ଲାଜରେ ଆସୁନି ବୋଲି ।

ଏମିତି ଭାବୁ ଭାବୁ କାହା ଡାକ ଶୁଭିଲା ।

"କଣ କାମ ଥିଲା କି ?"

ସୁରେଶ ଦେଖିଲା ତା ଆଡ଼କୁ ଚାହିଁ ଝିଅଟିଏ ପଚାରୁଥିଲା । ସବୁ ଝିଅ ହସୁଥିଲା ବେଳେ ଏ ଝିଅଟିର କଣ ପାଇଁ ଏତେ ଦରଦ ? ଭିତରେ ଥିବା ସମସ୍ତ ଅଭିମାନକୁ ମିଶେଇ ଉତ୍ତର ଦେଲା, "ନାଁ କିଛି ଦରକାର ନାହିଁ ।"

କହିଦେଲା ସିନା, କିନ୍ତୁ ପ୍ରକୃତରେ ତାକୁ ପ୍ରବଳ ଭୋକ ଲାଗୁଥିଲା ।

 Download Magazine from www.aahwaan.com

ଭାବିଲା ବଜାର ଆଡ଼େ ଯାଇ କିଛି ଖାଇ ଦେଇ ଆସିବ । କିନ୍ତୁ ଯଦି ଡେରିହୁଏ, ଯା ପରେ ଥିବା ପ୍ରାକ୍ଟିକାଲ କ୍ଲାସଟା ମିସ ହେଇଯିବ ।

କଲେଜଠୁ ବଜାର ଟିକେ ଦୂର । ଭାରି ରାଗ ମାଡ଼ିଲା । ତା ସାଙ୍ଗ ମାନେ ବି ଏତିକି ବେଳକୁ କେହି ନାହାନ୍ତି । ଏମିତି ଭାବୁଚି ସବୁ ଝିଅଙ୍କୁ ସେ ଝିଅଟି କହୁଥିବାର ଶୁଣିଲା ।

"କେତେ ଆଉ କିଣିବ ? ତୁମେ ଖାଲି କିଣିବ ନା ଅନ୍ୟମାନେ ବି କିଣିବେ ? ଚାଲ ଯିବା ।"

ପୁଣି ଥରେ ଭଲକି ଦେଖିଲା ସୁରେଶ, ସେ ଝିଅକୁ । ସେ ଝିଅ ମଧ୍ୟ ତାକୁ କଣେଇ କଣେଇ ଚାହୁଁଥାଏ । ପୁଣି ଝିଅ ଗୁଡା ସୁରେଶକୁ ଏମିତି ଦେଖୁଥିବା ଦେଖି ହେଁ ହେଁ ହେଇ ହସୁଥିଲେ । କିନ୍ତୁ ସେ ଝିଅଟିର କଥା ମାନି କ୍ୟାଣ୍ଟିନରୁ ବାହାରି ଲାଇବ୍ରେରୀ ଆଡ଼କୁ ପଳେଇ ଯାଉଥିଲେ ।

ସେଦିନର ଭୋକକୁ ଆଉ ଲାଜକୁ ମିଶେଇ କଣ ଗୁଡ଼େ ଶୀଘ୍ର ଶୀଘ୍ର ଖାଇ ସୁରେଶ ପ୍ରାକ୍ଟିକାଲ ପାଇଁ ଜୁଲୋଜି ଡିପାର୍ଟମେଂଟ ଆଡେ ଏକପ୍ରକାର ଦୌଡ଼ି ଦୌଡ଼ି ଗଲା ।

X X X X

ଆଉ ଦିନକର କଥା, ସେଦିନ ଥାଏ କଲେଜ ଡ଼ିବେଟ କମ୍ପିଟେସନ । ବହୁତ ଖୁସି ହୋଇ ସୁରେଶ ଯାଇ ବସିଥିଲା ହଲରେ । ଜଣେ ପରେ ଜଣେ ଯାଇ ନିଜ ନିଜର ଡିବେଟ କହୁଥାନ୍ତି । ହାଠାତ ଦେଖିଲା ସେ ଝିଅଟି ବି ଆସିଛି । ଏତିକି ବେଳକୁ ଜର୍ଜ ହେଇ ବସିଥିବା ସାର ଜଣେ ଡାକିଲେ, "ଶୁଭଶ୍ରୀ ମହାନ୍ତି, +୨ ଫାଷ୍ଟ ଇଅର ଆର୍ଟସ !"

ଝିଅଟି ତା ଜାଗାରୁ ଉଠି ଭାଷଣ ପ୍ରଦାନ କରିବା ପାଇଁଗଲା । କିନ୍ତୁ ଗଲା ବେଳେ ସୁରେଶକୁ କଣେଇ କଣେଇ ଚାହିଁ ମୁରୁକି ହସିଦେଲା । ସୁରେଶକୁ ଭାରି ଅଡୁଆ ଲାଗିଲା ।

Download Magazine from www.aahwaan.com

ଏଇ ଝିଅଟି କାହିଁକି କେଜାଣି ତା ଉପରେ ସବୁବେଳେ ଆଖି ରଖିଛି ବୋଲି ଭାବିଲା । ସିଏ ତ କାହିଁ କିଛି କହୁନି । କିନ୍ତୁ ସେ ଝିଅଟି କଣ ପାଇଁ ତାକୁ ଚାହିଁ ମୁରୁକି ମୁରୁକି ହସିଦେଲା ? ସେଇ କ୍ୟାଣ୍ଟିନ କଥା ଭାବି ତାକୁ ତାଚ୍ଛଲ୍ୟ କରି ହସୁନି ତ ?

ଏମିତି ଭାବୁଚି, ସେ ଝିଅକୁ ଭାଷଣ ଦେବା ଶୁଣିଲା । ଆରେ ! ଖୁବ ସୁନ୍ଦର ଭାବେ, ବହୁତ ସୁନ୍ଦର ଉପମା ଦେଇ ଭାଷା ଉପରେ ଅନେକ ବର୍ଷ ଧରି ରିସର୍ଚ୍ଚ କରିଥିଲା ପରି, କେତେ ସୁନ୍ଦର ଭାଷଣ ଦେଇ ଚାଲିଥିଲା ସେ ଝିଅ । ମନ୍ତ୍ରମୁଗ୍ଧ ପରି ଶୁଣୁଥିଲା ସୁରେଶ ।

ବିଷୟ ଉପରେ ଆଧାରିତ ବକ୍ତୃତାଟି ଯେ ଏତେ ସୁନ୍ଦର ଭାବରେ କୁହାଯାଏ, ସେକଥା ସୁରେଶ ପ୍ରଥମେ ଶୁଣିଲା । ପୂର୍ବରୁ ଯେତେ ଜଣ କହିଥିଲେ ସବୁ ସାମାନ୍ୟ ଲାଗୁଥିଲା । କିନ୍ତୁ ୟା ଭାଷଣରେ ସମ୍ମୋହିତ ହେଇ ପଡ଼ିଲା । ସେଦିନ ସେ ପ୍ରଥମ ଥର ମନେ ମନେ ନିଜ ପାଇଁ ନୁହେଁ, ସେ ଝିଅଟି ପାଇଁ ଭଗବାନଙ୍କୁ ଡାକିଥିଲା ।

"ହେ ଭଗବାନ ଏଇ ଶୁଭଶ୍ରୀ କୁ ଫାଷ୍ଟ କରେଇଦିଅ ।"

କିନ୍ତୁ ତା' କଥା ଭଗବାନ ଶୁଣି ନଥିଲେ । ତା' ବ୍ୟାଚମେଟ ରୂପାଲି ସାହୁ ପ୍ରଥମ ସ୍ଥାନ ଅଧିକାର କରିଥିଲା ।

ଆଉ ଶୁଭଶ୍ରୀ ହେଇଥିଲା ଦ୍ୱିତୀୟ । ଆଉ ସୁରେଶକୁ ତୃତୀୟ ସ୍ଥାନରେ ରଖା ଯାଇଥିଲା । ନିଜେ ତୃତୀୟ ସ୍ଥାନରେ ରହିଥିବା ବେଳେ ଶୁଭଶ୍ରୀକୁ ନେଇ କାହିଁକି କେଜାଣି ଏତେ ଇମୋସନାଲ ହେଇପଡୁଥିଲା ସେ । ରୂପାଲି ଆଉ ଶୁଭଶ୍ରୀ ଦୁହେଁ ତା ପାଖକୁ ଆସି ତାକୁ ବଧେଇ ଦେଲେ । ରୂପାଲି ଚାରିଲା, "କଣ ସୁରେଶ, କେମିତି ଲାଗିଲା ମୋ ଭାଷଣ ?"

ଭାବୁଥିଲା କହିଦେବାକୁ ଯେ ... ଶୁଭଶ୍ରୀ ଠୁ କମ ।

କିନ୍ତୁ ଖାଲି ହସି ହସି କହିଲା ... "ଭଲ ଲାଗିଲା ।"

 Download Magazine from www.aahwaan.com

କିନ୍ତୁ ତାକୁ ଆଶ୍ଚର୍ଯ୍ୟ ଲାଗିଲା ଯେତେବେଳେ ଶୁଭଶ୍ରୀ ହଠାତ କହି ପକାଇଲା, "ଆଉ କୁହନା ରୂପା ! ତୋ ଠୁ ବି ଭଲ କହିଛନ୍ତି ସୁରେଶ । ବୁଝିଲୁ !"

"ହଁ... ଆହୁରି କିଛି ନା ?" ରୂପାଲି ଅଭିଯୋଗ କରୁଥିଲା ।

ଏମିତି ଏମିତି କଥାରେ ସେ ଦିନଟି ଯାଇଥିଲା ।

X X X X

ଆଜି କଲେଜର ଶେଷ ଦିନ । କାଲିଠାରୁ କିଏ କୁଆଡେ ଯିବେ ଠିକ ନାହିଁ । ଆଜି ଯାଏ ଶୁଭଶ୍ରୀକୁ କିଛିବି କହିପାରିନି ସୁରେଶ । କିନ୍ତୁ ଆଉ ଆଜି ସମ୍ଭାଳି ପାରିଲାନି । ନିଜକୁ ପ୍ରସ୍ତୁତ କଲା । ମୋବାଇଲରେ ଶୁଭଶ୍ରୀର whatsapp ଆକାଉଣ୍ଟରେ ଟାଇପ କରି ଚାଲିଲା .....

"ବିଜ୍ଞାନର ଭାଷାରେ ହୃଦୟ ଅର୍ଥାତ ହାର୍ଟ ହେଉଛି ମଣିଷର blood pumping system, ଯେଉଁଠୁ ସାରା ଶରୀରକୁ ରକ୍ତ ସଞ୍ଚାଳନ ହୁଏ । କିନ୍ତୁ କଳାର ମତରେ ହୃଦୟ ହେଉଛି ସେଇ ସ୍ଥାନ ଯେଉଁଠି ମଣିଷ ନିଜ ଖୁସି, ଦୁଃଖ, ପ୍ରେମ, ଭଲ ପାଇବା, ସ୍ନେହ, ଦୟା, କ୍ଷମା ସବୁ ଅନୁଭବ କରିପାରେ । ଆଉ ଗୋଟିଏ ବିନା ଆରଟି ଅସମ୍ପୂର୍ଣ୍ଣ ।

ତେଣୁ ମୁଁ ବିଜ୍ଞାନର ଛାତ୍ର ହେଲେ ବି ତୁମପରି ଜଣେ କଳାର ଛାତ୍ରୀକୁ ଭଲପାଏ, ଆମ ଜୀବନକୁ ପରିପୂର୍ଣତାରେ ଭରିଦେବା ପାଇଁ ।"

ଟାଇପ କରି ପଠାଇ ଦେଲା । ସାଙ୍ଗେ ସାଙ୍ଗେ ଉତ୍ତର ଆସିଲା ।

"ସରି... ସୁରେଶ । ମୁଁ ଆଉ କିଛି ଦିନ ପରେ ପର ଘରକୁ ବୋହୁ ହେଇଯିବି । ମୋର ନିର୍ବନ୍ଧ କାଲି ହେଲା । ଆପଣ ଏତେ ଡେରି କରିଦେଲେ କଣ ପାଇଁ ?"

ସୁରେଶ ଆଖିରେ ଲୁହ ଜକେଇ ଆସି ମୋବାଇଲର ଲେଖା ଗୁଡ଼ାକ ଝାପ୍ସା ହେଇ ଯାଉଥିଲା ।

Download Magazine from www.aahwaan.com

# ଜାନୁଆରୀ ମାସ ପାଇଁ ଗଳ୍ପ ସ୍ପର୍ଦ୍ଧା

ଆହ୍ୱାନରେ ବିଗତ ତିନିମାସ ହେବ ଆମେ ଆରମ୍ଭ କରିଛୁ ଏକ ନୂତନ ବିଭାଗ । ପତ୍ରିକାରେ ପ୍ରକାଶନ ଯୋଗ୍ୟ କାହାଣୀ ନିବେଦନ କରାଯାଉଛି କିନ୍ତୁ ସେଥିପାଇଁ ଯେଉଁ ଲେଖା ପଠାଇବାକୁ ହୁଏ ତାହାର ସମ୍ୟକ କଥନ ଆମେ ଏଠାରେ ଦେଇଥାଉ ଏବଂ ତାହାକୁ କାହାଣୀରେ ସ୍ଥାନ ଦେଇ ଗୋଟିଏ କାହାଣୀ ସୃଷ୍ଟି କରିବାକୁ କୁହାଯାଏ । ଆପଣ ମଧ୍ୟ ଚାହିଁଲେ ନିମ୍ନରେ ଦିଆଯାଇଥିବା କାହାଣୀର ଅଂଶକୁ ନେଇ ନିଜେ ଗୋଟିଏ ସୁନ୍ଦର କାହାଣୀ ଲେଖି ଆମ ନିକଟକୁ ପଠାଇ ପାରିବେ । ମନେ ରଖନ୍ତୁ ଆପଣଙ୍କ କାହାଣୀରେ ଆମେ ଦେଇଥିବା କାହାଣୀର ଅଂଶ ନିଶ୍ଚୟ ଭାବରେ ରହିଥିବ ।

---

ସକାଳୁ ସକାଳୁ ନିଦ ଭାଙ୍ଗିଗଲାପରେ ପ୍ରଶାନ୍ତ ନିଶ୍ଚୟ କରିଥିଲା ଯେ ଆଜି ସେ ଯେମିତି ହେଲେ ଗାଡ଼ିକୁ ସଫା କରିବ । ଦାଣ୍ଡଦୁଆରେ ଥୋଇ ଥୋଇ ଗାଡ଼ି ଉପରେ ମଇଳା ପରସ୍ତେ ପଡ଼ିଯାଇଛି । ଅଗତ୍ୟା ସେ ହାତରେ କନା ଆଉ ପାଣି ବାଲତି ଧରି ଯାଇ ଗାଡ଼ି ଧୋଇବାରେ ଲାଗିଗଲା । ଏହି ସମୟରେ ରାସ୍ତାରେ ଯାଉଥିବା ଗୋଟିଏ ଲୋକ ସେଠାରେ କିଛି ସମୟ ଅଟକି ଗଲା ଆଉ ପ୍ରଶାନ୍ତକୁ କହିଲା, "ଆଜ୍ଞା ଟଙ୍କା କୋଡ଼ିଏଟା ଯଦି ଦେବେ, ମୁଁ ଧୋଇଦେବି ।" ପ୍ରଶାନ୍ତ ତାକୁ ଚାହିଁ କହିଲା, "ତୁମକୁ ଗାଡ଼ି ଧୋଇଆସେ ?" ସେ ମୁଣ୍ଡ ହଲାଇ ହଁ ବୋଲି ଜଣାଇଲା । ମନେ ମନେ ପ୍ରଶାନ୍ତ ଭାବୁଥିଲା ମାତ୍ର କୋଡ଼ିଏ ଟଙ୍କାର କଥା । ଗ୍ୟାରେଜକୁ ନେଲେ ଅନ୍ତତଃ ଦେଢ଼ଶହ ଟଙ୍କା ଚାଲିଯିବ । ସେ ରାଜି ହୋଇଗଲା । ଲୋକଟାକୁ ବାଲତି ଦେଉ ଦେଉ ପଚାରିଲା...

---

ମନେ ରଖନ୍ତୁ ଏହି ପାରାଗ୍ରାଫଟି ଆପଣଙ୍କ କାହାଣୀରେ ରହିବା ଅନିବାର୍ଯ୍ୟ । ଆପଣ ଏହାକୁ କାହାଣୀରେ ଯେ କୌଣସି ଭାଗରେ ରଖିପାରିବେ । କାହାଣୀ ଆମ ନିକଟକୁ ୨୦୧୮, ଜାନୁଆରୀ ମାସ ସାତ ତାରିଖ ପୂର୍ବରୁ ପହଞ୍ଚିଯିବା ଆବଶ୍ୟକ । ଆମ ଇମେଲ୍ ଠିକଣା : aahwaan@gmail.com

Download Magazine from www.aahwaan.com

# ପ୍ରତିଯୋଗୀତା



ଶୁଭଶ୍ରୀ ସିଂହ

ପ୍ରତିଯୋଗୀତାକୁ ପାଥେୟ କରି ମଣିଷ ଚାଲିଛି ଜୀବନର କଣ୍ଟକିତ ରାସ୍ତାରେ ।
ସେଇ ମଣିଷ ପ୍ରତିଯୋଗୀତାର ଛଳନା କରି ବଞ୍ଚି ଚାଲିଛି ଏଇ ମୋହମାୟା ଦୁନିଆରେ ।
ମାତୃଗର୍ଭରେ କନ୍ୟାଭ୍ରୁଣ ଦୁନିଆରେ ପାଦ ରଖିବାକୁ କରୁଛି ପ୍ରତିଯୋଗୀତା ।
ନିଷ୍ପାପ କୋମଳମତି ପ୍ରସ୍ଫୁଟିତ ହୋଇ ସୁଗନ୍ଧ ବିଚ୍ଛୁରିତ କରିବାକୁ କରି ଚାଲିଛି ପ୍ରତିଯୋଗୀତା ।
ନିଷ୍ଠୁର ରାଜନେତା ପ୍ରତିଯୋଗୀତାର ରାଜନୀତି ଆଢୁଆଳରେ କରିଚାଲିଛି ଦୁର୍ନୀତି ।
ପ୍ରତିଯୋଗୀତାକୁ ଜିତେଇବାକୁ ଯାଇ ନିରୀହ ଗରୀବ ଚାଷୀ ଦେଇ ଚାଲିଛି ପ୍ରାଣର ଆହୁତି ।
ସୁନାର ଭାରତ ସ୍ୱାଧୀନତାର ପ୍ରତିଯୋଗୀତାପାଇଁ ହରେଇଛି ନିଜର ମହାନ ସନ୍ତାନକୁ ।
ତଥାପି କାହିଁକି ନାରୀ ସୁରକ୍ଷିତାର ପ୍ରତିଯୋଗୀତାରେ ଆଜି ବି ନୀରବ ଆଉ ଅବହେଳିତା ।
କସ୍ତୁରୀ ମୃଗ ନିଜ ତୃଷ୍ଣା ନିବାରଣ ପାଇଁ କରି ଚାଲିଛି ଭ୍ରମ ର ପ୍ରତିଯୋଗୀତା ଆଉ ହରାଉଛି ଅମୂଲ୍ୟ ଜୀବନ ।
କସ୍ତୁରୀ ମୃଗପରି ଏଇ ମଣିଷ ପ୍ରତିଯୋଗୀତାରେ ଜିତିବାରେ ବିମୋହିତ ହୋଇ ପାଉଛି ଏଇ ଭ୍ରମ ରୂପକ ପାଞ୍ଚଟି ଶବ୍ଦର ମିଛ ଆଶ୍ୱାସନା ।
ପ୍ରତିଯୋଗୀତାର ମାନେ ନୁହେଁ ବର୍ବରତା, ସ୍ୱାର୍ଥପରତା, ଛଳନା ଆଉ କପଟତା ।
ଆଜି ଏହି ମଣିଷ ସମାଜ 'ବସୁଧୈବ କୁଟୁମ୍ବକମ୍'କୁ ଭୁଲି ଯାଇ ନିଜର ସୁଖପାଇଁ ଆପଣେଇ ନେଇଛି, 'ପ୍ରତିଯୋଗୀତା... ପ୍ରତିଯୋଗୀତା... ପ୍ରତିଯୋଗୀତା...' ।

ବିଏଏମ୍ଏସ୍, ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ, ପୁରୀ

Download Magazine from www.aahwaan.com

# ଅମ୍ଳାନବ୍ୟକ୍ତିତ୍ୱ ରାଜବାହାଦୁରଙ୍କ ସ୍ମୃତିରେ



ପ୍ରବୋଧ ଚନ୍ଦ୍ର ମୁଦ୍ରା

ଭାରତ ଭୂଖଣ୍ଡେ-ଉତ୍କଳ ପ୍ରଦେଶେ - ଗଞ୍ଜାମ ଯେ ବିଦ୍ୟମା ।
ଗଡ଼ଜାତ ମଧ୍ୟେ ଖଲ୍ଲିକୋଟଗଡ଼ ହୋଇଅଛି ଅଧିଷ୍ଠାନ ।
ମର୍ଦ୍ଦରାଜ କୀର୍ତ୍ତି-କିରୀଟମଣ୍ଡିତା ଏମାଟି ହୋଇଛି ଧନ୍ୟ
ବିଶ୍ୱଦରବାରେ ରାଜାଙ୍କ ସୁଯଶ ଉଡିଛି ଜୟ କେତନ ।
ଏ ଭଞ୍ଜ ମାଟିର ଅମୂଲ୍ୟ ରତନ ଥିଲେ ଅମୃତ ସନ୍ତାନ
ନଳିନାକ୍ଷ-ରାମକୃଷ୍ଣ-ଜଗନ୍ନାଥ ରାଜା ବାହାଦୁର ଗଣ
ବାଳକେଶ୍ୱର ସିଂ-ନାରାୟଣ ଦେଓ-ମର୍ଦ୍ଦରାଜ ହରିହର
ପ୍ରତାପୀ ଓ ବାହାଦୁର ରାମଚନ୍ଦ୍ର-ପୂର୍ଣ୍ଣଚନ୍ଦ୍ର ମହାବୀର
ମର୍ଦ୍ଦରାଜ ବଂଶ ଅନ୍ତିମ ପ୍ରଦୀପ ଯୁବରାଜ ପୂର୍ଣ୍ଣଚନ୍ଦ୍ର
ଅକାଳବିୟୋଗେ ବିଦାୟ ହୋଇଲେ ଲୁପ୍ତ କରି ରାଜତନ୍ତ୍ର
ରାଜକୁଳ ଲକ୍ଷ୍ମୀ ସୁଜ୍ଞାନ କୁମାରୀ ହୋଇଲେ ରାଣୀ ସାହେବା
ଗଣତନ୍ତ୍ରର ପୂଜାରିଣୀ ରୂପେ କରିଲେ ମାନବ ସେବା ।
ନାରାୟଣଙ୍କର ସୁଯୋଗ୍ୟ ସନ୍ତାନ ଅଟନ୍ତି ଯେ ହରିହର
ହରିହରଙ୍କର ସନ୍ତାନରତ୍ନ ଯେ ସ୍ୱୟଂ ରାମଚନ୍ଦ୍ରବୀର
ଊନବିଂଶ ଶତ ତେର-ଜାନୁୟାରୀ, ଜନ୍ମ ହେଲେ ଶୁଭକ୍ଷଣେ
ଅଂଶୁମାଳି ସମ ଥିଲେ ତେଜିୟାନ ନିପୁଣ ସେ ସର୍ବଜ୍ଞାନେ

Download Magazine from www.aahwaan.com

ବୀରତ୍ୱପଣରେ ଅପ୍ରତିଦ୍ୱନ୍ଦୀ ସେ ନିଷ୍ଠା ଓ ଆଦର୍ଶବାନ
ପ୍ରଚଣ୍ଡ ଶକ୍ତିର ଥିଲେ ଅଧିକାରୀ ବୁଦ୍ଧିରେ ସେ ବିଚକ୍ଷଣ
ଯୁବରାଜ ରୂପେ ହୋଇ ଅଧିଷ୍ଠିତ ରାମଚନ୍ଦ୍ର ମର୍ଦ୍ଦରାଜ
ରାଜକାର୍ଯ୍ୟ ସହ ପ୍ରଜାଙ୍କ ସେବାରେ କଲେ ଜନହିତ କାର୍ଯ୍ୟ
ଅଷ୍ଟାଦଶ ବର୍ଷେ  ଯୁବ ରାମଚନ୍ଦ୍ର ହୋଇଲେ ପାଣିଗୃହୀତ
ଷଢେଇକଳାର ଦେବୀ ରାଜଜେମା ଚନ୍ଦ୍ରପ୍ରିୟାଙ୍କ ସହିତ
ଦୃଢ ଦାବିବଳେ ଊନବିଂଶ ଶତ ଏକୋଇଶ ମସିହାରେ
ବ୍ରିଟିଶଙ୍କ ଠାରୁ ଇଷ୍ଟେଟ ଗ୍ରହଣ କରିଥିଲ ସୁଚତୁରେ
ଦ୍ୱାବିଂଶତି ବର୍ଷେ ମାଡ୍ରାସ ଷ୍ଟେଟର ସଭ୍ୟ ହେଲ କାଉନସିଲର
ଉତ୍କଳର ମାନ ମହତ ରଖିଲ ରାଜା ରାମଚନ୍ଦ୍ର ବୀର
ଆଠାଇଶ ସାଲେ ରମ୍ଭା ପ୍ରାସାଦରେ ଆତିଥ୍ୟ ଦେଲ ଗାନ୍ଧୀଙ୍କୁ
ଗାନ୍ଧୀଜୀ ସମେତ କଲ ଆପଣାର ସମ୍ମାନ ଦେଇ ସଭିଙ୍କୁ
ଶୁଭ ଲଗ୍ନେ ତବ ଔରସୁ ସମ୍ଭୁତ ପୂର୍ଣ୍ଣଚନ୍ଦ୍ର ମର୍ଦ୍ଦରାଜ
ପୂର୍ଣ୍ଣଚନ୍ଦ୍ର ସମ ଜ୍ୟୋତିପ୍ରକାଶିଣ ହୋଇଗଲେ ଯୁବରାଜ
ଊନବିଂଶ ଶତ ବତିଶ ସାଲରେ ଗୋଲ ଟେବୁଲ ସଭାରେ
ଯୋଗଦାନ କରି ରାଜା ରାମଚନ୍ଦ୍ର ଲଢିଲେ ରାଜ୍ୟ ସ୍ୱାର୍ଥରେ
ଲଣ୍ଡନସ୍ଥ ଜଏଣ୍ଟ ପାର୍ଲିଆମେଣ୍ଟାରୀ  ବୈଠକରେ ତଥ୍ୟ ପ୍ରଦାନ
ଏ ମାଟି ମାଆର ଶ୍ରେଷ୍ଠ ବରପୁତ୍ର ରଖିଲ ଉତ୍କଳ ମାନ
ଓଡିଶାର ଉପଦେଷ୍ଟା ପରିଷଦେ ସଭ୍ୟ ରୂପେ ମନୋନୀତ

Download Magazine from www.aahwaan.com

ବିଧାନ ସଭାର ପୁଣି ହେଲ ସଭ୍ୟ କରିଣ ମହତ କାର୍ଯ୍ୟ

ସଭ୍ୟ ରୂପେ ପୁନଃ ହେଲ ବିବେଚିତ କେନ୍ଦ୍ରୀୟ ଆସେମ୍ବ୍ଲି ଠାରେ

ଓଡିଶା ପକ୍ଷରୁ ହେଲ ପ୍ରତିନିଧି ଜାତୀୟ ନିରାପତ୍ତାରେ

ବିଧାନ ସଭାର  ନିର୍ବାଚିତ ସଭ୍ୟ ଊନବିଂଶ ବାଉନରେ

ଓଡିଆ ଜାତିର ଗର୍ବ-ଗୌରବ ତୁମେଥିଲ ବାସ୍ତବରେ

ସତାବନ ସାଲେ ହେଲ କେନ୍ଦ୍ର ମନ୍ତ୍ରୀ ହେ ବୀର କେଶରୀ ରାମ

ରାଜ୍ୟ ସମବାୟ ବ୍ୟାଙ୍କର ସଭାପତି ହୋଇ ରଖିଲ ସୁନାମ

ପୁନଃ ସଭ୍ୟହେଲ ବିଧାନ ସଭାରେ ଏକଷଠୀ ମସିହାରେ

ରାଜ୍ୟ ପ୍ରଗତିରେ ସହାୟକ ହୋଇ ଯଶ ଅର୍ଜିଲ ମହୀରେ

ଉତ୍କଳର ସୂର୍ଯ୍ୟ ଚିର ଅସ୍ତମିତ ହୋଇଗଲା ଏ ଧରାରେ

ଗଞ୍ଜାମ ମାଟିର ଏ ମହାମାନବ ମିଶିଲେ ପରମାତ୍ମାରେ

ଊନବିଂଶ ଶତ ତେଷଠୀ ସାଲର ଜାନୁୟାରୀ ତେଇଶରେ

ଚିରକାଳ ଲାଗି ହୋଇଲ ଅମର ମହାକାଳ ଇଙ୍ଗିତରେ

ଧନ୍ୟ-ଧନ୍ୟ ତୁମେ ହେ ମହାନାୟକ  ! ତୁମର ଯଶ-ପୌରୁଷ

ମୃତ୍ୟୁଞ୍ଜୟ ତୁମେ ଉତ୍କଳ ଭୁବନେ ହୋଇଲ ଚିର ନମସ୍ୟ

ପ୍ରାତଃସ୍ମରଣୀୟ-ଚିରବନ୍ଦନୀୟ- ପୁଣ୍ୟଶ୍ଳୋକ-ରାମଚନ୍ଦ୍ର

କୃତାଞ୍ଜଳି ପୁଟେ ଶତ ପ୍ରଣିପାତ ଘେନ ଏ ବିପ୍ର ମୁଦ୍ରାର  ।।

ସାଙ୍କୁଡା, ଦୂରଭାଷ-୭୮୯୪୯୧୬୧୩୧

Download Magazine from www.aahwaan.com

# ରାସ୍ତା



ବରୁଣ ଦାସ

ଆଗକୁ ଆଗକୁ

ଲମ୍ବିଥିବା ରାସ୍ତାଟେ

ଲୁଚକାଳି ଖେଳୁଛି,

ଯାହାକୁ ପଚାରିଲେବି

ରାସ୍ତା ଠିକ୍ ଅଛିର

ଉତ୍ତର ମିଳୁଛି ।

ଆଗକୁ ଆଗକୁ

ବଳି ଯାଉଥିବା ରାସ୍ତାଟେ

ଅମଡ଼ା ବାଟପରି

ମନେ ହେଉଛି

ଥରକୁ ଥର

ରାସ୍ତା ଠିକ୍ ନେଇ ପ୍ରଶ୍ନର ଉତ୍ତର

ବହୁ ଖଣ୍ଡରେ

ବିଭାଜିତ ହେଉଛି ।

ଆଗକୁ ଆଗକୁ

ସରି ଚାଲିଥିବା ରାସ୍ତାଟେ

ଶେଷରେ ବନିଯିବ ଭୁଲଟେ

କିମ୍ବା ଠିକ୍ ରାସ୍ତା ଲାଗି

ନିଜେ ଭୁଲ୍ ପଥିକଟେ ।

ପାଳୁସିଆ, ଦେହୁର୍ଦ୍ଦା, ବାଲେଶ୍ୱର

ଓଡ଼ିଶା

ଇମେଲ୍ : barunkumar-das1@gmail.com

ଭ୍ରାମ୍ୟଭାଷ : ୯୯୩୨୯୨୪୬୬୧

Download Magazine from www.aahwaan.com

# ବଡ଼ ପାପୀ



ରୁଦ୍ରରଞ୍ଜନ ଶେଜପଡ଼ା

ବାହାରେ ବର୍ଷା ହେଉଥିଲା

ଭିତରେ ଅନେକେ

ଭିଜୁଥିଲେ ରକ୍ତରେ.. !

କେହି କିଛି ଶୁଣୁନଥିଲେ କି

କାହାକୁ ଚିତ୍କାର ଶୁଭୁନଥିଲା,

ନଚେତ୍ ବଂଚିଯାଇଥାଆନ୍ତେ

ସେଇ ଅବଳାମାନେ.. ।

ଏଠି ସକାଳ ହେଲେ

ସବୁଦିନ ନଦୀ ବୋହେ..

ରକ୍ତସବୁ ପରେ;

ଖବରକାଗଜରେ..

ଟିଭି ପରଦାର ଫ୍ଲାସ୍ରେ

ଫେସ୍ବୁକ୍ର ପୋଷ୍ଟରେ

ଆମ ଘରେ..

ବୋଉ ପ·ରେ

ପତ୍ନୀ ପ·ରେ

ଭଉଣୀ ପରେ

ଝିଅ ପରେ

କଣ ହେଲା ଯେ.. ?

ମୁଁ କହେ ହତ୍ୟା..

କେବଳ ହତ୍ୟା

ମୁଁ ଜାଣେ ଇଜ୍ଜତର ।

ଅନୁତାପ କରେ

ହେଲେ ପ୍ରତିବାଦ ପାଇଁ

ସାହସନାହିଁ ମୋର..

ମୁଁ ସେଇ ପ୍ରତ୍ୟକ୍ଷଦର୍ଶୀ

ପାପୀମାନଙ୍କଠାରୁ ବଡ଼ ପାପୀ ! !

-ଅନ୍ଧାରୀ, ଝାଡ଼ପୋଖରିଆ, ମୟୂରଭଂଜ

ମୋବାଇଲ୍: ୯୮୭୧୦୦୮୯୩୮

Download Magazine from www.aahwaan.com

# ମୁଁ ଶିଖିଗଲି



ପ୍ରତିଭା ପ୍ରିୟଦର୍ଶିନୀ

କେଜାଣି କେମିତି ମା
ମୁଁ ଶିଖି ଗଲିଣି ଏବେ
ରୁଟି ବେଲିବା
ଆଜିକାଲି ମୋ ହାତ ରୁଟିସବୁ
ଆମ ଦେଶ ନକ୍ସା ନୁହେଁ
ଗୋଲାକାର ଦିଶନ୍ତି ପୃଥିବୀ ଭଳିଆ
କେବେ କଞ୍ଚା ରହୁଥିଲା
କେବେ ପୋଡି ଯାଉଥିଲା
ଆଜିକାଲି ଏକଦମ୍ ଠିକ୍ ସେକିହୁଏ
ନରମ ନରମ ଲାଗେ ସୁଆଦିଆ । ।

କେଜାଣି କେମିତି ମା,
ମୁଁ ଶିଗିଗଲିଣି ଏବେ
ନାନାବିଧି ବ୍ୟଞ୍ଜନ ରାନ୍ଧଣା
ହେଉଥିଲା କେବେ ରାଗ,କେବେ ଲୁଣ,
କେବେ ଫିକା, କେବେ ପାଣିଚିଆ,
କେବେ ପୁରା ବେସ୍ୱାଦ, କେବେ ସମ୍ପୂର୍ଣ୍ଣ
ଅଲଣା
ହେଲେ ଏବେ ମସଲା
ବରାବର ପକାଇ ପାରୁଛି,
ବିନା ମାପରେ ଲୁଣ ମଧ୍ୟ
ସଠିକ ମାତ୍ରାରେ ପଡୁଛି ।

କେଜାଣି କେବେ ଶିଖିଗଲି
ସୀମିତ ବଜେଟରେ ଚଳିବା
ନିଜ କପଡା ଜୋତାରେ ପ୍ରତିମାସ
ଖର୍ଚ୍ଚି ଦେଉଥିଲି କେତେ ଟଙ୍କା
ଏବେ ଗୋଟି ଗୋଟି ପଇସାର
ଠିକଣା ହିସାବ ରଖୁଛି
ଆବଶ୍ୟକ ଜିନିଷ ଖରିଦ ପୂର୍ବରୁ
ଭଲକରି ଦି ଥର ଭାବୁଛି
ନିହାତି ଜରୁରୀ ଥିଲେ ଯାଇ

Download Magazine from www.aahwaan.com

ତାଲିକାରେ ତା'କୁ ମୁଁ ଲେଖୁଛି ।

କେଜାଣି କେମିତି ଶିଖିଗଲି ମା
ସମସ୍ତଙ୍କ ଯତ୍ନ ନେବା
ସବୁଥିକୁ ବେପରୁଓ୍ୱା ରହୁଥିବା ମୁଁ
ଏବେ ସମସ୍ତଙ୍କ ଚିନ୍ତାବି କରୁଛି
ନିଜଠୁ ଢେର ଅଧିକ ଆଜି ମୁଁ
ଅନ୍ୟ ମାନଙ୍କ ପାଇଁକି ଭାବୁଛି ।
ଆଉ ପୁଣି କେମିତି ଶିଖିଗଲି
ମୁଁ ଚୁପ୍ ରହିବା
ସବୁକିଛି ଏମିତି ନିରବେ ସହିବା
ତୋ ପାଖେ ସିନା କଥା ପଦକେ
ପାଦ କଚାଡୁଥିଲି ମୁଁ ମା
ଏବେ ଅଧିକନ୍ତୁ ମୌନ ରହୁଛି
ମୋ କଥାରେ କିଛି ବି ହୁଏନା
ଏ ଘରେ ମୋ କଥା ଚଳେନା
ମୁଁ ଠିକ୍,
ତଥାପି ଚୁପଚାପ ସହିଯାଏ
ମୁହଁ ଖୋଲି କିଛି ବି କହେନା ।

କେଜାଣି କେମିତି ଶିଖିଗଲି
ମୁଁ ଏତେ ଦୁନିଆଦାରୀ ମାଁ
କେବେ ଛୋଟ ଛୋଟ କଥାରେ
ଆହତ ହୋଇଯାଉଥିବା ମୁଁ,
ଆଜି ବଡ ବଡ ଦଂଶ କୁ ବି
ସହିବା ଯାଇଛି ଶିଖି
କେବେ ସିନା ଛୋଟ ସମସ୍ୟାରେ
କାନ୍ଦୁଥିଲି କଇଁ କଇଁ
ଆଜିକାଲି ଏକାନ୍ତରେ
ପଣତ ଓ ତକିଆ ଦେହରେ
ଶୁଖାଇ ଦେଉଛି ଆଖି ।

ଜାଣିନି କେମିତି ଶିଖିଗଲି ମୁଁ ମା
ଏତେ ସବୁ
କେଜାଣି କେମିତି
ବାସ୍, ଶିଖି ଗଲି.....

ଶକ୍ତି ନଗର, ଲିଙ୍କ ରୋଡ, କଟକ - ୧୨

Download Magazine from www.aahwaan.com

# ରେ ହୃଦୟ



ବିକେଶ ସାହୁ

ଥରେ ମୁଁ ପଚାରିଲି
ଏଇ ହୃଦୟକୁ
ରେ ହୃଦୟ
ସତକହ କାହାକଥା ରାତିଦିନ ଭାବୁ ।
ଏକା ଏକା ହସୁ ପୁଣି
ଏକା ଏକା କାନ୍ଦୁ
ଏକା ତୁହି କାହା ସହ
ନିତି କଥା ହେଉ ।
ରେ ହୃଦୟ............... ।
କାହା ପାଇଁ ପ୍ରତିଦିନ
ମନ୍ଦିରେ ଦୀପ ଜାଳୁ
ନିଜ କଥା ନ ଭାବି ତୁ
କାହା କଥା ଭାବୁ
ଉପବାସ ରହି ତୁ ରେ
ମଙ୍ଗଳ ମନାସୁ ।
ରେ ହୃଦୟ................ ।

କାହା ପାଇଁ ସକାଳରେ
ସଜ ଫୁଲ ତୋଳୁ
କାଳେ ସେ ଆସିବ ଭାବି
ମଲ୍ଲୀ ମାଳ ଗୁନ୍ଥଉ
ନାନା ରଙ୍ଗ ଫୁଲରେ ତୁ
ଘରଟା ସଜାଉ ।
ରେ ହୃଦୟ.............. ।
କାହିଁକି ରେ ନିତି ନିତି
ବାତାୟନେ ବସୁ
ମଙ୍ଗଳ କଳସ ଥୋଇ
କାହା ପଥ ଚାହୁଁ
ଆଖି ଲୁହ ଶ୍ରାବଣ ରେ
କାହା ପାଇଁ ଭିଜୁ ।
ରେ ହୃଦୟ.............. ।
କାହାପାଇଁ ଏକା ବସି
କବିତା ତୁ ଲେଖୁ

Download Magazine from www.aahwaan.com

ରାତି ସାରା ଚେଇଁ ଚେଇଁ

କାହା କଥା ଭାବୁ

ନିତି ନିତି ସପନରେ

କାହା ମୁହଁ ଦେଖୁ ।

ରେ ହୃଦୟ................ ।

ଭୂଷଲାଡ଼, ସିନ୍ଧେକେଲା, ବଲାଙ୍ଗୀର

ଦୂରଭାଷ-୭୭୫୨୦୬୬୨୧୭

Download Magazine from www.aahwaan.com

# ପାପପୂଣ୍ୟର ହିସାବ



ଡା ସନ୍ଧ୍ୟାରାଣୀ ପାଣିଗ୍ରାହୀ

ଯଦି କଇଁକୁ ଦେଖିବାକୁ
ଚନ୍ଦ୍ରର ପାପ
ମୁଁ ଏମିତି ପାପ
ଖୁସି ହେବି ଖୁବ୍ କରିବାକୁ
କୁହୁଡିର ଲୁହ ହୋଇ
ଶିଶିର ବିନ୍ଦୁରେ
ଛୁଇଁବାକୁ ଚାହେଁ ପୃଥିବୀକୁ
ଏ ସକାଳରେ
ଏ ବେଳାରେ
ବାରମ୍ବାର ଦାବି ଏ ନେଇ
ମନର ଭାବନାରେ
ଯେତକ ଆଉଟା ପାଉଟ ମନଟା
ଖୁବ୍ ଭିଜୁଥାଏ
ଖୋଜୁଥାଏ ନିଜେ ନିଜକୁ ନେଇ
ହାଲିଆ ମନ ଭିତରେ ମୋ
ଜୀବନ ଜୁଆରରେ

ଭାବିନିଏ ଏ ମୋର
ଜୀବନ ମୋ ନିବିଡ ସଙ୍କାର
ଜୀବନଟା ଦେଖାହୁଏ ବାରମ୍ବାର
ରାତିରେ ତାତିରେ ରାସ୍ତାକଡରେ
କଡ ଲେଉଟାଏ ଜୀବନ
ବଡ ଦ୍ୱନ୍ଦରେ ଧୀରେ ଧୀରେ
ଆଖିରେ ଭରେ ସେ ସପନ
କେବେ ଆବେଗରେ କିଛି ମିଛରେ
ମୁଁ ସବୁଦିନେ ଦେଖିବାକୁ ମୋତେ
ଶାନ୍ତ ପ୍ରେମର ନିରୋଳା ନୀରବରେ
ମିଶିଯାଏ ଜୀବନ ଥରେ ଅଧେ
ନିକାଞ୍ଚନ ଅକିଞ୍ଚିତରେ
ଅବଶୋଷର କିଛିଟା ଛିଟକା
ଛିଟିକି ପଡେ ନିଜ ଆକାଶରେ
ମୋ ଜୀବନ ଖିଲିଖିଲି ହସେ
କିଛି ପାଇଥିବା ପରିତୃପ୍ତିର

Download Magazine from www.aahwaan.com

କିଛି ଭାବ ସମର୍ପଣ ସମ୍ପର୍କର

ସମୟର ସମୁଦ୍ରରେ ଶାମୁକାଟିଏ

ମୋତି ମାଣିକ ନାୟିକାର ରୁପାନ୍ତରିତ ଏ

ମୁଁ ମୋସହ ଯେବେ ଦେଖିବାକୁ ଯାଏ

ଜୀବନର ରଂଗ ରାଗର

ସୁରରେ ଭିଜି ଖୁସିହୁଏ

ବରିଷ୍ଠା ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞା

ଏମକେସିଜି ମେଡ଼ିକାଲ୍ କଲେଜ, ବ୍ରହ୍ମପୁର

Download Magazine from www.aahwaan.com

# ବିଜୟୀ ବୀର



ଅନାମ ଚରଣ ସାହୁ

ଉତ୍କଳ ରାଇଜେ ଜନମ ମୋହର

ଧନ୍ୟ ମୋ ପୂରୁବ ସୁରୀ

ନିହାଣ ମୁନରେ ଗଢ଼ିଲେ ମନ୍ଦିର

କେହି ନୁହେଁ ତା'ର ସରି ।

ଜଗନ୍ନାଥ ଧାମ କୋଣାରକ ସମ

ବିଶ୍ୱରେ ମନ୍ଦିର କାହିଁ ?

ବିଜ୍ଞାନ ଯେଉଁଠି ହାରି ଯାଇଅଛି

ସୂକ୍ଷ୍ମ କାରୁକାର୍ଯ୍ୟ ପାଇଁ ।

ପ୍ରସ୍ତର ପ୍ରତିମା ଦିଶେ ଅନୁପମା

ଚଳନ୍ତି ତନୁର ସମ

ନ କହିବି ସିଏ ନିତି ଗାଉଥାଏ

ପୂରୁବ କୀରତି ଆମ ।

ପ୍ରତିଟି ଶିଳାରେ ଜୀବନ ସଞ୍ଚରେ

Download Magazine from www.aahwaan.com

ସଦା ଦିପ୍ତୀମାନ ହୋଇ
ଉତ୍କଳ ପୁତ୍ରର ମାନସ ସନ୍ତାନ
ଚିର ଅମଳିନ ସେହି ।

ବାର ବରଷର ବାଳୁତ ଧରମା
ମାରି କୋଣାରକ ଚୂଳ
ଅବନୀ ବକ୍ଷରେ ଦେଖାଇ ଥିଲା ସେ
ଓଡ଼ିଆର କଉଶଳ ।

ଓଡ଼ିଆ ମାଟିର ପ୍ରତିଟି ସନ୍ତାନ
ଜଣେ ଜଣେ କାରିଗର
ମାତୃଭୂମି ପାଇଁ ନିଜ ଶ୍ରମ ଦେଇ
ବୋଲାଏ ବିଜୟ ବୀର ।

ବିଭୁତିପୁର, କାକଟପୁର, ପୁରୀ
ଓଡ଼ିଶା
ଭ୍ରାମ୍ୟଭାଷ : ୯୯୩୭୨୧୦୨୬୦

Download Magazine from www.aahwaan.com

# ବଧୂ ବାରାଙ୍ଗନା



ଉଦୟନାଥ ଗୌଡ଼

ଲବ୍ଧା !ତୁମେ ଲବ୍ଧା ! ରସ ପୌରୁଷର ! !

ଅଳିକ ଦେହଜ ସୁଖ

କଳୀକ କସ୍ତୁରୀ

ରଙ୍ଗମଖା ବୟସର ବସନ୍ତରେ

ପଲ୍ଲବିତ

ନବୀନ କଳିକା !

ଉପଭୋଗର ସତେଜ ବ୍ୟଞ୍ଜନ,

ଇସାରାର ନିମ୍ନଭଙ୍ଗୀ

ପୂର୍ଣ ଆବେଦନ,

କାମର କୌମୁଦୀ,

ଅର୍ଥହୀନ ଆତୁରତା

ବିହିତ ବ୍ୟର୍ଥତା !

ସୌମ୍ୟା !ତୁମେ ସୌମ୍ୟା !ସମ୍ବେଦନ ଯୌବନର ! !

ମନୋଜ୍ଞ ବ୍ୟଭିଚାରର

ମହାରାଣୀ ମେରୀଏଣ୍ଟୋଇନେ,

ବିକାରଗ୍ରସ୍ତ ସୌନ୍ଦର୍ଯ୍ୟ

ଚୁମ୍ବନର ଚୁମ୍ବକ ଓ ଲେଲିହାନ

ମଦ ମାଦକତା,

ଅଙ୍କତାର ଅବାସ୍ତବ ଅନୁଭୂତି

ପରାହତ ପ୍ରାଚୁର୍ଯ୍ୟ ପସରା !

ସଙ୍କାହୀନ ବ୍ୟତିକ୍ରମ,

ବାକ୍ ବାଚାଳତା

ସନ୍ଦେହର ସନ୍ଦିହାନୀ

ପ୍ରଥପ୍ରାନ୍ତ ପ୍ରଲୁବ୍ଧ ପ୍ରମତ୍ତା !

ମଗ୍ନ !ତୁମେ ମଗ୍ନ !ରତି ଆଉ ପ୍ରୀତି ମଦିରାରେ ! !

ଚହଲା ପାଣିର ଛାଇ,

ରଙ୍ଗ ମହଲର ବାଇଜୀଟେ ହୋଇ

ବ୍ୟସ୍ତ ଓ ବିବ୍ରତ ତୁମେ

ଜୀବନ ଖେଳରେ,

ମଧୁର ଜନ୍ତଣାର

ଅଭେଦ୍ୟ ଦୁର୍ଗରେ !

ଖୋଜିଖୋଜି

ଲିଅନର ନିଅନ୍ ଝଲକ

ଶିଳା ଠାରୁ ମୁନ୍ନୀ ଯାଏଁ

Download Magazine from www.aahwaan.com

ରୁଣୁଝୁଣୁ ପାଦଶବ୍ଦ

ଜଣା ଅଜଣାରେ

ବ୍ଲୁ ହ୍ୱେଲ୍ ଖେଳାଳିଟେ ପରି,

ରେସ୍ କୋର୍ସ ଘୋଡାଭଳି

ତୁମେ ଆଜି

ମୃତ୍ୟୁର ଅଜଣା ଯନ୍ତ୍ରାରେ !

ବନ୍ଦୀ !ତୁମେ ବନ୍ଦୀ ! ବିପ୍ଲବର ଆହ୍ୱାନରେ ! !

ଲାଳସାର ପଶାପାଲି

ଜୀବନ ସତରଞ୍ଜିର

ହାର୍ ଜିତ ଖେଳେ

ବିବେକକୁ ବନ୍ଧାପକାଇ

କେଇ ଟଙ୍କା କେଇ ପଇସାରେ !

ମୃତ୍ୟୁକୁ କୋଳେଇ ନିଅ

ନିଶା ଶକ୍ତ ନିଶାର୍ଦ୍ଧରେ

ଲୁବ୍ଧକର ପାପ ପଞ୍ଝା

ପତଙ୍ଗର ପ୍ରଲୁବ୍ଧ ପ୍ରଜ୍ଞାରେ !

ଅମୂଲ୍ୟ ନିବାସ,ତୁଳସୀ ନଗର,ବ୍ରହ୍ମପୁର

Download Magazine from www.aahwaan.com

# ଶୀତୁଆ ସକାଳ



ରୁଦ୍ରମାଧବ ସାହୁ

ଶୀତର ଚାଦର ଢାଙ୍କି
ଘୁମେଇ ପଡ଼ିଥିବା
ରାତିର ତନ୍ଦ୍ରା ତେଜି
କମ୍ବଳତଳେ ଉଙ୍କିମାରୁଥିବା
କମ୍ପମାନ ଦେହ ସବୁ
ଖୋଜିବୁଲନ୍ତି
ପ୍ରଭାତ ରଶ୍ମୀର
କୋମଳ ଉଷୁମ ପରଶକୁ
ଆଉ ଲୋଡ଼ିଥା'ନ୍ତି
କିଛି କୁଟାକାଠି
ନୁହେଁ ତିଆରିବାକୁ ବସାଟିଏ
ବରଂ ଶକ୍ତଭାବେ
ଦେହ ବୃକ୍ଷ ପ୍ରତି ଡାଳେ
ସନ୍ତର୍ପଣେ ବୁଣି ଦେଇଥିବା
ବସାକୁ ତୁଟେଇବାର
ବାହାନା ନେଇ

Download Magazine from www.aahwaan.com

କିଛି ଗୁଲିଗପ;
ଭାବ ଦେଣନେଣର ଆସର
ବନ୍ଧୁମେଳେ ହସ କୌତୁକର ସମ୍ଭାର ।

ଶୀତୁଆ ସକାଳ ବୁଲା
ହାଡ଼ଥରା କୁହୁଡ଼ି ମିଶା ପବନ ଖୋଲା
ଆଉ ତା'ସାଥେ ସମତାଳେ
ପଥଶ୍ରମଜାତ
ଉଷୁମପଣର ସଂଘର୍ଷ
ପ୍ରତି ପାଦପ ପତରୁ
ଝରିପଡୁଥିବା ଶିଶିର ଟୋପାମାନ
ସତେ ଅବା ଗଣନ କରନ୍ତି
ପ୍ରକୃତିର ସହ ବାଳ ରବିଙ୍କର
ମିଳନ ସମୟର
ପ୍ରତୀକ୍ଷିତ ମୁହୂର୍ତ୍ତକୁ
ତାଙ୍କ ଟପାଟପ୍ ଧ୍ୱନି ଦେଇ...

ଶୀତୁଆ ସକାଳ ଖରା
ସାଥେ ଧରି ଆସେ ପ୍ରୀତିପସରା

Download Magazine from www.aahwaan.com

ପ୍ରତି ଜନ ହୃଦେ ଭରି ନବ ରୋମାଞ୍ଚ

ବିତରି ନାନା ସ୍ମୃତି ଅପାଶୋରା

ସକାଳେ ଯେ ଆସି

ହାତ ଧରି ନିଏ

ଦିନ ହୁଏ ସୁନାଝରା...

ବାଘମୁଣ୍ଡା, କାକଟପୁର, ପୁରୀ

ଭ୍ରାମ୍ୟଭାଷ : ୭୮୭୩୭୮୦୨୧୧

ଇମେଲ୍ : rmsahoo75@gmail.com

Download Magazine from www.aahwaan.com

# ଚିଠି



ବିଜୟ କୁମାର ପଣ୍ଡା

ଚିଠି କଥା କହେ
କଥା ଦିଏ, କଥା ନିଏ
ଭାବନାରେ ବାନ୍ଧିଦିଏ ।
ଚିଠି ପୁଣି ଛାଡ଼ିଯାଏ ସ୍ମୃତି
ଯୁଗ ଯୁଗର କାହାଣୀଟିଏ ।୧

ଚିଠି କେବେ ପ୍ରୀତିର ବାହକ
ତ କେବେ ଫୁଲର ମହକ ।
କେବେ ସେ ଫଗୁଣର ରଙ୍ଗ
ତ କେବେ ମନର ବିହଙ୍ଗ ।୨

ଚିଠି ଯୋଡ଼େ
ମନ ସହ ମନକୁ
ପ୍ରାଣ ସହ ପ୍ରାଣକୁ ।୩

କେବେ ପ୍ରତାରଣାର ଶବ୍ଦ ଆଣିଦିଏ
କିନ୍ତୁ ଏମିତିବି ହୁଏ
ଜୀବନର ଦର୍ଶନ
ଚିଠିରେ ଚିଠିରେ ହିଁ
ବଦଳି ଯାଏ ।

Download Magazine from www.aahwaan.com

# ନୂଆ ବର୍ଷ ଆସେ ଥରେ



ଭୋଜରାଜ ମଲ୍ଲିକ

ଗୋଲାପର ପାଖୁଡ଼ାରେ
ସୁଭାଷିତ ମହକରେ
ଭାସି ଆସେ ପ୍ରେମର ଜୁଆରେ ।
ବଉଲିଆ ବତାସରେ
କୋଇଲିର ମଧୁର ଗୀତିରେ
ବସନ୍ତକୁ ପାଖୁଡ଼େଇ ଆସେ
ନୂଆ ବର୍ଷ ଥରେ ।୧ ।
ପ୍ରେମିକର ହୃଦୟରେ
ପ୍ରେମିକାର ଓଠରେ
ଆଶା ଓ ଅଭିଳାଷ ଆଖିର ଛଳନାରେ
ନୂଆ ନୂଆ କଥା
ନୂତନ ପ୍ରେମରେ
ଭରି ଦେଇଯାଅ
ମନର ମମତାରେ
ପାହାଡ଼ ବୁକୁରେ ଝରଣା ଫୁଟି ଆସେ
ସାଗର ବେଳାରେ ପଦ୍ମ ଖେଳୁଥାଏ

Download Magazine from www.aahwaan.com

ଅମାନିଆ ମନ ବୁଝେନା

ମନ ଖୋଜେ

ନୂଆ ବର୍ଷ ଥରେ ।୨ ।

ସ୍ମୃତିର କେଉଁ ପଲକରେ

ଅଧା ସପନ କାହାଣୀରେ

ଆକାଶର ନୀଳିମାରେ

ପଦ୍ମର ଜୋଛନାରେ

ଜୀବନର ନଉକାରେ

ଝୁରି ଝୁରି ମନ ମରେ

ଆସେ ଯେବେ

ନୂଆ ବର୍ଷ ଥରେ ।୩ ।

ଭାଲୁପିଟା, ବଲାଙ୍ଗୀର ଜିଲ୍ଲା, ଓଡ଼ିଶା

ପିନ୍ : ୭୬୭୦୪୮

Download Magazine from www.aahwaan.com

# କାମୁକ ବିଗ୍ରହ



✍ ସିପ୍ରା ନମତା

କଳାସ୍ଥାପତ୍ୟର ମୂକସାକ୍ଷୀ ମୁଁ
ମନ୍ଦିର ଇତିହାସରେ
ଶିଳ୍ପୀର ହାତୁଡ଼ି ନିହାଣ ଖୋଦେ
ଶୃଙ୍ଗାର ଚିତ୍ର ଶିଳାରେ ।

ବିଶ୍ୱଦେଖେ ବେନି ନୟନରେ କେବେ
ଚାତୁରୀ ଭାସ୍କର୍ଯ୍ୟ କଳା
ଲୁବ୍ଧ ହୃଦୟ ତ ସଂଦର୍ଶନ କରେ
ପ୍ରତିମାର ରୂପ ଝଲକା ।

ଶୁଣିଛି କି କେହି ଅସହାୟତାର
କରୁଣ ପ୍ରଳାପବାଣୀ
ବିବସନା ଏଠି ପ୍ରତିଟି ମୁହୂର୍ତ୍ତେ
ଲଜ୍ଜା ବିଧୁରା ରମଣୀ ।

ସଭ୍ୟତାର ହୁଏ ମୁକ୍ତ ପ୍ରଦର୍ଶନ

 Download Magazine from www.aahwaan.com

ଦୈବ ଭବନର ଗାତ୍ର ଶୋଭନୀୟ
ପ୍ରସ୍ତରର ରମ୍ୟ ରଚନା ଛଳରେ
ବିଭ୍ରାଜିତ ଏଠି ପ୍ରମଦାରଣ୍ୟ ।

ବିଗ୍ରହରେ ସୁଖ, ତା' ଦୁଃଖ ହୃଦୟର
କିଏ କି ବୁଝିଛି କେତେ
ଖଣ୍ଡ ଖଣ୍ଡ ହୁଏ ଶିଳାରେ ଲଜ୍ଜା ତ
ଶିରୋନ୍ନତ କରି ଅଛନ୍ତି ଯେତେ ।

କେନ୍ଦ୍ର ବିନ୍ଦୁ ହୁଏ ନାରୀ ତ ଯୁଗର
ସର୍ବୋତ୍କୃଷ୍ଟ ଉପମାର
ଲାଞ୍ଛନାରେ ଭରା ଯୌବନ ତାହାର
ଧରି ଆଦିମତାର ସ୍ୱାକ୍ଷର ।

ପ୍ରସ୍ତର ଅଧରେ ହସ ଭରିବାରେ
ହାରେ କେ ଜୀବନ ଅଧୁରା ସ୍ୱପ୍ନ
ଯୁଗ ଯୁଗ ଧରି ଉଡ଼େ ଯଶ କୀର୍ତ୍ତି
କିଏ ବା କାମନା ଜୁଆରେ ମଗ୍ନ ।

 Download Magazine from www.aahwaan.com

ଶିଳ୍ପୀକୂଳର ରକ୍ତ ହୋରିରେ
ଖେଳେ ରାଜତନ୍ତ୍ରର ସତ୍ତା
ମାନବବାଦର ଅସହାୟତାର
ଦେଖାଏ ତ କେତେ କରୁଣ ଛିଟା ।

ପୁରାତନ ଶିଳ୍ପ କୋଣାର୍କ ଗାଥା
ଅବା ହେଉ ରାଜାରାଣୀ
ଅଜନ୍ତା ଏଲୋରା ଭଗ୍ନ ଖଣ୍ଡଗିରି
ଖଜୁରାହୋର କାହାଣୀ ।

ମନସନ୍ତୁଷ୍ଟି ଖାଲି ଗୌରବର ଜୟଗାନେ
ଅତୀତର ଗାଥା ଅବ୍ୟକ୍ତର ବ୍ୟଥା
ହୃଦୟ ତ ଛୁଇଁ ପାରେନା କାହାର
ମରମ ପୀଡ଼ାର କଥା ।

ସମୟର ଏକ ମହାର୍ଘ ଦାନ ମୁଁ
ବିଗ୍ରହ ଭାସ୍କର୍ଯ୍ୟର
ପାଷାଣେ ଫୁଟିଛି ଶିଳାପଦ୍ମ ହୋଇ
ରାଜତନ୍ତ୍ରେ ପ୍ରଲୋଭନର ।

Download Magazine from www.aahwaan.com

ବିଗ୍ରହ ତ କେବେ ପାରେନା ପ୍ରକାଶି
ବେଦନାର ଅନ୍ତରର
ନିହାଣ ମୂନରେ ଗଢ଼ିଦିଏ ଶିଳ୍ପୀ
ଗୁପ୍ତ ଶୃଙ୍ଗାର ତତ୍ତ୍ୱର ।

କେବେ ସ୍ଥାନ ଦିଏ ଦେବାଳୟ ଗର୍ଭେ
ବସ୍ତ୍ର ଆଚ୍ଛାଦନେ ଗୁପ୍ତ
କୋଠର ଶୈଳରେ ବିଗ୍ରହ ନିରୁକ୍ତ
ପ୍ରତିମା ସତେକି ଉପହସିତ ।

ପ୍ରସ୍ତରର ରମ୍ୟ ରଚନାର ଫର୍ଦ୍ଦ
ବଣିକ ଯେ ନିଏ ପଣ୍ୟପରି
ଚିତ୍ତୋଦ୍ବେଳନର ଆକର୍ଷଣ ଟାଣେ
ଲୁବ୍ଧକ ଭ୍ରମର ସରି ।

ପ୍ରସ୍ତର ମର୍ମରେ ନଗ୍ନ ନର୍ତ୍ତକୀର
ଶବଳିତ ଦେହ କୋହ
ବ୍ୟଥାତୁର ଅବା ରଙ୍ଗ ରସେ ମୋହେ
ମୁଁ କାମୁକ ବିଗ୍ରହ ।

Download Magazine from www.aahwaan.com

# ରାତ୍ରୀ ଆଉ ଦୁଃଖ



ବିନୟ ମହାପାତ୍ର

ସମୟ ବଦଳେ,

ଦିନ ଆସେ, ଦିନ ଯାଏ,

ମାଡି ଆସେ ରାତ୍ରିର ଅନ୍ଧାର ।

ଡରଲାଗେ,

ରାତ୍ରିର କାଳି ଅନ୍ଧାରକୁ ।

କିନ୍ତୁ ପ୍ରତିଟି ଦିନର ଅନ୍ତେ,

ରାତି ତ ଆସିବ ।

ସୁଖ ପରେ ଦୁଃଖ,

ଦୁଃଖ ପରେ ସୁଖ

ଆସିବ ଇ ଆସିବ ।

କିଏ ବା ଅଟକେଇ ନେବ

ସୁଖର ମୂହୁର୍ତ୍ତ ମାନଙ୍କୁ ।

ରାତ୍ରିର ଅନ୍ଧାର କି ଅଟକେଇ ପାରେ

ସକାଳର ଦିପ୍ତୀମାନ ସୂର୍ଯ୍ୟର ରଥକୁ ?

ଦୁଃଖ ତ ରାତି ଟିଏ ପରି,

କୋଳାହଳମୟ ଦିନ ଶେଷେ

Download Magazine from www.aahwaan.com

ରାତି ନେଇ ଆସେ,

ଶାନ୍ତିର ସନ୍ଦେଶ ।

ରାତି କହେ;

ଭୂଲି ଯାଅ, ଦିନର ଆଲୋକକୁ,

ଦୁଇ ଘଡି ବିଶ୍ରାମ କର,

ଦୁଃଖ ଏକ ଅବକାଶ ଘଡି ।

ଝଡର ପବନକୁ ଡରନା

ଥରେ ମୁଚୁକି ହସି ଦିଅ,

ପୁଣି ମଥା ନୋଇ ଅଭିବାଦନ କର,

ଝଡ ବି ଖୁସି, ତୁମେ ବି ।

ଝଡ ତ ଅଦିନିଆ କୁଣିଆ

ଯେମିତି ଆସିଥିବ

ସେଇମିତି ଚାଲି ଯିବ,

ହଁ କିଛି ବିଭତ୍ସ ଦୃଶ୍ୟ

ଅବଶ୍ୟ ଛାଡି ଯିବ ।

କଣ ହେଲା ?

ଭାବିବାର କଣ ଅଛି ?

ସବୁକିଛି ପୁଣି ଠିକ ହୋଇଯିବ ।

Download Magazine from www.aahwaan.com

ରାତ୍ରି ପରି, ଦୁଃଖ,

ସ୍ୱପ୍ନ ଦେଖିବାର ସମୟ ।

ରାତ୍ରି, ସକାଳର ସନ୍ଦେଶ ନେଇଆସେ

ଦୁଃଖ ସୁଖର ଆଶା ଦେଇଯାଏ,

ଅପେକ୍ଷା କର,

ସକାଳ ତ ନିଶ୍ଚୟ ହେବ,

ଦୁଃଖ ପରେ ସୁଖ ନିଶ୍ଚୟ ଆସିବ ।

Download Magazine from www.aahwaan.com

# ପୁଅମାନେ ବି ଘରଛାଡ଼ିକି ଯାଆନ୍ତି



ସୁଭାଶିଷ ମହାରଣା

ତକିଆ ବିନା କେବେ ବି ଶୋଉ ନଥିଲେ ସେମାନେ,
ଥରେ ଆସିକି ଦେଖ ଏବେ ସେମାନେ କୋଉଠି ବି ଶୋଇ ଯାଆନ୍ତି ।
ବହୁତ ନଖରା ଥିଲା ସେମାନଙ୍କ ଖାଇବା ସମୟରେ,
ଥରେ ଆସିକି ଦେଖ ଏବେ ସେମାନେ କିଛି ବି ଖାଇଦିଅନ୍ତି ।
ତାଙ୍କ ଘରକୁ କେହି ଅଜଣା ଆସିଲେ ବିରକ୍ତ ହଉଥିଲେ,
ଆଉ ଏବେ ଗୋଟିଏ ଘରେ ସମସ୍ତେ ଚୁପ ଚାପ ଶୋଇ ଯାଆନ୍ତି ।

କାହିଁକି ନା... ପୁଅ ମାନେ ବି ଘର ଛାଡିକି ଯାଆନ୍ତି.. ।।

ହଁ ନିଜ ଘର କଥା ବହୁତ ମନେ ପଡେ,
କିନ୍ତୁ ପୁରା ଠିକ ଅଛୁ ବୋଲି କହି ଦିଅନ୍ତି ।
ହଁ ପିଲା ବେଳେ ବହୁତ ଜିଦିଆ ଥିଲେ ସବୁ,
ଏବେ କିଛି ଦରକାର ନାହିଁ କହି ବୋଲି ଦିଅନ୍ତି ।

ଅଳ୍ପ କିଛି ପଇସା କମେଇବା ପାଇଁ ଘର ଛାଡ଼ି ବହୁତ ଦୂରକୁ ଚାଲି ଯାଆନ୍ତି ।

Download Magazine from www.aahwaan.com

କାହିଁକି ନା... ପୁଅ ମାନେ ବି ଘର ଛାଡିକି ଯାଆନ୍ତି.. । ।

ଘରେ ପହଞ୍ଚୁ ପହଞ୍ଚୁ ଖାଇବା ମିଳି ଯାଉଥିଲା,
ଏବେ ସେମାନେ କିଛି ବି ନିଜେ ନିଜେ ରାନ୍ଧି ଖାଇ ଦିଅନ୍ତି ।
ଏ ଖାଇବା ରେ ଟିକେ ବି ସେ ସ୍ୱାଦ ନାହିଁ ଭାଇ,
ମାଁ ହାତ ରନ୍ଧା ଖାଇବା କଣ ସେମାନେ ଆଉ ଖାଇ ପାରନ୍ତି ?
ଫୋନ ରେ ଟିକେ ମାଁ ସହ କଥା ହେଇ ଯାଆନ୍ତି,
କେତେ କଷ୍ଟ ହେଲେ ବି କିଛି ନ କହି ଚୁପଚାପ ଶୋଇ ଯାଆନ୍ତି ।

କାହିଁକି ନା... ପୁଅ ମାନେ ବି ଘର ଛାଡିକି ଯାଆନ୍ତି.. । ।

ସାଙ୍ଗ ସାଥି, ହସ ଖୁସି, ସେ କ୍ରିକେଟ ଖେଳ ପଡିଆ,
ବାପା ମାଁ ଙ୍କ ଭଲ ପାଇବା, ସବୁ ପଛରେ ଛାଡି ଚାଲି ଯାଆନ୍ତି ।
ଛୋଟିଆ କଥା ରେ କାନ୍ଦି ଦେଲେ ମାଁ ବୁଝେଇ ଦିଏ,
ଏବେ କେତେ କଷ୍ଟ ହେଲେ ବି ମନ ରେ ଲୁଚେଇ ରଖି ଦିଅନ୍ତି ।
ହଁ ରାତିରେ ମନେ ପଡି ଯାଏ ବାପା ମାଁ ଙ୍କ ସେ ଗେଲ,
ମନ କୁ ବୁଝେଇ, ହସି ହସି, ପୁଣି ସକାଳୁ ଅଫିସ୍ ଚାଲି ଯାଆନ୍ତି ।

କାହିଁକି ନା... ପୁଅ ମାନେ ବି ଘର ଛାଡିକି ଯାଆନ୍ତି.. । ।

Download Magazine from www.aahwaan.com

ଆରେ ନା ମ ଆମେ ଏଠି ବହୁତ ଖୁସି ରେ ଅଛୁ,
ଏତିକି କହି ଦେଇ ଚୁପଚାପ ଏକା କୋଉଠି ବସି କାନ୍ଦି ଦିଅନ୍ତି ।
ବାପା ଚାଲ କୁଆଡେ ବୁଲିବାକୁ ଯିବା ବଦଳରେ,
"ଘରକୁ କେବେ ଯିବା ରେ ସାଙ୍ଗ" କହି କହି ଥକି ଯାଆନ୍ତି ।
ଏ କଷ୍ଟ, ପରିଶ୍ରମ ର ଫଳ ମିଳିବ ରେ ଭାଇ ମାନେ,
ମନେ ରଖ, ଆମକୁ ନିଜ ଗୋଡ ରେ ଠିଆ ହେବା ଦେଖି,
ଆମ ବାପା ମାଁ ବି ବହୁତ ଖୁସି ହେଇ ଯାଆନ୍ତି ।

ପୁଅ ମାନେ ବି ଘର ଛାଡିକି ଯାଆନ୍ତି... । ।
ପୁଅ ମାନେ ବି ଘର ଛାଡିକି ଯାଆନ୍ତି... । ।

ସୁଭାଶିଷ ମହାରଣା

 Download Magazine from www.aahwaan.com

# ଧରଣୀର ବିଳାପ



ଜଗଜ୍ଜୀବନ ସେଠୀ

ଶୂନ୍ୟ ଆଜି ବକ୍ଷ ମୋର
ଲଣ୍ଡିତ ହେଲା ମସ୍ତକ
ଶତ୍ରୁପକ୍ଷ ସେନାପରି
ଟଳିଗଲା ବୃକ୍ଷଗୁଡ଼ିକ ।

କଳକାରଖାନା, ଅଟ୍ଟାଳିକା ଆଦି
ବକ୍ଷେ ମୋ ହେଲା ସ୍ଥାପନ
ଜନ୍ତୁ ରାଜିଗଣ ମୋ ପାଖରୁ
ହୋଇଗଲେ ଆଜି ଉଭାନ ।

ପୃଥ୍ୱୀ ତାତିବ, ଧରଣୀ ଫାଟିବ
ମାଡ଼ି ଆସିଯିବ ସୁନାମୀ
ଯନ୍ତ୍ର ମାନବ, ତନ୍ତ୍ର ଗୁଡ଼ିକ
ହୋଇଯିବ ସବୁ ଅକାମୀ ।

ମନୁଷ୍ୟ ପାଇବ ନିଜ କର୍ମଫଳ
ରାକ୍ଷସ ପ୍ରଳୟ ଆସିବ

Download Magazine from www.aahwaan.com

ସୁନ୍ଦର କେତନ ମାନବ ହେତୁରୁ
ବିଲୟ ଅବଶ୍ୟ ଭୋଗିବ ।

ଚୀନ ନେପାଳ ପ୍ରଳୟରେ ଭାଇ
ଭାବିଲେ ପଶଇ ଛନକା
ଅନେଶତେ ପରା ସୁଜଳା ଓଡ଼ିଶା
କ୍ଷଣକେ ପଡ଼ିଥିଲା ଫିକା ।

କହେ ଇତିହାସ ପ୍ରକୃତି ତାଣ୍ଡବ
ମାଟିକୁ ଫଟେଇ ଦେଉଛି
ଅସଂଖ୍ୟ ପ୍ରାଣକୁ ନିମିଷକେ ମାତ୍ର
ସମୁଦ୍ରେ ଭସେଇ ନେଇଛି ।

ସତର୍କ ହୁଅହେ ବିଶ୍ୱବାସୀ
କରିଚାଲ ବୃକ୍ଷରୋପଣ
ମାଟି ମା ହସିବ, ଜଗତ ଦେଖିବ
ସୁରକ୍ଷିତ ହେବ ଜୀବନ ।

ଆମ୍ବୁଆବାଡ଼ି, ଗଞ୍ଜାମ
ଭ୍ରାମ୍ୟଭାଷ : ୮୯୮୪୦୪୯୫୨୧

Download Magazine from www.aahwaan.com

# ଭାରତମାତା କହୁଛି ଶୁଣ ମାଟିବୀର



ଏମ୍. ବିଜୟ କୁମାର

ଭାରତ ମାତା କହୁଛି ଶୁଣ ମାଟିବୀର
ଶିକ୍ଷିତ ସଂଗଠିତ ହୋଇ ସଂଘର୍ଷ କର
ସଂଘର୍ଷ କର
ସ୍ନେହା ସ୍ନେହାଇ ପୁଅ ଝିଅ ସବୁସମାନ
ତୁମ ପାଇଁ ସୁବିଧା ସୁଯୋଗ ଅଛି ଜାଣ

ଦଳିତ ଆଦିବାସୀ ପଛୁଆ ସଂଖ୍ୟାଲଘୁ
ଉଠ ଜାଗ ଉଠ ରାହାର ବାସ୍ନା ଶୁଘୁ

ବିଶ୍ୱର ସର୍ବବୃହତ ସଂବିଧାନ ପିତା
ଭାରତ ମାଟି ମାଁ ରୁପୀ ଆମ୍ବେଦକର

ଛଅ ବିଗ୍ୟ ମନୀଷୀ ମଦ୍ଧେ ଚୀର ଅମର
ସମସ୍ତଂକୁ ଦେଇ ସମାନମାନବାଧିକାର

ଅଚଳା ପାହାଡ ଗିଳିବାକୁ  ଆଁ  ଫାରୁଛି

 Download Magazine from www.aahwaan.com

ଆର୍ତ୍ତନାଦ ନୁହେଁ ପ୍ରତିବାଦ ମାଁ କରୁଛି

ଭୁଖା ଭୂଗୋଳରେ ଯାଏ ଭୂମିକମ୍ପ ମାଡି
ଭିକ୍ଷାଥାଳ ଧରାଇ ଭିକ ଫିଙ୍କଇ ଜୁରୀ

ଅଳ୍ପ ଅଳ୍ପ ଭାଗ ଭାଗ ହୋଇ ବହୁଜନ
ଅନ୍ଧକୂପେ ରହି ଭୋକ ଶୋଷେ କାଟୁ ଦିନ

ସର୍ବ ଦୁର୍ନୀତି ଜିନ୍ଦାବାଦର  ସରକାର
ଚର୍ତୁଦିଗେ କଳଂକ ଆତଂକରାତ କା'ର
ଚଳିବ ନାହି ଚଳିବ     ନାହି

ମୂଳନୀବାସୀ ଭାରତେ ବିଦେଶୀ ଶାସକ
ଧର୍ମ କର୍ମ ଈଶ୍ୱର ନାଁ ରେ ବନାଇ ଭେକ
ନଚାଉଛି
ନାଚ ମାକରୀ ନାଚ
କୁଣା ଖାଏବୁ ନାଚ

ମୂଳନୀବାସୀଂକ ସ୍ୱାଧିନତା ଆନ୍ଦୋଳନ

Download Magazine from www.aahwaan.com

ନିଃଶବ୍ଦ ମଣିଷ ଏକ ସ୍ୱର ଉତ୍ତୋଳନ

ଛଳକପଟେ ସାମାଜିକ-ଅର୍ଥନୈତିକ
ଯୁଗ ଯୁଗ ଦାସ  କରି ରଖିଛ ଶାସକ

ସ୍ୱାଧିନ ଭାରତ ପରାଧୀନ ବହୁଜନ !
ନୁହେଁ    ସ୍ୱାଧିନ       ନୁହେଁ ସ୍ୱାଧିନ

ଜନ ଗଣ ମନ ଅଧିନାୟକ ଜୟ ହେ
ଭାରତ ଭାଗ୍ୟ -ବିଧାତା
ମୂଳନିବାସୀ ଶୁଦ୍ର ବହୁଜନ ଜାଗ ହେ
ମୁକ୍ତି   ହେବ ସ୍ୱାଧିନତା
ଜୟ ଭୀମ ଜୟ ମୂଳନିବାସୀ
ଜୟ ଭାରତ
ଉଠ ଉଠ ହୁଅ ଜାଗ୍ରତ ହୁଅ ପ୍ରସ୍ତୁତ

ଦଳିତ ଆଦିବାସୀ ପଛୁଆ ସଂଖ୍ୟାଲଘୁ
ଜନ ଆନ୍ଦୋଳନ ରାସ୍ତାର ବାସ୍ନା ଶୁଘୁ

Download Magazine from www.aahwaan.com

ଭାରତ ମାତା କହୁଛି ଶୁଣ ରକ୍ତ ବୀର

ଶିକ୍ଷିତ ସଂଗଠିତ ହୋଇ ସଂଘର୍ଷ କର

ସଂଘର୍ଷ  କର

ମାର୍ଫତ ବିଜୟ୍ ମହପାତ୍ର

ଡେଲଟା କଲୋନୀ ଉତ୍ତରା

କୌଶଲ୍ୟାଗଗାଂ-02

ଭୁବନେଶ୍ୱର

ମୋ-7978784130

Download Magazine from www.aahwaan.com

# ବର୍ଷା



✍ ଓଁକାର ଦାଶ

ଝିପ୍ ଝିପ୍ ବର୍ଷାରେ

ଶ୍ରାବଣର ସନ୍ଧ୍ୟାରେ

ଗାଁର କାଦୁଅ ରାସ୍ତାରେ

ଭିଜି ଭିଜି ମୁଁ ଚାଲୁଥିଲି

ଛତା ଭୁଲି ଆସିଥିଲି ଘରେ ।୧

ଭେଟିଲି ତୁମକୁ ଅଧା ବାଟରେ

ଛତାତଳେ ଚାଲୁଥିଲ ତୁମେ ଧିରେ ଧିରେ

ଚାହୁଁଥିଲ ମୋତେ କଣେଇ କଣେଇ

କିନ୍ତୁ ମୁଁ ଚାହୁଁ ଚାହୁଁ ନେଉଥିଲ ଆଖି ଫେରେଇ ।୨

ବର୍ଷାରେ ଭିଜି ଥରୁଥିଲି ମୁଁ ଶୀତରେ

ନିଷ୍ଠୁର ପରି ତୁମେ ଚାଲିଥିଲ

ଦୟା ନଥିଲା ତୁମ ହୃଦୟରେ

ତଥାପି କେଜାଣି କାହିଁକି

ପଡ଼ିଗଲି ମୁଁ ସେ ନିଷ୍ଠୁର ହୃଦୟ ପ୍ରେମରେ ।

Download Magazine from www.aahwaan.com

# ଲକ୍ଷ୍ମୀ ପୂଜା (ଜାତିପ୍ରଥା)



ସନ୍ତୋଷ ପଟ୍ଟନାୟକ

ଜଗତର ପତି କଲେ ଭିକ୍ଷାବୃତ୍ତି
ନିଜେ ଲକ୍ଷ୍ମୀଛଡ଼ା ହୋଇ
ମାନିଥିଲେ ତାତ ଭାଇ ସଙ୍ଗେ ସର୍ତ୍ତ
ଜାତିପ୍ରଥା ଲୋପପାଇଁ ।


ନିଜ ଇଚ୍ଛାମତେ ରଚିଥିଲେ ସତେ
ଲୀଳା ଏ ଜଗତ ସାଇଁ
ନାରୀର ସମ୍ମାନ ରଖି ଜନାର୍ଦ୍ଦନ
ଲକ୍ଷ୍ମୀକୋପ ଥିଲେ ବୋହି ।

ଓଡ଼ିଆ ସଂସ୍କୃତି ଏଇ
ଆଜିର ସମାଜ ଲକ୍ଷ୍ମୀ ପୂଜାପୂଜି
ଜାତିଟାକୁ ଭୁଲୁନାହିଁ....

ତିରିଡ଼ା, ବେଗୁନିଆପଡ଼ା ବ୍ଲକ୍, ଗଞ୍ଜାମ
ଇମେଲ୍ : santoshpattnayak80.sp@gmail.com

Download Magazine from www.aahwaan.com

# ମହାକାଳୀ ବନ୍ଦନା



ପ୍ରସନ୍ନ କୁମାର ମାଦଳା

ଆୟୁ ବଳ ବୁଦ୍ଧି ଯଶ      ସିଦ୍ଧି ରିଦ୍ଧି ରୂପ ରସ
ସବୁ ତ ଜନନୀ ତୁମ ଆଶିଷ ଧାରା
ଜନ୍ମଦାତ୍ରୀ ବସୁନ୍ଧରା      ଦୁର୍ଗତିନାଶିନୀ ପରା
ତିନି ରୂପେ ପ୍ରକାଶିଛ ଜଗତ ସାରା
ମହାକାଳୀ ଖର୍ପରହାରା
ଉଶ୍ୱାସ କର ଧରଣୀ କଳୁଷ ଭାରା ।।
ଶରତ ପ୍ରଭାତେ ଉଇଁ      ତୁମ ପାଦରେଣୁ ଛୁଇଁ
ବନ୍ଦନା କରନ୍ତି ମାତ ନିତି ସବିତା
ମଧୁର ଶୋଭନ ଚାଖି  ପ୍ରକୃତିରେ ଲାଖେ ଆଖି
କବି ପ୍ରାଣେ ଜାଗି ଉଠେ ଗୀତିକବିତା
ନିର୍ଝରିଣୀ ସମ ସ୍ରବିତା
କୋଟି ଜନ ମନୋହାରୀ ଭାବେ ଦ୍ରବିତା ।।
ଦୁଇ ପାର୍ଶ୍ୱେ ଧନ ଜ୍ଞାନ      ପାଇଛନ୍ତି ଦିବ୍ୟ ସ୍ଥାନ
ସ୍ୱାମୀଙ୍କ ସମ୍ମାନେ କ୍ଷଣେ ଲଜ୍ଜିତା ହେଉ
ପରିଜନଙ୍କ ଗହଣେ      ସର୍ବଂସହା ଶକ୍ତି ପଣେ
ପରିହରି ଉଗ୍ର ରୂପ କଲ୍ୟାଣ ଦେଉ

 Download Magazine from www.aahwaan.com

ରକ୍ତବୀଜ ଦୂଷଣ କେଉଁ
ସମର୍ଥ ମା' ନିମିଷକେ ପ୍ରାଣ ତା' ନେଉ ।।
ଜ୍ଞାନର ଦୀପକ ଜାଳି ଆସିଅଛ ମହାକାଳୀ
ଅଜ୍ଞାନ ରୂପକ ତମ ସଂହାର କରି
ମାତୃଜାତି ଉଦ୍ଧାରଣେ ବିନତି ତୁମ୍ଭ ଚରଣେ
ରାକ୍ଷସ ପ୍ରକୃତି ଜନ ମାନସୁ ହରି
ଗର୍ଭେ କନ୍ୟାଭ୍ରୂଣକୁ ଧରି
ନାରୀ ଗରିମା ମହୀରେ ଦିଅ ଗୋ ଭରି ।।
ପକାଅ ମା' ଶୁଭ ଦୃଷ୍ଟି ଅମୃତମୟୀ ଏ ସୃଷ୍ଟି
ସୁଜଳା ସୁଫଳା ଥାଉ ଧରଣୀ ତନୁ
ପ୍ରତ୍ୟକ୍ଷେ ସେ ଦିବ୍ୟରୂପ ଅନ୍ତରର ପୂଜାଧୂପ
ଭକ୍ତିରସେ ଥାଉ ସଦା ନଯାଉ ମନୁ
ବସୁଧା କୁଟୁମ୍ବ ଏ ବନୁ
ଜୀବହତ୍ୟା ନ କରୁ କେ ଉଠାଇ ଧନୁ ।।
ଦେଶର ସୀମାନ୍ତେ ଅରି ଅନାଇଛି ଶସ୍ତ୍ର ଧରି
ଜାଗ୍ରତ ଅଛନ୍ତି ମୋର ସୈନିକ ଭାଇ
ପ୍ରହରଣ ବଜ୍ର କରି ଶୌର୍ଯ୍ୟକୁ ମା' ଦେବ ଭରି
ରକ୍ଷା କରୁଥିବ ନିଜେ ଆଗରେ ଥାଇ
ପ୍ରଚଣ୍ଡ ଦର୍ପରେ ଗୋ ଧାଇଁ

 Download Magazine from www.aahwaan.com

ନିମିଷକେ ରଣାଙ୍ଗନେ ଉଦ୍ଧାର ଯାଇ।

ଅଜ୍ଞାନ ତମ ନାଶିନୀ   ମାତା ଶଙ୍କରୀ ତାରିଣୀ

ତୁମ୍ଭ ପୟର ରଜର ପାଇ ପରଶ

ସର୍ବ ଦୁଃଖ ବିନାଶିନୀ   ଜୀବନ ଶକ୍ତିଦାୟିନୀ

ସନ୍ତାନ ସନ୍ତତି ଆମ୍ଭେ ଚିତ୍ତେ ହରଷ

ବାତ୍ସଲ୍ୟ ମମତା ସରସ

କୃପାଦାନେ ଆସୁଥାଅ ପ୍ରତି ବରଷ ।।

ଘର ନଂ - ଏଫ୍ / ୧୩ , ସେକ୍ଟର - ୪

ରାଉରକେଲା - ୭୬୯୦୦୨

ଦୂରଭାଷ - ୭୯୭୮୧୯୨୨୨୭

Download Magazine from www.aahwaan.com

# ଅବଳା କି ସବଳା



ସୁସ୍ମିତା ମହାପାତ୍ର

କେବଳ ନାରାବାଜିରେ

ନାରୀ ସାଜିଛି ସବଳା ।

ସଶକ୍ତିକରଣ ଅଭିଯାନପରେ

ନାଆଁକୁ ଶକ୍ତିଶାଳୀ ଆଜି ମହିଳା ।

କାଗଜ କଲମ, ଦସ୍ତାବେଜରୁ ବାହାରି

ବାସ୍ତବରେ ଦେଖିଲେ କିନ୍ତୁ

ସବୁ କିଛି ଭିନ୍ନ,

କଣ୍ଟା ଝଣ୍ଟା ରହିତ ଚିତ୍ରାୟିତ ପୃଥିବୀ ନୁହେଁ

ବରଂ ଦୁଃଖ, ଶୋକ, ବିବାଦ ବିଜଡ଼ିତ

ବିଚିତ୍ର ବିଶ୍ୱ ପରି ।

ଅସରପାଟିଏ ଦେଖିଦେଲେ ଯିଏ

ଚିତ୍କାର କରି ଉଠେ,

କାହାର ନାଲି ଆଖି ନ ଦେଖୁଣୁ ଯା'ର

ଆଖିରୁ ଅଶ୍ରୁ ଛୁଟେ,

ଏକା ଏକା ଭୟକରେ

ଅନ୍ଧକାରେ ତନ୍ତ୍ରୀ ଥରେ

 Download Magazine from www.aahwaan.com

ନିର୍ଯ୍ୟାତନା ସହେ ନିରବରେ

ପ୍ରତିବାଦ ବି କରେନା କେଉଁଥିରେ, ତଥାପି

ନାରୀର ଅନ୍ୟନାମ ଅବଳା କହିଲେ

ଏଠି ବାକ୍ୟବାଣ ଫୁଟେ, ଶବ୍ଦାସ୍ତ୍ର ଛୁଟେ ।

ଏଣୁ, ନାରୀ ଅବଳା କି ସବଳା

ଅହରହ ଦ୍ୱନ୍ଦ ମନରେ ପ୍ରଶ୍ନ ଉଠେ ।

ଯେବେ ନାରୀ ଓରଫ ସବଳାର ସଂଜ୍ଞା ଖୋଜେ

ମିଛ କହେ ଅଭିଧାନ

ମିଛ କହନ୍ତି ରାଜନେତା, ମନ୍ତ୍ରୀ ପ୍ରଶାସନ ।

ନିଛକ ସତ୍ୟ ଓ କଳ୍ପିତ ତଥ୍ୟର

ତଫାତକୁ ତର୍ଜମା କରୁ କରୁ

ଆପଣାର ସଂଜ୍ଞା ହଜେ ।

ବାସ୍ତବରେ ନାରୀ ଅବଳା ବୋଲି

ହୃଦବୋଧ ହେଉ ହେଉ ପୁଣି

'ନାରୀ ଅବଳା ନୁହେଁ ସବଳା'ର

ନାରା ବାଜେ ।

ରାଉରକେଲା, ଓଡ଼ିଶା

ଭ୍ରାମ୍ୟଭାଷ : ୯୪୩୭୫୦୩୧୩୮

# ଗୁରୁ



ହିମାଂଶୁ ଶେଖର ବାରିକ

ସଂସାର ସାଗରେ ଭାସିଯାଏ ମୁହିଁ
ନ ପାଏ କୂଳ କିନାରା
ଅଜ୍ଞାନ ଅନ୍ଧାର ଚାରିଆଡୁ ମାଡେ
ଦେଖି ମୋତେ ଅସହାରା ॥
ଆସ ମୋର ଗୁରୁ କୃପା କଳ୍ପତରୁ
ମୋ ଜୀବନ ତରୀ ଧର
ଜୀବନ ଆକାଶେ ଉଜ୍ଜ୍ୱଳିତ ହେଉ
ଅମୀୟ ଜ୍ଞାନ ଝଙ୍କାର ॥
ତୁମେ ଅଟ ବ୍ରହ୍ମା ତୁମେ ଅଟ ବିଷ୍ଣୁ
ତୁମେ ଅଟ ମହେଶ୍ୱର
ସୃଷ୍ଟି ସ୍ଥିତି ଆଉ ପ୍ରଳୟ ସ୍ୱରୂପ
ଅଣାକାର ନିରାକାର ॥
ତୁମର ମୂରତି ସଦା ହୃଦେ ଚିନ୍ତି
ପୂଜିବି ତବ ଚରଣ
ତବ ମୂଖ ବାଣୀ ମହାମନ୍ତ୍ର ମୋର
ତବ କୃପା ଉଦ୍ଧାରଣ ॥

ବରିଷ୍ଠ ଅଡ଼ିଟ ଅଧିକାରୀ
କ୍ୱାର୍ଟର ନଂ : ଟାଇପ୍ ୩ - ୨୦୧, ନୂଆ ଏଜି କଲୋନୀ
ନୟାପଲ୍ଲୀ, ଭୁବନେଶ୍ୱର - ୭୫୧୦୧୨, ଓଡ଼ିଶା
ଭ୍ରାମ୍ୟଭାଷ : ୯୯୩୭୧୨୫୮୨୪ / ୯୪୩୭୩୮୧୭୦୧
ଇମେଲ୍ : hsbarik1970@gmail.com

Download Magazine from www.aahwaan.com

# ଥରେ ଭାବି ଦେଖ ତ



ଅନୁସୂୟା ମିଶ୍ର

ପାଦ ତୁମ ଅପାରଗ ଆଜି
ଧାଇଁ ଯାଇପାରେନି ସେ
ଅନ୍ଧକାରର ବୁକୁଚିରି ଯେବେ
ନିର୍ଭୟାର ଭୟାର୍ତ୍ତ ଚିତ୍କାର ଶୁଭେ ।

ଅସମର୍ଥ ହାତ ଦୁଇ
ତୋଳି ଧରିପାରେ ନାହିଁ
ଅବହେଳାର ଅଜଣା ଗଳିରେ
ନିଃଶବ୍ଦରେ ଟଳି ପଡ଼େ ଯେବେ
ବାତ୍ସଲ୍ୟର ମୂର୍ତ୍ତିମନ୍ତ ବିବଶ ବାର୍ଦ୍ଧକ୍ୟ ।

ଆଖି ବି ପାରେନି ଦେଖି
ସବୁଜିମାର କୋଳଛାଡ଼ି
ସୁକୁମାର କଳିଟିଏ ଯେ
ଦ୍ୱାରେ ଦ୍ୱାରେ ଖାଦ୍ୟର ସନ୍ଧାନ କରେ ।

Download Magazine from www.aahwaan.com

ନା ବ୍ୟକ୍ତିଗତ ପ୍ରଗତିର ପଥେ
ଦୁର୍ନୀତି ବିରୁଦ୍ଧରେ ତୁମେ ମୁହଁ ଖୋଲିପାର,
ନା କ୍ଷଣିକ ଆନନ୍ଦର ଖସଡ଼ା ରାସ୍ତାରେ
ଅଭିଜ୍ଞତାର ସ୍ୱରଟିକୁ କେବେ ଶୁଣିପାର,
ଦର୍ପିତ ତୁମ ମଥା ବି
ନଇଁ ଯାଇପାରେ ନାହିଁ
ଗୁରୁ, ଗୁରୁଜନ ପାଦେ
ସ୍ନେହ ଆଉ ସମ୍ମାନର ଆଞ୍ଜୁଳିଟିଏ ନେଇ ।

କହିଲ, କାହିଁକି ଏ ସର୍ବାଙ୍ଗ ଅକ୍ଷମତା ?
ଭିନ୍ନକ୍ଷମ ତ ନୁହଁ ତୁମେ ଭାଗ୍ୟର କର୍ତ୍ତୃକ,
କାହିଁ ତେବେ ଅଥର୍ବ ତୁମ ମାନସିକତା ?
କାହିଁକି ବା ମାନବିକତାର ମୂଲ୍ୟବୋଧ
ସ୍ୱାର୍ଥର ଶିକୁଳୀରେ ବନ୍ଧା ?
ସମାଜ ବି ସନ୍ଧୀହାନ ଆଜି,
କିପରି ସେ ବଢ଼ିବ ଆଗକୁ
ତୁମ ପାଦେ ପାଦ ତାର ଥାପି !

ହେ ଦେଶର ଭବିଷ୍ୟ,
ଥରେ ଖାଲି ଭାବି ଦେଖ ତ ! ! !

Download Magazine from www.aahwaan.com

# ଭଲପାଏ ଆଉ ପଚାରନି



ଡଃ ସତ୍ୟନାରାୟଣ ମିଶ୍ର

ମୋ ଭିତରେ ଅନେକ ଅସମାହିତ ପ୍ରଶ୍ନ
ଖୋଜି ଖୋଜି ଉତ୍ତର ମିଳେନି
ତୁମେ କୁହ ନୀରବି ଯାଅ ସବୁ କଥା ପଚାରନି ।
ଅନେକ ସ୍ୱପ୍ନର ସୌଧ ଗଢିତୋଳେ
କିଏ ରହେ କିଏ ଭାଙ୍ଗଯାଏ
ରାତି ସରେ ସପନ ବି
ତୁମେ କୁହ ବାସ୍ତବତା ନିରାଟ ସତ୍ୟ
ରାତି ନାହିଁ ସପନ ଦେଖନି ।
ମୋ ଭିତର ଦାନବତା ମୁଁ ଜାଣେ, ମୁଁ ଚିହ୍ନେ
ତୁମେବି ତ ଜାଣ
ମନା କର,କେଭେବି ମାନନି, କୁହ ତୁମେ ମୋ ପାଇଁ ଈଶ୍ୱର,
ମୋ ରାଣ ତୁମ ଆସୁରିକ କାହାଣୀକୁ ବାହାରେ ଗପନି ।
ମୋ ଭିତର ବିରୋଧାଭାସ,ମୁଁ ବି ତ ପାରେନି
ତୁମେ ତ ଆପଣେଇ ନିଅ କେଜାଣି,କେମିତି କୁହ
ତୁମେ କୁହ, ମୁଁ ତୁମକୁ ଭଲ ପାଏ ଆଉ ପଚାରନି ।

(ସି-୮୬ଲିଙ୍ଗରାଜ ବିହାର,ଭୁବନେଶ୍ୱର-୨୦, ମୋ-୯୯୩୮୧୬୭୩୩୧)

Download Magazine from www.aahwaan.com

# ଓଡ଼ିଆ ଭାଷା ମୋ କେଡ଼େ ସୁନ୍ଦର



ଜିତେନ୍ଦ୍ର କୁମାର କହଁର

ଓଡ଼ିଆ ଭାଷା ମୋ କେଡ଼େ ସୁନ୍ଦର
ନାହିଁ କେ ତା ସରି,
ଓଡ଼ିଶା ଭୂମିରେ ଜନମ ସତେ
ଛାତି ଗରବେ ଉଠେ ପୁରି ।

ଇଂରେଜୀ ଶାସନ କାଳୁ
ଆଜି ବିପଦେ ଆମ ଭାଷା,
ପଡ଼ିଯିବ କି ପୂର୍ଣ୍ଣଚ୍ଛେଦ
ଭାବିଲେ ଲାଗଇ ବ୍ୟଥା ।

ବୀର ପୁରୁଷ ଯେ ମଧୁବାବୁପରି
ଲଢ଼ିଗଲେ ଏ ଭାଷା ପାଇଁ,
ତାଙ୍କ ପରେ ପରା ଆମ ହାତେ ସବୁ
ପଛଘୁଞ୍ଚା ଦେବା ନାହିଁ ।

ଓଡ଼ିଆ ଭାଷା ମୋ କେଡ଼େ...

Download Magazine from www.aahwaan.com

ବୀର ଭୂମିର ବୀର ସନ୍ତାନ ଆମେ
ଲଢୁଥିବା ଶେଷ ନିଃଶ୍ୱାସ ଯାଏଁ,
ଗଢ଼ିବା ଆମ ଓଡ଼ିଆ ଭାଷାକୁ
ଶ୍ରେଷ୍ଠ ଭାଷା ହେବ ଯାଏଁ ।

ମୁଁ ଓଡ଼ିଆ ମୋ ଭାଷା ଓଡ଼ିଆ
ଗରବେ କହିବା ଯେବେ,
ପୁନଃଜୀବିତ ହୋଇ ଉଠିବ
ମୋ ଓଡ଼ିଆ ଭାଷା ତେବେ ।
ଓଡ଼ିଆ ଭାଷା ମୋ କେଡ଼େ...

କଲାଡ଼ି, ଫୁଲବାଣୀ, ଓଡ଼ିଶା

Download Magazine from www.aahwaan.com

# କହିବାପାଇଁ ତ ହୃଦୟର କଥା



ଜ୍ୟୋତିରାଦିତ୍ୟ ପୁଝାରୀ

କହିବା ପାଇଁ ହୃଦୟର କଥା
ଯାଇଥିଲି ଯାଇଥିଲି
ଦେବାପାଇଁ ପ୍ରେମର ବାରତା
ଯାଇଥିଲି ଯାଇଥିଲି
ସାମର୍ଥ୍ୟ ମୋହର ସ୍ୱାର୍ଥପର ହୋଇ
ଗଲାଚାଲି ଗଲାଚାଲି ।

ଆନନ୍ଦ ଆଶାର ପଡ଼ିଲା ଛିଟିକି
ପ୍ରଫୁଲ୍ଲ ପ୍ରାସାଦ ନୟନରେ ଦେଖି
ଭାବନା ସୀମାରେ ଗଲି ମୁଁ ଅଟକି
କଳ୍ପିତ ଶବ୍ଦକୁ ଅସାବଧାନ୍ ହେଇ
ଭୁଲିଗଲି ଭୁଲିଗଲି ।

ବିରହ ବିଦ୍ରୋହୀ ଧମକ୍ ଦେଇଛି
ଅସହ୍ୟ ଦୁର୍ଦ୍ଦଶା କେଉଁ କୋଣେ ଲୁଚି
ସମୟ ସତର୍କ ପାଣି ଦେଲା ଛିଞ୍ଚି

Download Magazine from www.aahwaan.com

ଭୟକୁ ଆଶ୍ରୟ ଦେଇ ମୋ ମନରେ

ଭୁଲ କଲି ଭୁଲକଲି ।

କୁଲିଗାଁ, ବଡ଼ମହେଶ୍ୱର, ଖଡ଼ିଆଳ

ନୂଆପଡ଼ା ଜିଲ୍ଲା, ଓଡ଼ିଶା

ଭ୍ରାମ୍ୟଭାଷ : ୯୯୩୭୧୫୩୦୦୩

# ମହ୍ ମହ୍ ତୋର୍ ଗୁନ୍



ଆଶୁତୋଷ ମେହେର

ଗୁନ୍ ପରତିଭା ତୋର ଠାନେ୍ ଯାହା
ହେଟା ଭଗବାନ୍ ଦେନି
ମହାପୁରୁ ପରେ ଦେଇଛନ୍ ତୋତେ
ପିଛଲା କରମ୍ ଜାନି ।
ନୁଖୋ କାମ୍ କରି ପାଏସୁ ଯାହା ବି
ମାନ୍ ସନମାନ୍ ଯେତେ୍
ମୁନୁଷ୍ ସମାଜ୍ ଆଦରେ୍ ଦେସି ଯେ
ଗୁଣ୍ ଗଉରବ୍ ତତେ୍ ।
ଖାଲି ଯାହା ତୋର୍ କମାଇ କରନି
ପରତାପ୍ ମନମାନି
ଘମଣ୍ଡ ଘୁମରା ନିଜ୍ ବଡପନ୍
ମୁଇଁ ଏକା ମହା ଜ୍ଞାନି !!
ଏତକି ଛାଡିଦେ୍ ଦେଖବୁ ତୁଇ୍ ଗା
ସଂସାର୍ କରବୁ ଜଏ୍
ମହମହ୍ ତୋର ଗୁନ ମହକିବା
ମରନ୍ ଜିତବୁ ତଏ୍ ।।

* ଇନେ ସରଲା *

୫୪,ଆର୍ଯ୍ୟପଲ୍ଲୀ କିଟଛକ,ପଟିଆ
ଭୂବନେଶ୍ୱର ୭୫୧୦୨୪, ଦୂରଭାଷ ୯୪୩୭୦୮୫୩୯୬

Download Magazine from www.aahwaan.com

# କହିଦେତୁ ରାମ୍ ରାମ୍



ତପନ ଦୀକ୍ଷିତ

ରାତିଏ ଆୟୁଷ ଦେବି
ଛୁଇଁ ଦେଖ୍ ଥରେ
ସାରା ରାତି ସପନକୁ
କରିଦେବି ତୋରି ନାଁ ରେ,
ଦୀପ ଟିଏ ଜାଳି ଦେଖ୍
ହୃଦୟ ବେଦୀ ରେ
ତୋ ନାମକୁ ଲେଖିଦେବି
ସାରା ଶତାବ୍ଦୀରେ,
ମରଣ ବୀଣାରେ ଦେଇ
ଜନ୍ମର ଝଙ୍କାର......
ଜରା ଦେହେ ଆଣିଦେବି
ଯୌବନ ଜୁଆର,
ରାତି ଟା ହେଲାଣି ବେଶୀ
ଚାହିଁ ଦେଖ୍
ଆକାଶରୁ ....ଲଞ୍ଜା ତାରା ଖସେ.....
କହିଦେ ତୁ ରାମ୍ ରାମ୍
ଆଜିର ଆୟୁଷେ ।।

ନାଶିକେଶ୍ୱର, କାକଟପୁର, ପୁରୀ ଦୂରଭାଷ:୯୫୩୭୪୦୦୭୪

Download Magazine from www.aahwaan.com

# ମରୁଡ଼ି



ଏମ୍. ବିଜୟ କୁମାର

ମାଏଟ୍ ଗଲାନ ଫାଟି ଫାଟି

ଶୁଖା ଖଡ଼ ଖଡ଼ ହେଇ ମାଟି

କ୍ଷେତ ଜମିନ ଫାଇଲାନ ଆଁ

ନା ଗଁଜ ନାଇ ବରଷାର ନା

ତୁଲି ଭିତରେ କାଇ

ପାଏନ ବୁନ୍‌ଦେ ନାଇ

ଉପରକେ ଆଁ କରି

ଆଏଖ ଜିହିଗଲା ନୁରି

ପାଏନକେ ଆମର ଆସରା

ଝରି-ସରାବନ ଟାଏଁ ଟାଏଁ ଖରା

କାଏଁ ଦଶା ଇଟା କଲା

କରମ ଫଟା କପାଲ୍ ହେଲା

ମନୁଷମରା ଯମ ମରଡ଼ି

ଚାଷୀ କାନ୍ଦୁଛେ ଗରଡ଼ି ଗରଡ଼ି

ଚାଷ୍‌କେ ଦେଖି ମୁଁଡେ ହାତ୍ ଦେଇ

Download Magazine from www.aahwaan.com

ଭୋଛଡ଼ା ଗୋଲଗୋଲା ହୋଇ

ଧାନ୍ ମରୁଛେ ଭତକି ଭତକି

ଚିଗିରି ଜାଗୁର ଛତିକି ଛତିକି

ସଭୁ ଶୁଖା ଖଡ଼ ଖଡ଼ା ଘାସ

ଜୀବନ କରତି ହେସି ଦେଖି ଲାଁସ

ଗାଏ ବଳଦ ଛେଳମେଁଢ଼ା

ଚରୁଛନ ଗୁହୁଡ଼ା ଗୁହୁଡ଼ା

ଆଏଟ୍ ମାଲ ଭଟା ବାହାଲ

ଗୋଚର ପଡ଼ିଆ କଲା କାଲ

ଆଲୋ ମକାର ପୃଛିନେଲା

ବୁଢ଼ାବୁଢ଼ୀ ଯେତେ ଛୁଆପିଲା

ବିଡ଼ିଓ ବାବୁ

ଦେଖ୍‌ବେ ଆଉନ

ଆଏଖ ଚିରି ଚିରି

ଯେ ସୋର୍ ପାଏବେ

ଫାଟିଛେ କେ ନାଇ

ଆମର ହାତ ହାଁଣି

Download Magazine from www.aahwaan.com

ଆଁ ଫାରିଛେ କି ନାଇ
ମାଏଟ୍ ଫାଟି ଫାଟି
ମାଆଡ଼ି ଦେଖୁନ୍ ଗୋଡ଼୍
ଯାଉଛେ କି ନାଇ ଜୁକି
ଧାନଗଛ ଯଦରି ଅଛେ ଖେଦେ
ମରଡ଼ି ନାଇ ହେବାର ସତେ
ପାଏନ ନାଇ ହେଲା କି
ଭଇଁ ଢାଲି ଦେଲା

ଫି ବଛର ମକାର କଲା
କେଜାର କେଭେ ନାଇ ଖୁଲଲା
ଜେନି କୁଆଁର ପାଏନ ବୁହି ବୁହି
ଫୁଲଗଛ ନାଇ ପାରନି ଜିଆଇଁ
ପାଏନ ରଚେ ନାଇ ସୁଖଲା କୁଆଁ
ଲୋକ ଗୁଟେ ନାଇ ସୁନସାନ ଗାଁ
ଯେତେ ଥିଲା କଁସାର
ଗରିଆ ଖୁରି-ଗିନା
ମହାଜନକେ ଦେଇ
ସଭୁ ଗହନା

Download Magazine from www.aahwaan.com

ରେଳ ବସି ଗଲେନ ସଭୁ

କିଏ ଇଟା ଭାଟି

କିଏ ଦାଦନ ଖଟି

ଚଉଳ ନାଇ ପସେ

ଫିଇଜାକେ ଧରି ଭୁକ୍ ଆସେଁ

ଗଲା ବୁଧବାର ଦିନେ

ମର ବୁପରୀ ଆହା

ଭୁକ ଉପାସନେ

ଆହାର ନାଇ ବଲି

ଅନାହାରନେ ଗଲା ମରି

ଟଁକା କଉଁଡ଼ି ହାତେ ନାଇ

କି ଯାଇ ନେଇ ପାରୁଛେ କାଇ

ଇ ଜନମ ଛୁଆର ଲାଗି

କ୍ଷୀର ଟିକେ ଦେମି ବଲି

ବଲୁଛେ ଭିକ ମାଗି

ନାଇ ମିଲଲେ କିଛି

ଛୁଆ ବିକିଦେମି

ମହଁରା ଟିକେ ଆନି

Download Magazine from www.aahwaan.com

ପିଇ ମରିଯିମି

ମର ଏକଲାର କଥା

ନାଇ ସେ ଇଟା

ଇ ଗାଁର କଥା ସଭୁ

ସୁଖା ଏରିଆର ଭୁକା ଲୋକ

ହାଜା ଧୁକା ଖାଇ

ବଜିଁଛୁ ଖାଇ ଭୋକ

ବିଡ଼ିଓ ବାବୁ

ରେମଣ୍ଡା, ସଇଁତଲା, ବଲାଙ୍ଗୀର

ଓଡ଼ିଶା

Download Magazine from www.aahwaan.com

# ଶୀତ



✍ କାହ୍ନୁଚରଣ ସାହୁ

କଲେ କଲେ ମାଡ଼ି ଆସୁଛେ ଶୀତ୍
ଥରେଇ ଦେଲାନ ମୁନୁଷ୍ ଲୁକର୍ ଛାତି
ସହି ନେଇ ହଉଛେ କି,
ରହିନାଇ ହଉଛେ
ବଢୁଛେ ଦିନ୍‌କେ ଦିନ୍ ଶୀତ୍ ।
ଛିନା ଲାଗୁଛେ ଗାଆଁ ଖୁଏଲ୍
ନାଇନ୍ ଆରୁ ଗହଲ୍ ଚହଲ୍
ଯାହାକେ ଦେଖ୍‌ବ ଯେନ...
ହେଇଛନ୍ ଅଠଁରା ଜାଲି ଠୁଲ ।
ଶାଶୁର ଡରେ ନୂଆ ଭୁଆସେନ୍
ଉଠ୍‌ସି ସକାଲୁ ଜଲଦି
ଧରିକରି ସାବୁନ୍ ତେଲ୍ ହଲ୍‌ଦୀ
ନନଦ୍ ସଙ୍ଗେ ବନ୍ଧ୍‌କେ ଯାଏସି ଗାଧି ।
ବନ୍ଧର୍ ପାଏନ୍ ଝଲ୍ ମଲ୍
ଦେଖିକରି ଛାତି କଲା ଚଲ୍
ଡରର୍ ମାଡ଼େ ଲାଜି ଲାଜି ଗାଧୁଛେ

Download Magazine from www.aahwaan.com

ଦିହିଟା ତା’ର ପତର ବାଗିର୍ ଥରୁଛେ ।

ଭାବୁଥିସି ମନେ ମନେ,

କାଏଁଟା ଇଟା ହେଲା

ବାପ୍‌ଘରେ ଥିଲେ ଗାଧୁଥିତା

ନନି ଆମର ଉପର୍ ବେଲା ।

ସକାଲୁ ଥିପୁଛେ ଥପ୍ ଥପ୍

ଓସ୍ କାକର୍ ଗଛୁଁ

ବେଲ୍ ଉଦିକରି ଉକିଆ ହେଲେ

ଶୀତର୍ ଡରେ ନାଇ ଲାଗୁଛେ

ଖଟୁ ଉଠ୍ ବାଗୁର୍ ।

+୩ ଶେଷବର୍ଷ ବିଜ୍ଞାନ ଛାତ୍ର

ଡିଗ୍ରୀ କଲେଜ, ମ.ରାମପୁର

କଳାହାଣ୍ଡି, ଓଡ଼ିଶା

ଭ୍ରାମ୍ୟଭାଷ : ୯୪୫୬୮୨୨୪୪୭

Download Magazine from www.aahwaan.com

# ଲଙ୍ଗଳମୂନ



ବଳବନ୍ତ ସାହୁ (ବବଲୁ)

ହ...ହ....

ଗୋଟ...ଗୋଟ...

ଏମିତି କିଛି ଶବ୍ଦ ସାଥୀରେ

କାଳିଆ କସରା ଆଗେ ଆଗେ

ଚାଷୀ ଭାଇ ପଛେ ପଛେ

ତା' ମଝିରେ ଲଙ୍ଗଳ ମୁନ

ଯେଉଁ ମୁନରେ ନିର୍ଦ୍ଧାରିତ ହେଉଛି

ତା'ପରିବାରର ଚାରି କପାଳର ଭାଗ୍ୟରେଖା ।

ଯେଉଁ ମୁନ ମାଟି ମାଆର ବକ୍ଷକୁ ଚିରି

ଭିତର୍ ମାଟିର ଉଷ୍ଣତା ଓ ଉପର ମାଟିର ଶୀତଳତା ମଧ୍ୟରେ

କରାଉଛି ଶୀତଳ ଯୁଦ୍ଧ ,

ପ୍ରସ୍ତୁତ କରୁଛି ମାଆ ପାଇଁ ସବୁଜ ପାଟଶାଢ଼ୀ ।

ସେହି ମୁନକୁ କେହିବି ପାରିବେନି ଅଟକାଇ

ପାରିବନି ପ୍ରକୃତି

ପାରିବନି ଏ ବିଶାଳ ମଣିଷ ଜାତି

ନା ପାରିବ ଅଟକାଇ ,ଗ୍ରୀଷ୍ମର ତାତି

Download Magazine from www.aahwaan.com

ନା ପାରିବ ,ବର୍ଷାର ଘଡଘଡି ବିଜୁଳି ଶକ୍ତି

ନା ପାରିବ , ଶୀତର କାକର ରାତି ।

ଏ ମୁନ ଏମିତି ଚାଲୁଥିବ

ଅବ୍ୟାହତ ଓ ଅନବରତ ଭାବେ

ସୁଖରେ ବି ଦୁଃଖରେ ବି

ହସରେ ବି କାନ୍ଦରେ ବି

ଭାବରେ ବି ଅଭାବରେ ବି

ଯୌବନରେ ବି ବୃଦ୍ଧରେ ବି

ଏପରିକି ସମାଜ ସଙ୍ଗରେ ହେଉକି ନିସଙ୍ଗରେ ବି ।

ଏ ମୁନ ଏମିତି ଚାଲୁଥିବ

ଦେଉଥିବ ସଭିଙ୍କୁ, ସବୁକିଛି

ଶରୀରରେ ଚଦର ଠାରୁ ଉଦରରେ ଆହାର ପର୍ଯ୍ୟନ୍ତ ,

ଯେ ପର୍ଯ୍ୟନ୍ତ ଲକ୍ଷ ଲକ୍ଷ ଭୋକିଲା ପେଟ

ଉଭେଇ ନ ଯିବ ,

ପ୍ରତି ପେଟରେ ଦାନା ପଡିବ,ପ୍ରତି ମୁଖରେ ହସ

ଏ ମୁନ କେବେ ଥକିବନି କେବେ

ତା'ସହ କେହିବି ଥକିବେନି

ନା ଥକିଯିବେ କାଳିଆ କସରା

ନା ଥକିଯିବେ ଚଷା ଭାଇ

Download Magazine from www.aahwaan.com

ନା ଥକିବ ନିଜେ(ଲଙ୍ଗଳ ମୁନ)

ବରଂ ଚନ୍ଦ୍ର ସୂର୍ଯ୍ୟ ଥକିଯିବେ...ହାରିଯିବେ

କିନ୍ତୁ ଏ ମୁନ ଥକିବନି...ହାରିବନି...

ଦିନ ଆସିବ ସେ  ଜିତିବ... ।

ଭୂଷଲାର୍ଡ, ସିନ୍ଧେକେଲା, ବଲାଙ୍ଗୀର

ଦୂରଭାଷ-9078105234

Download Magazine from www.aahwaan.com

# କଇଁ



ଶୁଭକାନ୍ତ ସାହୁ

ଉଆଁସ ଗଲାଣି ନଭେ ଦ୍ୱିତୀୟାର ଜହ୍ନ,
ହେଉ ବି ଅସ୍ପଷ୍ଟ ଢାଳେ ଶୀତଳ କିରଣ ।
ଶୂନ୍ୟତାରୁ ଶଶିଙ୍କର ଅସ୍ତିତ୍ୱ ବିକାଶେ,
ଦେଖି ତାରେ ପ୍ରିୟତମା କଇଁ ଦେଖ ହସେ ।
ଲାଜର ଓଢ଼ଣି ଆଜି ମୁଖୁ ଟାଣି ନେଇ,
ଉତ୍କଣ୍ଠାରେ ଦିନ ଗଣେ କେବେ ଯେ ପୁନେଇଁ ।
ଅର୍ଦ୍ଧଚନ୍ଦ୍ର ବୋଲି ସିଏ ଅର୍ଦ୍ଧ ପ୍ରଷ୍ଫୁଟିତା,
ପୂର୍ଣ୍ଣିମା ଶଶାଙ୍କ ଦେବେ ତା'ଦେହେ ପୂର୍ଣ୍ଣତା ।
ଏକେ ଦେଖ ଧରିତ୍ରୀରେ ଆରେକ ଅମ୍ବରେ,
ଦୂରତା ବଢ଼ିନି ପ୍ରେମେ ଥିଲେ ବହୁଦୂରେ ।
ଲାଜୁକିରାଣୀ ସେ କଇଁ ହସଇ ମୁରୁକି,
ନୀଳାକାଶେ ନିଶାକର ଖୁସି ତା'ରେ ଦେଖି ।
ଅନାବିଳ ଆକର୍ଷଣେ ଦେହାତୀତ ପ୍ରେମ,
ଶିଖ ଆଉ ନପଡି ସେ ବସ୍ତୁବାଦୀ ପ୍ରେମେ ।

ଭ୍ରାମ୍ୟଭାଷ : ୯୮୬୧୭୩୨୨୫୬

Download Magazine from www.aahwaan.com

# ନବବର୍ଷ ଆସୁଛି ବୋଲି



ସୁଦାମ ଗୌଡ଼

ନବ ବର୍ଷ ଆସୁଛି ବୋଲି ମନ ହୁଏ ମୋର ଖୁସି ।
ଠାକୁରଙ୍କ ପାଖେ ପ୍ରାର୍ଥନା କରେମୁଁ ସକାଳ ରୁ ସଞ୍ଜ ବସି ॥
ବିତି ଯାଇଥିବା ଦିନ ଗୁଡ଼ିକୁ ମନେ ପକାଏ ନିତି ।
ଆଗକୁ ଆସୁଛି ନବବର୍ଷ ବୋଲି ଦିନ ଗଣି ଗଣି ପାହିଯାଏ ମୋର ରାତି ॥
ଗତ ବର୍ଷ ଭଲି ନବବର୍ଷ ଖୁସିରେ ଯାଉବିତି ।
ଦୁଷ୍ଟ ହେବିନାହିଁ ବୋଲି ସଦାକରେ ମୁଁ ବିନତି ॥
ବାପା ମାଆ ମୋର ଠାକୁରଙ୍କ ପରି ଜନ୍ମ ଦେଇଛନ୍ତି ମତେ ।
ତାଙ୍କରି କୋଳରେ ପୁଅଜନ୍ମ ହେଇ ଦୂନୀଆ ଦେଖୁଛି କେତେ ॥
ନବ ବର୍ଷର ପ୍ରଥମ ମୁଣ୍ଡିଆ ମାଆ ବାପାଙ୍କୁ ମାରେ ।
ମାଆ ବାପାଙ୍କ ଆର୍ଶିବାଦ୍ ଯୋଗୁ ଯେକୌଣସି କାମରେ ସଫଳ ହେଇ ମୁଁ ପାରେ ॥
ଦୁଃଖ ସୁଖତ ନିତି ଦିନଆ ତାନୁହେଁ କି ହସିବା ନାହିଁ ।
ଯେତେ ଦୁଃଖେ ଥିଲେ ନବ ବର୍ଷଦିନ ହସିଦେବା ଦୁଃଖକୁ ସହି ॥
ପ୍ରଥମ ମାସର ପ୍ରଥମ ଦିନ ଖୁସିରେ କଟୁ ସବୁ ଦିନ ।
ସମସ୍ତ ସାଙ୍ଗଙ୍କୁ ଜଣାଇଦେବି ନବବର୍ଷର ଅଭିନନ୍ଦନ ॥
ଚଲାପଥ ତାଙ୍କ ସୁକୁମଳହେଉ ଜୀବନ ତାଙ୍କ ହସ ଖୁସିରେ ବିତୁ ।
ଏତିକି କାମନା କରୁଛି ମୁଁ ସଦା ସର୍ବଦା ଖୁସି ତାଙ୍କ ପାଖେ ଥାଉ ॥

ବୁଡ଼ାବାହାଲ ଜି : ସୁନ୍ଦରଗଡ଼ ଭ୍ରାମ୍ୟଭାଷ : ୮୭୭୨୩୯୦୦୭୩

Download Magazine from www.aahwaan.com

# ସେଇ କଥା



ଅରବିନ୍ଦ ଆଚାର୍ଯ୍ୟ

ତୁମକୁ ମୁଁ
ପାରୁନାହିଁ କହି
ସେଇ କଥା ,
ଯାହା ଶୁଣି
ତୁମେ ବୋଧେ
ପାଇବନି ଭଲ
ଆଉ ମୋତେ,
କିନ୍ତୁ ନ କହି
ପାରେନାହିଁ ରହି
କହି ଦେବି କହିଦେବି
ବୋଲି କେବେଠୁ ଭାବୁଚି
କିନ୍ତୁ ଏପର୍ଯ୍ୟନ୍ତ
ପାରିଲିନି କହି ।

ଶୁଣି ଜମା ରାଗିବନି
ଭୁଲିଯିବ ମୋତେ
ନୂଆ ସାଥିହେବାପାଇଁ
ଆସିବ ୨୦୧୮
ମୁଁ ଚାଲିଲି
ତୁମ ସବୁ ସ୍ମୃତିବହନ କରି
ବିଦାୟ ବନ୍ଧୁ
(ମୁଁ ୨୦୧୭ କହୁଥିଲି)

Download Magazine from www.aahwaan.com

# ଅତୀତ



ମଧୁସ୍ମିତା ପଟ୍ଟନାୟକ

ବେଳେ ବେଳେ ଇଚ୍ଛାହୁଏ ଫେରିଯିବାକୁ ସେଇ ଅତୀତର ଦିନକୁ
ଜାଣିଛି ସେ ଦିନସବୁ ଆଉ କେବେ ଆସିବନି ଫେରି
ପ୍ରକୃତିର ନିୟମରେ ସମସ୍ତେ ଯେ ବନ୍ଧା
କିଛି ପାଇ କିଛି ହରେଇବା ସମସ୍ତଙ୍କ ପାଇଁ ଲେଖା ।
ସମୟ ସୁଅରେ ପଡ଼ିଥିବା ବାଧାବିଘ୍ନପାଶେ
ସଦା ବନ୍ଧା ପଡ଼ିଥାଏ ଏ ମଣିଷ ଜୀବନ
ଦୋଦୋପାଞ୍ଚ ଅବସ୍ଥାରେ କିଛିକ୍ଷଣ ଠିଆ ହୋଇ
ବର୍ତ୍ତମାନର ହାତଧରି ଆଗକୁ ପାଦ ଥାପିଲା ବେଳେ
ଧସେଇ ପଶିଆସେ 'ଅତୀତ' ସବୁ ବାଡ଼ବନ୍ଧ ଭାଙ୍ଗି ।
ଅତୀତ... ସେ ତ ହୋଇଗଲାଣି ଗତ
ହେଲେ ପାଇଲେ ଟିକିଏ ବେଳ
ଏ ଜୀବନେ ପଶିଆସେ ନ ଦେଇ ସମୟ ।
ବେଳେ ବେଳେ ଭଲଲାଗେ ତାର ଏପରି ଅନଧିକାର ପ୍ରବେଶ
ଏକାନ୍ତରେ ବସି ପୁରୁଣା ସ୍ମୃତିକୁ କଲେ ରୋମନ୍ଥନ
ମନ ମୋର ହୁଏ ଛଟପଟ...
ଅମାନିଆ ମନ... ବୁଝେନା ସେ କିଛି

Download Magazine from www.aahwaan.com

ଅଦିନିଆ ମେଘପରି ଯାଏ ସେତ ବର୍ଷି ।

ଅତୀତକୁ ଟିକେ ଦେଖିଲେ ନିରେଖି

ଦେଖେ କେତେ ସ୍ମୃତି ଆଉ ଅନୁଭୂତି

ଛାଡ଼ି ଆସିଛି ପଛରେ...

କେତେବେଳେ ଦିଏ ଖୁସି ପୁଣି କରିଦିଏ ଦୁଃଖୀ ।

ହସ-ଲୁହ, ସୁଖ-ଦୁଃଖ, ଫେଣ୍ଟାଫେଣ୍ଟି ରଙ୍ଗର ସେ ସ୍ମୃତି

ହୃଦୟରେ ରହିଗଲା କିଛି ସ୍ମୃତି ଅତି ଗୋପନରେ

କିଛି କଥା କିଛି ବ୍ୟଥା ରହିଗଲେ

ସମୟର ଚଲାପଥେ ହୋଇ ମାଇଲଖୁଣ୍ଟ ।

ପୁଣି କିଛି ସ୍ମୃତି ହୋଇଗଲେଣି ବିସ୍ମୃତ

ଜମି ତ ଗଲାଣି ସେ ସବୁ ଉପରେ ଏକ ଧୁଆଁଳିଆ ଆସ୍ତରଣ

ହେଲେ କିଛି ସ୍ମୃତି ଏବେ ବି ଅଛନ୍ତି ଅପେକ୍ଷାରେ...

ଆଉ କିଛିଙ୍କୁ ମୁଁ କରିଛି ଅପେକ୍ଷା ।

ଜୀବନ ନାଟକ ହାଟରେ ସଦା ଚାଲୁଥାଏ

ମଣିଷ ପଣିଆର ମୂଲଚାଲ...

ଭାବିଥିଲି ବୋଧେ ପାଇଗଲି ମୋର ସଠିକ ଠିକଣା

ହେଲେ ସବୁ ମରିଚୀକାସମ ସେ ତ ଥିଲା ଏକ ଭ୍ରମ

ଅହରହ ଏଠି ବଦଳୁଥାଏ ଆପଣା ଲୋକଙ୍କ ରୂପ

ତଥାପି ତା'ପାଇଁ ଏ ମନେ ସଦା ଲାଗି ରହିଥାଏ ମୋହ ।

ହେଲେ ବର୍ତ୍ତମାନ ମୋର ହାତଧରି ଧିରେ ହସିକହେ

Download Magazine from www.aahwaan.com

କାହିଁକି ହେଉଛି ତୋ ମନ ଏତେ ଆନମନା ?
ଏଇ ଅତୀତ... ସେ ପରା ଆମ ଅତି ଆପଣାର !
ଚୁପି ଚୁପି ଆସି ଆମ କାନେ କହିଯାଏ
ସମୟ ସୁଅରେ ପରାଯାଏ ସବୁକିଛି ବହି
ପତ୍ରଝଡ଼ାର ପତର ଯେପରି ଯାଏ ପାଣି ସୁଅରେ ଭାସି
କେଉଁ ଏକ ଅନପେକ୍ଷିତ ଦୂର ଦିଗବଳୟକୁ...
ଅତୀତ, ବର୍ତ୍ତମାନ ଆଉ ଭବିଷ୍ୟତ...
ପରିଭାଷା ନୁହେଁ ଏଠି ସମୟର ।
ସେଦିନର ସକାଳ ଯେ ଆଜିର ସୂର୍ଯ୍ୟାସ୍ତ !
ନିଜଠାରୁ ନିଜକୁ ଦୂରେଇ ଦେବା ଆଗରୁ
ଅପେକ୍ଷାକର ସେଇ ମହାର୍ଘ ମୁହୂର୍ତ୍ତକୁ
କାଳେ ଭେଟ ହୋଇଯିବ ତୋର ନିଜ ସହ ନିଜର
ନିଜ ସ୍ୱପ୍ନ ଆଉ ସମ୍ଭାବନା ସହ ।
ହେ ଅତୀତ !
ତୁମେ ଏଇଭଳି ଆସୁଥାଅ... ଯାଉଥାଅ...
ହସି ହସି ନିଃଶବ୍ଦରେ...
କରୁଥାଅ ଆମ ଚିନ୍ତା ଓ ଚେତନାକୁ
ସଦା ଜାଗ୍ରତ... ସଦା ଜାଗ୍ରତ ।

୨୭, ବ୍ରହ୍ମେଶ୍ୱର ବାଗ, ଟଙ୍କପାଣି ରୋଡ଼, ଭୁବନେଶ୍ୱର, ଓଡ଼ିଶା

Download Magazine from www.aahwaan.com

# ଫାୟାର ଷ୍ଟେସନ ଜଙ୍କ୍‌ସନ



ରିଭୁ ଆଭୁଷଣ ପଣ୍ଡା

ପୁଣି ଫାୟାର ଷ୍ଟେସନ ଜଙ୍କ୍‌ସନରେ ଅପେକ୍ଷାରତ
ପୁରୁଣା ସ୍ମୃତିରେ ନିରୀହ ମନ ଆହତ

ମନେ ପଡ଼ିଯାଏ ସେଇ ପୁରୁଣା କଥା
ଜୀବନଲାଗେ ଏକ ଅନନ୍ତ କବିତା

ମେଡ଼ିକାଲ ଛକର ଶିବମନ୍ଦିର
କହିଯାଏ ମୋତେ, 'ଏ ମାୟା ସଂସାର, କେହି ନୁହେଁ କାହାର ।'

ଆପଣା ଲାଗେ ମୋତେ ଏଇ ପରିବେଶ
ଯେପରି ଅଶ୍ରୁ ପୋଛିବାକୁ ମାଁର ପଣତ

ନଜର ପଡ଼ିଯାଏ ରାସ୍ତା କଡ଼ର ଭିକାରୀ ଉପରେ
ମନେ ପଡ଼ିଯାଏ ସେଇ ଗୀତଟି
"ଷାଠିଏ ପଉଟି ଭୋଗରୁ ତୁମର କାଢ଼ି ତ ନେଇନି ହରି
କୁହ ତେବେ କେଉଁ ଅପରାଧେ ମୋତେ କଲ ଦାଣ୍ଡର ଭିକାରୀ ?"

 Download Magazine from www.aahwaan.com

ରହିଯାଏ ସମୟ, ଦେଖିବି ଏକ ନୂଆଁ ଉଦୟ
ଛାଡ଼ିପାରୁନି ମୋ ଘରର ମାୟା ମୋହ ।

ଲହୁ ନାହିଁ ଏ ଶରୀରେ, ରହିଛି କେବଳ ଲୁହ
ଫାୟାର ଷ୍ଟେସନ୍ ଜଙ୍କ୍ସନ କହୁଥାଏ ମୋତେ
ରହିଯାଅ ହେ ବନ୍ଧୁ, ଟିକିଏ ରୁହ ।

ବୀର ସୁରେନ୍ଦ୍ରସାଏ ବିଶ୍ୱବିଦ୍ୟାଳୟ, ବୁର୍ଲା

Download Magazine from www.aahwaan.com

# ହେ ବିଦାୟୀ ବର୍ଷ ! !



କାର୍ତ୍ତିକ ପାଣିଗ୍ରାହୀ

ହେ ବିଦାୟୀ ବର୍ଷ... ! !

ସତେ କ'ଣ ଭୁଲିଗଲ ତୁମ ପ୍ରତିଶୃତି ?

ନା ତୁମେ ବି ପାଲଟିଗଲ,

ରାଜନୀତି ପଶାପାଲିର ଅସହାୟ ଗୋଟି ?

ମନେ ଅଛି ମାଗିଥିଲି କିଛି ତୁମ ଶୁଭ

ଆଗମନି ମାହେନ୍ଦ୍ର ବେଳାରେ ?

ସନ୍ତୁଳିତ ଜୀବନରାସ୍ତାରେ କେବେ

ଦେଖାଇବନି ବୁଭୁକ୍ଷୁର ଚିତ୍ର !

କ୍ଷୁଧାର୍ତ୍ତର ମୁହଁରୁ ଛଡ଼ାଇବନି

ପ୍ରକୃତିର ଦ୍ୱାହିଦେଇ ତା' ଅର୍ଜିତ ଭାତ !

କଥା ଥିଲା ସବୁରି ହୃଦୟେ ଭରିଦେବ

ଶାନ୍ତି ମୈତ୍ରୀ, ପ୍ରୀତିର ବାରତା,

କଥା ଥିଲା ସବୁରି ମନରୁ କାଢ଼ିନେବ

ଅସହିଷ୍ଣୁତାର ଦୁଃସ୍ଥ ମାନସିକତା...

ହେ ବିଦାୟୀ ବନ୍ଧୁ

ମୁଁ ଜାଣେ ତୁମେ ବି କହିବ ସେହି

 Download Magazine from www.aahwaan.com

ଗତାନୁଗତିକ ଉତ୍ତର...

"ମୁଁ ହଁ ତ କହିନଥିଲି..."

କିନ୍ତୁ ହେ ବନ୍ଧୁ,

"ତୁମେ ନା ବି କହିନଥିଲ"

ତୁମ ମୌନତାରେ ଆମେ ଦେଖିଥିଲୁ

ଆଗାମୀ ସୁନ୍ଦର ସକାଳର ସ୍ୱପ୍ନ

ଆଜି ତୁମେ ଚୁପଚାପ୍ ଚାଲିଯାଇପାର ସତ

ଆଜି ବି ତୁମ ବିଦାୟ ବେଳାରେ

ଆମେ ତୁମକୁ ବଳାଇ ଆସିବୁ ସତ...

କିନ୍ତୁ ମନେରଖ,

ଦିନେ ନା ଦିନେ ତୁମକୁ ଦେବାକୁ ହେବ

ଧରାବୁକେ ତୁମ ରକ୍ତାକ୍ତ ସ୍ୱାକ୍ଷରର

କ୍ଷତାକ୍ତ ଉତ୍ତର...

ଇତି ତୁମ ଆଗମନୀ ଓ ବିଦାୟୀ ବେଳାର ସାଥୀ

Download Magazine from www.aahwaan.com

# ଜୀବନ



ପ୍ରଶାନ୍ତ କୁମାର ନାଥ

ଜୀବନଟା ତାର ମୁଲ୍ୟହିନ ଅଟେ

ଯା'ର କିଛି ଲକ୍ଷ୍ୟ ନାହିଁ

ଯିଏସେ ରହିଛି ଜୀବନରେ ଖାଲି

ଖାଇ ବଞ୍ଚିବାର ପାଇଁ ।

ଫିକା ଫିକା ଅଟେ ଜୀବନ ତାହାର

ସ୍ୱପ୍ନ ଯିଏ ଦେଖି ନାହିଁ

ଯାହା ପାଇଁ ରାତି ଆସୁଛି ସେମିତି

ଖାଲି ଶୋଇବାର ପାଇଁ ।

ମଧୁର ନୁହଁଇ ଜୀବନ ତାହାର

ଭାବନା ଯାହାର ନାହିଁ

ବିନା ଭାବନାରେ ବଞ୍ଚି ଅଛି ଯିଏ

ଦିନ ବିତେଇବା ପାଇଁ ।

ଭଲ କାମ ଯିଏ କରିନି ଜୀବନେ

କାହା ପାଇଁ କେବେ ଥରେ

ଜୀବନ ତାହାର ନୁହଁଇ ଜୀବନ

ବସି ରହିଥିଲେ ଘରେ ।

Download Magazine from www.aahwaan.com

ବହୁ ଜନମର ତପସ୍ୟା ଫଳେ

ଏମିତି ଜନ୍ମଟେ ମିଳେ

ସାର୍ଥକ କରିବା ସେହି ଜନମକୁ

ବୁଦ୍ଧି ଓ ବିବେକ ବଳେ ।

ସୁନ୍ଦରପୁର, ଉତ୍ତରକୂଳହାଟ୍, ପ୍ରୀତିପୁର, ଯାଜପୁର ।

ମୋ-୦୮୮୯୨୩୦୧୧୪୩

Download Magazine from www.aahwaan.com

# ଯଦି ମୁଁ କହେ



ରାଜଲକ୍ଷ୍ମୀ ମିଶ୍ର

ଯଦି ମୁଁ କୁହେ ହଁ ବୋଲି,

କ'ଣ ତୁମେ ମାନିବ ?

ମାନିବ କି,

ମୋ ଭଲପାଇବାରେ ମିଛ ନାହିଁ କିଛି ?

ମାନିବ କି,

ମୋ ସ୍ୱପ୍ନ, ମୋ ଭାବନା,

ମୋ କଳ୍ପନାରେ ନାହିଁ

ତୁମକୁ ପାଇବାର ଇଚ୍ଛା ?

ଯଦି ମୁଁ କୁହେ ହଁ ବୋଲି,

କ'ଣ ତୁମେ ମାନିବ ?

ଶରତର ଅଳ୍ପ ଶୀତୁଆ ରାତିରେ

ତୁମେ ତ ମନେପଡ଼ନା ମୋର !

ଖାଲି ଯାହା ଥାଏ

ତୁମ କଳ୍ପନାର ହାଲ୍କା ଆଭାସ ।

ସେ କଳ୍ପନାରେ ହଜି,

Download Magazine from www.aahwaan.com

ମୁଁ ସେ କଳ୍ପନାରେ ହିଁ ଖୋଜେ ତୁମକୁ ।

ମାନିବ କି ତୁମେ,

ସେ କଳ୍ପନାରେ ଥାଏ କେତେ ପବିତ୍ରତା ?

ମାନିବ କି ତୁମେ,

ମୁଁ ପୂଜାରିଣୀ

ସେ ସଜ୍ଞାହୀନ କଳ୍ପନାର ?

ମାନିବ

ଯେ ସେ କଳ୍ପନା ହିଁ

ତୁମ ପ୍ରତି ମୋ ଭଲପାଇବାର ପରିଭାଷା ?

ଯଦି ମୁଁ କୁହେ ହଁ ବୋଲି,

କ'ଣ ତୁମେ ମାନିବ ?

ମାନିବ,

ଏମିତି ବି ଭଲପାଇ ହୁଏ ବୋଲି ?

କ'ଣ ମାନିବ,

ଯଦି ମୁଁ କୁହେ ହଁ ବୋଲି ?

ଘର ନଂ : ୬୩୫/୨୮୬୯, ପଞ୍ଚସଖା ନଗର, ଡୁମୁଡୁମା

ଭୁବନେଶ୍ୱର, ଓଡ଼ିଶା, ୭୫୧୦୧୯, ଭ୍ରାମ୍ୟଭାଷ : ୮୦୯୩୪୨୯୮୮୩

Download Magazine from www.aahwaan.com

# ବଧୂଲିର ସ୍ୱୟଂବର



ସମ୍ବିତ ସତ୍ୟପ୍ରକାଶ ମିଶ୍ର

ସବୁଜିମା ବଳୟ ଭିତରେ
ଶାନ୍ତିର ସଂଗ୍ରହ,
ତୋ ମନେ ଛାନ୍ଦସିକତା
ପ୍ରସ୍ତର ବିଗ୍ରହ ।
ଭାବ ବିନିମୟେ ବାତାୟନେ ଆତଯାତ,
ବେନି ନେତ୍ରେ ଦେଖୁଥାଏ ପଥିକର କ୍ଳାନ୍ତି ବୋଧ ।
ଝଞ୍ଜା ବା ସଜଳ ସପନେ,
ରୁଦ୍ଧ ଦ୍ୱାରେ ସୀମାବଦ୍ଧ କି କରିବ ତୁମେ ?
ଥିଲା ଏକ ଅଭୂଲା ଅତୀତ,
ପଥ ପ୍ରାନ୍ତେ ଜାଗରୁକ ଦୁର୍ଗମ ପଥିକ ।
ସିଏ ତା କୋମଳ କଳିକା,
ନିରୀହ ବାଳକ ବାଳିକା ।
ଶାଖାୟିତ ବୃକ୍ଷ ଡାଳେ,
ତରୁଲତା ଗୁଳ୍ମ ମୂଳେ ।
ବାୟା କରେ ନୀଡ଼ର ରଚନା,
ବଧୂଲିକୁ ଚାହିଁ ବସେ ନୀଡ଼ ପାଶେ ସିନା ।

Download Magazine from www.aahwaan.com

ଏହି ଯେ ସଂସାର ନିୟମ,

ମାୟା ରଚେ କାମିନୀର ଭ୍ରମ ।

ବଧୁଲିର ସ୍ୱୟଂବର ସିନା,

ଚାରିପାଖେ ଶାହାନାଇ ଗାନା ।

ଆକସ୍ମିକ କଥା, ବାୟା ଦେଖେ ସୁନେଲି ସପନ,

ନ ଜାଣେ ଯେ ଭଗ୍ନ ଏ ମଣ୍ଡନ ।

ସ୍ୱଇଛାରେ ବଧୁଲିର ଶ୍ରମ,

ନୀଡ଼ ମଧ୍ୟେ ପ୍ରବେଶର ଭ୍ରମ ।

କି ଆଶ୍ଚର୍ଯ୍ୟ ! କି ଆଶ୍ଚର୍ଯ୍ୟ !

ହଠାତ ଚାଲିଯାଏ ସେ,

ଅନ୍ୟ ଏକ ବାୟାର ନୀଡ଼କୁ,

ତା ପ୍ରେମ ସଙ୍ଗିନୀ ହୁଏ,

ଅସୁମାରୀ ରାତିକୁ ।

ବାୟା ପୁଛେ ପ୍ରିୟତମା ମୋର,

କେଉଁ ଦୋଷେ ଛାଡ଼ି ଚାଲିଗଲ ।

ବଧୁଲିର ବାର୍ତା,

ନୀଡ଼ ନୁହେଁ ଉପଯୁକ୍ତ ତୁମ,

ସଂସାର ସଂରଚନାର ବ୍ୟକ୍ତି ନୁହଁ ଶ୍ୟାମ,

ବ୍ୟକ୍ତି ନୁହଁ ଶ୍ୟାମ ........ ॥

Download Magazine from www.aahwaan.com

# ବୋତଲ ଗୋଟାଉଥିବା ପିଲାଟି



ଶଙ୍ଖସିନ୍ଧୁ ପୁରୋହିତ

କାହିଁ କେତେଦିନୁ
ତେଲ ଟିକିଏ ବି ଲାଗିନି ମୁଣ୍ଡରେ
ଫର୍ ଫର୍ ଉଡୁଛି ଅସଜଡ଼ା କେଶ ସବୁ ।
ଦେହରେ,
ଚିରାଫଟା, ଧୂଳି ଧୂସରିତ ଛିଣ୍ଡା ବୋତାମର
ସାର୍ଟ୍ ଖଣ୍ଡେ ।
ହାତରେ,
ଅଧା ଭର୍ତି ଜରି ବସ୍ତାଟିଏ ।
ଅଣ୍ଟାରେ
ସୁତୁଲି ଖଣ୍ଡେ ବାନ୍ଧିଛି ବେଲ୍ଟ୍ ପରି ।
କାଳେ
ଅସୁବିଧା ହେବ, ବାଧକ ସାଜିବ
ଢିଲା ପ୍ୟାଣ୍ଟଟି
ବୋତଲ ଗୋଟାଇବା ବେଳରେ ।

ରାସ୍ତା କଡ଼ର କୁଢ଼ କୁଢ଼ ମଇଳା
ନାଳ ନର୍ଦ୍ଦମାର ପାଣି
ଯେଉଁଠି ବି ଥିବ ବାଦ୍ ପଡ଼ିବନି,

Download Magazine from www.aahwaan.com

ଏହାର ଚିଲଠୁ ତେଜ୍ ଆଖିରୁ ।

ବୋତଲ ଖଣ୍ଡେ ପାଇଗଲେ
ହୀରା-ନୀଳା ପାଇଲା ପ୍ରାୟେ
ମୁଲ୍‌କିନା ହସିଦିଏ ଆତ୍ମଖୁସିରେ ।
ହୀରା ନୀଳା କଣ ହେବ ଯେ ?
ହୋଟେଲରୁ ବଳି ପଡ଼ିଥିବା ଅଇଁଠା ଭାତ ଖାଇ
ଖୋଲା ଆକାଶର ଛାତ ତଳେ,
ପ୍ଲାଟଫର୍ମର ମିଞ୍ଜି ମିଞ୍ଜି ଆଲୁଅରେ
ରେଳର କାନଫଟା ଚିତ୍କାରକୁ
ଢୋଲ୍ ବାଦ୍ୟଭାବି ।
ଶୋଇଦେଲେ ତ ସକାଳ ପାହିଲା
ପୁଣି ଆରମ୍ଭ ହୋଇଯିବ
ଚିରା ଚରିତ, ତଥାକଥିତ ଜୀବନ ।

ମଧ୍ୟାହ୍ନ ଭୋଜନ
ଭାତ - ଅଣ୍ଡା
କମ୍ବଳ - ଛତା, ଡ୍ରେସ୍ - ଯୋତା
ବୃତ୍ତି - ଭତ୍ତା, ସବୁ ତ ସ୍ୱପ୍ନ ।
ସର୍ବଶିକ୍ଷା ଅଭିଯାନ,
'ସଭିଏଁ ପଢ଼ନ୍ତୁ - ସଭିଏଁ ବଢ଼ନ୍ତୁ' ନାରା,

Download Magazine from www.aahwaan.com

ଖାଲି ତ କାଗଜ କଲମରେ ଲେଖା ।

ଏ କଣ ପେଟ୍ରୋଲ ଦର ବଢ଼ିଛି
କି ବୃନ୍ଦା ସାହୁ ବିଷ ପିଇ ଆତ୍ମହତ୍ୟା କରିଛି,
ନା' ଦାନମାଝୀ ଶବକୁ ବୋହି ଚାଲୁଛି ଯେ
ବିଧାନ ସଭା ହୁଲସ୍ଥୁଲ ହେବ,
ନ୍ୟୁଜ ଚ୍ୟାନେଲରେ ବାରମ୍ବାର ଖବର ବାଜିବ ।
ରାଜରାସ୍ତାକୁ ଓହ୍ଲାଇବେ
ସାମାଜିକ ସଂଗଠନ, ବିରୋଧି ଦଳ ।

ଏ ପିଲାଟି
ଏମିତି ସବୁଦିନ ବୋତଲ ଗୋଟାଉଥିବ,
ଅଇଁଠା ଖାଇ
ବଞ୍ଚିବା ସହିତ ସାଲିସ୍ କରୁଥିବ ।
ହସୁଥିବ,
ଆମେ ବି ହସୁଥିବା,
ଭାଷଣ ମାରୁଥିବା,
କବିତା ଲେଖୁଥିବା ।

ବଡ଼ାଲି, ଉଲୁଣ୍ଡା, ସୁବର୍ଣ୍ଣପୁର ଜିଲ୍ଲା, ଓଡ଼ିଶା
ଭ୍ରାମ୍ୟଭାଷ : ୯୯୩୮୭୨୦୧୯୫

Download Magazine from www.aahwaan.com

# ବୃଥା ଚେଷ୍ଟା



ତିଳ ରାଉତ

ମୁଁ ଯେ ନୀଚ          ମୁଁ ଯେ ଛାର
ଗରିବ ଅଟଇ ମୁହିଁ
ଘୃଣା ଚକ୍ଷୁରେ     ନୀଚ ଦୃଷ୍ଟିରେ
ଦେଖ ମୋତେ ସେଥିପାଇଁ ।
ଗରୀବି ଅଟେ     ମୋ ପାଇଁ ସାଥି
ଚିର ସହଚର
ମୁଁ ଯେ ସାଜିଛି    ଚିର ଦାସ
ଏ ନିଷ୍ଠୁର ପରିସ୍ଥିତିର ।
ଆଜି ସିନା ମୋତେ     ଘୃଣା କରୁଛ
କିଛି ନ ବୁଝିପାରି
ବୁଝିବାକୁ ବାରେ        ଚେଷ୍ଟାକର ମୋତେ
କ୍ଷତି କରିବିନି ତୁମର ।
ମନର ଭାବନା        ବୁଝିବା ପାଇଁ କି
ବନ୍ଧୁଟିଏ ଦରକାର
ସେଇ ବନ୍ଧୁଭାବି        ହାତ ମୁଁ ବଢ଼ାଏ
ପାଇଥାଏ ହତାଦର ।

Download Magazine from www.aahwaan.com

ବାରମ୍ବାର ମୁଁ ଯେ ନିରାଶ ହୋଇ
ବାନ୍ଧିଥାଏ ମନେ ଆଶା
ଆଶା ମୋର ସାଥି ଆଶା ହୋଇ ରହେ
ବଦଳରେ ମିଳେ ଦଶା ।
ସେଇ ଆଶାରେ ବୁଡ଼ି ମୁଁ ଯାଉଛି
ମୁକୁଳି ପାରୁନାହିଁ
ଦିନରାତି ବସି ଭାବୁଛି ମୁଁ ନିତି
ଉପାୟଟି ସେଥିପାଇଁ ।

ଗ୍ରା : ଜଡ଼ାମୁଣ୍ଡା, କୋମନା, ନୁଆପଡ଼ା ଜିଲ୍ଲା, ଓଡ଼ିଶା
ଭ୍ରାମ୍ୟଭାଷ : ୯୭୭୭୦୧୫୨୭୬

Download Magazine from www.aahwaan.com

# କାଲି ତୁମେ ଆସିଥିଲ



ସତ୍ୟଜିତ

କାଲି ତୁମେ ଆସିଥିଲ

ଆକାଶରେ ଗୋଲ ଜହ୍ନଟେ ହୋଇ
ଶୀତ ସକାଳର କୁହୁଡ଼ି ହୋଇ
ଘାସ ଉପରେ କାକର ବିନ୍ଦୁଟେ ହୋଇ
ନୂତନ ସକାଳର କିରଣ ହୋଇ ।

କାଲି ତୁମେ ଆସିଥିଲ,

ଫେସବୁକରେ ସୁନ୍ଦର ହସଟେ ହୋଇ
ହ୍ୱାଟ୍ସଆପରେ ସୁନ୍ଦର ଛବିଟେ ହୋଇ
କ୍ୟାନଭାସରେ ସୁନ୍ଦର ରଙ୍ଗଟେ ହୋଇ
ମୋର୍ ଇମେଲ୍ ଇନ୍ବକ୍ସରେ ଚିଠିଟେ ହୋଇ

କାଲି ତୁମେ ଆସିଥିଲ

Download Magazine from www.aahwaan.com

ମୋ ଅକୁହା ଗଳ୍ପର ନାୟିକା ହୋଇ
ମୋ ମଥା ତଳର କୋମଳ କୋଳଟେ ହୋଇ
ଅନ୍ଧାରରେ ଆଶାର ଆଲୋକ ହୋଇ
ସ୍ୱପ୍ନିଳ କବିତାର ଛନ୍ଦଟେ ହୋଇ

କାଲି ତୁମେ ଆସିଥିଲ

ମଧୁର ସଙ୍ଗୀତର ସ୍ୱରଟେ ହୋଇ
ଆକାଶର ଭସା ବାଦଲ ହୋଇ
ଶେଷ ଶ୍ରାବଣର ବର୍ଷା ବିନ୍ଦୁଟେ ହୋଇ
ମରୁଭୂମିରେ ମରିଚୀକା ହୋଇ ।

Download Magazine from www.aahwaan.com

# ନାତା



ଫିରୋଜ୍ କୁମାର ପଟେଲ

ଗୋଲ ବଦନ ଚେହେରା ମୋର

ଅଚାନକ ରାକସ ଲେଖେ

ହେଲା କାଏଁ ଯେ,

ଅରୁଚି ହଇଗଲି ମୁଇଁ,

ବିନ୍‌ଜାନେ କେନ କବାର କଲି ଯେ

ପାଖୁ ଖଁସରି ଦେଲୁ ତୁଇ ।

ମତେ ମାଏଟ ଦେଇ

ନାଇଁ ଆଏବୁ ତୁଇ

ତୋର ମାଏଟ ମୁଠେ କେ

କାଣା କରମି ମୁଇଁ ।

ବଞ୍ଚିଛେ ବେଲେ ହେଲେ ଆଏତୁ

ଟିକେ ହଁସତୁ ଟିକେ କାନ୍ଦତୁ

ଦୁଇପଦ ଗାଏଲ ଭି ଲାଗତୁ

ବଞ୍ଚିଛୁ ବେଲେ ସିନା ନାତା

Download Magazine from www.aahwaan.com

'ରାମ ନାମ ସତ' ପରେ
ହାନିଲାଭ, ଭଅଲ ଖରାପ
ସବୁ ଫାଲତୁ କଥା ।

ସବୁ ଭାବୁ ସବୁ ସପନ
ଫଲବା ଜୀବନ ଥିଲେ
ଏଭେ କାନ ନାତା ଆମର
ସରଲା ପରାନ ଗଲେ ।

Download Magazine from www.aahwaan.com

# ଅତ୍ୟନ୍ତ ବିଶ୍ୱସ୍ତ



✍ ରୋଜା ପଣ୍ଡା

ତୁମ ଛାତିର ସ୍ପନ୍ଦନେ ମତେ ରଖିଥିଲ ତୁମେ ଲୁଚେଇ
ତୁମ ଆଖିର ବନ୍ଧନେ ମୋତେ ଦେଖୁଥିଲ ତୁମେ ବସେଇ
ମୋ ହାତର ମେହେନ୍ଦୀ ରଙ୍ଗରେ ତୁମେ ହସୁଥିଲ
ମୋ ଦେହରେ ହଳଦୀ ଚନ୍ଦନ ତୁମେ ମାଖୁଥିଲ
ମୋ ଅବୁଝା ରାତିରେ ତୁମେ ଆସୁଥିଲ ସ୍ୱପ୍ନ ହୋଇ
ମୋ ଅଳସୀ ଆଖିକୁ ନିଦ ଆଣୁଥିଲ ଗୀତ ଗାଇ
ତୁମେ ନିଷ୍ଠା ଓ ବିଶ୍ୱାସ ନେଇ ଭଲ ପାଉଥିଲ
ମୁଁ ଫେରିବି ସେଇ ଭରସା ନେଇ ଜୀଉଁଥିଲ
କିଟ୍‌କିଟ୍ ଅନ୍ଧାର ଭିତରେ ତୁମେ ଖୋଜୁଥିଲ ମୋ ଛାଇ
ଆଦ୍ୟ ଆଷାଢ଼ ସ୍ପର୍ଶରେ ଆପେକ୍ଷିତ ଚାତକ ହୋଇ
ମୁଁ ଫେରିଛି ଫେରିଛି ଦେଖ କେବଳ ତୁମରି ପାଇଁ
ତୁମ ଛାଇରେ ଛାଇଟେ ହୋଇ
ତୁମ ପାଦରେ ପାଦ ମିଶେଇ
ଚାଲ ରହିବା ଚିରକାଳ ପାଇଁ
ଆମେ ପରସ୍ପରର ବିଶ୍ୱସ୍ତ ହୋଇ
ଭଲ କର୍ମ କରିଯିବା, ବିନା କିଛି ଲୋଭଲାଳସାରେ
ପବିତ୍ର ହୃଦୟ ନେଇ ।

ପୂର୍ଣ୍ଣାନନ୍ଦ ଭବନ, ନେତାଜୀ ନଗର
ମଧୁପାଟଣା, କଟକ - ୭୫୩୦୧୦

Download Magazine from www.aahwaan.com

# ଫେରିବାଲାର ଜୀବନ



ଦେବସ୍ମିତା ବେହେରା

ଫେରିବାଲାର ଜୀବନ ଯାତନା
କିଏ ବା ପାରିବ ସହଜେ କହି
ଖରାବର୍ଷା ଓ ଶୀତର ଭୂଗୋଳ ସହିତ
ନିତି ପ୍ରତିଦିନ ଅଭିନୟ କରି ଚାଲିଥାଏ
ନିଜେ ନିଜର ହାଡୁଆ ଦେହକୁ
ସଜାଇ ଛିଣ୍ଡା ମଳିଛିଆ ଜାମାରେ ।
ଆଉ ଋତୁମାନଙ୍କର ଉତଥାନ ପତନ ସହ
ତାଳ ଦେଇ ଦେଇ ସେ ଚାଲିଥାଏ
ଫୁଙ୍କି ବଂଶୀ ନିଃସଙ୍ଗତା ଆଉ ଅସହାୟତାର
ଯଥାର୍ଥର ଆଇନା ଭିତରେ
ହଜେଇ ଦିଏ ସେ ନିଜକୁ ନିଜେ
ଆଗାମୀ ଦିନର ସ୍ୱପ୍ନରେ ।
ନିଜର ଦୁଃସ୍ଥ ବର୍ତ୍ତମାନକୁ ଆବୋରୀ
ଖୋଜେ ସେ ପ୍ରତିକ୍ଷଣରେ ନିଜ ସ୍ୱାଭିମାନକୁ
ବହୁବାର ଦୁଃଖର ବଂଶୀ ତାନରେ
ଶୁଣିବାକୁ ପାଏ ସେ ପଞ୍ଜୁରା ଥରା କୋହକୁ

Download Magazine from www.aahwaan.com

ଆଉ ନିଜର ଚାଳିଆରେ ଅନୁଭବ କରେ

ଜହ୍ନରାତିର ଝାପ୍‌ସା ଆଲୁଅରେ ।

ଜ୍ୟୋସ୍ନା ବିଚ୍ଛୁରିତ ରାତିରେ

ଜନ୍ମ ଓ ମୃତ୍ୟୁ ଭିତରେ ଥିବା ପାର୍ଥକ୍ୟକୁ

ଜୀବନ ଜୀଇଁବାର ଯୁଦ୍ଧରେ

ଆଶାର ଅସ୍ତଗାମୀ ସୂର୍ଯ୍ୟର ଅହଙ୍କାରକୁ

କାନ୍ଧରେ କାନ୍ଧେଇ କାନ୍ଧେଇ

ଏ ଗଳିରୁ ସେ ଗଳି ଆଉ ।

ଏ ଘରୁ ସେ ଘର ବୁଲି ଚାଲେ

ତା'ର ପ୍ରତିଟି ଜିନିଷ ନେଇ ଆଶାର କିରଣ

ଆଉ ଅସଫଳତାର ଆକାଶକୁ ଚାହିଁ

ପଞ୍ଜରା ଥରା ଦଲକାଏ ନିଃଶ୍ୱାସ ମାରି

ଫେରିଯାଏ ପୁଣି ସେଇ ଶୂନ୍ୟତାକୁ ।

୨୧୭, ବାୟାବାବା ମଠ ଲେନ

ୟୁନିଟ୍-୯ (ଫ୍ଲାଟ୍), ଭୁବନେଶ୍ୱର-୨୨

Download Magazine from www.aahwaan.com

# ଖୋଜେ ମୁଁ ତୁମକୁ



ସୁମିତ୍ରା ରାଉଳ

ଖୋଜେ ମୁଁ ତୁମକୁ
ଦିନର ଉଜ୍ଜ୍ୱଳତାରେ ଆଉ ପୁଣି
ରାତିର ନିର୍ଜନତାରେ ,
ବର୍ଷାର ସେହି ଟପ୍ ଟପ୍ ବିନ୍ଦୁ
କହିଦିଏ ମତେ ଯେମିତି ତୁମେ ଆସ
ଶ୍ରାବଣର ଧାରା ସାଙ୍ଗରେ ।
କାହିଁକି କେଜାଣି ମନ ମୋର
ହୁଏ ବିଚଳିତ
ଦେଖିବାକୁ ଥରୁଟିଏ ତୁମକୁ ,
ତୁମ ବିନା ମୋ ଜୀବନର
ଅସ୍ତିତ୍ୱ ଚାଲିଯାଏ
ସମୁଦ୍ରର ଗଭୀରତାକୁ ।
ସ୍ମୃତି ସବୁ ତୁମ ସାଇତି ରଖିଛି
ମୋ ହୃଦୟର
ପ୍ରତିଟି କୋଣରେ ,
ଯାହା ଦିଏ ମୋତେ ଆନନ୍ଦ
ଜୀବନର ପ୍ରତି
ମୁହୂର୍ତ୍ତରେ ।

[ ବାଗସାହି,ପ୍ରୀତିପୁର,ଯାଜପୁର ]

Download Magazine from www.aahwaan.com

# ବିଚାର



ମନୋରଞ୍ଜନ ମୁଦୁଲି

ତୁମେ ସୃଷ୍ଟି... ତୁମେ ଶ୍ରଷ୍ଟା....ତୁମେ ଜ୍ଞାନ ....

ତୁମେ ତ କର ବିଚାର ।

ଏତେ ଅବିଚାର କାହିଁକି ବା କର.....

ବିଦଗ୍ଧ ଶରୀର ଭିତର ଥିବା ଆତ୍ମାଟା ତୁମର ।

ମାନିବାକୁ କେହି ଜଣେ ନୁହେଁ ଏଠି...

ଅଦାଲତ କାଠଗଡା ବିଧି ଓ ବିଧାନ,

ତା ପାଇଁ ବନ୍ଦ ହେଲା ସବୁ କଚେରୀ ଦୁଆର ।

ତୁମେ ତ କରି ନଥିଲ ଏ ସବୁ ନିର୍ମାଣ.. !

ପ୍ରତିଟି ଅନ୍ତରେ ଦେଇଛ ପବିତ୍ର ବିଚାର ।

ବିଚାରପତି ତୁମେ ଆତ୍ମା ରୂପେ ଭଗବାନ ।

ପାଇଲା କି ଇତିଶ୍ରୀ ତା ବିଚାର ବିଧାନ.. ?

ମହମବତୀ ଜାଳିଦେଲେ ଲାଗିବ କି ତା କ୍ଷତରେ ମଲମ.. ! !

ତୁଟିଗଲା ଭରସା ଦରଦୀ ଭାଇର...

ଲୁହ ସବୁ ସରିଗଲା ଗର୍ଭଧାରୀ ମାଆ ଟିର...,

ପିଡିତା ର ମୁକୁଟ ପିନ୍ଧି ବଞ୍ଚିବା ସଂଗ୍ରାମ ରେ ହାରି ଗଲା....

ବନ୍ଦ ହୋଇଗଲା ସବୁ ନଥିପତ୍ର କଚେରୀ ଦୁଆର ।

Download Magazine from www.aahwaan.com

ଏକା ନୁହେଁ... ତା ପରି ଅଗଣିତ ନିର୍ଭୟା ।

ତୁମର ତ ନାହିଁ କାଠଗଡା କଚେରୀ ଅଦାଲତ...

କିଏ ହେବ ସାକ୍ଷୀ କି ମୁଦାଲା....

ଇତିଶ୍ରୀ ପାଉନାହିଁ ତୁମରି ଠିକଣା....

କେମିତି ହେବ ତା ବିଚାର ଫଇସଲା... ?

Download Magazine from www.aahwaan.com

# କାର୍ତ୍ତିକ ମାସ



ମୀନାକ୍ଷୀ ଦାସ

କାର୍ତ୍ତିକ ମାସେ ପରିବା ବଜାର ଥାଏ ଜେ ସରଗରମ,
କୋବି ଠୁ କଖାରୁ କାହା ଠାରୁ କିଏ ନୁହନ୍ତି କମ...
କୁକୁଡ଼ା ଛେଳି ଆଉ ମାଛ ମାନେ ସବୁ ମାନନ୍ତି ସ୍ୱାଧୀନତା ଦିବସ ,
ମାସକ ପାଇଁ ଯମ ଠାରୁ ନେଇଛନ୍ତି ଛୁଟି ଦରଖାସ୍ତ ...
ପଂଚୁକ ପାଞ୍ଚ ଦିନ ,ବର୍ଷକ ପାପନାସା ପାଇଁ କରନ୍ତି ହବିଷ ....
ସୁନା ଦର ତକ ଶସ୍ତା ହବ ପଛେ କାର୍ତିକ ମାସେ ପରିବା ଦର ନଥାଏ କମ ...
ପକେଟ ରେ ଥାଉ ପଛେ ଯେତେ ଟଙ୍କା କମ ,
ପରିବା ଟିକକ ନ ନେଲେ ଘରକୁ ସ୍ତ୍ରୀ ମୁହଁ ରାଗ ତମ ତମ ...
ହବିସାଳି ମୁ ଜାଣିନକି ତୁମେ ମାଛ ମାଉଁସ ଖାଇବା ମୋ ପାଇଁ ବନ୍ଦ,
ଛାଡ ଖାଇ ଯାଏ ରହିଛି ମନକୁ ମାରି ବୁଝୁନା ତୁମେ କଷ୍ଟ ନୁହେ ଏ କମ ...
ସକାଳୁ ଉଠି ଥଣ୍ଡା ରେ ଗାଧେଇ ମୁଣ୍ଡ ମୋର ଜର ରେ କମ୍ପୁଛି ,
ପାଟି ମୋର ଆମ୍ବିଳା ହେଲାଣି ବିଲାତି ଟିକେ ଖାଇବକୁ ମନ ହୋଉଛି ...
ଥିଲେ ଥାଉ ଟଙ୍କା ଯେତେ ଜେ କମ ପୁର୍ଣ୍ୟ ଗୋଡ ତୁମ ଭାଗ କୁ ବି ଯିବ ,
ତେଣୁ ପକେଟ କଥା ଚିନ୍ତା କର ଟିକେ କମ ..
ଧନ୍ୟ ଏ ମାସ କାର୍ତ୍ତିକ ମଣିଷ ର ରଙ୍ଗ ଦେଖାଉ ତୁ ବେଶୀ
ମୁରୁଜ ର ରଙ୍ଗ ଥାଏ ଟିକେ କମ ...

Download Magazine from www.aahwaan.com

# ଶୀତ ପହଞ୍ଚିଗଲା ପରେ



ବିଜୟ କୁମାର ଜେନା

ଟିକେ ଶୀଘ୍ର କହିଲେ ହୁଅନ୍ତାନି. ! !
ଯେମିତିକି କୁହୁଡ଼ି ଛାଡ଼ିବ ଛାଡ଼ିବ ହେଇକି ଛାଡୁନି,
ସମୟ ଶୋଇଯାଇଛି ଶୀତର ଚାଦର ଢାଂକି ହେଇ ।

ଟୋପା ଟୋପା କାକର ଓ ସେଥିରେ ପ୍ରତିଫଳିତ ଆଶାର କିରଣ ସବୁ,
କେଜାଣି କାହିଁକି ପରସ୍ପରର ଅଭାବ ଅନୁଭବ କରୁଥିବା ସମୟରେ ଅଧିକ କିଛି ଭାବି ହୁଏନାହିଁ ।
ଅନେକ ସମୟ ନିଏ ନିଷ୍ପତି ନେବାକୁ ।
ସେଥିପାଇଁ ଟିକେ ଶୀଘ୍ର କହିଲେ ହୁଅନ୍ତାନି. ?

ଗଛସାରା ପରିବର୍ତ୍ତନ, ପତ୍ର ସବୁ ରଙ୍ଗୀନ,
ଝରିବା ଆଗରୁ ବିଦାୟୀ ରଙ୍ଗରେ ନାଲି ଓ ଧୂସର ।
ଶବ୍ଦ ସବୁ ଅଦୃଶ୍ୟ ଦିଗବଳୟରେ କାଟଖାଏ,
ସ୍ୱପ୍ନର ନିଦ ଆହୁରି ବାକି ଅଛି, କଥା ସରିନି ।
ଟିକେ ଶୀଘ୍ର କହିଲେ ହୁଅନ୍ତାନି. ! !

Download Magazine from www.aahwaan.com

ଟାଣି ଟାଣି ସମୟର ରଶି, ଠିକ ଏଇଠି ଆଣି ଛାଡ଼ି ଦିଆଗଲା,

ଏବଂ ଚଢ଼େଇ ମାନଙ୍କୁ ପଠାଗଲା ନିମନ୍ତ୍ରଣ ।

କୋଉ ପାଚିଲା କ୍ଷେତରେ  ଚିନ୍ତିତ ହୋଇ

ସେମାନେ କୌଣସି ଗୁରୁତ୍ୱପୂର୍ଣ୍ଣ ପରିସ୍ଥିତି ର ମୁକାବିଲା ର ପ୍ରସ୍ତୁତିରେ ଥିଲେ ଯେ

ଆନେକ ସମୟ ନେଲେ ।

ଆଉ ସମୟ ନେବ ଯଦି କହିଦିଅ,

କୁହୁଡି ଘେରିବା ଆଗରୁ

ପକ୍ଷୀସବୁ ନଆସିଲେ ବି

କାକର ମିଳେଇଯିବ, ତା ଦେହର ସବୁ ପ୍ରତିବିମ୍ବ କୁ ସାଥିରେ ନେଇ ।

Download Magazine from www.aahwaan.com

# ସୁସ୍ୱାଗତ ଆଙ୍ଗ୍ଲ ନବବର୍ଷ - ୨୦୧୮



ପ୍ରବୋଧ ଚନ୍ଦ୍ର ମୁଦ୍ରା

ଆଙ୍ଗ୍ଲ ନବବର୍ଷ ତୁମକୁ ସ୍ୱାଗତ "ଦୁଇହଜାର ଅଠର"
ଚିରବିଦାୟୀ ଯେ ଏ ଧରାବକ୍ଷରୁ "ଦୁଇହଜାର ସତର ।୧।

ହେ ସତର ! ତୁମେ ବିଶ୍ୱ ଇତିହାସେ ହୋଇଗଲ କିମ୍ବଦନ୍ତୀ,
ସ୍ମୃତି-ବିସ୍ମୃତିର ଦୋଛକିରେ ତୁମ ରହିଗଲା ବହୁ କୀର୍ତ୍ତି ।୨।

କାହା ପାଇଁ ତୁମେ ଚିରସ୍ମରଣୀୟ ଅଲିଭା ସ୍ମୃତିର ଗାର,
ପୁଣି କାହାଲାଗି ହେଲ କଳଙ୍କିତ ଅକୁହା କଥା ମନର ।୩।

ବିଗତ ସାଲରେ ତୁମ ଆଗମନେ ହସୁଥିଲା ଏହି ବିଶ୍ୱ,
ଭାଗ୍ୟରେ କାହାର ସୁଯଶ-ଗୌରବ କିଏ ପୁଣି ହେଲା ନିଃସ୍ୱ ।୪।

କଦା ସୁଖ-ଦୁଃଖ ହସ-କାନ୍ଦ ପୁଣି ଏହି ତ ସଂସାର ନୀତି ,
ତଥାପି ମନୁଷ୍ୟ କର୍ମଫଳ ଭୁଲି ଦୋଷ ଦିଏ କାଳ-ତିଥି ।୫।

ନିୟତିର ଖେଳ କେହି ତ କଦାପି ନ ବୁଝି ପାରିବେ ନର ,
ଭାଗ୍ୟବାନ ସିନା ହୁଅଇ ସଫଳ ମନ୍ଦଫଳ ଅଭାଗାର ।୬।

କାହାର ହୋଇଲା ପୁଷମାସ ବେଳ କାହାର ତ ସର୍ବନାଶ ,
ଭଗ୍ନମନୋରଥେ ହୁଅନ୍ତି ନିରାଶ ଭାଗ୍ୟବାଦୀ ଅବଶେଷ ।୭।

ବହୁ ପରୀକ୍ଷାରେ ହେଲା ସମ୍ମୁଖୀନ ମୋ ପ୍ରିୟ ଭାରତ ବର୍ଷ ,
ଆପଣା ଶତ୍ରୁକୁ ଦେଇ ଚେତାବନୀ ବିଶ୍ୱେ ଅର୍ଜିଲା ସୁଯଶ ।୮ ।

Download Magazine from www.aahwaan.com

କୂଟନୀତି ସହ ଅର୍ଥନୀତିରେ ସୁଦୃଢ ହୋଇଲା ଭାରତ ,

ମୈତ୍ରୀଭାବ ସହ ଆତଙ୍କ ଦମନେ କରିଲା ଭୀଷ୍ମ ଶପଥ ।୯ ।

ଆତଙ୍କ ବାଦୀର ବର୍ବର ତାଣ୍ଡବେ ଦେଶେ ଦେଶେ ହାହାକାର ,

ଅସଂଖ୍ୟ ଜୀବନ ଅକାଳେ ନିଶ୍ଚିହ୍ନ ନାହିଁ ତା'ର ପଟାନ୍ତର ।୧୦।

ଶାନ୍ତିଦୁତ ରୂପେ ହୁଅ ବିଦ୍ୟମାନ "ଦୁଇହାଜର ଅଠର" ,

ତବ ଆଗମନେ ଶାନ୍ତି-ସଦ୍ଭାବର ବିଶ୍ୱରେ ହେଉ ପ୍ରସାର ।୧୧।

ହିଂସା ଓ ବିଦ୍ୱେଷ ହେଉ ଦୂରୀଭୂତ ଭାଇଚାରା ଭାବ ଧେୟ୍ୟ ,

"ବସୁଧୈବ କୁଟୁମ୍ବକଂ" ମହାମନ୍ତ୍ର ହେଉ ସର୍ବ ପରିଚୟ୍ୟ ।୧୨।

ତୁମ ଶୁଭାଶିଷେ ଅପସରି ଯାଉ ଆତଙ୍କବାଦର ଭୟ,

ସମ୍ପ୍ରଦାୟ୍ୟ ତଥା ଧର୍ମ ବିବାଦର ସମୂଳେ ହେଉ ବିଲୟ୍ୟ ।୧୩।

ସୁଖୀ-ନିରାମୟ୍ୟ ହୁଅନ୍ତୁ ସରବେ ବିଶ୍ୱ ହେଉ ମଧୁମୟ,

ହେ ଈଶ୍ୱର ! ତୁମେ "ଅଠରସାଲକୁ" କରିଦିଅ ସୁଧାମୟ୍ୟ ।୧୪।

ସବୁଜ ଶସ୍ୟରେ ହସୁ ଏ ଧରଣୀ ଚାଷୀ ମୁଖେ ଫୁଟୁ ହସ ,

କୃଷକ ଭାଇର ହସରେ ବିକାଶ ହୋଇବ ଧରା ଅବଶ୍ୟ ।୧୫।

ଜ୍ଞାନ ବିଜ୍ଞାନରେ ହେଉ ଅଗ୍ରଗତି ଆମରି ଦେଶ ଭାରତ,

ବିଶ୍ୱ କଲ୍ୟାଣରେ ହୋଇ ଦୃଢବ୍ରତୀ ହେଉ ସେ ବିଶ୍ୱ ବନ୍ଦିତ ।୧୬।

ଗ୍ରା/ପୋ-ସାଙ୍କୁଡା, ଗଞ୍ଜାମ, ଓଡ଼ିଶା

ଦୂରଭାଷ- ୭୮୯୪୯୧୬୧୩୧

Download Magazine from www.aahwaan.com

# ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକାର ଆଗାମୀ ସଂସ୍କରଣ : ଜାନୁଆରୀ ୨୦୧୮

ଲେଖା ପଠାଇବାର ଶେଷ ତାରିଖ : ୭ ଜାନୁଆରୀ ୨୦୧୮

ଲେଖା ପଠାଇବା ସମୟରେ ଇମେଲ୍‌ରେ ସବ୍‌ଜେକ୍ଟ ଲେଖିବେ :

Article for JANUARY 2018 Edition: YOURNAME (ନିଜ ନାଁ ଲେଖିବେ)

ଲେଖା ଗୁଡ଼ିକ ଯଦି ଓଡ଼ିଆରେ ଟାଇପ୍ କରି ୱାର୍ଡ଼ ଫାଇଲରେ ପଠାଇବେ ତା ହେଲେ ଆମକୁ ପୁଣିଥରେ ସେହି ସବୁ ଲେଖା ଟାଇପ୍ କରିବାକୁ ପଡ଼ିବ ନାହିଁ । ହାତ ଲେଖାକୁ ଫଟୋ ଉଠାଇ କିମ୍ବା ସ୍କାନ୍ କରି ଇମେଲ୍ ଆଟାଚ୍‌ମେଣ୍ଟ ଭାବରେ ପଠାଇବେ । ହସ୍ତଲେଖା ସୁନ୍ଦର ଓ ପଠନଯୋଗ୍ୟ ହେବା ଅନିବାର୍ଯ୍ୟ, ନଚେତ ଯଦି ପ୍ରକାଶନରେ କୌଣସି ତ୍ରୁଟି ରହେ ସେଥିପାଇଁ ସମ୍ପାଦକ ଦାୟୀ ରହିବେ ନାହିଁ ।

ଯଦି ଗଳ୍ପ ବା କାହାଣୀ କିମ୍ବା ପ୍ରବନ୍ଧ ପଠାଉଛନ୍ତି ତେବେ ଧ୍ୟାନ ଦିଅନ୍ତୁ, ପ୍ରତ୍ୟେକ ଶବ୍ଦ ମଧ୍ୟରେ କେବଳ ଗୋଟିଏ ଖାଲି ସ୍ଥାନ ଛାଡ଼ିବେ, କମା, ପୂର୍ଣ୍ଣଚ୍ଛେଦ, ଯୁକ୍ତାକ୍ଷର ଆଦି ବ୍ୟାକରଣ ତ୍ରୁଟି ପ୍ରତି ସାବଧାନ ରହି ଟାଇପ୍ କରିବେ । ବ୍ୟାକରଣଗତ ତ୍ରୁଟି ପାଇଁ ପ୍ରକାଶନରେ ଅହେତୁକ ବିଳମ୍ବ ହୁଏ । ତେଣୁ ଯଦି ସମ୍ଭବ ହେଉଛି ଆପଣଙ୍କ ନିକଟରେ ଥିବା କେହି ଓଡ଼ିଆ ବନ୍ଧୁଙ୍କ ଦ୍ୱାରା ନିଜ ଲେଖାକୁ ସଠିକ ଭାବରେ ପରୀକ୍ଷା କରି ନିଅନ୍ତୁ ।

ଲେଖା ସହିତ ନିଜର ଗୋଟିଏ ପାସପୋର୍ଟ୍ ଫଟୋ (ଯଦି ନାହିଁ, ତେବେ ଭଲ ଦେଖାଯାଉଥିବା ସୁନ୍ଦର ଫଟୋଟିଏ) ସହିତ ନିଜର ଠିକଣା ଲେଖି ପଠାଇବେ ।

ଆମର ଲେଖା ସଂଗ୍ରହ ଇମେଲ୍ : aahwaan@gmail.com